# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୧୦/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, July 10/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୨୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 225 | ମୂଲ୍ୟ ₹୭/-





**ଉଡ୍ ପ୍ଲେୟର ଅଫ୍ ଦି ମ୍ୟାଚ**
ଇଂଲଣ୍ଡ ପେସ୍ ବୋଲର ମାର୍କ ଉଡ୍ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଆଶେସ ଟେଷ୍ଟରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। **୧୪**

**୧୧** **ଅପାଠୁଆ ନେତା କହି ଟ୍ରୋଲ ହେଲେ କାଜଲ**
ଅପାଠୁଆ ନେତାଙ୍କ ଦ୍ୱାରା ଭାରତ ଶାସିତ ହେଉଥିବା କହି ଟ୍ରୋଲ ହୋଇଛନ୍ତି ବଲିଉଡ୍ ଅଭିନେତ୍ରୀ କାଜଲ୍






ପ୍ରବଳ ବର୍ଷା ଯୋଗୁ ନୂଆଦିଲ୍ଲୀର ରବୀନ୍ଦ୍ର ନଗର ଅଞ୍ଚଳ ଜଳାର୍ଣ୍ଣବ।

# ଉତ୍ତର ଭାରତରେ ବର୍ଷା ବିପ୍ୟାତ: ୧୫ ମୃତ

**ନୂଆଦିଲ୍ଲୀ, ୯।୭**

ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ପବନ ସାଙ୍ଗକୁ ଭୂସ୍ଖଳନ ଯୋଗୁ ୧୫ ଜଣଙ୍କ ମୃତ୍ୟୁ ଘଟିଛି। ଲଗାଣ ବର୍ଷା ଯୋଗୁ ବିଭିନ୍ନ ଅଞ୍ଚଳରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ଦିଲ୍ଲୀର ଯମୁନା ନଦୀ ସମେତ ବିଭିନ୍ନ ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଯୋଗୁ ରାସ୍ତା ବୁଡ଼ିଯିବାରୁ ପରିବହନ ସେବା ବାଧାପ୍ରାପ୍ତ ହୋଇଛି। ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇଯିବାରୁ ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ଦିଲ୍ଲୀରେ ବର୍ଷା ୪୧ ବର୍ଷର ରେକର୍ଡ ଭାଙ୍ଗିଛି। ଏହା ପୂର୍ବରୁ ୧୯୮୨ ଜୁଲାଇରେ ଗୋଟିଏ ଦିନରେ ସର୍ବାଧିକ ବର୍ଷା ହୋଇଥିଲା। ରବିବାର ସକାଳ ୮ଟା ୩୦ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀରେ ୧୫୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଯମୁନା ନଦୀ ଜଳସ୍ତର ମଙ୍ଗଳବାର ବିପଦ ସଙ୍କେତ ଟପିବ ବୋଲି କୁହାଯାଇଛି। ଜାତୀୟ ରାଜଧାନୀ ଏବଂ ଗୁରୁଗ୍ରାମରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ବର୍ଷା ଯୋଗୁ ଟ୍ରେନ୍ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଛି। ନର୍ଦ୍ଦର୍ନ ରେଲୱେ ୧୭ ଟ୍ରେନ୍ ବାତିଲ କରିବା ସହ ୧୨ଟିର ରୁଟ୍ ପରିବର୍ତ୍ତନ କରିଛି।

## ଦିଲ୍ଲୀରେ ୪୧ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

ଜମ୍ମୁ-କଶ୍ମୀର, ଲଦାଖ, ହିମାଚଳପ୍ରଦେଶ ଏବଂ ଦିଲ୍ଲୀରେ ବର୍ଷା ଲାଗିରହିଥିବାବେଳେ ହିମାଚଳପ୍ରଦେଶର ୩ଟି ସ୍ଥାନରେ ଭୂସ୍ଖଳନ ଯୋଗୁ ୫ ଜଣଙ୍କ ଜୀବନ ଯାଇଛି। ଶିମଲା ଜିଲାର କୋଟଗଡ଼ ଅଞ୍ଚଳରେ ଭୂସ୍ଖଳନ ଯୋଗୁ ଘର ଭୁଶୁଡ଼ି ପରିବାରର ୩ ଜଣଙ୍କ ଜୀବନ ଯାଇଥିବାବେଳେ କୁଲୁ ଏବଂ ଚାମ୍ବା ଜିଲାରେ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ହିମାଚଳରେ ଗତ ୩୬ ଘଣ୍ଟା ମଧ୍ୟରେ ୧୪ଟି ଭୂସ୍ଖଳନ ଏବଂ ୧୩ଟି ସ୍ଥାନରେ ବର୍ଷାଜନିତ ଆକସ୍ମିକ ବନ୍ୟା ସୃଷ୍ଟି ହୋଇଛି। ଉତ୍ତରାଖଣ୍ଡର ଋଷିକେଶ-ବଦ୍ରିନାଥ ଜାତୀୟ ରାଜପଥର ଗୁଲାର ନିକଟରେ ଭୂସ୍ଖଳନ ଯୋଗୁ ଏକ ଜିପ୍ ଗଙ୍ଗାନଦୀକୁ ଖସିପଡ଼ିବାରୁ ୩ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୩ ଜଣ ନିଖୋଜ ଅଛନ୍ତି। ଜିପ୍‌ରେ ୧୧ ଯାତ୍ରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଉଦ୍ଧାର କରାଯାଇଛି। ☞ପୃଷ୍ଠା-୪

# ଅଭିଜିତ୍‌ଙ୍କୁ ଆଇବି, ମହାରାଷ୍ଟ୍ର ଏଟିଏସ୍‌ର ଜେରା

**ଓଡ଼ିଶାରୁ ଆଇଏସ୍‌ଆଇକୁ ଓଟିପି ଶେୟାରିଂ ମାମଲା**

**ପାକିସ୍ତାନୀ ଗୋଇନ୍ଦା ଅଧିକାରୀଙ୍କୁ ଭାରତର ମିଲିଟାରୀ ମ୍ୟାପ୍ ଓ ତଥ୍ୟ ପ୍ରଦାନ କରିଥିବା ସନ୍ଦେହ**

**ଭୁବନେଶ୍ୱର,୯।୭(ସତ୍ୟଜିତ୍ ରାଉତ)**

ପାକିସ୍ତାନ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ(ଆଇଏସ୍‌ଆଇ)ର ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ ପୁଣେରୁ ଗିରଫ ହୋଇ ଜେଲରେ ଥିବା ଅଭିଜିତ ସଞ୍ଜୟ ଜମ୍ବୁରେଙ୍କୁ ୪ ଦିନିଆ ରିମାଣ୍ଡରେ ଆଣି ମାରାଥନ୍ ଜେରା କରୁଛି କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍)। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଜେରା ପ୍ରକ୍ରିୟା ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ। ତେବେ ଆତଙ୍କବାଦୀ ଲିଙ୍କ୍‌ରେ ରବିବାରଠାରୁ ମହାରାଷ୍ଟ୍ର ଆଣ୍ଟି ଟେରରିଜମ୍ ସ୍କ୍ୱାଡ୍ (ଏଟିଏସ୍) ଓ ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ତଦନ୍ତକାରୀ ସଂସ୍ଥା 'ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)'ର ଏକ ମିଳିତ ଟିମ୍ ଅଭିଜିତ୍‌ଙ୍କୁ ଜେରା କରୁଛନ୍ତି। ଆଇବିର ୨ ଜଣିଆ ଓ ଏଟିଏସ୍‌ର ୩ ଜଣିଆ ଟିମ୍ ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ଅଭିଜିତ୍‌ଙ୍କଠାରୁ ଆତଙ୍କବାଦୀ ଲିଙ୍କ୍‌ର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିବା ସୂଚନା ମିଳିଛି। ଅଭିଜିତ୍ ଆଇଏସ୍‌ଆଇ ଅଧିକାରୀ ଅବଦୁଲ ହମିଦ ଓରଫ ଖୁରାମ୍‌ଙ୍କୁ ଭାରତର ମିଲିଟାରୀ ମ୍ୟାପ୍ ଓ ସେନାବାହିନୀର ବିଭିନ୍ନ ମୌଳିକ ତଥ୍ୟ ପ୍ରଦାନ କରିଥିବା ତଦନ୍ତକାରୀ ସଂସ୍ଥା ସନ୍ଦେହ କରୁଛି। ଏଥିସହ ଅଭିଜିତ୍ ପୂର୍ବରୁ ଓଡ଼ିଶାରୁ ଗିରଫ ହୋଇଥିବା ପଠାଣି ସାମନ୍ତ ଲେଙ୍କାଙ୍କଠାରୁ ଏକାଧିକ ତଥ୍ୟ ନେଇ ଖୁରାମ୍‌ଙ୍କୁ ଦେଇଥିବା ଏବଂ ଏକ୍ଷେତ୍ରରେ ଓଡ଼ିଶାର ସିମ୍ କାର୍ଡ ବ୍ୟବହାର ହୋଇଥିବା ☞ପୃଷ୍ଠା-୪


**ବାହାନଗା ଷ୍ଟେଶନ ମାଷ୍ଟରଙ୍କୁ ସିବିଆଇ ସମନ୍**

**କୁଲଡିହା ଅଭୟାରଣ୍ୟ: ଶିକାରୀ ଆକ୍ରମଣରେ ବନ କର୍ମଚାରୀ ଗୁରୁତର**

୪

**ଆଜିର ସମ୍ପାଦକୀୟ**

**ଜଣେ ହେଉ ବା ୩୫**


# ଦିନିକିଆ କ୍ରିକେଟ ବିଶ୍ୱକପ୍: ବର୍ଜନ ଧମକ ଦେଲେ ପାକିସ୍ତାନ କ୍ରୀଡ଼ାମନ୍ତ୍ରୀ

**ନୂଆଦିଲ୍ଲୀ, ୯।୭**

ଏସିଆ କପ୍ ଓ ଦିନିକିଆ ବିଶ୍ୱକପ୍ କ୍ରିକେଟ ଖେଳିବା ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ବିବାଦ ଥମିବାର ନାଁ ନେଉନାହିଁ। ଉଭୟ ଟୁର୍ନାମେଣ୍ଟକୁ ନେଇ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଥିବା ବେଳେ ପାକିସ୍ତାନ କ୍ରୀଡ଼ାମନ୍ତ୍ରୀ ଏହଶାନ ମଜାରି ରବିବାର ଦିନିକିଆ କ୍ରିକେଟ ବିଶ୍ୱକପ୍ ବର୍ଜନ ଧମକ ଦେଇଛନ୍ତି। ଭାରତ ଯଦି ଏସିଆ କପ୍ କ୍ରିକେଟ୍ ଖେଳିବାକୁ ପାକିସ୍ତାନ ନ ଯାଏ, ତେବେ ପାକିସ୍ତାନ ମଧ୍ୟ ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଖେଳିବାକୁ ଭାରତ ଯିବ ନାହିଁ ବୋଲି ମଜାରି ଇଣ୍ଡିଆନ୍ ଏକ୍ସପ୍ରେସ୍‌କୁ ସାକ୍ଷାତକାର ଦେବା ଅବସରରେ କହିଛନ୍ତି। ଶନିବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ☞ପୃଷ୍ଠା-୪

# ମୋତେ ଭାରତରେ ରହିବାକୁ ଦିଅ

## ୟୁପି, କେନ୍ଦ୍ର ସରକାରଙ୍କୁ ପାକିସ୍ତାନୀ ମହିଳାଙ୍କ ଆକୁଳ ନିବେଦନ

**ଲକ୍ଷ୍ନୌ,୯।୭**

ଅନ୍‌ଲାଇନ୍ ଗେମିଂ ଆପ୍ ପବ୍‌ଜିରେ ସାକ୍ଷାତ। କିଛିବର୍ଷର ଭାବ ବିନିମୟ ପରେ ପ୍ରେମ। ତା'ପରେ ସରହଦ ଡେଇଁ ଭାରତକୁ ଆସିଲେ ପାକିସ୍ତାନୀ ମହିଳା ସୀମା ହାଇଦର। ୪ ପିଲାଙ୍କ ମା' ୩୦ ବର୍ଷୀୟା ସୀମା ଆଉ ପାକିସ୍ତାନ ଫେରିବାକୁ ଚାହୁଁନାହାନ୍ତି। ଉତ୍ତର ପ୍ରଦେଶର ଗ୍ରେଟର ନଏଡାରେ ନିଜ ପ୍ରେମିକ ସଚିନ ମୀଣାଙ୍କ ସହ ସବୁଦିନ ରହିବା ପାଇଁ ୟୁପିର ଯୋଗୀ ସରକାରଙ୍କୁ ଅନୁମତି ମାଗିଛନ୍ତି। ସେ ହିନ୍ଦୁଧର୍ମ ଗ୍ରହଣ କରିଥିବାରୁ ପାକିସ୍ତାନ ଫେରିଲେ ସେଠାକାର ଲୋକେ ତାଙ୍କୁ ପଥରରେ ଛେଚି ମାରିଦେବେ। ତେଣୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ ପୂର୍ବକ ଏଠାରେ ରହିବାକୁ ଦିଅନ୍ତୁ ବୋଲି ସୀମା ଅନୁରୋଧ କରିଛନ୍ତି।


ସୀମା ହାଇଦର ଓ ସଚିନ ମୀଣା

୨୦୧୯ରେ ପାକିସ୍ତାନୀ ମହିଳା ସୀମା ହାଇଦର ଓ ସଚିନ ମୋବାଇଲ ଆପ୍ ପବ୍‌ଜି ଜରିଆରେ ପରସ୍ପରକୁ ଭେଟିଥିଲେ। ସମୟ

**ପବ୍‌ଜିରେ ପ୍ରେମ, ନେପାଳରେ ବିବାହ, ପାକ୍ ଫେରିଲେ ହତ୍ୟା ଭୟ**

ଗଡ଼ିଚାଲିବା ସହ ଦୁହିଁଙ୍କ ମଧ୍ୟରେ ନିବିଡ଼ତା ବଢ଼ିଚାଲିଥିଲା। ଶେଷରେ ଦୁହେଁ ପରସ୍ପରକୁ ବିବାହ କରିବାକୁ ନିଷ୍ପତ୍ତି ନେଲେ। ନିଜଠାରୁ ୫ ବର୍ଷ ସାନ ଜଣେ ଭାରତୀୟ ଯୁବକଙ୍କ ପ୍ରେମ ସୀମାଙ୍କୁ ସୀମା ଅତିକ୍ରମ କରିବାକୁ ଆକର୍ଷିତ କରିଥିଲା। ଗତ ମାର୍ଚ୍ଚରେ ସୀମା ପାକିସ୍ତାନରୁ ଓ ସଚିନ ଭାରତରୁ ନେପାଳ ଯାଇ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିଥିଲେ। କାଠମାଣ୍ଡୁରେ ସେମାନେ ୭ ଦିନ ବିତାଇବା ଭିତରେ ମାର୍ଚ୍ଚ ୧୩ରେ ବିବାହ କରିଥିଲେ। ଏଥିସହ ଭବିଷ୍ୟତରେ ପୁଣି ସାକ୍ଷାତ ପାଇଁ ଯୋଜନା କରିଥିଲେ। ଯୋଜନା ମୁତାବକ ☞ପୃଷ୍ଠା-୪


# ଉଦାହରଣ ସୃଷ୍ଟି କଲେ ସଂଜୟ ହଂସ

## ଠିକ୍ ସମୟରେ କର ଦାଖଲ ପାଇଁ ସିବିଆଇସିର ପ୍ରଶଂସା

ସଂପ୍ରତି ସରକାରଙ୍କ ଧ୍ୟାନ ବିକାଶମୂଳକ ପଦକ୍ଷେପ ଏବଂ ଦୁର୍ନୀତି ନିରୋଧି ଅଭିଯାନ ଉପରେ ରହିଛି। ରାଷ୍ଟ୍ର ନିର୍ମାଣର ଏହି ଉତ୍ସାହ ଏବେ ସାରା ଦେଶରେ ଦେଖିବାକୁ ମିଳୁଛି। ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ଯାଇନାହିଁ।

ଏହି ଉତ୍ସାହ ବିଭିନ୍ନ ଭାବରେ ପ୍ରତିଫଳିତ ହେଉଛି।

ଏହାର ଏକ ଉତ୍ତମ ଉଦାହରଣ ହେଉଛି, ଲାଲ୍‌ଚାନ୍ଦ୍ ଗ୍ରୁପର ପ୍ରତିଷ୍ଠାତା ସଂଜୟ ହଂସଙ୍କୁ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଇଣ୍ଡାଇରେକ୍ଟ ଟାକ୍ସେସ୍ ଆଣ୍ଡ୍ କଷ୍ଟମ୍‌ସ୍ (ସିବିଆଇସି) ତରଫରୁ ମିଳିଥିବା ପ୍ରଶଂସାପତ୍ର।

ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ, ସମ୍ମାନିତ ତଥା ପ୍ରତିଭାଶାଳୀ ଉଦ୍ୟୋଗୀମାନଙ୍କ ମଧ୍ୟରୁ ଶ୍ରୀ ହଂସ ଏହି ପ୍ରଶଂସାପତ୍ର ଗ୍ରହଣ କରିଥିଲେ। ଏଥିରେ ଥିବା ସନ୍ଦେଶରେ ଲେଖାଅଛି - "୨୦୨୨-୨୩ ଆର୍ଥିକ ବର୍ଷରେ ତୁରନ୍ତ ରିଟର୍ଣ୍ଣ ଦାଖଲ ଓ ଦ୍ରବ୍ୟ ଏବଂ ସେବା ଟିକସ ଦେୟ ପଇଠ କରି ଏକ ଶକ୍ତିଶାଳୀ ଏବଂ ସ୍ଥାୟୀ ରାଷ୍ଟ୍ର ଗଠନରେ ସହଯୋଗ କରିଥିବାରୁ ସିବିଆଇସି ତରଫରୁ ଶ୍ରୀ ସଂଜୟ ହଂସଙ୍କୁ ପ୍ରଶଂସା"।


ଲାଲ୍‌ଚାନ୍ଦ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ସଂଜୟ ହଂସ

ଶ୍ରୀ ହଂସ କହିଲେ- "ଅତି କମ୍‌ରେ ମୁଁ ଏତିକି ତ କରିପାରେ! ଯଦି ଆମେ ଗଣତନ୍ତ୍ର ପାଇଁ ଗର୍ବିତ, ଯେଉଁଠି ସରକାର ଲୋକମାନଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ, ସେଠାରେ ନାଗରିକ ଭାବେ ଆମେ ଆମର ଭୂମିକା ନିର୍ବାହ କରିବା ନିହାତି ଆବଶ୍ୟକ। ସରକାରଙ୍କୁ ସହଯୋଗ କରିବା ଦରକାର। ଯାହାଫଳରେ ସରକାର ଦେଶକୁ ଆଗକୁ ବଢ଼ାଇବାପାଇଁ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିପାରିବେ।"

"ପ୍ରମାଣପତ୍ର ସହିତ ମୋତେ ସମ୍ମାନିତ କରିଥିବାରୁ ମୁଁ ସିବିଆଇସିର ଅଧ୍ୟକ୍ଷ ଶ୍ରୀ ବିବେକ ଜୋହରିଙ୍କୁ ଗଭୀର କୃତଜ୍ଞତା ଜଣାଇବାକୁ ଚାହୁଁଛି। ମୁଁ ଏହାକୁ ଖୁବ୍ ଆନନ୍ଦର ସହିତ ସାଇତି ରଖିବି। "

ସେ ଆହୁରି କହିଲେ ଯେ-"ମୁଁ ମଧ୍ୟ ଆନ୍ତରିକତାର ସହ ଆଶା କରୁଛି ଯେ ଭାରତର ସମସ୍ତ ଟିକସ ଯୋଗ୍ୟ ନାଗରିକମାନେ ଯେ କୌଣସି କ୍ଷେତ୍ରରେ କାର୍ଯ୍ୟ କରନ୍ତୁ ନା କାହିଁକି, ଠିକ୍ ସମୟରେ ଟିକସ ଦିଅନ୍ତୁ । ତା'ହେଲେ ସେଦିନ ଆଉ ଦୂର ନୁହେଁ ଯେବେ ଆମେ ବିଶ୍ୱର ସବୁଠୁ ବିକଶିତ ରାଷ୍ଟ୍ରର ମାନ୍ୟତା ହାସଲ କରିବୁ।"

ସବୁବେଳେ ଦୃଷ୍ଟାନ୍ତ ରହିଛି ଯେ, ସଚ୍ଚୋଟ ଓ ପରିଶ୍ରମୀ ଲୋକମାନେ ହିଁ ରାଷ୍ଟ୍ରକୁ ମହାନ କରିଥାନ୍ତି।


6 YEARS OF GST
G20
Government of India
Ministry of Finance
CERTIFICATE OF APPRECIATION
ONE NATION ONE TAX ONE MARKET
The Central Board of Indirect Taxes and Customs conveys its appreciation to SUNJOY HANS having GST registration number 21ABCPH4008G1ZG for their prompt filing of returns and payment of Goods and Services Tax during the financial year 2022-23, thereby substantially contributing to building a strong and resilient nation.
Vivek Johri
Chairman
आज़ादी का अमृत महोत्सव

ଏକ ସାମାଜିକ, ରାଜନୈତିକ ସଚେତନ ତଥା ଆର୍ଥିକ ଦାୟିତ୍ୱବାନ ନାଗରିକ ଭାବରେ ଶ୍ରୀ ହଂସ ଜାଣନ୍ତି ଯେ, ଦେଶର ପ୍ରଗତି ପାଇଁ ଠିକ ସମୟରେ ଟିକସ ପଇଠ କରିବା କେତେ ଗୁରୁତ୍ୱପୂର୍ଣ୍ଣ।

LALCHND
Trusted Brand Since 1948

## ସଂକ୍ଷେପରେ

### ୫ ବର୍ଷର ଶିଶୁଙ୍କୁ ଗୁଳିକରି ହତ୍ୟା

**ପାଟନା, ୯।୭:** ବିହାରର ସମସ୍ତିପୁର ଜିଲା ବିଥାନ ଥାନା ଅନ୍ତର୍ଗତ ସୀମା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ୫ ବର୍ଷର ଶିଶୁକୁ ଗୁଳିକରି ହତ୍ୟା କରାଯାଇଛି। ଶିଶୁଟିର ପରିବାର ସଦସ୍ୟ ଓ ସେମାନଙ୍କ ପଡ଼ୋଶୀଙ୍କ ମଧ୍ୟରେ ଜମିଜମା ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ମୃତ ଆର୍ଯ୍ୟନ କୁମାର ହେଉଛନ୍ତି ବିପିନ କୁମାରଙ୍କ ପୁଅ। ଆର୍ଯ୍ୟନଙ୍କ ହତ୍ୟା ନେଇ ତାଙ୍କ ପରିବାର ପଡୋଶୀ ଛୋଟୁ ଯାଦବ (୧୮)ଙ୍କ ବିରୋଧରେ ଥାନାରେ ଏତଲା ଦେଇଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପୋଲିସ ତାଙ୍କ ପରିବାର ସଦସ୍ୟଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଛୋଟୁକୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଥିବା ଏସ୍‌ଡିପିଓ କହିଛନ୍ତି।

### ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ୬ ମୃତ

**ଇସ୍‌ଲାମାବାଦ, ୯।୭(ପି.ଟି.):** ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏକ ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ ୩ ମହଲା ହୋଟେଲ ବିଲ୍ଡିଂ ଭୁଶୁଡ଼ି ପଡ଼ିଛି। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ଝେଲୁମ୍ ଅନ୍ତର୍ଗତ ଗ୍ରାଣ୍ଡ ଟ୍ରଙ୍କ୍ ରୋଡ୍‌ରେ ଅବସ୍ଥିତ ହୋଟେଲର କିଚେନ୍‌ରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭଗ୍ନାବଶେଷ ତଳେ ଆଉ ୪/୫ ଜଣ ରହିଥିବା ଆଶଙ୍କା କରାଯାଉଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### ୩ ପଡ଼ୋଶୀଙ୍କୁ ହାତୁଡ଼ିରେ ପିଟି ହତ୍ୟା

**ଲୁଧିଆନା, ୯।୭:** ପଞ୍ଜାବର ଲୁଧିଆନା ଅନ୍ତର୍ଗତ ସାଲେମ ଟାବ୍ରି ଅଞ୍ଚଳରେ ଗୋଟିଏ ପରିବାରର ୩ ବରିଷ୍ଠ ବ୍ୟକ୍ତିଙ୍କୁ ହାତୁଡ଼ିରେ ପିଟି ହତ୍ୟା କରିଥିବା ପଡୋଶୀଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ୪୬ ବର୍ଷୀୟ ରବିନ ଓରଫ ମୁନ୍ନା ଜଣେ ଇ-ରିକ୍ସା ଡ୍ରାଇଭର। ତାଙ୍କର ପିଲା ଜନ୍ମକୁ ନେଇ ପଡୋଶୀ ବୃଦ୍ଧା ସୁରିନ୍ଦର କୌର ସବୁବେଳେ ତାଙ୍କୁ ଚିଡ଼ାଉଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ମୁନ୍ନା ଗୁରୁବାର ସକାଳେ ୭୦ ବର୍ଷୀୟ କୌର, ତାଙ୍କ ସ୍ୱାମୀ ଚମନ ଲାଲ୍(୭୫) ଏବଂ ୯୦ ବର୍ଷୀୟା ଶାଶୁଙ୍କୁ ହାତୁଡ଼ିରେ ପିଟି ହତ୍ୟା କରିଥିଲେ। ଗିରଫ ହେବା ପରେ ମୁନ୍ନା ହତ୍ୟାକାଣ୍ଡ ଘଟାଇଥିବା ସ୍ୱୀକାର କରିଛନ୍ତି। ଏହାକୁ ଦୁର୍ଘଟଣା ରୂପ ଦେବା ପାଇଁ ସେ ସେମାନଙ୍କ ଗ୍ୟାସ ସିଲିଣ୍ଡର ଖୋଲିଦେବା ସହ ଧୂପବତି ଲଗାଇଦେଇଥିଲେ, ଯେପରି ଘର ଜଳିଯିବ। ପୋଲିସ ଘଟଣାସ୍ଥଳରୁ ରକ୍ତଲଗା ହାତୁଡ଼ି ଜବତ କରିଛି।

### ମଣିପୁର ହିଂସାବେଳେ ୧୨୦୦ ପୋଲିସ ଡ୍ୟୁଟିରୁ ନିଖୋଜ ଥିଲେ

**ଇମ୍ଫାଲ, ୯।୭:** ମଣିପୁରରେ ଦୁଇମାସରୁ ଊର୍ଦ୍ଧ୍ୱ ହିଂସାକାଣ୍ଡ ଲାଗିରହିଥିବାବେଳେ ଗତ ମାସରେ ବରିଷ୍ଠ ଆଇପିଏସ୍ ଅଫିସର ରାଜୀବ ସିଂ ପୋଲିସ ଡିଜି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ସେ ପୋଲିସ କର୍ମଚାରୀମାନଙ୍କୁ ଏକଜୁଟ୍ କରିବା ସହ ସେମାନଙ୍କ ମନୋବଳ ବୃଦ୍ଧି କରିଛନ୍ତି। ମଣିପୁରରେ ୪୫ ହଜାର ପୋଲିସ ଥିବାବେଳେ ଜାତିଆଣ ସଂଘର୍ଷ ବେଳେ ସେମାନଙ୍କ ମଧ୍ୟରୁ ମେଇତି ସମ୍ପ୍ରଦାୟର ପୋଲିସ କର୍ମଚାରୀମାନଙ୍କୁ ସୁରକ୍ଷା ଦୃଷ୍ଟିରୁ ଇମ୍ଫାଲ ଉପତ୍ୟକାକୁ ଏବଂ କୁକି ସମ୍ପ୍ରଦାୟର ପୋଲିସ କର୍ମଚାରୀଙ୍କୁ ପାର୍ବତ୍ୟାଞ୍ଚଳକୁ ପଠାଯାଇଥିଲା। ସିଂ ଡିଜି ଭାବେ ଦାୟିତ୍ୱ ନେବା ପରେ ପାଖାପାଖି ୧,୨୦୦ ପୋଲିସ କର୍ମଚାରୀ ଡ୍ୟୁଟିରେ ନ ଥିବା ଜାଣିବାକୁ ପାଇଥିଲେ। ସେମାନଙ୍କୁ ଚିହ୍ନଟ କରିବା ସହ ଡ୍ୟୁଟିକୁ ଫେରାଇ ଆଣିବା ସିଂଙ୍କ ପ୍ରଥମ କାର୍ଯ୍ୟ ହୋଇଥିଲା। ସେମାନଙ୍କ ମଧ୍ୟରୁ ୧,୧୫୦ କର୍ମଚାରୀ ଡ୍ୟୁଟିକୁ ଫେରିଲେଣି ବୋଲି ଜଣେ ଅଧିକାରୀ କହିଛନ୍ତି।



ସୁଇଜରଲାଣ୍ଡର ଜେନେଭାରେ ଜୁଲାଇ ୬ରେ ଆୟୋଜିତ 'ଏଆଇ ଫର୍ ଗୁଡ୍' ଗ୍ଲୋବାଲ ସମିଟ୍‌ରେ ରୋବୋ 'ଡେସ୍‌ମୋନିଆ' ସ୍ଥାନ ପାଇଥିଲା। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା) ଦ୍ୱାରା ପରିଚାଳିତ ଏହି ରୋବୋ କହିଛି, ମୁଁ ମଣିଷମାନଙ୍କ ଚାକିରି ଖାଇବି ନାହିଁ କି ସେମାନଙ୍କ ବିରୋଧରେ ବିଦ୍ରୋହ କରିବି ନାହିଁ। ଓଲଟା ବୈଶ୍ୱିକ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଲୋକଙ୍କୁ ସାହାଯ୍ୟ କରିବି।




ହରିୟାଣାର ଗୁରୁଗ୍ରାମରେ ପ୍ରବଳ ବର୍ଷା ଯୋଗୁ ବଜାର ଜଳାର୍ଣ୍ଣବ।

# ୧୭ ବର୍ଷୀୟାଙ୍କୁ ଅର୍ଥ ଦେଇ ନ୍ୟୁଡ୍ ଫଟୋଶୁଟ୍

**ବିବିସିର ଜଣାଶୁଣା ଉପସ୍ଥାପକ ଗ୍ରାହାମ୍ ନର୍ଟନ ପର୍ନ ଫଟୋଶୁଟ୍ ପାଇଁ ଜଣେ ସ୍ୱଳ୍ପବୟସ୍କାଙ୍କୁ ବିପୁଳ ଅର୍ଥ ଦେଇଥିବା ଅଭିଯୋଗ ଆସିଛି। ଏହା ଉପରେ ସମ୍ପ୍ରତି ଇଣ୍ଟରନେଟ୍‌ରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଥିବାବେଳେ ଏନେଇ ମୁହଁ ଖୋଲିବା ପାଇଁ ବ୍ରିଟେନ୍‌ର ହାଇପ୍ରୋଫାଇଲ୍ ସେଲିବ୍ରିଟିମାନେ କୁଣ୍ଠାବୋଧ କରୁଛନ୍ତି। ଏପରି କି ସମ୍ଭାବ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଭୟରେ ଅନେକ ଗଣମାଧ୍ୟମ ଗ୍ରାହାମ୍‌ଙ୍କ ନାମ ମଧ୍ୟ ପ୍ରକାଶ କରୁନାହାନ୍ତି।**

ଲଣ୍ଡନ, ୯।୭
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

## ବିବାଦରେ ବିବିସି ଉପସ୍ଥାପକ




ଗ୍ରାହାମ୍ ନର୍ଟନ

ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ୍ (ବିବିସି)ର ଜଣେ ବରିଷ୍ଠ ଉପସ୍ଥାପକଙ୍କ ଅନୈତିକ କାର୍ଯ୍ୟକୁ ନେଇ ସାମାଜିକ ଗଣମାଧ୍ୟମରେ ହଇଚଇ ସୃଷ୍ଟି ହୋଇଛି। ଲୋକପ୍ରିୟ କାର୍ଯ୍ୟକ୍ରମ 'ଦି ଗ୍ରାହାମ୍ ନର୍ଟନ ଶୋ'ର ହୋଷ୍ଟ ଗ୍ରାହାମ୍ ନର୍ଟନ ଜଣେ ସ୍ୱଳ୍ପବୟସ୍କାଙ୍କୁ ଅଶ୍ଳୀଳ ଫଟୋ ପାଇଁ ଅର୍ଥ ଦେଇଥିବା ଅଭିଯୋଗ ଆସିବା ପରେ ବ୍ରିଟେନ୍‌ର ବରିଷ୍ଠ ରାଜନେତାମାନେ ରବିବାର ଏହାର ତ୍ୱରିତ ତଦନ୍ତ ପାଇଁ ଟିଭି ଚ୍ୟାନେଲକୁ ତାଗିଦ କରିଛନ୍ତି। ସଂସ୍କୃତି ସଚିବ ଲୁସି ଫ୍ରାଜର ଦେଶର ଏହି ଜାତୀୟ ଗଣମାଧ୍ୟମର ମହାନିର୍ଦ୍ଦେଶକଙ୍କ ସହ ଜରୁରୀ ଆଲୋଚନା କରିଛନ୍ତି। ସୋସିଆଲ ମିଡିଆରେ ଫ୍ରାଜର କହିଛନ୍ତି, ଏହା ଅତ୍ୟନ୍ତ ଗମ୍ଭୀର ବିଷୟ। ସମ୍ବେଦନଶୀଳ ଭାବେ ଅଭିଯୋଗର ତତ୍କାଳ ତଦନ୍ତ ଜରୁରୀ। ବିରୋଧୀ ଲେବର ପାର୍ଟିର ଅର୍ଥନୀତି ମୁଖପାତ୍ର ରାଚେଲ୍ ରିଭେସ୍ କହିଛନ୍ତି, ବିବିସି ତଦନ୍ତ ପ୍ରକ୍ରିୟାକୁ ତ୍ୱରିତ କରିବା ଏବଂ ନିଜ ଘର ସଜାଡ଼ିବା ଆବଶ୍ୟକ।

୬୦ ବର୍ଷୀୟ ଆୟର୍ଲାଣ୍ଡ ନାଗରିକ ଗ୍ରାହାମ ୱିଲିୟମ୍ ୱାକର ଏକାଧାରରେ ଜଣେ ଅଭିନେତା, କମେଡିଆନ୍, ଲେଖକ ଓ ଟେଲିଭିଜନ ଉପସ୍ଥାପକ। ନିଜ ଉଚ୍ଚକୋଟୀର ଉପସ୍ଥାପନା ପାଇଁ ସେ ୫ ଥର ବାଫ୍ଟା ପୁରସ୍କାର ସମେତ ଅନେକ ସମ୍ମାନ ପାଇଛନ୍ତି। ବ୍ରିଟେନରେ ଗ୍ରାହାମ୍ ନର୍ଟନ ନାମରେ ପରିଚିତ ଏହି ବ୍ୟକ୍ତିଙ୍କ ନାମରେ ଆସିଛି ସାଂଘାତିକ ଅଭିଯୋଗ। ୨୦୨୦ରେ ଜଣେ ୧୭ ବର୍ଷୀୟାଙ୍କୁ ଗ୍ରାହାମ୍ ୩୫,୦୦୦ ପାଉଣ୍ଡ (୪୫,୦୦୦ ଆମେରିକୀୟ ଡଲାର) ଦେଇ ବିବସ୍ତ୍ର ହେବାକୁ କହିଥିଲେ ଏବଂ ତାଙ୍କ ଖୋଲାଦେହର ଫଟୋ ଉଠାଇଥିଲେ। ଏହି ଧାରା ଅନେକ ଦିନ ଧରି ଚାଲିଥିଲା। ବ୍ରିଟେନ୍‌ରେ ଯୌନ ସମ୍ପର୍କ ପାଇଁ ସହମତି ବୟସ ୧୬ ହୋଇଥିଲେ ହେଁ ୧୮ ବର୍ଷରୁ କମ୍ ବୟସର କୌଣସି ବ୍ୟକ୍ତିଙ୍କ ଅଶ୍ଳୀଳ ଫଟୋ ଉଠାଇବା/ରଖିବା ଏକ ଅପରାଧ। 'ଦି ସନ୍'ରେ ପ୍ରକାଶିତ ରିପୋର୍ଟ ଅନୁସାରେ ସ୍ୱଳ୍ପବୟସ୍କା ପୀଡ଼ିତାଙ୍କ ମା' ଏନେଇ ଗତ ମେ'ରେ ବିବିସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଗ୍ରାହାମଙ୍କ ବିରୋଧରେ ବିବିସି କି କାର୍ଯ୍ୟାନୁଷ୍ଠାନ ନେଇଛି ତାହା ଜଣାପଡ଼ିନାହିଁ। କିନ୍ତୁ ଜଣେ ଉପସ୍ଥାପକଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବିତ ହୋଷ୍ଟ ଜଣକ ଗ୍ରାହାମ ହୋଇଥାଇପାରନ୍ତି ବୋଲି କୁହାଯାଉଛି।

ବିବିସି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଆମେ ସବୁ ପ୍ରକାର ଅଭିଯୋଗକୁ ଅତ୍ୟନ୍ତ ଗମ୍ଭୀରତା ସହ ନେଇଥାଉ ଏବଂ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରିଛୁ। କୌଣସି ସମୟରେ ନୂଆ ତଥ୍ୟ ସାମ୍ନାକୁ ଆସିଲେ କିମ୍ବା ଆମକୁ ଦିଆଗଲେ ତତ୍ପରତା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ବ୍ରିଟେନ୍ ଗଣମାଧ୍ୟମଗୁଡ଼ିକରେ କୁହାଯାଇଛି ଯେ, ଏହି ଉପସ୍ଥାପକ (ଗ୍ରାହାମ୍)ଙ୍କୁ ନିକଟ ଭବିଷ୍ୟତରେ କୌଣସି ଟିଭି ଚ୍ୟାନେଲରେ ଦେଖିବାକୁ ମିଳିବ ନାହିଁ। କିନ୍ତୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। କମର୍ସିଆଲ ବ୍ରଡ୍‌କାଷ୍ଟର (ବ୍ୟବସାୟିକ ପ୍ରସାରଣକାରୀ ଚ୍ୟାନେଲ) ଆଇଟିଭି ନିକଟରେ ଏକ ସ୍କାଣ୍ଡାଲରେ ଫସିଥିଲା। ଏହାର ସବୁଠୁ ପୁରୁଣା ହୋଷ୍ଟ ଫିଲିପ୍ ସ୍କୋଫିଲ୍ଡ ନିଜଠୁ ବୟସରେ ବହୁ ସାନ ଜଣେ ସହକର୍ମୀଙ୍କ ସହ ସମ୍ବନ୍ଧ ରଖିଥିବା ବିଷୟରେ ପୂର୍ବରୁ ମିଛ କହିଥିବା ଗତ ମେ'ରେ ସ୍ୱୀକାର କରିଥିଲେ। ଆଇଟିଭିର ଏକ 'ବିଷାକ୍ତ' କାର୍ଯ୍ୟ ସଂସ୍କୃତି ରହିଆସିଛି ଏବଂ ନିଜ ଷ୍ଟାର୍‌ମାନଙ୍କ ଅପକର୍ମକୁ ସଂସ୍ଥା ପକ୍ଷରୁ ଘଣ୍ଟ ଘୋଡ଼ାଯାଉଛି। ଏହାର ଜବାବ ଦେବା ପାଇଁ ଆଇଟିଭି ଏକ୍‌ଜିକ୍ୟୁଟିଭ୍‌ମାନଙ୍କୁ ପାର୍ଲାମେଣ୍ଟକୁ ସମନ୍ କରାଯାଇଥିଲା। ବ୍ରିଟେନ୍‌ର ଟିକସଦାତାମାନଙ୍କ ଅର୍ଥରେ ପରିଚାଳିତ ହେଉଥିବାରୁ ବିବିସିରେ ଅନ୍ୟ ବ୍ରଡ୍‌କାଷ୍ଟରଗୁଡ଼ିକ ତୁଳନାରେ କଡ଼ା ନିୟମ ରହିଛି ଏବଂ ନିରପେକ୍ଷ ଖବର ପରିବେଷଣ ପାଇଁ ଏହି ସଂସ୍ଥା ପ୍ରତିଶ୍ରୁତିବଦ୍ଧ। ଏହାସତ୍ତ୍ୱେ ଗ୍ରାହାମ୍‌ଙ୍କ ବିରୋଧରେ ଆଗତ ଅଭିଯୋଗକୁ ନେଇ ଅଦ୍ୟାବଧି କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ଜଣା ନ ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।

## ୨୧ରେ ଭାରତ ଆସିବେ ଶ୍ରୀଲଙ୍କା ରାଷ୍ଟ୍ରପତି



ରାନିଲ ୱିକ୍ରମସିଂଘେ

କଲମ୍ବୋ, ୯।୭

ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ ଆସନ୍ତା ୨୧ରେ ଦୁଇଦିନିଆ ଭାରତ ଗସ୍ତରେ ଆସିବେ। ଏହି ଅବସରରେ ସେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କୁ ଭେଟିବା ଆଶା କରାଯାଉଛି। ସେ ଶ୍ରୀଲଙ୍କାରେ ବିଭିନ୍ନ ଭାରତୀୟ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ନେଇ ଆଲୋଚନା କରିବା ସହ ସାମୁଦ୍ରିକ ପ୍ରସଙ୍ଗରେ ଆଲୋଚନା କରିପାରନ୍ତି। ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟକୁ ନେଇ ଦୀର୍ଘଦିନ ଆନ୍ଦୋଳନ ଲାଗିରହିବା ପରେ ଗତବର୍ଷ ଜୁଲାଇରେ ଗୋଟାବାୟା ରାଜପାକ୍ସେ ରାଷ୍ଟ୍ରପତି ପଦରୁ ଓହରିଯାଇଥିଲେ। ପରେ ୱିକ୍ରମସିଂଘେ ଦେଶର ରାଷ୍ଟ୍ରପତି ନିଯୁକ୍ତ ହୋଇଥିଲେ। ଏହି ନିଯୁକ୍ତି ପରେ ସେ ପ୍ରଥମ ଥର ପାଇଁ ଭାରତ ଗସ୍ତରେ ଆସୁଛନ୍ତି। ଭାରତର ବହିର୍ବ୍ୟାପାର ସଚିବ ବିନୟ ମୋହନ କ୍ୱାତ୍ରା ଆସନ୍ତା ସପ୍ତାହରେ ଶ୍ରୀଲଙ୍କା ଯାଇ ୱିକ୍ରମସିଂଘେଙ୍କ ନୂଆଦିଲ୍ଲୀ ଗସ୍ତର ଆୟୋଜନ ସମ୍ପର୍କରେ ବ୍ୟବସ୍ଥା କରିବେ। ରାଷ୍ଟ୍ରପତିଙ୍କ ସହ ଆଉ କେତେଜଣ ମନ୍ତ୍ରୀ ଭାରତ ଗସ୍ତରେ ଆସିବେ।

# ଖଲିସ୍ତାନୀ ରାଲି ବିରୋଧରେ ଭାରତ ସପକ୍ଷବାଦୀଙ୍କ ସମାବେଶ

ଟରଣ୍ଟୋ, ୯।୭




ଟରଣ୍ଟୋରେ ଖଲିସ୍ତାନୀ ସମର୍ଥକଙ୍କ ରାଲି ବିରୋଧରେ ଭାରତ ସପକ୍ଷବାଦୀମାନେ ତ୍ରିରଙ୍ଗା ଧରି ବିକ୍ଷୋଭ କରୁଛନ୍ତି।

କାନାଡ଼ାର ଟରଣ୍ଟୋସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ବାହାରେ ରବିବାର ଖଲିସ୍ତାନୀ ସମର୍ଥକମାନଙ୍କ ରାଲି ଫିକା ପଡ଼ିଯାଇଛି। କାରଣ ଉକ୍ତ ସ୍ଥାନରେ ବହୁସଂଖ୍ୟାରେ ଭାରତ ସପକ୍ଷବାଦୀମାନେ ଜାତୀୟ ପତାକା ଧରି ରୁଣ୍ଡ ହୋଇଥିଲେ। ସେମାନେ 'ଭାରତ ମାତା କୀ ଜୟ', 'ବନ୍ଦେ ମାତରଂ' ଏବଂ 'ଲଙ୍ଗ୍ ଲିଭ୍ ଇଣ୍ଡିଆ' ସ୍ଲୋଗାନ ଦେଇଥିଲେ। ଭାରତ ସପକ୍ଷବାଦୀଙ୍କ ତୁଳନାରେ ଖଲିସ୍ତାନୀ ସମର୍ଥକଙ୍କ ସଂଖ୍ୟା ଯଥେଷ୍ଟ କମ୍ ଥିଲା। ସୂଚନାଯୋଗ୍ୟ, ଚଳିତ ମାସ ଆରମ୍ଭରେ ଖଲିସ୍ତାନୀ ସ୍ୱାଧୀନତା ରାଲି ନାମରେ ପୋଷ୍ଟର ଲଗାଯାଇଥିଲା, ଯେଉଁଥିରେ ଓଟ୍ଟାୱାରେ ଭାରତର ହାଇକମିଶନର ସଞ୍ଜୟ କୁମାର ବର୍ମା ଏବଂ ଟରଣ୍ଟୋରେ ଥିବା ଭାରତର କନ୍‌ସୁଲେଟ୍ ଜେନେରାଲ ଅପୂର୍ବା ଶ୍ରୀବାସ୍ତବଙ୍କୁ ଖଲିସ୍ତାନୀ ଟାଇଗର ଫୋର୍ସ ମୁଖ୍ୟ ହରଦୀପ ସିଂ ନିଜ୍ଜାରଙ୍କ ହତ୍ୟାକାରୀ ବୋଲି ଲେଖାଯାଇଥିଲା। ଏହାକୁ ନେଇ ଭାରତରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ଜୈନ ସନ୍ଥଙ୍କୁ ହତ୍ୟା

ବେଲଗାଭି, ୯।୭

କର୍ଣ୍ଣାଟକର ବେଲଗାଭି ଜିଲାରେ ଜଣେ ଜୈନ ସନ୍ଥଙ୍କୁ ହତ୍ୟା କରାଯାଇ ତାଙ୍କ ଶରୀରକୁ ଖଣ୍ଡଖଣ୍ଡ କରି ଏକ ବୋର୍‌ୱେଲରେ ଫିଙ୍ଗିଦିଆଯାଇଥିଲା। ଚିକୋଡି ତାଲୁକ୍‌ର ଏକ ବୋର୍‌ୱେଲରୁ ମୃତଦେହର ବିଭିନ୍ନ ଅଙ୍ଗ ମିଳିବା ପରେ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏକ ତଦନ୍ତକାରୀ ଟିମ୍ ଗଠନ କରି ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଏମ୍‌ଏସ୍ ଏଜୁକେଶନ ଏକାଡେମୀର ନାରାୟଣ ବାସପ୍ପା ମାଦି ଏବଂ ହାସନ ଦଲାୟତଙ୍କୁ ଗିରଫ କରାଯାଇଛି। ମୃତ ସନ୍ଥ ଆଚାର୍ଯ୍ୟ ଶ୍ରୀ କାମକୁମାର ନନ୍ଦୀ ମହାରାଜ ୧୫ ବର୍ଷ ହେଲା ନନ୍ଦୀ ପର୍ବତ ଜୈନ ବସାଦିରେ ରହୁଥିଲେ। ଗତ ୬ ତାରିଖରେ ଜୈନ ମୁନି ନିଖୋଜ ହୋଇଯାଇଥିବା ବସାଦିର ପରିଚାଳକ ଥାନାରେ ଏତଲା ଦେଇଥିଲେ। ଦିଗମ୍ବର ସମ୍ପ୍ରଦାୟର ଏହି ସନ୍ଥ ଟଙ୍କା ସୁଧରେ ଲଗାଉଥିଲେ। ସନ୍ଦିଗ୍ଧମାନେ ତାଙ୍କଠାରୁ ଟଙ୍କା କରଜ ନେଇଥିଲେ। ଏହି ଟଙ୍କା ଫେରାଇବାକୁ କହିବାରୁ ସେମାନେ ସନ୍ଥଙ୍କୁ ହତ୍ୟା କରିଥିବା ପୋଲିସ କହିଛି।

## ବୋର୍‌ୱେଲରୁ ମିଳିଲା ଅଙ୍ଗପ୍ରତ୍ୟଙ୍ଗ



ଆଚାର୍ଯ୍ୟ ଶ୍ରୀ କାମକୁମାର ନନ୍ଦୀ ମହାରାଜ



ନୂଆଦିଲ୍ଲୀରେ ପ୍ରବଳ ବର୍ଷା ଯୋଗୁ ଏକ ସରକାରୀ ସ୍କୁଲର ପାଚେରି ଭାଙ୍ଗିଥିବାବେଳେ ଦିଲ୍ଲୀ ଭାଜପା ସଭାପତି ବୀରେନ୍ଦ୍ର ସଚଦେବା ଏହାକୁ ଦେଖୁଛନ୍ତି।

# ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ହିଂସା ପ୍ରତିବାଦରେ ବିକ୍ଷୋଭ

କୋଲକାତା, ୯।୭

ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ବେଳେ ଶନିବାର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟି ୧୫ ଜଣଙ୍କ ମୃତ୍ୟୁ ଘଟଣାର ପ୍ରତିବାଦରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ସମର୍ଥକମାନେ ରବିବାର ରାଜ୍ୟ ନିର୍ବାଚନ କମିଶନ (ଏସ୍‌ଇସି)ଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନିର୍ବାଚନ କର୍ତ୍ତୃପକ୍ଷ ଭୋଟ ପରିଚାଳନାରେ ବିଫଳ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ନିର୍ବାଚନ ବେଳେ କେନ୍ଦ୍ରୀୟ ବଳକୁ ଜାଣିଶୁଣି ମୁତୟନ କରା ନ ଯିବାରୁ ହିଂସାକାଣ୍ଡ ଘଟିଲା। ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ କେନ୍ଦ୍ରୀୟ ବଳ ନିୟୋଜିତ ହୋଇଥିଲେ ଏତେ ପରିମାଣରେ ହିଂସା ଘଟି ନ ଥାନ୍ତା ବୋଲି ଭାଜପା ଉପାଧ୍ୟକ୍ଷ ଦିଲୀପ ଘୋଷ କହିଛନ୍ତି। କେନ୍ଦ୍ରୀୟ ବଳକୁ ସମ୍ବେଦନଶୀଳ ଅଞ୍ଚଳ ଓ ପୋଲିଂ ବୁଥ୍‌ରେ ନିୟୋଜିତ କରା ନ ଯାଇ ସେମାନଙ୍କୁ ଜାତୀୟ ରାଜପଥ ପାଟ୍ରୋଲିଂରେ କିମ୍ବା ଥାନାରେ ରଖାଗଲା ବୋଲି ଘୋଷ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ କେନ୍ଦ୍ରୀୟ ବଳକୁ ମୁତୟନ କରାଯାଇଥିଲେ ହିଂସା ହୋଇ ନ ଥାନ୍ତା, ଏହାର କୌଣସି ଗ୍ୟାରେଣ୍ଟି ନାହିଁ ବୋଲି ଶାସକ ଟିଏମ୍‌ସି କହିଛି। ରାଜ୍ୟରେ ୬୧ ହଜାର ପୋଲିଂ ବୁଥ୍‌ରୁ ମାତ୍ର ୬୦ଟିରେ ହିଂସାକାଣ୍ଡ ଘଟିଥିବା ଟିଏମ୍‌ସି ମୁଖପାତ୍ର କୁନାଲ ଘୋଷ କହିଛନ୍ତି।

ପୂର୍ବ ମେଦିନିପୁର ଜିଲାର ହଳଦିଆ–ମେଚେଡ଼ା ରାଜ୍ୟ ରାଜପଥକୁ ଭାଜପା କର୍ମୀମାନେ ନନ୍ଦକୁମାରଠାରେ ଅବରୋଧ କରି ବାଲଟ ବାକ୍ସ ଟ୍ୟାମ୍ପରିଂ କରାଯାଇଥିବା ଅଭିଯୋଗ କରିଥିଲେ। କେନ୍ଦ୍ରୀୟ ବଳ ସୁରକ୍ଷା ମଧ୍ୟରେ ପୁନଃ ମତଦାନ ଲାଗି ସେମାନେ ଦାବି କରିଛନ୍ତି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସକୁ ଲାଠିଚାଳନା କରିବାକୁ ପଡ଼ିଥିଲା। ସେହିପରି ନିର୍ବାଚନୀ ହିଂସା ପ୍ରତିବାଦରେ କଂଗ୍ରେସ କର୍ମୀମାନେ ମାଲଦାର ରଥବାରିଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ।



ଷ୍ଟ୍ରଙ୍ଗରୁମରେ ଥିବା ବାଲଟ ବକ୍ସଗୁଡ଼ିକୁ ସୁରକ୍ଷାବଳ ଜଗି ରହିଛନ୍ତି।

# କଳାକ୍ଷେତ୍ରରେ ନୂଆ ଡିଜାଇନ୍ ପାଇଁ ଉଦ୍ୟମ ଆବଶ୍ୟକ

ଭୁବନେଶ୍ୱର,୯।୭(ଶର୍ମିଷ୍ଠା ପାଣିଗ୍ରାହୀ)

ବେଲଗାଡିଆ ପ୍ୟାଲେସ ଏବଂ ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ ଆର୍ଟ ଆଣ୍ଡ୍ ଡିଜାଇନ ଷ୍ଟୁଡିଓ 'ବିଦ୍ବ' ପକ୍ଷରୁ ରବିବାର ସବାଇ ଘାସ ଉପରେ ଏକ ପ୍ରଦର୍ଶନୀ ପ୍ରେସ୍ କ୍ଲବଠାରେ ଆୟୋଜିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ମୟୂରଭଞ୍ଜ ଜିଲାର ସବାଇ ଘାସ କଳାକାରଙ୍କୁ ନେଇ ପ୍ରଥମ କରି ଘାସ ଉପରେ ଓଡ଼ିଆ ଅକ୍ଷରକୁ ନେଇ କିଛି ନୂଆ ଉତ୍ପାଦ ତିଆରି ହୋଇଥିବା ଦେଖିବାକୁ ମିଳିଥିଲା। 'ବାଥୁଡି' ଓ 'ସବାଇ' ଶବ୍ଦକୁ କଳାକାରମାନେ ସବାଇ ଘାସରେ ଲେଖି ବେଶ୍ ସୁନ୍ଦର ଭାବେ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି, ଯେବେ କଳାର କଥା ପଡ଼େ, ଆମେ ନିଜକୁ ଏହିଦିଗରେ ଅଶିକ୍ଷିତ ବୋଲି ଭାବିଥାଉ। କିନ୍ତୁ କଳା କ୍ଷେତ୍ରରେ ହେଉଥିବା କାର୍ଯ୍ୟକ୍ରମକୁ ଆସିଲେ ହିଁ ଆମକୁ ବହୁତ କିଛି ଶିଖିବାକୁ ମିଳିଥାଏ। ସବାଇ ଘାସ କହିଲେ, ଆମେ ଖାଲି ଏଥିରେ ପ୍ରସ୍ତୁତ ରଶିକୁ ହିଁ ବୁଝିଥାଉ। କିନ୍ତୁ ଏହି କାର୍ଯ୍ୟକ୍ରମକୁ ଆସିବା ପରେ ସବାଇ ଘାସରେ ଯେ ଏତେସବୁ କରାଯାଇପାରିବ ସେ କଥା ଜାଣିବାକୁ ମିଳିଲା। ଓଡ଼ିଶାରେ କଳା କ୍ଷେତ୍ରରେ ଏହିଭଳି ନୂଆ ନୂଆ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ତଥାଗତ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଆଇପିସିଏ ମ୍ୟାନେଜିଙ୍ଗ କମିଟିର ଚେୟାରପର୍ସନ ପଞ୍ଚମୀ ମାନୋ ଉକିଲ ଯୋଗଦେଇ କହିଛନ୍ତି, କଳାକାରଙ୍କୁ ଉପଯୁକ୍ତ ଶିକ୍ଷା ମିଳିଲେ ସେମାନେ ବହୁତ କିଛି କରିପାରିବେ। ମୟୂରଭଞ୍ଜ ରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ କହିଛନ୍ତି, କଳାକାରଙ୍କୁ ନୂଆ ନୂଆ ଉପାୟ କହିଲେ ସେମାନେ ତାହା ଉପରେ କାମ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ସବାଇ ଘାସରେ ପ୍ରସ୍ତୁତ ଏହି ଡିଜାଇନ୍‌ରେ ଥିବା ମୁଖ୍ୟ କଳାକାର ଉଷାରାଣୀ କହିଛନ୍ତି, ପ୍ରଶିକ୍ଷଣ ପରେ ନୂଆ ଡିଜାଇନ ଶିଖିବାକୁ ମିଳିଲା। ତା'ପରେ ମନକୁ ମନ ଡିଜାଇନ ଆସିଗଲା। ଶିଖିବା ବେଳେ ବହୁତ ଅସୁବିଧା ହୋଇଛି। ଆମେ ଅଶିକ୍ଷିତ ବୋଲି ଓଡ଼ିଆ ଲେଖିବା ମଧ୍ୟ ସମ୍ଭବ ହେଉ ନ ଥିଲା। କିନ୍ତୁ ସମୟକ୍ରମେ ଲେଖା ଶିଖିଲୁ। ନୂଆ ଡିଜାଇନ୍ ପାଇଁ ଆମକୁ ଏବେ ଅଧିକ ଅର୍ଡର ଆସୁଛି। କ୍ୟୁରେଟର ଶିବ୍‌ଦାସ ସେନ୍‌ଗୁପ୍ତା କହିଛନ୍ତି, ଆମର ଲକ୍ଷ୍ୟ ହେଉଛି କଳାତ୍ମକ ସୃଜନଶୀଳ ପ୍ରକ୍ରିୟାଗୁଡ଼ିକୁ ପୁନଃ ନିର୍ମାଣ କରିବା, ନୂତନ ଚିନ୍ତାଧାରା ଅନୁସନ୍ଧାନ କରିବା ଏବଂ ସହଯୋଗକୁ ବୃଦ୍ଧି କରିବା। ଅନ୍ୟତମ କ୍ୟୁରେଟର ଜୁଲିୟସ ଦାସ କହିଛନ୍ତି, କଳାରେ ଆମେ ଆଞ୍ଚଳିକ କଥାକୁ ଦେଖାଇପାରିବା, ଯାହା ବାହାରେ ମଧ୍ୟ ଲୋକପ୍ରିୟ ହୋଇପାରିବ। କଳା କ୍ଷେତ୍ରରେ ସୃଜନଶୀଳତାକୁ ପ୍ରଜ୍ୱଳିତ କରିବା, ବିବିଧତା ପାଳନ କରିବା ଏବଂ ନୂତନ ସମ୍ଭାବନା ପାଇଁ ରାସ୍ତା ଖୋଜିବା ଆମର ଲକ୍ଷ୍ୟ। ବିଦ୍ବର ମାର୍କେଟିଂ ନିର୍ଦ୍ଦେଶିକା ପ୍ରଜ୍ଞା ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସନ୍ଦୀପ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସିଦ୍ଧାର୍ଥ ମହାନ୍ତି ଧନ୍ୟବାଦ ଜଣାଇଥିଲେ।


ଅତିଥିମାନଙ୍କ ଗହଣରେ ସବାଇ ଘାସ କଳାକାରମାନେ। **(ଫଟୋ: ବିକାଶ ନାୟକ)**

## ସବାଇ ଘାସ ଉତ୍ପାଦରେ ଓଡ଼ିଆ ଅକ୍ଷର 'ବାଥୁଡି' ଓ 'ସବାଇ' ସ୍ଥାନିତ



# ୧୨ରେ ମୌନ ସତ୍ୟାଗ୍ରହ କରିବ କଂଗ୍ରେସ

ଭୁବନେଶ୍ୱର, ୯।୭(ସୁନିତ୍ ମିଶ୍ର)

କଂଗ୍ରେସ ଭବନ ସମ୍ମୁଖରେ ପୂର୍ବତନ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ସଭାପତି ରାହୁଲ ଗାନ୍ଧୀଙ୍କ ସାଲିସ ବିହୀନ ଲଢ଼େଇକୁ ସମର୍ଥନ ଜଣାଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତି ତଳେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ''ମୌନ ସତ୍ୟାଗ୍ରହ'' କରାଯିବ। ଏହା ଆସନ୍ତା ୧୨ ତାରିଖ ଦିନ ୧୦ଟାରୁ ୫ ପର୍ଯ୍ୟନ୍ତ ଚାଲିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ଓଡ଼ିଶା ପ୍ରଭାରୀ ଚେଲ୍ଲା କୁମାର ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ସମ୍ପ୍ରତି ସାରା ଭାରତ ବର୍ଷ ରାହୁଲ ଗାନ୍ଧୀଙ୍କ ଉପରେ ଅନ୍ୟାୟ ଭାବେ ଦଣ୍ଡାଦେଶ ଏବଂ ତାଙ୍କୁ ଏମ୍‌ପି ପଦରୁ ଅଯୋଗ୍ୟ ଘୋଷଣା କରିବା ଘଟଣାକୁ ନିନ୍ଦା କରୁଛି। ଏଥିପାଇଁ କୋଟି କୋଟି ଭାରତୀୟ ରାହୁଲ ଗାନ୍ଧୀଙ୍କ ସହିତ ଛିଡ଼ା ହେବାକୁ ଦୁର୍ବାର ନିଷ୍ପତି ନେଇଛନ୍ତି। ଆଜି ସାରା ବିଶ୍ୱ ଦେଖିଲା ରାହୁଲ ଗାନ୍ଧୀ ଯେଉଁଭଳି ନିର୍ଭୀକ ଭାବରେ ଲଗାତର ମୋଦି-ଆଦାନୀର ସମ୍ପର୍କକୁ ନେଇ ପ୍ରଶ୍ନ ପଚାରି ଚାଲିଛନ୍ତି, ଯାହାଦ୍ୱାରା କି ଦୁହିଁଙ୍କ ସମ୍ପର୍କର ସମସ୍ତ ଖୁଲାସା ବର୍ତ୍ତମାନ ହୋଇପାରିଛି। ଅନୁଷ୍ଠିତ ହେବାକୁ ଥିବା ''ମୌନ ସତ୍ୟାଗ୍ରହ''ରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବାକୁ ପ୍ରଦେଶ କଂଗ୍ରେସର ସମସ୍ତ କର୍ମକର୍ତା, ନେତୃବୃନ୍ଦ, ଏଆଇସିସି ସଭ୍ୟ, ପିସିସି ସଭ୍ୟ, ଏମ୍‌ପି, ବିଧାୟକ, ଛାମୁଆ ସଙ୍ଗଠନକୁ ଶରତ ଆହ୍ୱାନ କରିଛନ୍ତି।




# ଯୁବତୀଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ, ହତ୍ୟା ସନ୍ଦେହ

## ପୋଲିସ, ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଜାରି

ଭବାନୀପାଟଣା,୯।୭(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଧର୍ମଗଡ ଥାନା ଅନ୍ତର୍ଗତ ପଞ୍ଚାୟତ ବାଞ୍ଜିପଦର ଓ ସାବୁନଭା ମଧ୍ୟରେ ଥିବା ନାଳ ପାଖରୁ ରବିବାର ଅପରାହ୍ନରେ ୨ ଯୁବତୀଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ସ୍ଥାନୀୟ ପୋଲିସ ଜବତ କରିଛି। ଉଭୟେ ଗତ ୩୦ ତାରିଖରୁ ଗାଁରୁ ନିଖୋଜ ଥିଲେ ବୋଲି ଜଣାପଡ଼ିଛି। ମୃତା ଯୁବତୀଙ୍କ ନାମ ଜେମାମଣି ପଟେଲ (୧୮) ଓ ଯୁବକଙ୍କ ନାମ ସୁନୀଲ ପଟେଲ (୨୨)। ଉଭୟଙ୍କ ଘର ଧର୍ମଗଡ ଥାନା ବାଞ୍ଜିପଦର ଗାଁରେ ବୋଲି ସୂଚନା ମିଳିଛି। ମୃତଦେହ ଦେଖିଲେ ଏହା ହତ୍ୟା ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ରବିବାର ଅପରାହ୍ନରେ ସ୍ଥାନୀୟ କେତେଜଣ ଛେଳି ଚରାଳି ସାବୁନିଭା ଓ ବାଞ୍ଜିପଦର ଗ୍ରାମ ମଧ୍ୟରେ ଥିବା ନାଳ ନିକଟରେ ଦୁଇଜଣଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା ଦେଖି ଗାଁ ଲୋକଙ୍କୁ ଜଣାଇଥିଲେ। ଗ୍ରାମବାସୀ ଧର୍ମଗଡ ପୋଲିସକୁ ଜଣାଇଥିଲେ। ଖବର ପାଇ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ଓ ଧର୍ମଗଡ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ୨ ଅଧାପୋଡା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି। ଦୁହେଁ ପ୍ରେମୀ ଯୁଗଳ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଥିବାବେଳେ ଉଭୟ ସମ୍ପର୍କରେ କଳା ଝିଆରୀ ବୋଲି ଜଣାପଡିଛି।




# 'ଲିସା' ପ୍ରଥମ ଓଡ଼ିଆ ଏଆଇ ନ୍ୟୁଜ୍ ଆଙ୍କର


ଏଆଇ ନ୍ୟୁଜ୍ ଆଙ୍କର ଲିସା

## ଓଟିଭିର ଅଭିନବ ପଦକ୍ଷେପ

ଭୁବନେଶ୍ୱର,୯।୭ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଓଡ଼ିଆ ସାଟେଲାଇଟ ନ୍ୟୁଜ ଚ୍ୟାନେଲ ଓଟିଭି ପକ୍ଷରୁ ଏକ ଅଭିନବ ପ୍ରୟାସ ସହ ଟେଲିଭିଜନ ବ୍ରଡ୍ କାଷ୍ଟିଂରେ ପ୍ରଥମ ଥର ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ବ୍ୟବହାର କରିବାକୁ ଯାଉଛି। ଏପରିକି ଓଡ଼ିଶା ଝିଅ ଲିସା ଓଡ଼ିଆରେ ଏଆଇ ଜରିଆରେ ନ୍ୟୁଜ ପଢ଼ିବେ ବୋଲି ଓଟିଭି ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଲିସା ପ୍ରଥମ ଓଡ଼ିଆ ଏଆଇ ନ୍ୟୁଜ ଆଙ୍କର ଭାବେ କାର୍ଯ୍ୟ କରିବା ସହିତ ଟେଲିଭିଜନ ଦୁନିଆରେ ଏକ ଅବିଶ୍ୱନୀୟ ପରିଚୟ ସୃଷ୍ଟି କରିବେ ବୋଲି ଓଟିଭି ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଓଟିଭି ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଓଟିଭିର ପ୍ରତିଷ୍ଠାତା ସଦସ୍ୟ ତଥା ସିଇଓ ଜାଗୀମଙ୍ଗତ ପଣ୍ଡା, ସମ୍ପାଦକ (ଏଡିଟର) ରାଧାମାଧବ ମିଶ୍ର ଏବଂ ଓଟିଭି ଡିଜିଟାଲ ୟୁନିଟ୍‌ର ସିବିଡିଓ ଲିଟିସା ମଙ୍ଗତ ପଣ୍ଡା ଯୋଗଦେଇ ଉଭୟ ଲିସା ଓ ଏଆଇ ସମ୍ପର୍କରେ ବିସ୍ତୃତ ଆଲୋକପାତ କରାଇଥିଲେ। ସେହିଭଳି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ନେଇ ଟିଭି ଓ ଡିଜିଟାଲ ଖବର ପ୍ରସାରଣ କ୍ଷେତ୍ରରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ହେବାକୁ ଯାଉଛି, ସେଥିରେ ଓଟିଭି ଏବଂ ଏହାର ଏଆଇ ଆଙ୍କର ଲିସାର ଯୋଗଦାନ ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ଘଟଣା ହେବ ବୋଲି ଓଟିଭି ପକ୍ଷରୁ ଆଶା କରାଯାଉଛି। ଅପରପକ୍ଷରେ ଭାରତର ଦେୟମୁକ୍ତ ଆଞ୍ଚଳିକ ଟେଲିଭିଜନ ପ୍ରସାରଣ କ୍ଷେତ୍ରରେ ଲିସା ପ୍ରଥମ ଏଆଇ ଆଙ୍କର ହୋଇଥିବାବେଳେ ଲିସା ମଧ୍ୟ ପ୍ରଥମ ଓଡ଼ିଆ ଏଆଇ ନ୍ୟୁଜ ଆଙ୍କର ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଯାଉଛନ୍ତି।


ଖବରଦାତା ସମ୍ମିଳନୀରେ (ବାମରୁ) ଓଟିଭି ଡିଜିଟାଲ ୟୁନିଟ୍‌ର ସିବିଡିଓ ଲିଟିସା ମଙ୍ଗତ ପଣ୍ଡା, ଓଟିଭିର ସିଇଓ ଜାଗୀମଙ୍ଗତ ପଣ୍ଡା ଓ ସମ୍ପାଦକ ରାଧାମାଧବ ମିଶ୍ର।

## ସିନେମାଟୋଗ୍ରାଫର ଫାଲ୍‌ଗୁ ଶତପଥୀ

# ନିଜର ପ୍ରତିଦ୍ୱନ୍ଦ୍ୱୀ ହେବାକୁ ଚାହେଁ

**ଚଳଚ୍ଚିତ୍ର 'ରଜା ଝିଅ ସଙ୍ଗେ ହେଇଗଲା ଭାବ'ରୁ ଆରମ୍ଭ ହୁଏ ତାଙ୍କର ନିର୍ଦ୍ଦେଶନାର ଯାତ୍ରା। ପରେ ଜଣେ ସିନେମାଟୋଗ୍ରାଫର ଭାବେ ପାଇଲେ ନୂଆ ପରିଚୟ। ସାଧବ ବୋହୂ ସିଜନ ୨, ସିଜନ ୩, ଭଏସ ଅଫ୍ ଓଡ଼ିଶା, ସାରେ ଗାମା ପା, ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ, ସେଫ୍ ନମ୍ବର ୧ ଭଳି ଅନେକ ଧାରାବାହିକକୁ ସେ ତାଙ୍କ କ୍ୟାମେରା ଲେନ୍ସରେ ତୋଳି ଧରିଛନ୍ତି। ଚଳଚ୍ଚିତ୍ର ସପନର ପଥେ ପଥେ, ଲଭ ୟୁ ଜେସିକା, ଦିୱାନା ଦିୱାନି, ହ୍ୟାଲୋ ଇନ୍ ଲଭ୍‌ରେ ସେ ନିଜ ସିନେମାଟୋଗ୍ରାଫିର ଯାଦୁ ଦେଖାଇଛନ୍ତି। କେବଳ ସେତିକି ନୁହେଁ, ବଲିଉଡ ଚଳଚ୍ଚିତ୍ର ମେରା ଫୌଜି କଲିଙ୍ଗ, ଶିକ୍ଷା ମଣ୍ଡଳ ୱେବ୍ ସିରିଜରେ ସେ ନିଜର ପାରଦର୍ଶିତା ଦେଖାଇଛନ୍ତି। ସିନେମା ହେଉ କି ଧାରାବାହିକ, ଏହାକୁ ଏକ ସୁନ୍ଦର ରୂପରେଖ ଦେବାକୁ ସେ ସବୁବେଳେ ଚେଷ୍ଟା କରିଥାନ୍ତି। ଆଗକୁ ମୁକ୍ତିଲାଭ କରିବାକୁ ଥିବା ବଡ଼ବଜେଟ ଚଳଚ୍ଚିତ୍ର 'ପୁଷ୍କରା'ରେ ମଧ୍ୟ ସେ ସମ୍ପୂର୍ଣ୍ଣ ଭାବେ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଓଲିଉଡ୍ ଚଳଚ୍ଚିତ୍ର ଜଗତର ବେଶ୍ ଜଣାଶୁଣା ସିନେମାଟୋଗ୍ରାଫର ଫାଲ୍‌ଗୁ ଶତପଥୀଙ୍କ ସହ ଏଥରର ଧରିତ୍ରୀ ଆଳାପ।**

ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

**ଧରିତ୍ରୀ ଆଳାପ**



**■ ମହିଳା ସିନେମାଟୋଗ୍ରାଫର ପରିଚୟ କେତେ ଖୁସି ଦେଇଛି?**

- ନିହାତି ଭାବେ ବହୁତ ଖୁସି ଲାଗେ। ମୁଁ ଭାଗ୍ୟ ଉପରେ ବିଶ୍ୱାସ କରେ। ଛୋଟବେଳୁ ସିନେମାକୁ ନେଇ ମନରେ ଆଗ୍ରହ ଥିଲା। କିନ୍ତୁ ମହିଳା କି ପୁରୁଷ ଏହି ପ୍ରତିବନ୍ଧକତା ନ ରହିବା ଉଚିତ। ଜଣେ ଯେତେବେଳେ ସିନେମା ଦେଖୁଛି ସେ କ'ଣ ଖୋଜନ୍ତି ସିନେମାଟୋଗ୍ରାଫର ପୁରୁଷ କି ମହିଳା। ସିନେମା କେତେ ଭଲ ହୋଇଛି ତାହା ସମସ୍ତେ ଦେଖନ୍ତି। ପୁରୁଷ କି ମହିଳାର କଥା ଆସିଗଲେ ଦର୍ଶକ ବିଚାର କରିବା ଆରମ୍ଭ କରିଦେବେ। ଆରେ ଝିଅ ଟା କରିଛି ନିହାତି ବହୁତ କଷ୍ଟ ହୋଇଥିବ, ପୁଅଟା କରିଛି ଆଉ ଟିକେ ଭଲ ହୋଇପାରିଥାନ୍ତା। ତେଣୁ ଏଥିରେ ପୁରୁଷ କି ମହିଳା ଟ୍ୟାଗ୍ ଲଗା ନ ଯାଉ।

**■ କ୍ୟାରିୟର ଆରମ୍ଭରୁ ଏପର୍ଯ୍ୟନ୍ତ ଯାତ୍ରାର ଅନୁଭୂତି?**

- ଯେବେ ମୁଁ ପାଠ ପଢ଼ି ସାରି ନୂଆ କରି କାମକୁ ଯାଇଥିଲି, ସେତେବେଳେ ଯେମିତି ମନରେ ନର୍ଭସ୍‌ନେସ୍ ଥିଲା, କ'ଣ କରିବି, କେମିତି କରିବି, ଭଲ ହୋଇପାରିବ କି ନାହିଁ, ଆଜି ପର୍ଯ୍ୟନ୍ତ ସେମିତି ବି ରହିଛି। କାରଣ ଭଲ ହେବା ନିହାତି ଦରକାର। କେମିତି ଆଗକୁ ବଢ଼ିବି, ଅଧିକ ଭଲ କରିବି ସବୁବେଳେ ମନରେ ରହିଛି। ଆଉ ମୁଁ ଭାବୁଛି ଏହି କଥା ମୁଣ୍ଡରେ ରହିଲେ ହିଁ ଭଲ।

**■ ଚଳଚ୍ଚିତ୍ର ସହ ରହିଛନ୍ତି, କେବେ ଅଭିନେତ୍ରୀ ହେବାକୁ ଇଚ୍ଛା ହୋଇନି?**

- ମୁଁ ଛୋଟବେଳେ ନାଟକରେ ଅଭିନୟ କରୁଥିଲି। ସେବେ ଭାବୁଥିଲି ଅଭିନୟରେ ହିଁ ଯିବି। କିନ୍ତୁ ସମୟକ୍ରମେ ଯେବେ ମୁଁ ସିନେମାକୁ ଜାଣିବାକୁ ଲାଗିଲି, ସେବେ ଅନୁଭବ କଲି ପରଦା ପଛରେ ଅନେକ ଅଛନ୍ତି, ଯେଉଁମାନଙ୍କର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। ଏହା ମୋ ଉପରେ ପ୍ରଭାବ ପକାଇଥିଲା।

**■ ଓଡ଼ିଶୀ ନୃତ୍ୟ ବି କରନ୍ତି?**

- ଓଡ଼ିଶୀ ଡ୍ୟାନ୍ସ କରେ। ମଣିଷ ଜୀବନରେ କେତୋଟି ଜିନିଷ ଥାଏ ଯାହାକୁ ନିଜ ଖୁସି ବା ଶାନ୍ତି ପାଇଁ କରାଯାଇଥାଏ। ଓଡ଼ିଶୀ ମୋ ପାଇଁ ଠିକ୍ ସେମିତି। ଯଦିଓ ଏହାକୁ ମୁଁ ବୃତ୍ତି ଭଳି ନେଇନାହିଁ, କିନ୍ତୁ ଏହା ମୋତେ ଖୁସି ଆଣିଦିଏ।

**■ ଅନ୍ୟ କେଉଁଥିରେ ରୁଚି ରହିଛି?**

- ବୁଲିବା ମୋତେ ବହୁତ ପସନ୍ଦ। ସେମିତି ନୁହେଁ କି କୁଆଡ଼େ ଯାଇ ଖାଲି ବୁଲି ଆସିବି। ନୂଆ ନୂଆ ଜାଗା ବୁଲିବା ସହ ଏହାର ସଂସ୍କୃତି, ସେଠାକାର ଲୋକଙ୍କ ସହ ମିଶିବା, ଏମିତି କିଛି ଜିନିଷ ଯାହା ଆମଠି ନାହିଁ କି ଆମଠୁ ଅଲଗା, ସେସବୁ ଏକ୍ସପ୍ଲୋର୍ କରିବାକୁ ଭଲ ଲାଗେ।

**■ ପରଦା ପଛର ନାୟିକା/ନାୟକଙ୍କ ପ୍ରାପ୍ୟ ଓ ସମ୍ମାନକୁ ନେଇ କ'ଣ କହିବେ?**

- ସିନେମାଟୋଗ୍ରାଫର ହେଉ କି ପରଦା ପଛରେ ରହି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ଅନ୍ୟ କେହି ଆର୍ଟିଷ୍ଟ, ସେମାନେ ହେଉଛନ୍ତି ସିନେମାର ମସ୍ତିଷ୍କ। ସିନେମାକୁ ସୁନ୍ଦର କରିବାରେ ସେମାନଙ୍କ ଚିନ୍ତା ଅଧିକ। ଆଉ ସେମାନଙ୍କୁ ଉପଯୁକ୍ତ ପ୍ରାପ୍ୟ, ସମ୍ମାନ ମିଳିଲେ ହିଁ ସେମାନେ ଖୁସିରେ କାମ କରିବେ, ସିନେମା ଭଲ ହେବ।

**■ ଭବିଷ୍ୟତ ଲକ୍ଷ୍ୟ ବା ଯୋଜନା ସମ୍ପର୍କରେ...?**

- ନିର୍ଦ୍ଦେଶନା କ୍ଷେତ୍ରରେ ଆଗ୍ରହ ଥିଲା। କିନ୍ତୁ କଟକରେ ନିର୍ଦ୍ଦେଶନା ଦିଗରେ ପଢ଼ିବାକୁ ସୁବିଧା ନ ଥିଲା। ସେଥିପାଇଁ ସିନେମାଟୋଗ୍ରାଫି ପଢ଼ିଲି। ସିନେମାରେ କାମ କଲା ପରେ ନିର୍ଦ୍ଦେଶନା ଦିଗରେ ଅଭିଜ୍ଞତା ଆସିଛି। ମୁଁ କିଛି ନୂଆ କରିବାକୁ ଚାହୁଁଛି, ଯାହାକୁ ସମସ୍ତେ ପ୍ରଶଂସା କରିବେ ସମସ୍ତେ ମନେ ରଖିବେ। ଏବେ ଯାହା କାମ କରୁଛି ଆଗକୁ କେମିତି ଭଲ କରିବି ସେ ନେଇ ସବୁବେଳେ ଚେଷ୍ଟା କରୁଛି। କହିବାକୁ ଗଲେ ମୁଁ ନିଜର ପ୍ରତିଦ୍ୱନ୍ଦ୍ୱୀ ହେବାକୁ ଚାହେଁ।

**■ କେଉଁ ପରିଚୟ ଖୁସି ଲାଗିବ, ସିନେମାଟୋଗ୍ରାଫର ନା ଅଭିନେତା ହର ରଥଙ୍କ ସ୍ତ୍ରୀ ?**

- ଉଭୟ। ତାଙ୍କ ପରିଚୟରେ କେହି ମୋତେ ପରିଚୟ ଦେଲେ ବି ଖୁସି ଲାଗେ। ୨ଟା ଯାକ ଟ୍ୟାଗ୍ ନେବାକୁ ଚାହିଁବି।



**ଆଜିର ମନ୍ତବ୍ୟ**

ବେଙ୍ଗାଲୁରୁରେ ଜୁଲାଇ ୧୭-୧୮ରେ ହେବାକୁ ଥିବା ବିରୋଧୀ ବୈଠକକୁ ନେଇ ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚିନ୍ତିତ ହୋଇପଡ଼ିଛନ୍ତି। ତାମିଲନାଡୁର ଡିଏମ୍‌କେ ସରକାର ଭାଜପାକୁ ବିରୋଧ କରୁଥିବାରୁ କୌଣସି ବଡ଼ ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ଭୟଭୀତ ହେବାର ନାହିଁ। -ଏମ୍.କେ.ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିଲୁପ୍ତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚନ୍ଦନ ବୃକ୍ଷରେ ମାଛି ନ ବସଇ**
**ମାର୍ଜାର ନ ଖାଏ ଗୁଡ଼**
**ଜ୍ଞାନୀ ହେଲେ ସିନା ଜ୍ଞାନୀକୁ ଚିହ୍ନିବ**
**କାହୁଁ ଚିହ୍ନିବେ ମୂର୍ଖ ମୂଢ଼**

ଯେମିତି ଚନ୍ଦନ ବୃକ୍ଷରେ ମାଛି ବୁଝି ନ ପାରି ମାଛି ଭଳି ସାମାନ୍ୟ ଜୀବଟିଏ ଏହାକୁ ସ୍ପର୍ଶ କରି ନ ଥାଏ, ଠିକ୍ ସେମିତି ଗୁଡ଼ର ମଧୁରତା ବିଷୟରେ ଜାଣି ନ ପାରି ବିରାଡ଼ି ମଧ୍ୟ ଏହାକୁ ଖାଇ ନ ଥାଏ। ସେହିପରି ଭାବେ ମୂର୍ଖ ବା ଅଜ୍ଞାନ ଲୋକ ଜ୍ଞାନୀ ଲୋକଙ୍କର ଗୁଣ ଓ ଗରିମାକୁ ବୁଝି ନ ପାରି ତାଙ୍କଠାରୁ ଦୂରେଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚଉତା**
**ଦି' ମାଇପରେ ଘଇତା**
**ତତଡ଼ ଖାଇବ କି ପଖାଳ ଖାଇବ**
**ବେଳ ଥାଉ ଥାଉ କହିଥା।**

ଦୁଇଟା ସ୍ତ୍ରୀ ଥିଲେ କାହା ମନକୁ ନେଇ ଚଳିବ ସେନେଇ ମଣିଷ ହରଡ଼ଘଣାରେ ପଡ଼ିଯାଇଥାଏ। ଦୁଇଜଣଙ୍କ ମନ ଏକାଠି ମିଶି ନ ପାରିବା କାରଣରୁ କାହାକୁ ତୁଷ୍ଟ କରିହେବ ସେନେଇ ବ୍ୟସ୍ତତା ବଢ଼ିଯାଇଥାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ସ୍ଥଳ ବିଶେଷରେ ହଟହଟା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଷ୍ଟେଶନ ମାଷ୍ଟରଙ୍କୁ ସିବିଆଇ ସମନ

## ବାହାନଗା ଟ୍ରେନ୍ ଦୁର୍ଘଟଣା: ଗିରଫ ୩ ଅଭିଯୁକ୍ତଙ୍କୁ ତୃତୀୟ ଦିନ ଜେରା

ଭୁବନେଶ୍ୱର,୯।୭(ସତ୍ୟଜିତ୍ ରାଉତ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା ମାମଲାରେ ଗିରଫ ହୋଇଥିବା ସେକ୍ସନ ଇଞ୍ଜିନିୟର ଅରୁଣ କୁମାର ମହାନ୍ତ, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମିର ଖାନ୍ ଓ ଟେକ୍ନିସିଆନ୍ ପପୁ କୁମାରଙ୍କୁ ମାରାଥନ୍ ଜେରା କରୁଛି ସିବିଆଇ। ଅଭିଯୁକ୍ତଙ୍କଠାରୁ ଦୁର୍ଘଟଣା ପଛର ପ୍ରକୃତ ସତ ଜାଣିବା ପାଇଁ ସିବିଆଇ ଟିମ୍ ପ୍ରୟାସ ଜାରି ରଖିଛି। ରବିବାର ରିମାଣ୍ଡର ତୃତୀୟ ଦିନରେ ମଧ୍ୟ କିଛି ନୂଆ ତଥ୍ୟ ମିଳିଛି। ଏହି ଆଧାରରେ ବାହାନଗା ଷ୍ଟେଶନ ମାଷ୍ଟରଙ୍କୁ ପଚରାଉଚରା ପାଇଁ ସିବିଆଇ ସମନ କରିଥିବା ସୂଚନା ମିଳିଛି। ଆସନ୍ତା ୧୧ ତାରିଖ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସିବିଆଇ ଆଞ୍ଚଳିକ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ କୁହାଯାଇଥିବା ଜଣାପଡ଼ିଛି। ପୂର୍ବରୁ ସିଆର୍‌ଏସ୍ ତଦନ୍ତ ରିପୋର୍ଟରେ ଷ୍ଟେଶନ ମାଷ୍ଟର ଟେକ୍ନିକାଲ ତ୍ରୁଟିକୁ ଅଣଦେଖା କରିଥିବା ନେଇ ଦର୍ଶାଯାଇଥିଲା। ତେଣୁ ସିବିଆଇ ତାଙ୍କୁ ପଚରାଉଚରା କରିବା ସହ ୩ ଅଭିଯୁକ୍ତଙ୍କ ସହ ସାମ୍ନାସାମ୍ନି ଜେରା କରି ଏହି ଭୟଙ୍କର ଟ୍ରେନ୍ ଦୁର୍ଘଟଣା ମାମଲାରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବାକୁ ଆଶା ରଖିଛି। ସେଭଳି ଦୃଢ଼ ପ୍ରମାଣ ପାଇଲେ ସିବିଆଇ ତାଙ୍କ ଉପରେ ପଦକ୍ଷେପ ନେଇପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ରବିବାର ୩ ଅଭିଯୁକ୍ତଙ୍କୁ ଚନ୍ଦକା ଥାନାରେ ମଧ୍ୟ ସିବିଆଇ ମାରାଥନ୍ ଜେରା କରିଥିଲା। ହେଲେ ଅଭିଯୁକ୍ତମାନେ ଗଣମାଧ୍ୟମ ସାମ୍ନାରେ କିଛି ବି ମୁହଁ ଖୋଲି ନ ଥିଲେ। ତେବେ ଅଭିଯୁକ୍ତମାନଙ୍କ ନାମରେ ପ୍ରାଥମିକ ତଦନ୍ତ ଆଧାରରେ ଆଇପିସି ଦଫା ୩୦୪ (ହତ୍ୟା ଉଦ୍ଦେଶ୍ୟ ନ ଥାଇ ମରଣ ମୁହଁକୁ ଠେଲି ଦେବା), ୨୦୧ (ପ୍ରମାଣ ନଷ୍ଟ) ଏବଂ ୧୫୩ ରେଲ୍‌ୱେ ଆକ୍ଟ ଲାଗିଛି। ତେବେ ତଦନ୍ତ ଶେଷରେ ଅଭିଯୁକ୍ତମାନେ ଏହି ଦୁର୍ଘଟଣା ଜାଣିଶୁଣି କରିଥିବା ଜଣାପଡ଼ିଲେ ସେମାନଙ୍କ ବିରୋଧରେ ଲାଗିଥିବା ଦଫା ବଦଳାଯାଇପାରେ। ଏପରିକି ଚାର୍ଜସିଟ୍ ଦାଖଲବେଳେ ଆଇପିସିର ହତ୍ୟା ଦଫା ସହ ଭାରତୀୟ ରେଳର ସମ୍ପତ୍ତି ନଷ୍ଟ ଲାଗି ମଧ୍ୟ କଡ଼ା ଦଫା ଲାଗିପାରେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତେବେ ୫ଦିନିଆ ରିମାଣ୍ଡର ଆଉ ଦୁଇଦିନ ବାକିଥିବା ବେଳେ ଅଭିଯୁକ୍ତମାନଙ୍କୁ ମୁହାଁମୁହିଁ ଜେରା କରି ଘଟଣା ପଛରେ ଲୁଚି ରହିଥିବା ପ୍ରକୃତ କାରଣର ଦୃଢ଼ ପ୍ରମାଣ ଯୋଗାଡ଼ କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଜୁନ ୨ ସନ୍ଧ୍ୟାରେ ଘଟିଥିବା ଏହି ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୨୯୩କୁ ଛୁଇଁଥିବାବେଳେ ଏବେବି ଅନେକ ଆହତ ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।

# ଶିକାରୀ ଆକ୍ରମଣରେ ବନ କର୍ମଚାରୀ ଗୁରୁତର

## ଶିମିଳିପାଳ ପରେ ଏବେ କୁଳଡିହା ଅଭୟାରଣ୍ୟ

ନୀଳଗିରି, ୯।୭(ପ୍ରଶାନ୍ତ ବିଶ୍ୱାଳ)

ଶିମିଳିପାଳ ପରେ ଏବେ କୁଳଡିହା ଅଭୟାରଣ୍ୟରେ ବଢ଼ିଚାଲିଛି ଶିକାରୀଙ୍କ ପ୍ରାଦୁର୍ଭାବ। ବନବିଭାଗର ବାରମ୍ବାର ପାଟ୍ରୋଲିଂ ଯୋଗୁ ଶିକାରୀମାନେ ପ୍ରତିଶୋଧପରାୟଣ ହୋଇ ବନ କର୍ମଚାରୀଙ୍କୁ ଆକ୍ରମଣ କରିବାକୁ ପଛାଉନାହାନ୍ତି। ଫେରାର ଥିବା ଜଣେ ଶିକାରୀଙ୍କ ଆକ୍ରମଣରେ କୁଳଡିହା ବନ ବିଭାଗର ସବୁଜବାହିନୀ କର୍ମଚାରୀ ଗୁରୁତର ହୋଇ ନୀଳଗିରି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଗତ ମାର୍ଚ୍ଚରେ କୁଳଡିହା ଅଭୟାରଣ୍ୟ ବାବନ୍ଧ ବିଟ ଅଧୀନ କଳମାଚୁଆଁରୀଠାରେ ଦନ୍ତା ହାତୀ ଗଳିତ ଶବ ଉଦ୍ଧାର ହୋଇଥିଲା। ଏହି ଦନ୍ତା ହାତୀର ଦୁଇଟି ଦାନ୍ତକୁ ଶିକାରୀ ନେଇଯାଇଥିଲେ। ବନବିଭାଗ ଚଢ଼ାଉ ପରେ ଦନ୍ତାର ଦୁଇଟି ଦାନ୍ତ ଉଦ୍ଧାର ହୋଇଥିବା ବେଳେ ୪ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରାଯାଇଥିଲା। ଅନ୍ୟ ୩ଜଣ ଫେରାର ଥିଲେ। ଗତ ୮ତାରିଖ ଶନିବାର ସନ୍ତରାଗଡିଆ ଫରେଷ୍ଟ ବିଟ୍‌ରେ କାର୍ଯ୍ୟରତ ସବୁଜବାହିନୀ କର୍ମଚାରୀ ବୁଦ୍ଧିଆ ସିଂ (୪୦) ସନ୍ଧ୍ୟାରେ ଡ୍ୟୁଟି ସାରି ଘରକୁ ଫେରିଥିବା ବେଳେ ଘର ସାମ୍ନାରେ ଫେରାରଙ୍କ ମଧ୍ୟରୁ ଖୁମଖୁଟ ଗ୍ରାମର ବସନ୍ତ ସିଂ (୩୦) ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହିତ ବନ୍ଧୁକ ନ ଫେରାଇଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲା। ପରେ ଉଭୟଙ୍କ ମଧ୍ୟରେ ଠେଲାପେଲା ଓ କଥା କଟାକଟି ହେବାରୁ ବସନ୍ତ ସିଂ ବୁଦ୍ଧିଆଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ବୁଦ୍ଧିଆଙ୍କୁ ଗୁରୁତର ଅବସ୍ଥାରେ ଈଶ୍ୱରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୀଳଗିରି ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ଏନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଥିଲା। ଶନିବାର ରାତିରେ ଉଭୟ ବନବିଭାଗ ଓ ପୋଲିସ ଚଢ଼ାଉ କରି ମଧ୍ୟ ରାତିରେ ଅଭିଯୁକ୍ତ ବସନ୍ତଙ୍କୁ ଗିରଫ କରିଥିଲା। ଏନେଇ କୁଲଡ଼ିହା ବନବିଭାଗ ପକ୍ଷରୁ ରବିବାର ଓ.ଆର. କେସ୍ ନଂ. ୩୬ କେ ୨୦୨୨-୨୩ରେ କୋର୍ଟଚାଲାଣ କରାଯାଇଛି।



ଆହତ ସବୁଜ ବାହିନୀ କର୍ମଚାରୀ ବୁଦ୍ଧିଆ ସିଂ।

## ରତ୍ନଭଣ୍ଡାର ଖୋଲାଯାଉ: ଛତିଶଗଡ଼ ରାଜ୍ୟପାଳ

ପୁରୀ, ୯।୭ (ଅଜିତ୍ ମହାନ୍ତି)

ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ରବିବାର ସନ୍ଧ୍ୟାରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ହରିଚନ୍ଦନ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ପ୍ରଶାସନ ଏବଂ ସେବାୟତମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ସହ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ଶ୍ରୀମନ୍ଦିରରୁ ଫେରିବା ପରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତର ଦେଇ ହରିଚନ୍ଦନ କହିଛନ୍ତି, ରତ୍ନଭଣ୍ଡାର ଖୋଲିବା ନେଇ କୌଣସି ପ୍ରତିବନ୍ଧକ ନାହିଁ। ସରକାର ଅନୁମତି ଦେଲେ ରତ୍ନଭଣ୍ଡାର ଖୋଲାଯାଇପାରିବ ବୋଲି ଆଇନରେ ଉଲ୍ଲେଖ ରହିଛି। ପ୍ରତି ୩ ବର୍ଷରେ ଥରେ ରତ୍ନଭଣ୍ଡାର ଖୋଲାଯାଇ ଗଣତିମଣତି ହେବା କଥା। ୧୯୭୮ ମସିହାରେ ଶେଷଥର ରତ୍ନଭଣ୍ଡାର ଖୋଲାଯାଇଥିଲା। ତେବେ ସେ ଯେତେବେଳେ ଆଇନମନ୍ତ୍ରୀ ଥିଲେ ସେତେବେଳେ ଖୋଲାଯାଇପାରିଥାନ୍ତା। ମାତ୍ର ସେତେବେଳେ କୌଣସି ଆପତ୍ତି, ଅଭିଯୋଗ ହୋଇ ନ ଥିଲା କି ଶ୍ରୀମନ୍ଦିର ପ୍ରଶାସନ ରତ୍ନଭଣ୍ଡାର ଖୋଲିବା ପାଇଁ ପ୍ରସ୍ତାବ ଦେଇ ନ ଥିଲା। ଯଦି ସେତେବେଳେ ଲୋକଙ୍କ ମତ ରହିଥାନ୍ତା, ତା'ହାଲେ ସେ ଖୋଲିଥାନ୍ତେ।

# ଓଡ଼ିଶାରେ ନିଅଣ୍ଟିଆ ବର୍ଷା ଚିନ୍ତା ବଢ଼ାଇଛି

## ଆଜି ୭ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୯।୭(ଅନୁରାଧା ମହାରଣା)

ମୌସୁମୀ ନିମ୍ନ ଚାପ ରେଖା ରବିବାର ରାଜସ୍ଥାନର ଜୈସେଲମେରରୁ ବାହାରି ଆଜମେର, ଶିବପୁରୀ, ସିଦ୍ଧି, ଡାଲଟାନଗଞ୍ଜ ଦେଇ ପଶ୍ଚିମବଙ୍ଗର ଶାନ୍ତିନିକେତନରୁ ପୂର୍ବଦିଗରେ ମଣିପୁର ପର୍ଯ୍ୟନ୍ତ ବାୟୁମଣ୍ଡଳର ୧.୫କିମି ଉଚ୍ଚତା ଯାଏଁ ସକ୍ରିୟ ରହିଛି। ଏଥିଯୋଗୁ ଉତ୍ତର ଓ ଉତ୍ତର-ପୂର୍ବ ଭାରତରେ ପ୍ରବଳ ବର୍ଷା ଜାରି ରହିଛି। କିନ୍ତୁ ଓଡ଼ିଶା ରହିଛି ନିଅଣ୍ଟିଆ ବର୍ଷା ସ୍ଥିତି। ଦେଶର ଗୋଟିଏ ଭାଗରେ ଜଳପ୍ରଳୟ ଦେଖିବାକୁ ମିଳୁଥିବାବେଳେ ସମାନ ସମୟରେ ଅନ୍ୟତ୍ର ବର୍ଷା ଅଭାବରୁ ତଳି ପୋଡ଼ିଗଲାଣି। ବିଳମ୍ବରେ ମୌସୁମୀ ଓଡ଼ିଶା ପ୍ରବେଶ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ଭଲ ବର୍ଷା ହୋଇନାହିଁ। ଫଳରେ ସାରା ରାଜ୍ୟରେ ବର୍ଷାକୁ ନେଇ ଉତ୍କଟ ସ୍ଥିତି ଉପୁଜିଛି। ଅଧିକାଂଶ ସ୍ଥାନରେ ଚାଷ ପ୍ରଭାବିତ ହୋଇଥିବା ବେଳେ ଅନ୍ୟ କିଛି ସ୍ଥାନରେ ଚାଷ କାମ ଆରମ୍ଭ ହୋଇପାରୁନାହିଁ। ୧୫ଟି ଜିଲାରେ ନିଅଣ୍ଟିଆ ବର୍ଷା ଓ ଗୋଟିଏ ଜିଲାରେ ଅତି ନିଅଣ୍ଟିଆ ବର୍ଷା ହୋଇଛି। ଏବେ ରାଜ୍ୟରେ ବର୍ଷା ଜାରି ରହିଥିଲେ ମଧ୍ୟ, ବିଶେଷ ପ୍ରଭାବ ନାହିଁ। ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବର୍ଷା ହେବ ନାହିଁ ବୋଲି ସୂଚନା ମିଳିଛି। ଆସନ୍ତା ୧୯ ତାରିଖରେ କେନ୍ଦ୍ରୀୟ ପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଥିଲେ ମଧ୍ୟ ତାହା ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ମୁହାଁଇବ। ଫଳରେ ଓଡ଼ିଶାରେ ବିଶେଷ ବର୍ଷା ହେବନି ବୋଲି ପାଣିପାଗ ବିଶେଷଜ୍ଞଙ୍କ ମତ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୩.୫ ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷା ୯.୨ ମିମି ତୁଳନାରେ ୬୨ପ୍ରତିଶତ କମ୍ ରହିଛି। ଚଳିତ ମୌସୁମୀ ଋତୁରେ ୧ ଜୁନରୁ ୯ ଜୁଲାଇ ମଧ୍ୟରେ ମୋଟ ୨୨୦.୭ ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷା ୨୯୫ ମିମି ତୁଳନାରେ ୨୫ ପ୍ରତିଶତ କମ୍ ରହିଛି। ଏହି ଅବଧି ମଧ୍ୟରେ ଦେବଗଡ଼ ଜିଲାରେ ସର୍ବାଧିକ ୪୩୭.୩ ମିମି ବର୍ଷା ରେକର୍ଡ କରାଯାଇଛି। ଯାହା ସ୍ୱାଭାବିକ ବର୍ଷା ୨୯୨.୫ ମିମି ତୁଳନାରେ ୫୦ ପ୍ରତିଶତ ଅଧିକ ରହିଛି। ସେହିପରି କଳାହାଣ୍ଡି ଜିଲାରେ ୧୨୩.୫ ମିମି ସହ ସବୁଠାରୁ କମ୍ ପ୍ରତିଶତ ବର୍ଷା ରେକର୍ଡ କରାଯାଇଛି। ଏହା ସ୍ୱାଭାବିକ ବର୍ଷା ତୁଳନାରେ ୬୫ ପ୍ରତିଶତ କମ ରହିଛି। ଅନ୍ୟପଟେ ସୋମବାର ମାତ୍ର ୭ଟି ଜିଲାରେ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ସମ୍ପୃକ୍ତ ଜିଲାଗୁଡ଼ିକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସବୁ ଜିଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ଅନୁଗୋଳ,ଢେଙ୍କାନାଳ ଓ କେନ୍ଦୁଝର ଜିଲା ରହିଛି।

**ପ୍ରଥମ ପୃଷ୍ଠାରୁ...**

## ଉତ୍ତର ଭାରତରେ ବର୍ଷା...

ଜମ୍ମୁ-କଶ୍ମୀରର ଡୋଡା ଜିଲାରେ ଭୂସ୍ଖଳନ ଯୋଗୁ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ଡୋଗ୍ରା ନାଲ୍ଲାରେ ଆକସ୍ମିକ ବନ୍ୟା ଆସିବା ଯୋଗୁ ଦୁଇ ଯବାନ ଭାସିଯାଇଥିଲେ। ପୁଞ୍ଚ୍ ଜିଲାରୁ ସେମାନଙ୍କ ମୃତଦେହ ମିଳିଛି। ଜମ୍ମୁ-କଶ୍ମୀର ଏବଂ ଲଦାଖର ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଥିବାବେଳେ ପ୍ରବଳ ବର୍ଷା ହେବା ନେଇ କଠୁଆ ଏବଂ ସାମ୍ବା ଜିଲାରେ ରେଡ୍ ଆଲର୍ଟ ଜାରି ହୋଇଛି।

ହିମାଚଳପ୍ରଦେଶର ଚନ୍ଦ୍ରତାଲରେ ଆକସ୍ମିକ ବନ୍ୟା ଯୋଗୁ ୨୦୦ ଲୋକ ଜଳବନ୍ଦୀ ରହିଛନ୍ତି। ବେଆସ୍ ନଦୀରେ ବନ୍ୟା ଆସିବାରୁ ଚଣ୍ଡିଗଡ଼-ମନାଲି ଜାତୀୟ ରାଜପଥର କେତେକ ସ୍ଥାନ ଧୋଇଯାଇଛି। ଭୂସ୍ଖଳନ ଏବଂ ବନ୍ୟାରେ ରାସ୍ତା ଧୋଇଯିବା ଯୋଗୁ ଉତ୍ତରାଖଣ୍ଡ ପାର୍ବତ୍ୟାଞ୍ଚଳର ଅନେକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ମନାଲିରେ କେତେକ ଦୋକାନ ଭାସିଯାଇଥିବାବେଳେ କୁଲ୍ଲୁ, କିନ୍ନଉର ଏବଂ ଚାମ୍ବାର ଛୋଟ ନଦୀଗୁଡ଼ିକରେ ବନ୍ୟା ଆସି କେତେକ ଗାଡ଼ି ଭାସିଯାଇଛି। ପଞ୍ଜାବ ଓ ହରିୟାଣାର ପ୍ରବଳ ମୌସୁମୀ ବର୍ଷା ଯୋଗୁ ଅନେକ ଅଞ୍ଚଳ ଜଳାର୍ଣ୍ଣବ ହେବା ସହ ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ପ୍ରଭାବିତ ଅଞ୍ଚଳ ଗସ୍ତ କରି ଲୋକଙ୍କୁ ସହାୟତା କରିବା ଲାଗି ପଞ୍ଜାବ ସରକାର ଏହାର ମନ୍ତ୍ରୀ, ଉପକମିଶନର, ବରିଷ୍ଠ ଏସ୍‌ପି ଏବଂ ଅନ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହରିୟାଣାର ମାର୍କଣ୍ଡ, ଘାଗର ଏବଂ ଟାଙ୍ଗ୍ରି ନଦୀର ଜଳସ୍ତର ବିପଦ ସଙ୍କେତ ନିକଟତର ହୋଇଥିବାରୁ ସରକାର ବନ୍ୟା କଣ୍ଟ୍ରୋଲ ରୁମ୍ ଖୋଲିଛନ୍ତି। ଉତ୍ତରପ୍ରଦେଶରେ ପ୍ରବଳ ବର୍ଷା ଲାଗିରହିଥିବାବେଳେ ରବିବାର କୌଶମ୍ବିରେ ଗଛ ଡାଳ ପଡ଼ି ୧୦ ବର୍ଷର ବାଳିକା ପ୍ରାଣ ହରାଇଛନ୍ତି। ଶନିବାର ବାଲିଆରେ ବଜ୍ରପାତ ଯୋଗୁ ୨ ଜଣଙ୍କ ମୃତ୍ୟୁ ହେବା ସହ ୩ ଆହତ ହୋଇଥିଲେ। ରାଜସ୍ଥାନର କେତେକ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। ଝୁନ୍‌ଝୁନୁରେ ରବିବାର ସକାଳ ସୁଦ୍ଧା ସର୍ବାଧିକ ୧୨ ସେଣ୍ଟିମିଟର ବର୍ଷା ହୋଇଛି। ଜୁଲାଇ ମାସର ପ୍ରଥମ ୮ ଦିନର ଭଲ ବର୍ଷା ସାରା ଦେଶରେ ବର୍ଷା ନିଅଣ୍ଟକୁ ଭରଣା କରିଥିବା ପାଣିପାଗ ବିଭାଗ କହିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରବିବାର ଦିଲ୍ଲୀ ଏବଂ ଜମ୍ମୁ-କଶ୍ମୀରର ଉପରାଜ୍ୟପାଳମାନଙ୍କ ସହ ବର୍ଷା ସ୍ଥିତିକୁ ନେଇ ଫୋନ୍‌ରେ କଥା ହୋଇଛନ୍ତି। ପ୍ରବଳ ବର୍ଷା ଯୋଗୁ ୩ ଦିନ ହେଲା ଅମରନାଥ ଯାତ୍ରା ବନ୍ଦ ରହିଥିବାବେଳେ ଏନେଇ ଶାହା ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କଠାରୁ ସବିଶେଷ ତଥ୍ୟ ବୁଝିଥିଲେ।

### ଦିଲ୍ଲୀରେ ସୋମବାର ସ୍କୁଲ ବନ୍ଦ

ଦୁଇଦିନ ହେଲା ଦିଲ୍ଲୀରେ ପ୍ରବଳ ବର୍ଷା ଯୋଗୁ ରାସ୍ତା ଜଳମଗ୍ନ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିବାବେଳେ ସୋମବାର ଦିଲ୍ଲୀର ସମସ୍ତ ସ୍କୁଲ୍ ବନ୍ଦ ରଖିବାକୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଘୋଷଣା କରିଛନ୍ତି। ରବିବାର ପ୍ରବଳ ବର୍ଷା ଯୋଗୁ ଏକ ସରକାରୀ ସ୍କୁଲ୍‌ର ପାଚେରି ଭୁଶୁଡ଼ି ପଡ଼ିଛି। ସବୁ ସରକାରୀ ସ୍କୁଲ୍ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବାକୁ ଦିଲ୍ଲୀ ମନ୍ତ୍ରୀ ଅତିଶି ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ, ସ୍କୁଲ୍ ପ୍ରିନ୍ସିପାଲ ଓ ଭାଇସ୍ ପ୍ରିନ୍ସିପାଲମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହିମାଚଳପ୍ରଦେଶ ସରକାର ମଧ୍ୟ ମଙ୍ଗଳବାର ପର୍ଯ୍ୟନ୍ତ ସ୍କୁଲ୍ ଛୁଟି ଘୋଷଣା କରିଛନ୍ତି।

## ଦିନିକିଆ କ୍ରିକେଟ ବିଶ୍ୱକପ୍...

ବିଶ୍ୱକପ୍ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବାକୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାର ଦିନକ ପରେ କ୍ରୀଡ଼ାମନ୍ତ୍ରୀ ମଜାରି ଏଭଳି ବୟାନ ଦେଇଛନ୍ତି।

ପୂର୍ବରୁ ଏସିଆନ କ୍ରିକେଟ କାଉନ୍‌ସିଲ(ଏସିସି) ଓ ପାକିସ୍ତାନ ହାଇବ୍ରିଡ୍ ମଡେଲରେ ଏସିଆ କପ୍ ଆୟୋଜନକୁ ଗ୍ରହଣ କରି ନେଇଥିଲେ। ତେବେ ମଜାରିଙ୍କ ଏଭଳି ମନ୍ତବ୍ୟ ପରେ ପୁଣି ବିବାଦ ମୁଣ୍ଡ ଟେକିଛି। ସାକ୍ଷାତକାର ସମୟରେ ମଜାରି କହିଛନ୍ତି, କ୍ରୀଡ଼ା ମନ୍ତ୍ରଣାଳୟ ମୋ ଅଧୀନରେ ଆସୁଛି। ତେଣୁ ଭାରତ ଯଦି ଏସିଆ କପ୍ ପାଇଁ ନିରପେକ୍ଷ ଭେନ୍ୟୁ ଦାବି କରିବ ପାକିସ୍ତାନ ମଧ୍ୟ ଦିନିକିଆ ବିଶ୍ୱକପ ପାଇଁ ସମାନ ଦାବି ରଖିବ। ଶନିବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ବୈଦେଶିକ ମନ୍ତ୍ରୀ ବିଲ୍ଲାୱାଲ ଭୁଟ୍ଟୋ ଜର୍ଦ୍ଦାରୀ ଏହି କମିଟିର ମୁଖ୍ୟ ରହିଥିବାବେଳେ ମଜାରିଙ୍କ ସମେତ ୧୧ ଜଣ ମନ୍ତ୍ରୀ ଏହି କମିଟିରେ ରହିଛନ୍ତି। ଏହି କମିଟି ଭାରତ- ପାକିସ୍ତାନ ସମ୍ପର୍କର ସମସ୍ତ ଦିଗରୁ ବିଚାର ଆଲୋଚନା କରିବ। ଖେଳାଳି, ଅଫିସିଆଲ, ସମର୍ଥକ ଏବଂ ମିଡିଆ ପାଇଁ ଭାରତରେ ବର୍ତ୍ତମାନର ସ୍ଥିତିକୁ ନେଇ ଆଲୋଚନା ପରେ କମିଟି ଏହାର ସୁପାରିସ ଶରିଫଙ୍କ ନିକଟରେ ଉପସ୍ଥାପନ କରିବ। ପ୍ରଧାନମନ୍ତ୍ରୀ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ପାଟ୍ରନ୍-ଇନ୍-ଚିଫ୍ ରହିଥିବାରୁ କମିଟିର ରିପୋର୍ଟ ଆଧାରରେ ସେ ଚୂଡାନ୍ତ ନିଷ୍ପତ୍ତି ନେବେ ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ମଜାରି। ଏହା ସହିତ ପାକିସ୍ତାନରେ ଖେଳିବା ପାଇଁ ଭାରତ କାହିଁକି ଅନିଚ୍ଛା ପ୍ରକାଶ କରୁଛି ତାହା ସେ ବୁଝିବାକୁ ଅସମର୍ଥ ବୋଲି ସେ କହିଛନ୍ତି। ଭାରତ କ୍ରୀଡ଼ା ସହିତ ରାଜନୀତିକୁ ମିଶାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଭାରତରୁ ବେସ୍ ବଲ୍, ବ୍ରିଜ୍ (ତାସ୍) ଦଳ ଏଠାକୁ ଆସି ଖେଳୁଛନ୍ତି, ମାତ୍ର କ୍ରିକେଟ ଦଳ ପଠାଇବାରେ କ'ଣ ସମସ୍ୟା ରହିଛି ବୋଲି ସେ ପ୍ରଶ୍ନ ମଧ୍ୟ କରିଛନ୍ତି। ମଜାରି ଆହୁରି ମଧ୍ୟ କହିଛନ୍ତି, ନିକଟରେ ପାକିସ୍ତାନରେ ଏକ ବ୍ରିଜ୍(ତାସ) ଚାମ୍ପିୟନଶିପ୍ ହୋଇଥିଲା। ଏଥିରେ ଭାରତରୁ ୬୦ ଜଣିଆ ଦଳ ଅଂଶଗ୍ରହଣ କରିଥିଲେ ଓ ମୁଁ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରହିଥିଲି। ପାକିସ୍ତାନର ଫୁଟ୍‌ବଲ, ହକି ଓ ଚେସ୍ ଦଳ ଭାରତ ଗସ୍ତ କରୁଛି। ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ କ୍ରିକେଟ୍ ଦଳ ପାକିସ୍ତାନ ଗସ୍ତରେ ଆସିଥିବାବେଳେ ସେମାନଙ୍କୁ ରାଷ୍ଟ୍ରପତିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ଭାରତୀୟ ଦଳ ଅନେକ ଥର ପାକିସ୍ତାନ ଗସ୍ତରେ ଆସିଥିବାବେଳେ ଦଳକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପାକିସ୍ତାନ ସୁପର ଲିଗ୍‌ରେ ଅନେକ ବିଦେଶୀ ଖେଳାଳି ଅଛନ୍ତି, ଯେଉଁମାନଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯାଉଛି। ତେଣୁ ଭାରତ ମଧ୍ୟ ଏହାର କ୍ରିକେଟ ଦଳ ପଠାଇବା ଉଚିତ ବୋଲି ମଜାରି କହିଛନ୍ତି। ଅନ୍ୟପକ୍ଷରେ ଆଇସିସି ପକ୍ଷରୁ ପାକିସ୍ତାନକୁ ରିମାଇଣ୍ଡର ଦିଆଯାଇଛି। ପାକିସ୍ତାନ ବିଶ୍ୱକପ୍ ଖେଳିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିବା ସମ୍ପର୍କରେ ଏହାକୁ ଚିଠି ଜରିଆରେ ଆଇସିସି ଜଣାଇଛି।

ଉଲ୍ଲେଖଯୋଗ୍ୟ, ୨୦୦୯ରେ ଶ୍ରୀଲଙ୍କା ଦଳ ପାକିସ୍ତାନ ଗସ୍ତରେ ଥିବାବେଳେ ଶ୍ରୀଲଙ୍କା ଟିମ୍ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଶ୍ରୀଲଙ୍କାର ଇନ୍‌ଫର୍ମ ଖେଳାଳି ଥିଲନ ସମରୱିରାଙ୍କ ଦେହରେ ଗୁଳି ବାଜିଥିବାବେଳେ ଜଣେ ବ୍ରିଟିଶ ସହକାରୀ କୋଚ୍ ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ପରେ ସମଗ୍ର ବିଶ୍ୱ ପାକିସ୍ତାନରେ କ୍ରିକେଟ ଖେଳିବା ଉପରେ କଟକଣା ଜାରି କରିଥିଲା।

## ଅଭିଜିତ୍‌ଙ୍କୁ ଆଇବି...

ଜଣାପଡିଛି। ତେବେ ଆତଙ୍କବାଦୀ ଲିଙ୍କ୍‌ରେ ପ୍ରମାଣ ପାଇବା ପରେ ମହାରାଷ୍ଟ୍ର ଏଟିଏସ୍ ଅଭିଜିତ୍‌ଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇପାରେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଅଧିକ ପଚରାଉଚରା ପାଇଁ ସୋମବାର ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ୍ ଏଜେନ୍ସି (ଏନ୍‌ଆଇଏ)ର ଟିମ୍ ଓଡ଼ିଶା ପହଞ୍ଚି ଅଭିଜିତ୍‌ଙ୍କୁ ଜେରା କରିବ ବୋଲି ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜ କହିଛନ୍ତି। ସୂଚନାଯୋଗ୍ୟ, ଅଭିଜିତ୍ ଆଇଏସ୍‌ଆଇ ଏଜେଣ୍ଟଙ୍କ ସହ ଯୋଗାଯୋଗରେ ରହୁଥିଲେ। ୨୦୧୮ରେ ସେ ଫେସ୍‌ବୁକ ମେସେଞ୍ଜର ମାଧ୍ୟମରେ ପାକିସ୍ତାନର ଦାନିଶ୍ ଓରଫ ସୟଦ୍ ଦାନିଶ ଅଲ୍ଲୀ ନାଗ୍‌ଭିଙ୍କ ସହ ପରିଚିତ ହୋଇଥିଲେ। ଅଭିଜିତ୍ ଆମେରିକାର ଏକ ଶିକ୍ଷା ପ୍ରଯୁକ୍ତିବିଦ୍ୟା କମ୍ପାନୀ 'ଚେଗ୍'ରେ ଜଣେ ଫ୍ରିଲାନ୍ସର ଭାବେ କାମ କରୁଛନ୍ତି ବୋଲି ଦାନିଶଙ୍କୁ କହିଥିଲେ। ଏହାପରେ ଅଭିଜିତ ତାଙ୍କ ୟୁଜର୍ ଆଇଡି ଏବଂ ପାସ୍‌ୱାର୍ଡକୁ ଦାନିଶଙ୍କୁ ଦେଇଥିଲେ। ଫଳରେ ଅଭିଜିତଙ୍କ ନାମରେ ଦାନିଶ ଉକ୍ତ କମ୍ପାନୀରେ ମଧ୍ୟ କାମ କରୁଥିଲେ। ସେଥିରୁ ମିଳୁଥିବା ଟଙ୍କା ଅଭିଜିତ୍‌ଙ୍କ ଆକାଉଣ୍ଟକୁ ଆସୁଥିଲା। ଏଥିସହ ଆଇଏସ୍‌ଆଇରେ କାମ କରୁଥିବା ଖୁରାମ୍ ଓରଫ ଅବଦୁଲ ହମିଦଙ୍କ ସହ ଅଭିଜିତ୍‌ଙ୍କୁ ଦାନିଶ ପରିଚୟ କରାଇଥିଲେ। ଖୁରାମ୍‌ଙ୍କ ନିର୍ଦ୍ଦେଶରେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ କାମ କରୁଥିବା ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଅଭିଜିତ୍ ପାଉଥିବା ସାଲାରି ଟଙ୍କାରୁ କିଛି ପ୍ରତିଶତ ପଠାଉଥିଲେ। ଓଡ଼ିଶାରୁ ଗିରଫ ହୋଇଥିବା ପଠାଣି ସାମନ୍ତଙ୍କ ସମେତ ଅନ୍ୟ ୫ଜଣ ବିଭିନ୍ନ ଲୋକଙ୍କ ନାମରେ ସିମ୍ କାର୍ଡ ଆଣି ବିଭିନ୍ନ ଆପରାଧିକ ବା ଦେଶଦ୍ରୋହ କାର୍ଯ୍ୟରେ ବ୍ୟବହାର ଲାଗି ଓଟିପିକୁ ଶେୟାର କରୁଥିଲେ। ତେବେ ଏହି ମାମଲାରେ ଅଭିଜିତ୍‌ଙ୍କ ସମେତ ମୋଟ ୬ଜଣଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିବାକୁ ଏଭଳି ଖୋଳତାଡ଼ ଜାରି ରଖିଛି।

## ମୋତେ ଭାରତରେ ...

ସୀମା ନେପାଳ ଦେଇ ଭାରତରେ ଅନୁପ୍ରବେଶ କରିଥିଲେ। ସୀମା ଓ ସଚିନ ଜଣେ ଓକିଲଙ୍କୁ ବିବାହ ପଞ୍ଜୀକରଣ ପାଇଁ ଅନୁରୋଧ କରିଥିଲେ। ଓକିଲ ଏନେଇ ଥାନାରେ ଜଣାଇବା ପରେ ଜୁଲାଇ ୪ରେ ହରିୟାଣାର ବଲ୍ଲଭଗଡ଼ରେ ପୋଲିସ ସୀମାଙ୍କ ସହ ତାଙ୍କୁ ବେଆଇନ ଭାବେ ଅନୁପ୍ରବେଶ କରାଇବାରେ ସହଯୋଗ ଅଭିଯୋଗରେ ସଚିନ ଓ ତାଙ୍କ ବାପାଙ୍କୁ ମଧ୍ୟ ଗିରଫ କରିଥିଲା। ସେତେବେଳେ ଦୁହେଁ ଗଣମାଧ୍ୟମ ଓ ପୋଲିସ ଆଗରେ ନିଜ ପ୍ରେମ କାହାଣୀ ଶୁଣାଇ ଚର୍ଚ୍ଚିତ ହୋଇଥିଲେ। ୩ ଜଣଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ସେମାନେ ଶନିବାର ଜାମିନରେ ମୁକୁଳିଛନ୍ତି। ଭାରତରେ ସ୍ୱାମୀ ସ୍ତ୍ରୀ ଭାବେ ରହିବାକୁ ଅନୁମତି ପ୍ରଦାନ ଲାଗି ଉଭୟେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଇତିମଧ୍ୟରେ ସାଉଦି ଆରବରେ ରହି କାମ କରୁଥିବା ସୀମାଙ୍କ ପୂର୍ବତନ ସ୍ୱାମୀ ଗୁଲାମ ହାଇଦର କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଉଦ୍ଦେଶ୍ୟରେ ଏକ ଭିଡିଓ ଜାରି କରିଛନ୍ତି। ନିଜ ସ୍ତ୍ରୀ ଓ ପିଲାଙ୍କୁ ପାକିସ୍ତାନକୁ ଫେରାଇ ଦେବା ପାଇଁ ସେ ଏଥିରେ ଅନୁରୋଧ କରିଛନ୍ତି। ସୀମାଙ୍କୁ ପବ୍‌ଜି ଜରିଆରେ ପ୍ରଲୋଭନ ଦେଖାଇ ଭାରତକୁ ଅଣାଯାଇଥିବା ଗୁଲାମ ଅଭିଯୋଗ କରିଛନ୍ତି। ଅପ୍ରତ୍ୟାଶିତ ସମର୍ଥନ ପାଇଁ ଭାରତୀୟ ଗଣମାଧ୍ୟମକୁ ଗୁଲାମ କୃତଜ୍ଞତା ଜଣାଇଛନ୍ତି। ଗଣମାଧ୍ୟମ ଯୋଗୁ ହିଁ ସେ ନିଜ ସ୍ତ୍ରୀ ଓ ପିଲାଙ୍କୁ ଠାବ କରିପାରିଥିବା ଉକ୍ତ ଭିଡିଓରେ କହିଛନ୍ତି। ଏହାର ଜବାବରେ ସୀମା କହିଛନ୍ତି, ଗୁଲାମ ତାଙ୍କୁ ମାଡ଼ ମାରି ନିର୍ଯାତନା ଦିଅନ୍ତି। ଏପରି କି ତାଙ୍କ ମୁହଁରେ ଲଙ୍କାଗୁଣ୍ଡ ମଧ୍ୟ ଦିଅନ୍ତି। ଅକଥନୀୟ ନିର୍ଯାତନା ସହି ନ ପାରି ସେ ଗତ ୪ ବର୍ଷ ହେଲା ସ୍ୱାମୀ ଗୁଲାମ ହାଇଦରଠାରୁ ଅଲଗା ରହୁଛନ୍ତି। ଦୁହିଁଙ୍କ ମଧ୍ୟରେ ଆଉ କୌଣସି ସମ୍ପର୍କ ନାହିଁ। ଭାରତରେ ରହିବାକୁ ଦିଆଗଲେ ସଚିନ ତାଙ୍କର ୪ ପିଲାଙ୍କୁ ଆପଣାଇନେବେ। କିନ୍ତୁ ପାକିସ୍ତାନ ଫେରିଲେ ବଞ୍ଚି ରହିବା ଅସମ୍ଭବ। ସେ ହିନ୍ଦୁଧର୍ମ ଗ୍ରହଣ କରିଥିବାରୁ ସେମାନେ ତାଙ୍କୁ ମାରିଦେବେ ବୋଲି ଏଠାରେ ରହିବାକୁ ଅନୁମତି ପ୍ରଦାନ ସକାଶେ ସୀମା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗଣମାଧ୍ୟମ ଜରିଆରେ ଆକୁଳ ନିବେଦନ କରିଛନ୍ତି। ଗ୍ରେଟର ନଏଡାର ରବୁପୁରାସ୍ଥିତ ସଚିନଙ୍କ ପୈତୃକ ଘରଠାରୁ ମାତ୍ର ୨୦୦ ମିଟର ଦୂରରେ ଏହି ଯୋଡ଼ି ଏବେ ରହୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ସକାଳୁ ସକାଳୁ ଶୁଭ ଖବର ପାଇ ମନୋରଞ୍ଜନ ସକାଶେ ଆନୁଷଙ୍ଗିକ ବ୍ୟବସ୍ଥା କରିପାରନ୍ତି। କିନ୍ତୁ ପାରିବାରିକ କେତେକ ସମସ୍ୟାକୁ କେନ୍ଦ୍ର କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ବହୁତ ଲାଭବାନ ହେବେ। ପ୍ରଶାସନିକ କ୍ଷେତ୍ର ଓ ରାଜନୈତିକ ସ୍ଥିତି ବହୁତ ଭଲ ରହିବ।

**ବୃଷ**: କର୍ମ କ୍ଷେତ୍ରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଆଜି ସନ୍ଧ୍ୟା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ବନ୍ଧୁଙ୍କୁ କୌଣସି ଘରୋଇ ଅସୁବିଧା ଜଣାଇ ସାହାଯ୍ୟ ଭିକ୍ଷା କରିବେ। ତଥାପି କୃତ୍ତିକା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ**: ବିଳମ୍ବରେ କାମ ସମ୍ପନ୍ନ ହେବାରୁ କେତେକ ଅସୁବିଧାର ସମ୍ମୁଖୀନ ହେବେ। ସାଧାରଣ ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହେବ। ସାମାଜିକ ସ୍ତରରେ ଦୀର୍ଘ ଦିନର ଅଭିଳାଷ ପୂରଣ ପାଇଁ କୌଣସି ନୂତନ ଯୋଜନା କରିପାରନ୍ତି। ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ନିଜକୁ ହଜାଇ ଦେଇପାରନ୍ତି।

**କର୍କଟ**: ଆଜି ବିଭିନ୍ନ ଉନ୍ନତମାନର ଯୋଜନାକୁ କାର୍ଯ୍ୟକାରୀ କରିବେ। ପାରିବାରିକ ସ୍ତରରେ ଅର୍ଥାଭାବଜନିତ ଅସୁବିଧାକୁ କେନ୍ଦ୍ରକରି ମନ ସାମୟିକ ଅଶାନ୍ତ ରହିପାରେ। କର୍ମକ୍ଷେତ୍ରରେ ବନ୍ଧୁ ସୁବିଧାବାଦୀ ଗୁଣରେ ଶୋଷଣ କରିବେ। କଳା, ସାହିତ୍ୟ, ସଙ୍ଗୀତ ସନ୍ଧ୍ୟା, ପ୍ରବଚନ କାର୍ଯ୍ୟକ୍ରମ ତଥା ଭଜନ ସମାରୋହରେ ଯୋଗ ଦେଇପାରନ୍ତି।

**ସିଂହ**: ସାମାନ୍ୟ କଥାକୁ କେନ୍ଦ୍ର କରି ପରିବାରଠାରୁ ଦୂରେଇ ରହିବାକୁ ମନ ବଳାଇବେ। ଭାଇ, ଭଉଣୀ କିମ୍ବା ପଡୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କରିପାରନ୍ତି। ଉପରିସ୍ଥଙ୍କ ସମ୍ମୁଖରେ ମନୋଭାବ ପ୍ରକାଶ କରିବାରେ ପଛେଇ ଯିବେ। ଧାତୁ ଅଳଙ୍କାରାଦି କାରବାର, ପରିବହନ, ଷ୍ଟେସନେରି ଦୋକାନୀ ବିଶେଷ ଲାଭବାନ ହେବେ।

**କନ୍ୟା**: କାମଗୁଡ଼ିକୁ ଯେତେଟା ସହଜ ଓ ସୁବିଧାରେ କାମ କରିବା ପାଇଁ ଭାବୁଥିଲେ ସେମିତି କିଛି ହୋଇପାରିବ ନାହିଁ। ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ରରେ ଅନାଦର ପାଇପାରନ୍ତି। ଭଲକଥା କହିଲେ ମଧ୍ୟ ଅନ୍ୟମାନେ ତାହାକୁ ଭୁଲବୁଝିବେ। ଅବହେଳା ଓ ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା**: ଆଜି ପର୍ଯ୍ୟନ୍ତ ଖୋଜି ଖୋଜି ଯାହା ପାଇପାରି ନ ଥିଲେ ଆଜି ତାହା ଆକସ୍ମିକ ଭାବରେ ପାଇପାରିବେ। ଚତୁରତାର ସହ ଶତ୍ରୁତା କରୁଥିବା ଲୋକଠାରୁ ମଧ୍ୟ କାମ ହାସଲ କରିନେବେ। କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ସଭାସମିତି କିମ୍ବା ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ବିଛା**: ଅଟକି ରହିଥିବା କାମ ଶୀଘ୍ର କରିବା ସକାଶେ ମନ ବଳାଇବେ। ପୂର୍ବ ଶତ୍ରୁତାରୁ ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଆକସ୍ମିକ କୌଣସି ସମସ୍ୟା ମନଟାକୁ ଗୋଳମାଳିଆ କରିଦେବାର ସମ୍ଭାବନାକୁ ଏଡିହେବ ନାହିଁ। ପ୍ରଶାସନ, ପ୍ରକାଶନ ତଥା ପରିବହନ କ୍ଷେତ୍ରରେ ନୂତନ ଯୋଜନାକୁ କାର୍ଯ୍ୟକାରି କରିପାରନ୍ତି।

**ଧନୁ**: ଭାବପ୍ରବଣତାରେ ଭାସିଯାଇ ବିବାଦୀୟ ମନ୍ତବ୍ୟ ଦେଲେ ସମସ୍ୟାକୁ ନିମନ୍ତ୍ରଣ କରିବେ। ବନ୍ଧୁମାନଙ୍କ ସହ ଭ୍ରମଣ, କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ କରିବେ। ପୂର୍ବାଷାଢା ନକ୍ଷତ୍ରର ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆର୍ଥିକ ସ୍ଥିତି ପୂର୍ବପରି ରହିବା ହେତୁ ସାମୟିକ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**ମକର**: ଚେଷ୍ଟା କରୁଥିବା କାମଟି ସଫଳ ହେବାରେ ଜଣେ ପୁରୁଣା ବନ୍ଧୁ କିମ୍ବା ସହକର୍ମୀ ସାହାଯ୍ୟ କରିବେ। ପ୍ରଶାସନିକ କ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଅନୁଭବ କରି ଦୁଃଖ ପ୍ରକାଶ କରିପାରନ୍ତି। ଆର୍ଥିକସ୍ଥିତି ପ୍ରାୟତଃ ପୂର୍ବପରି ରହିବ।

**କୁମ୍ଭ**: ଆଜି ଠିକ୍ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବା କାରଣରୁ ମନ ଭଲ ରହିବ ନାହିଁ। ସଙ୍ଗୀତ, କଳା, ସାହିତ୍ୟ, ସାମ୍ବାଦିକତା, ଯୋଗାଯୋଗରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରୁ ଅଭିଯୋଗ ଆସିପାରେ, ମାତ୍ର ପରକ୍ଷଣରେ ସବୁ କିଛି ଠିକ୍ ହୋଇଯିବ।

**ମୀନ**: ଆଜି ଦିନଟିରେ ଶ୍ରୁତିରୋଚକ କଥା ଓ ଆକର୍ଷଣୀୟ ବ୍ୟବହାର ଦ୍ୱାରା ପ୍ରତ୍ୟେକ ପରିସ୍ଥିତିକୁ ସୁଧାରି ନେବେ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପାରିବାରିକ ଆର୍ଥିକ ଅନଟନକୁ ସୁଧାରିବା ସକାଶେ ଆଜି ହଠାତ୍ ଧାର ସୂତ୍ରରେ ଅର୍ଥ ପାଇବେ। ନିଜ ମନ ପସନ୍ଦର ଜିନିଷ କିଣିବାର ସୁଯୋଗ ଲାଭକରି ଖୁସି ରହିବେ।

ଆଜି ଶ୍ରାବଣ କୃଷ୍ଣ ଅଷ୍ଟମୀ ସୋମବାର, ଜୁଲାଇ ୧୦ ତାରିଖ, ରାଶି ନକ୍ଷତ୍ର-ରେବତୀ/ମୀନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୮।୪୮ ଗତେ, ଘ.୧୦।୩୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୬।୫୬ ଗତେ, ଘ.୦୮।୩୪ ମଧ୍ୟେ ରାହୁକାଳ।

# ଖରାରେ ସିଝିଲେ ଶ୍ରଦ୍ଧାଳୁ

**ପୁରୀ, ୯।୭(ଅଜିତ୍ ମହାନ୍ତି)**

ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାର ପୁରୀରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ବିଶେଷ କରି ବଡ଼ଦାଣ୍ଡ ଓ ସମୁଦ୍ରକୂଳ ଅଞ୍ଚଳରେ ଲୋକଙ୍କ ଗହଳି ଲାଗିରହିଥିଲା। ଘୋଷଯାତ୍ରା ସମ୍ପନ୍ନ ପରେ ଏବେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ତେଣୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। ଶନିବାର ସେକେଣ୍ଡ ସଟର ଡେ' ଓ ରବିବାର ଛୁଟିଦିନ ଥିଲା। ଏଥିଯୋଗୁ ଏହି ଦୁଇଦିନ ପୁରୀରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼ ହୋଇଥିଲା। ତେବେ ଅନେକ ଶ୍ରଦ୍ଧାଳୁ ବହୁ ସମୟ ଖରାରେ ଲମ୍ବାଧାଡ଼ିରେ ଛିଡ଼ାହୋଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ।

ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ଶ୍ରୀମନ୍ଦିର ସମ୍ମୁଖରୁ ଅସ୍ଥାୟୀ ଶେଡ୍‌କୁ ଖୋଲି ଦିଆଯାଇଥିଲା। ବର୍ତ୍ତମାନ ଶ୍ରୀମନ୍ଦିର ସମ୍ମୁଖରେ ରଥତ୍ରୟ ରହିଥିବାରୁ ଅସ୍ଥାୟୀ ଶେଡ୍ ଲଗାଯାଇନାହିଁ। ଫଳରେ ଭକ୍ତଙ୍କୁ ଖରାରେ ସିଝିବାକୁ ପଡୁଛି। ଖରାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଯେପରି ଭକ୍ତଙ୍କ ପାଦ ନ ତାତିବ ସେଥିପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ପାଣି ସିଞ୍ଚନ କରାଯାଉଛି। ବଡ଼ ଆଖଡ଼ା ମଠ ପାର୍ଶ୍ୱରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଏକ ଷ୍ଟିଲରେ ବ୍ୟାରିକେଡ୍ କରାଯାଇଛି। ସେହି ବ୍ୟାରିକେଡ୍ ଦେଇ ଭକ୍ତମାନେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରୁଥିବାବେଳେ

### ମହାପ୍ରଭୁଙ୍କ ଦର୍ଶନ ପାଇଁ ଗହଳି

ମହାପ୍ରଭୁଙ୍କ ଦର୍ଶନ ସାରି ଅନ୍ୟ ତିନିଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି। ସେହିଭଳି ଉକ୍ତ ଷ୍ଟିଲ ବ୍ୟାରିକେଡ ଉପରେ ଛାମୁଣ୍ଡିଆ କରାଯାଇଛି। ତେବେ ପ୍ରଶାସନ ଭକ୍ତଙ୍କ ପାଇଁ ଯେତିକି ବ୍ୟବସ୍ଥା କରିଛି ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ଭକ୍ତମାନେ କହିଛନ୍ତି। କାରଣ ବହୁ ସଂଖ୍ୟକ ଭକ୍ତ ଆସୁଥିବା ବେଳେ ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟାରିକେଡର ଓସାର କମ୍ ରହୁଛି। ଫଳରେ ଠେଲାପେଲା ଭଳି ସ୍ଥିତି ଉପୁଜୁଛି। ଅନେକ ଭକ୍ତଙ୍କୁ ଖରାରେ ରାସ୍ତାରେ ଠିଆ ହେବାକୁ ପଡୁଛି। ସେହିପରି ମହାପ୍ରସାଦ ଓ ଦୈନିକ ଦର୍ଶନ ପାଇଁ ଯାଉଥିବା ପୁରୀ ସହର ବାସିନ୍ଦା ଏତେ ଲମ୍ବା ଧାଡ଼ିରେ ଠିଆ ହୋଇ ଯିବାକୁ ନାପସନ୍ଦ କରୁଛନ୍ତି। ପୂର୍ବରୁ ଭକ୍ତମାନେ ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରୁଥିଲେ। ମାତ୍ର ବର୍ତ୍ତମାନ ଭକ୍ତଙ୍କୁ ସିଂହଦ୍ୱାର ଦେଇ ପ୍ରବେଶ କରିବାକୁ ଅନୁମତି ରହିଛି। ତେଣୁ ଗୋଟିଏ ଦ୍ୱାର ଦେଇ ଭକ୍ତମାନେ ଶ୍ରୀମନ୍ଦିରରେ ପ୍ରବେଶ କରୁଥିବାରୁ ଭିଡ଼ ହେଉଛି। ଏପରିକି ବେଳେବେଳେ ଅଣନିଃଶ୍ୱାସୀ ଭଳି ପରିସ୍ଥିତି ଉପୁଜୁଛି। ତେଣୁ ୪ ଦ୍ୱାର ଖୋଲାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି।


ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାର ଖରାରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଶ୍ରୀନଅର ପର୍ଯ୍ୟନ୍ତ ଭକ୍ତଙ୍କ ଲମ୍ବାଧାଡ଼ି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ସୀମାନ୍ତରୁ ମାଓବାଦୀ ଗିରଫ


ଗିରଫ ମାଓବାଦୀ

**ମାଲକାନଗିରି, ୯।୭(ଦୁର୍ଯ୍ୟୋଧନ ପାତ୍ର):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲା ପୋଲିସ ରବିବାର ଜଣେ ମାଓବାଦୀଙ୍କୁ ଗିରଫ କରିଛି। ମାଓବାଦୀମାନେ ଥିବା ଖବର ପାଇ ସୁକୁମା ଜିଲା ଡିଆରଜି, ସିଆରପିଏଫ ଓ କୋବ୍ରା ବାହିନୀ ସର୍ଚ୍ଚିଂ ଅପରେଶନ କରିବାକୁ ବାହାରି ଥିଲେ। ଏହି ସମୟରେ ଗଛନପଲ୍ଲୀ ଜଙ୍ଗଲରୁ ଜଣେ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ଗଛନପାଲ୍ଲୀ ଗ୍ରାମର ମିଲିସିଆ ପ୍ଲାଟୁନ କମାଣ୍ଡର କୁଞ୍ଜାମ ବୀରା। ତାଙ୍କୁ ଧରିଲେ ୧ ଲକ୍ଷ ଟଙ୍କାର ପୁରସ୍କାର ଦିଆଯିବ ବୋଲି ଛତିଶଗଡ ରାଜ୍ୟ ଘୋଷଣା କରିଥିଲା। ତାଙ୍କ ନିକଟରୁ ଡିଟୋନେଟର, କୋଡେକ୍ସ ତାର ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ପୋଲିସର ପ୍ରାଥମିକ ସୂଚନାରୁ ଜଣାପଡିଛି, କୁଞ୍ଜାମ ୨୦୦୯ରେ ସଂଗମ ସଦସ୍ୟଭାବେ ମାଓବାଦୀ ସଂଗଠନରେ କାମ ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ମିଲିସିଆ ପ୍ଲାଟୁନ କମାଣ୍ଡର ଭାବେ କାର୍ଯ୍ୟରତ ଥିଲେ। ଜିଲାର ପିଡମେଲ ଗ୍ରାମରେ ମାଓବାଦୀଙ୍କ ଦ୍ୱାରା ହୋଇଥିବା ଆକ୍ରମଣରେ ସେ ସାମିଲ ଥିଲେ। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୁକୁମା ପୋଲିସ ସୂଚନା ଦେଇଛି।

## ଭୁରୁଷିଖିମାର ଅଞ୍ଚଳରେ ମାଓବାଦୀ ପୋଷ୍ଟର



**ମୁନିଗୁଡ଼ା, ୯।୭(ରାଧେଶ୍ୟାମ ଅଗ୍ରୱାଲ):** ମୁନିଗୁଡ଼ା ଥାନା ଅନ୍ତର୍ଗତ ଭୁରୁଷିଖିମାର ଛକରେ ମାଓବାଦୀ ବ୍ୟାନର ଓ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ପୂର୍ବରୁ ମାଓବାଦୀମାନେ ପୋଷ୍ଟର ମାରି ସ୍ଥିତି ଜାହିର କରୁଥିବାବେଳେ ଏଥର ପୋଷ୍ଟରରେ ଅତ୍ୟନ୍ତ ଧମକପୂର୍ଣ୍ଣ ଲେଖା ରହିଛି। ଉକ୍ତ ବ୍ୟାନରରେ ଶେରକାପାଡିରୁ ନିୟମଗିରି ପାହାଡ଼କୁ ଯାଉଥିବା ରାସ୍ତା ନିର୍ମାଣ କାମ ବନ୍ଦ କରିବାକୁ ଉଲ୍ଲେଖ ରହିଛି। ସରକାର ଆଦିବାସୀଙ୍କଠାରୁ ଛଡ଼ାଇ ସବୁ ଜଙ୍ଗଲ ଜମି ପୁଞ୍ଜିପତିଙ୍କ ହାତକୁ ଟେକି ଦେଉଛନ୍ତି। ତେଣୁ ସରକାରଙ୍କୁ ବିରୋଧ କରନ୍ତୁ ବୋଲି ମାଓବାଦୀମାନେ ଆହ୍ୱାନ ଦେଇଛନ୍ତି। ନିୟମଗିରି ଓ ଶାଶୁବହୁମାଳି ପର୍ବତରେ ଯେଉ ଦଲାଲମାନେ ବୁଲୁଛନ୍ତି ସେମାନେ ସାବଧାନ ରୁହନ୍ତୁ ବୋଲି ମଧ ଚେତାବନୀ ଦିଆଯାଇଛି। ଏଥିସହିତ ମେ ୧୫ରେ ବନ୍ଦକୁ ଯେଉଁମାନେ ବିରୋଧ କରି ପୋଷ୍ଟର ଲୁଚାଇଛନ୍ତି ସେମାନଙ୍କୁ ପ୍ରଜା କୋର୍ଟରେ ଦଣ୍ଡ ଦିଆଯିବ ବୋଲି ଏଥିରେ ଉଲ୍ଲେଖ ରହିଛି। କେତେଜଣ ଖବରଦାତା, ପୋଲିସ ଓ ପ୍ରଶାସନ ସପକ୍ଷରେ ରହି ଗରିବ ଲୋକଙ୍କୁ ସହଯୋଗ କରୁନାହାନ୍ତି ବୋଲି ଲେଖା ଯାଇଥିବା ପରିଲକ୍ଷିତ ହୋଇଛି। ପୋଷ୍ଟର ଓ ବ୍ୟାନରରେ ସିପିଆଇ (ମାଓବାଦୀ) ବଂଶଧାରା-ଘୁମୁସର-ନାଗାବଳୀ ଡିଭିଜିନାଲ କମିଟି ଲେଖାଯାଇଥିବା ଉଲ୍ଲେଖ ରହିଛି। ଏହି ବ୍ୟାନର ଓ ପୋଷ୍ଟର ନଜରକୁ ଆସିବା ପରେ ପୋଲିସ ପହଞ୍ଚି ସେସବୁକୁ ଜବତ କରିଛି।

# କ୍ରଶରରେ ବ୍ଲାଷ୍ଟିଂ, ଥରିଲା ଗାଁ

**ପାଟଣା, ୯।୭(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ତହସିଲ ଟାଙ୍ଗରପଡ଼ା ଆରଆଇ ସର୍କଲ ଅଧୀନ ଅଙ୍କୁରା ସ୍କୁଲସାହି ତଥା ହୁଡ଼ି ସାହିରେ ଥିବା ଏକ କ୍ରଶରରେ ରବିବାର ବ୍ଲାଷ୍ଟିଂ ବେଳେ ହଠାତ୍ ଗାଁ ଥରି ଉଠିଥିଲା। ବଡ଼ ବଡ଼ ପଥରଖଣ୍ଡ ପାଖ ଘର ଉପରେ ପଡ଼ିଥିଲା। ପ୍ରଚଣ୍ଡ ଶବ୍ଦ ପ୍ରଭାବରେ ୬ରୁ ଊର୍ଦ୍ଧ୍ୱ ଘରର କାନ୍ଥ ଫାଟିବା ସହ ସ୍କୁଲ ଘର ଟାଇଲ ମଧ ଭାଙ୍ଗିଯାଇଛି। ଏ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ କ୍ରଶର ଉଚ୍ଛେଦ ଲାଗି ଅଡି ବସିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଗାଁରେ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହି ଘଟଣାରେ କ୍ରଶରର ୨ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଛନ୍ତି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟା ବେଳେ ଗାଁଠାରୁ ୩ ଶହ ମିଟର ଦୂରରେ ଥିବା କ୍ରଶରରେ ଡିନାମାଇଟ ଲଗାଇ ବ୍ଲାଷ୍ଟିଂ ହୋଇଥିଲା। ବ୍ଲାଷ୍ଟିଂରେ ଗାଁ ଥରି ଉଠିବାରୁ ଲୋକେ ଭୟଭୀତ ହୋଇ ଘରୁ ପଦାକୁ ବାହାରି ଆସିଥିଲେ। ଗ୍ରାମର ଲତା ମହାରଣା ଘରେ ଶୋଇଥିବା ବେଳେ ଟାଇଲ ଘର ଭାଙ୍ଗି ଏକ ବିରାଟ ପଥର ଖଣ୍ଡ ଘର ଭିତରେ ପଡ଼ିଥିଲା। ଫଳରେ


ଘର ଭିତରେ ଥିବା ଖଟରେ ଏକ ପଥର ଖଣ୍ଡ ପଡି ଭାଙ୍ଗିଯାଇଛି।


ଉତ୍ତେଜିତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

## ଫାଟିଲା କାନ୍ଥ, ଭାଙ୍ଗିଲା ଟାଇଲ

- ଘର ଉପରେ ପଡ଼ିଲା ପଥର, ଅଳ୍ପକେ ବର୍ତ୍ତିଲେ ମହିଳା
- ଗାଁରେ ଉତ୍ତେଜନା, ପୋଲିସ ଫୋର୍ସ ମୁତୟନ

ଖଟ ଭାଙ୍ଗିଯାଇଛି। ଅଳ୍ପକେ ଲତା ଆସନ୍ନ ବିପତ୍ତିରୁ ବର୍ତ୍ତି ଯାଇଛନ୍ତି। ଗ୍ରାମର ରମେଶ ମହାରଣା, ରାଜକିଶୋର ନାଏକ, ସମ୍ପତ୍ତି ନାଏକ, ନରତ୍ତୋମ ନାଏକ ଓ ଝୁନୁ ନାଏକଙ୍କ ଛାତ, ଆଜବେଷ୍ଟସ ସହ ଘର କାନ୍ଥ ଫାଟି ଯାଇଛି। ଅଙ୍କୁରା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନୱାଡି ଗୃହ କାନ୍ଥ, ସ୍କୁଲ ଗୃହ ଛାତ, ଟାଇଲ ଭାଙ୍ଗିବା ସହ କାନ୍ଥ ଫାଟିଯାଇଛି। ଘଟଣା ପରେ ଉତ୍ତ୍ୟକ୍ତ ମହିଳା ପୁରୁଷ ଠେଙ୍ଗାବାଡ଼ି ଧରି କ୍ରଶର ଅଭିମୁଖେ ଯାଇଥିଲେ। ଫଳରେ କ୍ରଶର ପରିସରରେ ଥିବା ୧୫ରୁ ଊର୍ଦ୍ଧ୍ୱ କର୍ମଚାରୀ ଭୟଭୀତ ହୋଇ ସ୍ଥାନ ଛାଡ଼ି ପଳାଇଥିଲେ। ଖବର ପାଇ ପାଟଣା ଥାନା ଏସ୍‌ଆଇ ମନୋରମା ସ୍ୱାଇଁ, ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବଶଙ୍କର ଆଲଦା, ଏଏସ୍‌ଆଇ ପଦ୍ମାବତୀ ବିଶ୍ୱାଳଙ୍କ ସହ ଥାନା କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଗାଁରୁ କ୍ରଶର ଉଚ୍ଛେଦ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ପ୍ରଭାବିତଙ୍କ ସହ ବିପିନ ବିହାରୀ ପାତ୍ର, ତପନ ମହାରଣା, ସଞ୍ଜୟ ନାଏକ, ପ୍ରଦୀପ ନାଏକ, ସୁବ୍ରତ ନାଏକ, ମୁନା ନାଏକ, ବାପୁନ ନାଏକ, ରଜତ ନାଏକ ପ୍ରମୁଖ ଦାବି କରିଛନ୍ତି। ଉତ୍ତେଜନାକୁ ଆଖି ଆଗରେ ରଖି ଘଟଗାଁ ଏସ୍‌ଡିପିଓ ଆଲୋକ ଜେନା ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି।

## ଗୋପବନ୍ଧୁ ନଗରରେ ବାଘ ଆତଙ୍କ

**ଗୋପବନ୍ଧୁ ନଗର, ୯।୭ (ଶାନ୍ତନୁ କୁମାର ମଣ୍ଡୁଆଲ)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ବରଡିହି ଅଞ୍ଚଳରେ ବାଘ ଆତଙ୍କ ଦେଖାଦେଇଛି। ରବିବାର ଅପରାହ୍ନରେ ସ୍ଥାନୀୟ ଦେବଗାଁ ଶିବ ମନ୍ଦିର ନିକଟକୁ କେତେଜଣ ସ୍ତ୍ରୀ ଲୋକ ପାଣି ପାଇଁ ଆସିଥିବା ବେଳେ ଏକ ବାଘକୁ ଦେଖି ଦୌଡ଼ି ପଳାଇଥିଲେ। ପରେ ଗାଁ ଲୋକେ ପହଞ୍ଚି କୋଳାହଳ କରିବାରୁ ବାଘଟି ସୋନ ନଦୀ କୂଳରେ ଥିବା ଘଞ୍ଚ ଲଟାବୁଦା ମଧ୍ୟରେ ଲୁଚି ଯାଇଥିଲା। ଖବରପାଇ ବନ କର୍ମଚାରୀମାନେ ଉକ୍ତ ଗାଁରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ବାଘର କୌଣସି ସନ୍ଧାନ ମିଳି ନ ଥିବା କୁଆମରା ଫରେଷ୍ଟର କେ.ଏଲ. ସୋରେନ କହିଛନ୍ତି। ତେବେ ଗାଁ ଭିତରକୁ ମହାବଳ ପଶି ଆସିଥିବା ଗ୍ରାମବାସୀ କହୁଥିବା ବେଳେ ସତ୍ୟତା ନେଇ ସ୍ପଷ୍ଟ ସୂଚନା ମିଳିନାହିଁ।

## ସେବା ଲକ୍ଷ୍ୟରେ ଡାକ୍ତର ଦମ୍ପତିଙ୍କ ମାଗଣା କ୍ଲିନିକ

**ସମ୍ବଲପୁର, ୯।୭(ଶୁଭାଶିଷ ପାଢୀ)**

ସେବା ଲକ୍ଷ୍ୟ ନେଇ ସମ୍ବଲପୁର ମହାନଗର ନିଗମ ସର୍ଲାକାନି (ସମଲେଇ ପଦର)ରେ ରହୁଥିବା ବୁର୍ଲା ଭିମ୍‌ସାରର ଡାକ୍ତର ଦମ୍ପତି ସଞ୍ଜୀବ ମିଶ୍ର ଓ ଗୀତାଞ୍ଜଳି ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ସେମାନେ ନିଜ ଘର ପାଖରେ ଆରୋଗ୍ୟ ନାମକ ଏକ ମାଗଣା କ୍ଲିନିକ ଖୋଲିଛନ୍ତି। ବରଗଡ ଏମ୍‌ପି ସୁରେଶ ପୂଜାରୀ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଡାକ୍ତର ମିଶ୍ର କହିଛନ୍ତି, ଏକ ମାଗଣା କ୍ଲିନିକ ଖୋଲି ସେବା କରିବାକୁ ବହୁଦିନରୁ ଇଚ୍ଛା ଥିଲା। ଭିମ୍‌ସାର ସମୟ ବାହାରେ ଏହି କ୍ଲିନିକରେ ଲୋକଙ୍କୁ ଚିକିତ୍ସା ଦେବା ଲକ୍ଷ୍ୟ ରହିଛି। ଆମ ପଡ଼ା ସହିତ ଆଖପାଖ ଅଞ୍ଚଳରେ ଅଧିକ ବସ୍ତିବାସିନ୍ଦା ବସବାସ କରୁଛନ୍ତି। ସେମାନେ ଦିନ ମଜୁରି ଲାଗି ପରିବାର ପ୍ରତିପୋଷଣ କରନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ ସେମାନେ ଡାକ୍ତରଖାନା ଯାଇ ଖର୍ଚ୍ଚାନ୍ତ ହୋଇଥାନ୍ତି। ସମୟ ମଧ ନଷ୍ଟ ହୋଇଥାଏ। ତେଣୁ ବସ୍ତିବାସିନ୍ଦାଙ୍କୁ ପ୍ରାଥମିକତା ଦେଇ ଏହି କ୍ଲିନିକ ଖୋଲାଯାଇଛି। ସେବା ଦେଲେ ସେମାନଙ୍କ ସମୟ ବଞ୍ଚିବା ସହ ଖର୍ଚ୍ଚାନ୍ତ ହେବେ ନାହିଁ। ସୋମବାରଠାରୁ ଶନିବାର ପ୍ରତିଦିନି ସନ୍ଧ୍ୟା ସାଢେ ୬ଟାରୁ ୮ଟା ପର୍ଯ୍ୟନ୍ତ କ୍ଲିନିକ ଖୋଲା ରହିବ। ଭିମ୍‌ସାରରୁ ଡ୍ୟୁଟି ସାରି ଆସିବା ପରେ ରୋଗୀସଂଖ୍ୟା ବୃଦ୍ଧି ହେଲେ ସମୟ ସୀମାରେ ମଧ ବୃଦ୍ଧି କରାଯିବ। ସୁଲଭ ମୂଲ୍ୟରେ ମିଳୁଥିବା ଔଷଧ ଖାଇବାକୁ ପରାମର୍ଶ ଦିଆଯିବ ବୋଲି ସେ କହିଥିଲେ।


ଆରୋଗ୍ୟ କ୍ଲିନିକ ଉଦ୍‌ଘାଟନ କରାଯାଉଛି।

## ଚୋରା ବନ୍ଧୁକ କାରବାର: ୬ ଗିରଫ


ଜବତ ବନ୍ଧୁକ, ଗୁଳି, ନଗଦ ଟଙ୍କା।

**ସମ୍ବଲପୁର, ୯।୭(ଶୁଭାଶିଷ ପାଢୀ)**

- ୮ ଦେଶୀ ବନ୍ଧୁକ, ୨୨ ରାଉଣ୍ଡ ଗୁଳି ଜବତ
- ବିହାର, ୟୁପିରୁ ଆସୁଥିଲା ବନ୍ଧୁକ

ଚୋରା ବନ୍ଧୁକ କାରବାରରେ ସମ୍ପୃକ୍ତ ୬ ଅପରାଧୀଙ୍କୁ ସମ୍ବଲପୁର ପୋଲିସ ରବିବାର ଭିନ୍ନ ଭିନ୍ନ ଥାନା ଅଞ୍ଚଳରୁ ଗିରଫ କରିଛି। ସେମାନଙ୍କଠାରୁ ୮ଟି ଦେଶୀ ବନ୍ଧୁକ, ୨୨ ରାଉଣ୍ଡ ଗୁଳି, ୬ଟି ମୋବାଇଲ ଫୋନ, ଗୋଟିଏ ବୁଲେଟ୍, ଖଣ୍ଡା, ଗୋଟିଏ ସ୍କୁଟି ଓ ଗୋଟିଏ କାର୍ ସହ ୧ ଲକ୍ଷ ୨୦ ହଜାର ୮୫୦ ନଗଦ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଧନୁପାଲି ଥାନା ମୋତିଝରଣ ଅଞ୍ଚଳର ମହମ୍ମଦ ସମସେର, ମହମ୍ମଦ ମୋସିମ, ଝାରସୁଗୁଡା ସଦର ଥାନା ଅଞ୍ଚଳର ମୁନୁ ପାଣ୍ଡେ, ଝାରସୁଗୁଡା ଡବଲିଂ କଲୋନୀର ମୋହିତ ପାଶୱାନ, ଅଇଁଠାପାଲି ଥାନା ଅଞ୍ଚଳର ସନ୍ତୋଷ ମହାରଣା, ବରଗଡ଼ ଜିଲା ଅତାବିରା ଅଞ୍ଚଳର ମହମ୍ମଦ ଅହମ୍ମଦ। ଏମାନେ ରାଜ୍ୟ ବାହାରୁ ବିଶେଷକରି ଉତ୍ତରପ୍ରଦେଶ ଓ ବିହାର ଅଞ୍ଚଳରୁ ବନ୍ଧୁକ ଆଣି ବିକ୍ରି କରିବା ସହ ଆପରାଧିକ କାର୍ଯ୍ୟରେ ବ୍ୟବହାର କରୁଥିଲେ ବୋଲି ଏସ୍‌ପି ଅଫିସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି। ସେ ଆହୁରି କହିଛନ୍ତି, ଚୋରା ବନ୍ଧୁକ କାରବାର ନେଇ ସୂଚନା ଆସିବା ପରେ ପୋଲିସ ଟିମ୍ ବିଭିନ୍ନ ଥାନା ଅଞ୍ଚଳରେ ଚଢାଉ କରିଥିଲା। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଅପରାଧ ନିୟନ୍ତ୍ରଣ ପାଇଁ ଜିଲା ପୋଲିସ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିଛି। ଆଗକୁ ମଧ ଏହା ଜାରି ରହିବ। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ। ଅଭିଯୁକ୍ତ ମହମ୍ମଦ ସମସେରଙ୍କ ନାମରେ ପୂର୍ବରୁ ଧନୁପାଲି, ଟାଉନ, ଠେଲକୋଲି ଥାନାରେ ୧୧ଟି ମାମଲା ରହିଛି। ସେହିପରି ମୁନୁ ପାଣ୍ଡେଙ୍କ ନାଁରେ ଝାରସୁଗୁଡ଼ା ଓ ବଡ଼ମାଲ ଥାନାରେ ୩ଟି ମାମଲା ରହିଛି ବୋଲି ସେ କହିଥିଲେ।

## ପଥର ଖସି ୨ ଶ୍ରମିକଙ୍କ ମୃତ୍ୟୁ

**ଭବାନୀପାଟଣା, ୯।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ରବିବାର ଅପରାହ୍ନରେ ଡଙ୍ଗରୀରୁ ହଠାତ ଏକ ପଥର ଖସିଯିବାରୁ ତଳେ ବସିଥିବା ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଅଲାଭଟା ଗ୍ରାମର ମୁକୁନ୍ଦ ପରାଭୋଇ (୫୫) ଓ ରାଜକୁମାରୀ ନାଏକ (୩୦)। ବର୍ଷା ଯୋଗୁ ଡଙ୍ଗରୀ ସାରା ଓଦାଳିଆ ହୋଇଥିବା ବେଳେ ଅପରାହ୍ନରେ ହଠାତ ଏକ ବଡ଼ପଥର ତଳକୁ ଖସି ପଡିଥିଲା। ଡଙ୍ଗରୀ ତଳେ ବସିଥିବା ମୁକୁନ୍ଦ ଓ ରାଜକୁମାରୀଙ୍କ ଉପରେ ପଥର ପଡିବାରୁ ଉଭୟଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ଘଟଣାସ୍ଥଳରେ ଜୟପାଟଣା ଅଗ୍ନିଶମ ବିଭାଗ ଓ ପୋଲିସ ପହଞ୍ଚି ମୃତଦେହ ଜବତ କରି ସ୍ଥାନୀୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ଅନାଥ ଉତ୍କଳିକାଙ୍କ ହାତ ଧରିଲେ ଜୟକୃଷ୍ଣ

**ଭଦ୍ରକ, ୯।୭(ସନାତନ ରାଉତ)**

ଭଦ୍ରକ ଚରମ୍ପା ନିକଟସ୍ଥ ଏରେଇଁସ୍ଥିତ ନିଖିଳ ଉତ୍କଳ ହରିଜନ ସେବାସଂଘ ଦ୍ୱାରା ପରିଚାଳିତ ଉଜ୍ୱଳା ପୁନଃ ଥଇଥାନ କେନ୍ଦ୍ରରେ ଅନାଥ ଝିଅ ଉତ୍କଳିକାଙ୍କ ବାହାଘର ରବିବାର ସମ୍ପନ୍ନ ହୋଇଛି। ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ବୈଁଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁରର ଲକ୍ଷ୍ମଣ ବିନ୍ଧାଣୀଙ୍କ ପୁଅ ଜୟକୃଷ୍ଣ ଉତ୍କଳିକାଙ୍କ ହାତ ଧରିଛନ୍ତି। ବୈଦିକ ରୀତିରେ ସେମାନଙ୍କ ବିବାହ ଅନୁଷ୍ଠିତ ହୋଇଛି। ସେଠାରେ ଉପସ୍ଥିତ ଥିବା ମହିଳା ସୁରକ୍ଷା ଅଧିକାରିଣୀ ଚନ୍ଦ୍ରା ସାହୁଙ୍କ ମୋବାଇଲକୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଭିଡିଓ କଲ୍ କରି ବାହାଘର ଦେଖିବା ସହ ବରକନ୍ୟାଙ୍କୁ ଆଶୀର୍ବାଦ କରିଥିଲେ।

### ଭିଡିଓ କଲ୍‌ରେ ବାହାଘର ଦେଖିଲେ ଜିଲାପାଳ


ଉତ୍କଳିକା ଓ ଜୟକୃଷ୍ଣଙ୍କ ବିବାହ।

ଉତ୍କଳିକା ଜଣେ ମୂକ ଝିଅ ହୋଇଥିବା ବେଳେ ୨୦୧୭ରେ ଭଦ୍ରକ ସହରରେ ବୁଲୁଥିବା ସମୟରେ ତତ୍କାଳୀନ ଜିଲା ସାମାଜିକ ମଙ୍ଗଳ ଅଧିକାରୀ ତାଙ୍କୁ ଉଦ୍ଧାର କରି ଉଜ୍ୱଳା କେନ୍ଦ୍ରକୁ ହସ୍ତାନ୍ତର କରିଥିଲେ। ଏବେ ତାଙ୍କ ବୟସ ୨୩ ବର୍ଷ। ସେ ବିବାହ ପାଇଁ ଇଚ୍ଛା ପ୍ରକାଶ କରିବାରୁ କେନ୍ଦ୍ରର ସଭାପତି ରମେଶ ଚନ୍ଦ୍ର ଦୀକ୍ଷିତ ବରପାତ୍ର ଯୋଗାଡ଼ କରି ଜିଲା ପ୍ରଶାସନକୁ ଜଣାଇବା ପରେ ବାହାଘର କରାଇଥିବା କହିଛନ୍ତି। କନ୍ୟାପିତା ଭାବେ ଉଜ୍ୱଳା ହୋମ୍‌ର ହରେକୃଷ୍ଣ ବେହେରା ଦାୟିତ୍ୱ ତୁଲାଇଥିଲେ। ମହିଳା ସୁରକ୍ଷା ବିଭାଗର ସୁପରଭାଇଜର ରଶ୍ମିତା ନାୟକ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ ଓ ମନୋଜ କୁମାର ସାହୁ ଉପସ୍ଥିତ ଥିଲେ। କେନ୍ଦ୍ରର ଇନ୍‌ଚାର୍ଜ ଉଷାରାଣୀ ବେହେରା, ହରେକୃଷ୍ଣ ବେହେରା, ଗୌରାଙ୍ଗ ଚନ୍ଦ୍ର ମହାରଣା ପ୍ରମୁଖ ବାହାଘରରେ ସହଯୋଗ କରିଥିଲେ। ଏହି ବାହାଘରକୁ ନେଇ ଉତ୍କଳିକାଙ୍କ ସମେତ କେନ୍ଦ୍ରର ଅନ୍ତେବାସିନୀମାନେ ଖୁସିବ୍ୟକ୍ତ କରିଛନ୍ତି।

> ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ– ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା'ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ। –ଶ୍ରୀମା



# ଜଣେ ହେଉ ବା ୩୫

ଆଧୁନିକ ନିର୍ବାଚନ ରାଜନୀତିରେ ହିଂସା ଦୀର୍ଘବର୍ଷରୁ ଚାଲିଆସିଛି। ବିଧିବଦ୍ଧ ଭାବରେ ଜରୁରିକାଳୀନ ପରିସ୍ଥିତି ବେଳେ ସଞ୍ଜୟ ଗାନ୍ଧୀ ବିଭିନ୍ନ ରାଜ୍ୟରେ ଗୁଣ୍ଡାଶ୍ରେଣୀୟ ଓ ଅସାମାଜିକ ବ୍ୟକ୍ତିମାନଙ୍କୁ କଂଗ୍ରେସ ଦଳରେ ନିମନ୍ତ୍ରଣ ଦେଇ ସଭ୍ୟ କରାଉଥିଲେ। ତାହା ଖୋଲି ଦେଇଥିଲା ଏହିଭଳି ଲୋକଙ୍କ ପାଇଁ ରାଜନୀତିର ଦ୍ୱାର। ଏହା ୯୦ ଦଶନ୍ଧିରେ ବୃଦ୍ଧି ପାଇ ଅନ୍ୟସବୁ ଦଳକୁ ଗ୍ରାସ କରିଥିଲା। ସେତେବେଳେ ବିହାର, ଉତ୍ତରପ୍ରଦେଶ ଭଳି ରାଜ୍ୟରେ ଅସାମାଜିକ ବ୍ୟକ୍ତିମାନଙ୍କୁ ନେତାମାନେ ପୋଷି ନିଜ ଲକ୍ଷ୍ୟ ପୂରଣ କଲେ। ଯେତେବେଳେ ଗୁଣ୍ଡାମାନେ ଜାଣିଲେ ଯେ ସେମାନଙ୍କ ବଳ ନେତାଙ୍କୁ ବିଜୟ ଆଣିଦେଉଛି ସେତେବେଳେ ସେମାନେ ପ୍ରତ୍ୟକ୍ଷ ରାଜନୀତିରେ ଯୋଗଦେଇ ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହେଲେ। ବିହାରର ମହମ୍ମଦ ଶାହାବୁଦ୍ଦିନ ଓ ପପୁ ଯାଦବଙ୍କ ନାମ ଅପରାଧୀ ରାଜନେତା ଭାବେ ଜଣାଶୁଣା। କିନ୍ତୁ ତାହା ସେମାନଙ୍କ ଅଞ୍ଚଳ ଭିତରେ ସୀମିତ ଥିଲା। ଏବର ସ୍ଥିତିରେ ହିଂସାର ଧାରା ବଦଳିଯାଇଛି। ଏହି ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନକୁ ଦେଖିଲେ ୮ ଜୁଲାଇରେ ନିର୍ବାଚନୀ ହିଂସାରେ ଗୋଟିଏ ଦିନରେ ୧୮ ଜଣଙ୍କ ମୃତ୍ୟୁ ଘଟିଯାଇଛି। ଏମାନଙ୍କ ମଧ୍ୟରେ ଶାସକ ତୃଣମୂଳ କଂଗ୍ରେସ(ଟିଏମ୍‌ସି)ରୁ ୧୦ ଜଣ ହୋଇଥିବାବେଳେ ଭାଜପାରୁ ୩, ସିପିଆଇ(ଏମ୍)ରୁ ୨, କଂଗ୍ରେସରୁ ୩ କର୍ମୀ ରହିଛନ୍ତି। ଏଥିରୁ ବୁଝାପଡ଼େ ଯେ, ଶାସକ ଟିଏମ୍‌ସି ଗୁଣ୍ଡାମିର ଶିକାର ମଧ୍ୟ ହୋଇଥାଇପାରେ। ତେବେ ହିଂସାଜନିତ ମୃତକଙ୍କ ସଂଖ୍ୟା ଅଧିକ ହେବ ବୋଲି ବେସରକାରୀ ଭାବେ କୁହାଯାଉଛି। ଯଦି ଜୁନ୍ ୮ର ପଞ୍ଚାୟତ ନିର୍ବାଚନ ବିଜ୍ଞପ୍ତି ଦିନରୁ ହିସାବ କରାଯାଏ ସରକାରୀ ଭାବେ ୩୫ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏଭଳି ହିଂସାକାଣ୍ଡ ପଛରେ ଟିଏମ୍‌ସି, ଭାଜପା, କଂଗ୍ରେସ ଓ ବାମଦଳର ସମ୍ପୃକ୍ତି ରହିଥିବା ସାମାଜିକ ଗଣମାଧ୍ୟମରେ କୁହାଯାଉଛି।

ପଶ୍ଚିମବଙ୍ଗରେ ଶାସକ ଟିଏମ୍‌ସି ପଞ୍ଚାୟତ ଭୋଟ ବେଳେ ହିଂସାତ୍ମକ ଆଚରଣ ପ୍ରଦର୍ଶନ କରିବା ଆଶଙ୍କାରେ କେନ୍ଦ୍ର ସରକାର ସେଠାରେ ଅର୍ଦ୍ଧସାମରିକ ବାହିନୀ ମୁତୟନ କରିବା ଲାଗି ନିଷ୍ପତ୍ତି ନେଇଥିଲା। ଏକ ସଂଘୀୟ ବ୍ୟବସ୍ଥାରେ ରାଜ୍ୟର ଅନୁମତି ନ ନେଇ କେନ୍ଦ୍ର ସରକାର ମନମାନି କରୁଥିବା ଅଭିଯୋଗ ଆଣି ମମତା ବାନାର୍ଜୀ ସରକାର ଭାଜପାକୁ ସମାଲୋଚନା କରିଥିଲା। ଏହି ବିଷୟ କାଲ୍‌କାଟା ହାଇକୋର୍ଟକୁ ଯାଇଥିଲା। ଅର୍ଦ୍ଧସାମରିକ ବାହିନୀକୁ ପଞ୍ଚାୟତ ନିର୍ବାଚନରେ ନିୟୋଜିତ କରାଯିବା ନେଇ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭର୍ତ୍ସନା କରିଥିଲେ। ସେହି ଅନୁଯାୟୀ ରାଜ୍ୟର ସମୁଦାୟ ୬୧ ହଜାର ବୁଥ୍‌ରେ କେନ୍ଦ୍ରୀୟ ବାହିନୀର ୧୫ ହଜାର ଯବାନଙ୍କୁ ମୁତୟନ କରାଯାଇଥିବା ସୂଚନା ମିଳିଛି। ସଂଖ୍ୟାକୁ ଦେଖିଲେ ନିଶ୍ଚିତ ଭାବେ ପ୍ରତି ବୁଥ୍‌ରେ କେନ୍ଦ୍ରୀୟ ବାହିନୀର ଉପସ୍ଥିତି ନ ଥିବ। ଏହାଛଡ଼ା ସାଧାରଣତଃ ଦେଖାଯାଇଥାଏ ଯେ, ରାଜ୍ୟ ପୋଲିସ ସହ ଅର୍ଦ୍ଧସାମରିକ ବାହିନୀର ତାଳମେଳ ରହେ ନାହିଁ। ଏଥିସହିତ ମନେରଖିବାକୁ ହେବ ଯେ, କେନ୍ଦ୍ରରୁ ସଶସ୍ତ୍ର ବାହିନୀ ଆସିଗଲେ ନିର୍ବାଚନ ନିରପେକ୍ଷ ହେବ ବୋଲି କୁହାଯାଇପାରିବ ନାହିଁ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମୟରେ ଏହିଭଳି କେନ୍ଦ୍ରୀୟ ବାହିନୀ ମୁତୟନ ହୋଇଥିଲା। ପରବର୍ତ୍ତୀ ସମୟରେ ଜଣାପଡ଼ିଲା ଯେ, କେବଳ ଟିଏମ୍‌ସି କର୍ମୀମାନଙ୍କୁ ଗୁଳିକରି ହତ୍ୟା କରାଯାଇଛି। କେନ୍ଦ୍ରୀୟ ବାହିନୀର କମାଣ୍ଡରମାନଙ୍କୁ ନିରପେକ୍ଷ ହେବା ପାଇଁ ପ୍ରୋତ୍ସାହନ ଦିଆଯାଏ ନାହିଁ। ଅପରପକ୍ଷରେ କେନ୍ଦ୍ରରେ ଯେଉଁ ଦଳ ଶାସନ କରୁଥାଏ, ତାହାର ରାଜ୍ୟ ଶାଖାକୁ ସମର୍ଥନ କରିବାର ଦାୟିତ୍ୱ ଏହି କେନ୍ଦ୍ରୀୟ ପୋଲିସ ବାହିନୀ ନିଜ ହାତକୁ ନେଲାଭଳି ମନେହୁଏ।

ଦେଖିବାକୁ ଗଲେ ସ୍ଥାନୀୟ ପୋଲିସର ନିଜ ଅଞ୍ଚଳ ଉପରେ ଯଥେଷ୍ଟ ଧାରଣା ଥିବାରୁ ଗଣ୍ଡଗୋଳ ରୋକିବା ଲାଗି ସେମାନଙ୍କ ପାଇଁ ସହଜ ହୋଇଥାଏ। ଅନ୍ୟପକ୍ଷରେ କେନ୍ଦ୍ରୀୟ ବାହିନୀରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯବାନମାନେ ସ୍ଥାନୀୟ ଚାହିଦାକୁ ମେଣ୍ଟାଇବା କଷ୍ଟକର ବ୍ୟାପାର। ଟିଏମ୍‌ସି ମୁଖପାତ୍ର କୁନାଲ ଘୋଷ କହିଛନ୍ତି, ହିଂସାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଶାସକ ଦଳର ଅଧିକାଂଶ ରହିଛନ୍ତି। କେନ୍ଦ୍ର କୌଶଳ କରି ଅର୍ଦ୍ଧସାମରିକ ବାହିନୀକୁ ପଞ୍ଚାୟତ ନିର୍ବାଚନରେ ନିୟୋଜିତ କଲା। ତଥାପି ଆଇନ ଶୃଙ୍ଖଳା ବଜାୟ ରଖିବାରେ ଏହା ବିଫଳ ହୋଇଛି।

୨୦୨୪ରେ ଲୋକ ସଭା ନିର୍ବାଚନ ଥିବାରୁ ଏବେଠାରୁ ପ୍ରତ୍ୟେକ ରାଜନୈତିକ ଦଳ ଅଧିକ ଆସନ କିଭଳି ଜିତିବେ ସେଥିଲାଗି ରଣକୌଶଳ ଅନୁସରଣ କରୁଛନ୍ତି। ଭୋଟ ନିର୍ବାଚନରେ ଦଳଗୁଡ଼ିକ ଉଚ୍ଚାକାଂକ୍ଷା ରଖିବା ସ୍ୱାଭାବିକ। କିନ୍ତୁ ହିଂସାତ୍ମକ କାଣ୍ଡ ଉପୁଜାଇବା ସହ ଭୋଟରଙ୍କୁ ଭୟଭୀତ କରି ନିର୍ବାଚନ ଜିତିବାକୁ ଚାହୁଁଥିବା ଦଳ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଦୀର୍ଘମିଆଦୀ କ୍ଷତି ପହଞ୍ଚାଇଥାଏ। କୁହାଯାଉଛି, ଯିଏ ଯେଉଁଠାରେ କ୍ଷମତାରେ ରହିଛନ୍ତି ସେହି ଦଳ ହାତରେ ପୋଲିସ ଓ ପ୍ରଶାସନିକ କଳ ଥିବାରୁ ସେସବୁର ଅପବ୍ୟବହାର କରି ଫାଇଦା ନେବାକୁ ଚାହିଁଥାଆନ୍ତି। ଏହା ସତ୍ତ୍ୱେ ଅନେକ କ୍ଷେତ୍ରରେ ଶାସକ ଦଳ ହାରି ନୂଆ ଦଳ କ୍ଷମତାକୁ ଆସିଥାଆନ୍ତି। ରାଜନୈତିକ ହିଂସା ଦେଖିବାକୁ ଗଲେ କେନ୍ଦ୍ରରେ ଶାସନ କରୁଥିବା ଭାଜପା ଦେଶବ୍ୟାପୀ ଅଧିକ ହିଂସା ଏବଂ ଦ୍ୱେଷ ଭିଆଉଛି। ଜଣେ ହେଉ ବା ୩୫ ଲୋକଙ୍କ ଜୀବନ ଯିବା ଓ ହିଂସା ଭିଆଇବା କାର୍ଯ୍ୟ ମଧ୍ୟ ସବୁ ଦଳ କରୁଛନ୍ତି। ଏଥିରେ କେହି ଗୋଟେ ସନ୍ଥ ବୋଲି କହିହେବ ନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜୁଲାଇ ୧୯୯୮

- କ୍ୟୁସୁ ଦ୍ୱୀପର କାଗୋସୀମା ଉତ୍‌କ୍ଷେପଣ କେନ୍ଦ୍ରରୁ ମଙ୍ଗଳଗ୍ରହକୁ ଜାପାନୀ ମହାକାଶଯାନ 'ପ୍ଲାନେଟ–ବି' ସଫଳତାର ସହ ପ୍ରେରଣ।
- ୧୦ ଦଫା ଦାବି ଉପସ୍ଥାପନ କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ଡାକ କର୍ମଚାରୀଙ୍କ ଦେଶବ୍ୟାପୀ ଧର୍ମଘଟ।
- ସମତା ପାର୍ଟିର ଜାତୀୟ ସାଧାରଣ ସମ୍ପାଦକ ପଦରୁ ବ୍ରିଶେନ ପଟେଲଙ୍କ ଇସ୍ତଫା ପ୍ରଦାନ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | 9 | 5 |
| | | | 6 | | | 3 | | |
| | | 9 | | | | | | |
| | 5 | | 1 | | 9 | 4 | | 6 |
| | 9 | | | | 7 | | | |
| | 3 | 6 | | | | | | |
| | | | | | 2 | | | 1 |
| | | 4 | | | | 5 | | |
| 5 | 1 | 7 | | | | 6 | | 3 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 5 | 7 | 8 | 3 | 6 | 9 | 2 |
| 3 | 6 | 7 | 2 | 9 | 5 | 1 | 8 | 4 |
| 9 | 8 | 2 | 6 | 1 | 4 | 5 | 3 | 7 |
| 6 | 2 | 9 | 3 | 7 | 1 | 8 | 4 | 5 |
| 7 | 5 | 4 | 8 | 6 | 9 | 3 | 2 | 1 |
| 8 | 1 | 3 | 4 | 5 | 2 | 9 | 7 | 6 |
| 4 | 9 | 6 | 1 | 3 | 7 | 2 | 5 | 8 |
| 2 | 3 | 1 | 5 | 4 | 8 | 7 | 6 | 9 |
| 5 | 7 | 8 | 9 | 2 | 6 | 4 | 1 | 3 |

ଗତକାଲିର ଉତ୍ତର

# ମତ୍ସ୍ୟସମ୍ପଦ ସମୃଦ୍ଧ ଓଡ଼ିଶା



ପ୍ରକାଶ ତ୍ରିପାଠୀ

ଜୁଲାଇ ୧୦ରେ ଭାରତୀୟ ମତ୍ସ୍ୟକ୍ଷେତ୍ରକୁ ଏକ ଉଲ୍ଲେଖନୀୟ ସଫଳତା ମିଳିଥିଲା ଓ ଏହା ଓଡ଼ିଶା ମାଟିରେ ସମ୍ପନ୍ନ ହୋଇଥିଲା। ୧୯୫୭ ଜୁଲାଇ ୧୦ ଦିନ ଅବିଭକ୍ତ ଢେଙ୍କାନାଳ ଜିଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଭାରତର ବିଶିଷ୍ଟ ମତ୍ସ୍ୟବିଜ୍ଞାନୀ ଡ. କେ.ଏଚ୍. ଆଲିକୁନି ଏବଂ ଡ. ହୀରାଲାଲ ଚୌଧୁରୀଙ୍କ ପ୍ରଚେଷ୍ଟା ତଥା ତତ୍କାଳୀନ ଓଡ଼ିଶା ମତ୍ସ୍ୟ ନିର୍ଦ୍ଦେଶକ ଡ. ଗଜେନ୍ଦ୍ର ନାଥ ମିତ୍ରଙ୍କ ସହଯୋଗରେ ଆମ ଦେଶକୁ ଏହି ଐତିହାସିକ ସଫଳତା ମିଳିଥିଲା। ଉକ୍ତ ମହତ୍ତ୍ୱପୂର୍ଣ୍ଣ ଐତିହାସିକ ସଫଳତାକୁ ମନେରଖିବା ପାଇଁ ଏହି ଦିନଟିକୁ ସାରା ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଇଥାଏ। ଦେଶର ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀ/ ମତ୍ସ୍ୟ ଉଦ୍ୟୋଗୀ ଓ ମତ୍ସ୍ୟ ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଅବଦାନକୁ ସ୍ମରଣ କରାଯିବା ସହ ଏହି କ୍ଷେତ୍ରକୁ ନୂତନ ଜ୍ଞାନକୌଶଳ ଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟଲକ୍ଷ୍ୟ। ଏକ ସହନଶୀଳ ମାଛବଂଶ ବୃଦ୍ଧି ସହ ସୁସ୍ଥ ପାରିବେଶିକ ଜଳସମ୍ପଦର ସୁରକ୍ଷା ଓ ଏଥିସହ ସମ୍ପୃକ୍ତ ପରିବାରଙ୍କ ଆର୍ଥିକ ବିକାଶକୁ ଗୁରୁତ୍ୱ ପ୍ରଦାନ ଏହି ଦିବସ ପାଳନର ଯଥାର୍ଥତାକୁ ପ୍ରତିପାଦନ କରିଥାଏ।

୭.୦୪ ଲକ୍ଷ ହେକ୍ଟର ମଧୁର ଜଳ କ୍ଷେତ୍ର, ୪.୧୮ ଲକ୍ଷ ହେକ୍ଟର ଖାରିଜଳ କ୍ଷେତ୍ର ଓ ସର୍ବୋପରି ୪୮୦ କିମି ଉପକୂଳ ଅଞ୍ଚଳକୁ ନେଇ ଓଡ଼ିଶା ମତ୍ସ୍ୟ ସମ୍ପଦ ସମୃଦ୍ଧ। ଏବେ ପ୍ରାୟ ଦଶଟି ପ୍ରଜାତିର ମାଛ ଚାଷ ହେଉଥିବା ବେଳେ ତିନି ଦଶନ୍ଧି ପୂର୍ବରୁ ମାଛଚାଷ କହିଲେ କେବଳ ରୋହି, ଭାକୁର ଓ ମିରିକାଳୀ ମାଛଚାଷକୁ ବୁଝାଯାଉଥିଲା। ଏହି ତିନି ଜାତିର ମାଛକୁ ସାଧାରଣତଃ କାର୍ପ ମାଛ କୁହାଯାଇଥାଏ। କୃତ୍ରିମ ପ୍ରଜନନ ମାଧ୍ୟମରେ ମାଛ ଯାଆଁଳ ଉତ୍ପାଦନ ହେବା ପୂର୍ବରୁ ନଦୀ ସ୍ରୋତରୁ ମାଛ ଯାଆଁଳ ସଂଗ୍ରହ କରାଯାଇ ଚାଷୀମାନଙ୍କୁ ମାଛଚାଷ ନିମନ୍ତେ ଯୋଗାଇ ଦିଆଯାଉଥିଲା। ସାଧାରଣତଃ କାର୍ପ ଜାତୀୟ ମାଛମାନେ ସ୍ଥିର ଜଳରେ ଅଣ୍ଡା ଦିଅନ୍ତି ନାହିଁ। ପ୍ରବହମାନ ନଦୀର ଧାରରେ ସେମାନେ ବର୍ଷାଋତୁ ଆଗମନରେ ପ୍ରଜନନ କାର୍ଯ୍ୟ ସମ୍ପନ୍ନ କରିଥାନ୍ତି। ବାହ୍ୟ ଗର୍ଭାଧାନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଅଣ୍ଡାଗୁଡ଼ିକ ନଦୀଜଳର ସ୍ରୋତରେ ଭାସିବୁଲନ୍ତି ଓ କ୍ରମେ ଏଥିରୁ ମାଛ ଯାଆଁଳଗୁଡ଼ିକ ସୃଷ୍ଟି ହୋଇଥାନ୍ତି। ଏହି କ୍ଷୁଦ୍ର ମାଛ ଯାଆଁଳକୁ ସଂଗ୍ରହ କରାଯାଇ ମତ୍ସ୍ୟଚାଷୀଙ୍କୁ ବିତରଣ କରାଯାଉଥିଲା। ନଦୀଜଳରୁ ସଂଗୃହୀତ ଏହି ମାଛ ଯାଆଁଳକୁ ନେଇ ଚାଷ କରୁଥିବା ମାଛଚାଷୀମାନେ ବିଶେଷ ଲାଭବାନ ହେଉ ନ ଥିଲେ। କାରଣ ଏଥିରେ ବିଭିନ୍ନ ପ୍ରଜାତିର ମାଛ ଯାଆଁଳ ରହୁଥିଲା ଓ ସବୁ ଯାଆଁଳ ଉନ୍ନତ ବା ରୋଗମୁକ୍ତ ନ ଥିଲେ। ମାଛଚାଷୀମାନଙ୍କୁ କିପରି ଉନ୍ନତ, ସ୍ୱାସ୍ଥ୍ୟକର ଓ ନୀରୋଗ ଯାଆଁଳ ଯୋଗାଇ ଦିଆଯାଇପାରିବ ସେଥିପାଇଁ ମତ୍ସ୍ୟବିଜ୍ଞାନୀମାନେ ଗବେଷଣା ଆରମ୍ଭ କରିଥିଲେ। ଯାଆଁଳ ଉତ୍ପାଦନ କେନ୍ଦ୍ରଗୁଡ଼ିକରେ(ହ୍ୟାଚେରି) ପ୍ରଭାବିତ ପ୍ରଜନନ ପ୍ରକ୍ରିୟାରେ ଅଧିକ ଅମଳକ୍ଷମ ଓ ଲୋକପ୍ରିୟ ମାଛ ରୋହି, ଭାକୁର ଓ ମିରିକାଳୀ ମାଛ ଯାଆଁଳ ଉତ୍ପାଦନ ପାଇଁ ଗବେଷଣାକୁ ତ୍ୱରାନ୍ୱିତ କରାଯାଇଥିଲା। କୃତ୍ରିମ ପ୍ରଜନନ ହେଉଛି ମାଛଙ୍କ ଦେହରେ ଏକ ନିର୍ଦ୍ଦିଷ୍ଟ ହରମୋନ ପ୍ରୟୋଗ କରାଯାଇ, କୃତ୍ରିମ ଉପାୟରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରଜନନ ଅନୁକୂଳ ପରିବେଶ ସୃଷ୍ଟିକରି ଅଣ୍ଡାଦାନ ପ୍ରକ୍ରିୟାକୁ ସମ୍ପନ୍ନ କରିବା। ମାଛଙ୍କଠାରେ ପିଟୁଇଟାରୀ ଗ୍ରନ୍ଥିରୁ ସଂଗୃହୀତ ରସ ମାଧ୍ୟମରେ କୃତ୍ରିମ ପ୍ରଜନନ ପରୀକ୍ଷା ଆରମ୍ଭ ହୁଏ ଅର୍ଜେଣ୍ଟିନାରେ ୧୯୩୦ରେ ଜୀବବିଜ୍ଞାନୀ ବି.ଏ. ହୁସେଙ୍କ ଦ୍ୱାରା। ପରେ ୧୯୩୪ରେ ଏହା ଉପରେ ସଫଳତା ମିଳେ ବ୍ରାଜିଲକୁ। ଭାରତରେ କୃତ୍ରିମ ପ୍ରଜନନ କାର୍ଯ୍ୟ ଆରମ୍ଭହୁଏ ୧୯୩୭ରେ। ବୈଜ୍ଞାନିକ ହାମିଦ ଖାନ୍ ମିରିକାଳୀ ମାଛ ଉପରେ ଏହାକୁ ପ୍ରୟୋଗ କରିଥିଲେ। ୧୯୫୫ରେ ଡ. ହୀରାଲାଲ ଚୌଧୁରୀ ଦଣ୍ଡକିରି ମାଛରେ ଏହା ପ୍ରୟୋଗ କରିଥିଲେ। ଇତିମଧ୍ୟରେ ଅନେକ ଦଶକ ବିତିଯାଇଛି ଓ ମାଛର କୃତ୍ରିମ ପ୍ରଜନନରେ ଅନେକ ଉନ୍ନତୀକରଣ ଓ ପାରଦର୍ଶିତା ହାସଲ କରାଯାଇପାରିଛି। ମାଛ ଉତ୍ପାଦନ ବୃଦ୍ଧି ନିମନ୍ତେ ପର୍ଯ୍ୟାପ୍ତ ଉନ୍ନତ ମାଛ ଯାଆଁଳର ଆବଶ୍ୟକତା ରହିଛି ଓ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଅନେକ ପଦକ୍ଷେପ ନେଇଛନ୍ତି। କେବଳ ବର୍ଷାଋତୁ ନୁହେଁ, ତା ପୂର୍ବରୁ ଓ ବର୍ଷ ସାରା ସରକାରୀ ତଥା ଘରୋଇ ଫାର୍ମରୁ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗପୂର୍ବକ ମାଛ ଯାଆଁଳ ଉତ୍ପାଦନ କରାଯାଇ ମାଛଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି। ବିଗତ ଚାରି ବର୍ଷ ମଧ୍ୟରେ ମାଛ ଯାଆଁଳ ଉତ୍ପାଦନ ୯୪.୭୨ କୋଟିରୁ ୨୭୮.୬୩ କୋଟିରେ ପହଞ୍ଚିଛି। ଆମ ରାଜ୍ୟରେ ମାଛ ଉତ୍ପାଦନ ପ୍ରାୟ ୪୦% ବୃଦ୍ଧି ପାଇ ୨୦୧୮–୧୯ରେ ୭.୫୯ ଲକ୍ଷ ମେଟ୍ରିକ ଟନ୍‌ରୁ ୨୦୨୨–୨୩ରେ ୧୦.୫୨ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ୨୦୦୧ରେ ମତ୍ସ୍ୟ ଉତ୍ପାଦନରେ ଅଷ୍ଟମ ସ୍ଥାନରେ ଥିବା ଓଡ଼ିଶା ଏବେ ଦେଶରେ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇପାରିଛି।



ଜାତୀୟ ମତ୍ସ୍ୟଚାଷୀ ଦିବସ ଉପଲକ୍ଷେ

ଓଡ଼ିଶାର ପ୍ରାୟ ୧୫ ଲକ୍ଷ ଲୋକ ମତ୍ସ୍ୟକ୍ଷେତ୍ର ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ। ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରୋତ୍ସାହନ ତଥା ମତ୍ସ୍ୟଚାଷୀଙ୍କ ସଫଳ ଉଦ୍ୟମ ଓ ନିଷ୍ଠାପର ମନୋଭାବ ଯୋଗୁ ଆମ ରାଜ୍ୟ ମାଛ ଉତ୍ପାଦନରେ କ୍ରମାଗତ ପ୍ରଗତି ହାସଲ କରିଚାଲିଛି। ଖାଦ୍ୟ ନିରାପତ୍ତା, ଜୀବିକା ସୁରକ୍ଷା, ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀଙ୍କ କଲ୍ୟାଣ ଓ ନିଯୁକ୍ତି ସୃଷ୍ଟି ପାଇଁ ଜଳକୃଷିର ବିକାଶ ଓ ମତ୍ସ୍ୟ ସମ୍ପ୍ରସାରଣ କ୍ଷେତ୍ରରେ ଓଡ଼ିଶା ନିଜକୁ ପ୍ରତିଷ୍ଠିତ କରିପାରିଛି। ଓଡ଼ିଶାରେ ମୁଣ୍ଡପିଛା ବାର୍ଷିକ ମାଛ ବ୍ୟବହାର ଜାତୀୟ ହାରଠାରୁ ଢେର ଅଧିକ। ଜାତୀୟ ସ୍ତରରେ ଏହା ବାର୍ଷିକ ୬.୩୧ କିଲୋଗ୍ରାମ ଥିଲାବେଳେ ଆମ ରାଜ୍ୟରେ ୧୭.୬୩ କିଲୋଗ୍ରାମ ଅଛି। ବୈଦେଶିକ ମୁଦ୍ରା ଅର୍ଜନରେ ମଧ୍ୟ ଓ ମତ୍ସ୍ୟ କ୍ଷେତ୍ରର ପ୍ରମୁଖ ଭୂମିକା ରହିଛି। ବିଦେଶକୁ ସାମୁଦ୍ରିକ ଖାଦ୍ୟ ରପ୍ତାନି ଗତ ୪ ବର୍ଷ ମଧ୍ୟରେ ୫୩ % ବୃଦ୍ଧି ପାଇ ୨୦୧୮–୧୯ରେ ୨୬୧୯ କୋଟି ଟଙ୍କାରୁ ୨୦୨୨–୨୩ରେ ୪୮୦୭ କୋଟି ଟଙ୍କାରେ ପହଞ୍ଚିଛି।

ନୂତନ ପୋଖରୀ ଖନନ କରି ଉଭୟ ମଧୁରଜଳ ମାଛ ଓ ଖାରିଜଳ ମାଛ/ ଚିଙ୍ଗୁଡ଼ି ଚାଷ ନିମନ୍ତେ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଗ୍ରାମପଞ୍ଚାୟତ ପୋଖରୀକୁ ଦୀର୍ଘମିଆଦୀ ସୂତ୍ରରେ ଲିଜ ପ୍ରଦାନ ପୂର୍ବକ ମାଛ ଚାଷ ପାଇଁ ସୁଯୋଗ ଦିଆଯାଉଛି। ଏହାଦ୍ୱାରା ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହ ଗ୍ରାମାଞ୍ଚଳରେ ଅପପୁଷ୍ଟି ଦୂର ଓ ମହିଳାମାନଙ୍କୁ ଆର୍ଥିକ ସଶକ୍ତ କରାଯାଇପାରୁଛି। ଉନ୍ନତ ଜ୍ଞାନକୌଶଳ ଯୁକ୍ତ ଜଳଭଣ୍ଡାରରେ ପଞ୍ଜୁରି ମଧ୍ୟରେ ମାଛଚାଷ, ବାୟୋଫ୍ଲକ ପଦ୍ଧତିରେ ମାଛଚାଷ, ପଲିଥିନ ଆସ୍ତରଣ ଯୁକ୍ତ ପୋଖରୀରେ ଚିଙ୍ଗୁଡ଼ିଚାଷ, ପୁନଃ ସଞ୍ଚାଳନ ପଦ୍ଧତିରେ ମାଛ ଚାଷ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହ ଏଥିରେ ସାବଲମ୍ବୀ ହେବାର ଦୃଢ଼ ସମ୍ଭାବନା ସୃଷ୍ଟି କରିଛି। ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀଙ୍କ କଲ୍ୟାଣ ପାଇଁ ସେମାନଙ୍କ ପରିବାରଙ୍କୁ ବୀମାଭୁକ୍ତ କରିବା, ସେମାନଙ୍କ ପୁଅ ଝିଅଙ୍କ ଉଚ୍ଚତର ଶିକ୍ଷା ପାଇଁ ମେଧା ବୃତ୍ତି ପ୍ରଦାନ, ମାଛଧରା କଟକଣା ସମୟରେ ଜୀବିକା ସହାୟତା ପ୍ରଦାନ, ମତ୍ସ୍ୟ ପରିବହନ ପାଇଁ ଭିତ୍ତିଭୂମି ଯୋଗାଣ, ବରଫକଳ ପ୍ରତିଷ୍ଠା, ମାଛ/ ଚିଙ୍ଗୁଡ଼ି ହାଚେରୀ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ, ମତ୍ସ୍ୟଜୀବୀ ସୋସାଇଟିର ଦୃଢ଼ୀକରଣ, ମତ୍ସ୍ୟ ଅବତରଣ କେନ୍ଦ୍ର/ ମତ୍ସ୍ୟ ବନ୍ଦରଗୁଡ଼ିକର ଆଧୁନିକୀକରଣ, ଆଧୁନିକ ମତ୍ସ୍ୟ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା, ନଦୀ ଓ ଜଳଭଣ୍ଡାରଗୁଡ଼ିକରେ ମାଛ ବଂଶ ବୃଦ୍ଧି ତଥା ଏହା ଉପରେ ନିର୍ଭର କରିଚାଲୁଥିବା ମତ୍ସ୍ୟଜୀବୀଙ୍କ ରୋଜଗାର ବୃଦ୍ଧି ପାଇଁ ଅଙ୍ଗୁଳିକା ମାଛ ଯାଆଁଳ ଛାଡ଼ିବା ଆଦି ସରକାରଙ୍କର ବିଭିନ୍ନ ପଦକ୍ଷେପ ରାଜ୍ୟର ମତ୍ସ୍ୟସମ୍ପଦ କ୍ଷେତ୍ରକୁ ସୁଦୃଢ଼ କରିଛି। ରାଜ୍ୟର ଅଗଣିତ ମତ୍ସ୍ୟ ଚାଷୀ/ ମତ୍ସ୍ୟଜୀବୀ/ ମତ୍ସ୍ୟ ଉଦ୍ୟୋଗୀମାନଙ୍କ ପ୍ରଗାଢ଼ ନିଷ୍ଠା ଓ ଦାୟିତ୍ୱସମ୍ପନ୍ନ ଆଭିମୁଖ୍ୟ ତଥା ରାଜ୍ୟ ସରକାରଙ୍କ ବହୁବିଧ ଯୋଜନାର ସଫଳ ରୂପାୟନ ଯୋଗୁ ରାଜ୍ୟକୁ ମତ୍ସ୍ୟସମ୍ପଦ ଅଭିବୃଦ୍ଧିରେ ମିଳିଛି ସାମଗ୍ରିକ ସଫଳତା। ଗତ ୨୦୨୦ ବର୍ଷ ପାଇଁ ଓଡ଼ିଶାକୁ ଜାତୀୟ ସ୍ତରରେ ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ଓ କଳାହାଣ୍ଡି ଜିଲାକୁ ଶ୍ରେଷ୍ଠ ଆଭ୍ୟନ୍ତରୀଣ ଜିଲା ଓ ୨୦୨୧ରେ ବାଲେଶ୍ୱରକୁ ଶ୍ରେଷ୍ଠ ସାମୁଦ୍ରିକ ଜିଲା ଭାବେ ଜାତୀୟ ସ୍ତରରେ ପୁରସ୍କାର ମିଳିବା ଆମ ପାଇଁ ଗୌରବର ବିଷୟ।

ମୋ– ୯୪୩୭୨୩୨୪୬୩

# ଖାଦ୍ୟ ଉତ୍ପାଦନ ଓ ଆମ ପରିବେଶ



ଅରୁଣ କୁମାର ତ୍ରିପାଠୀ

ବିଶ୍ୱର ଭବିଷ୍ୟତକୁ ଆଖି ଆଗରେ ରଖି ୧୯୮୭ ମସିହାରେ ମିଳିତ ଜାତିସଂଘର ସହଯୋଗୀ ସଂସ୍ଥା ପରିବେଶ ଓ ବିକାଶ ଆୟୋଗ ତରଫରୁ ଏକ ଜ୍ଞାନ ଯଜ୍ଞ ଆହୂତ କରାଯାଇଥିଲା। ବଡ଼ ବଡ଼ ଯଜ୍ଞ ନିମନ୍ତେ ପୂର୍ବ ପ୍ରସ୍ତୁତି କରାଗଲା ଭଳି ଏଥିନିମନ୍ତେ ବହୁ ପୂର୍ବରୁ ପ୍ରୟାସ ଜାରି କରାଯାଇଥିଲା। ଯଜ୍ଞ ଶେଷରେ ଚରୁ ଉତ୍ପାଦନ ଭଳି ଏଥିରୁ ଏକ ସଂଜ୍ଞା ବାହାରିଥିଲା, ଯାହା ଆଜି ବି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଅୟମାରମ୍ଭ ସମୟରେ ଆଖି ଆଗରେ ରଖିବାକୁ ହୁଏ। ସେହି ସଂଜ୍ଞାଟି ହେଉଛି, ''ବର୍ତ୍ତମାନ ପିଢ଼ିର ଆବଶ୍ୟକତାଗୁଡ଼ିକୁ ନ୍ୟାୟ ପ୍ରଦାନ କରିବା ସହ ଭବିଷ୍ୟତ ପିଢ଼ିର ସମ୍ଭାବନାକୁ ସଙ୍କୁଚିତ କରିବା ନାହିଁ।'' ଇଂଲିଶରେ ଏହାକୁ ସଷ୍ଟେନେବଲ ଡେଭଲପମେଣ୍ଟ କହନ୍ତି।

ଆମ ଭବିଷ୍ୟତର ପିଢ଼ିଙ୍କୁ ଏକ ଉନ୍ନତ ପୃଥିବୀ ଯୋଗାଇବା, ପରିବେଶ ସୁରକ୍ଷା ଅବା ପ୍ରାକୃତିକ ସମ୍ପଦ କ୍ଷୟ ନ କରି ଅର୍ଥନୈତିକ ବିକାଶ କରିବା। ତେବେ ପ୍ରଶ୍ନ ଉଠେ କାହିଁକି ଏହି ସବୁ ପ୍ରୟାସ। ପରିବାରର ମାଆ ସମସ୍ତ ଅଳି ଅର୍ଦ୍ଦଳି ସହିଯା'ନ୍ତି, ସଦସ୍ୟଙ୍କ କଠୋର ବ୍ୟବହାରକୁ ମଧ୍ୟ ସେ ଭ୍ରୂକ୍ଷେପ ନ କରି କେବଳ ସ୍ନେହ ବିତରଣ କରନ୍ତି। କିନ୍ତୁ ଥରେ ତାଙ୍କ ଦେହ ଖରାପ ହୋଇଗଲେ ପରିବାର ସଦସ୍ୟ ସମସ୍ତେ ହଇରାଣ ହୁଅନ୍ତି। ସେହିଭଳି ଆମ ଧରଣୀ ରାଣୀ ସମସ୍ତ ଦେଶରେ ରହୁଥିବା ଜନସାଧାରଣଙ୍କ ସମସ୍ତ କୁକର୍ମକୁ ସହିଯା'ନ୍ତି। ପୃଥିବୀ ଯଦି ନିଜର ଦୁଃଖ କଥାରେ ପରିପ୍ରକାଶ କରିପାରନ୍ତା, ତେବେ ସେତେଟା ଅସୁବିଧା ହୁଅନ୍ତା ନାହିଁ। ଯେମିତି ଆମେ ଜଗନ୍ନାଥଙ୍କୁ ନିଜକୁ ନିଜେ ଘଣ୍ଟ ଘୋଡ଼େଇ ରଖ ବୋଲି ଅଣସର ସମୟରେ ଦୁଇ ହାତ ଟେକି ନିବେଦନ କରୁ, ସେହିଭଳି ପୃଥିବୀ ନିଜର ଅସୁବିଧାମାନ ପରିସଂସ୍ଥାରେ ପରିବର୍ତ୍ତନ କରି ସଙ୍କେତ ମାଧ୍ୟମରେ ଦର୍ଶାଏ। ଛୋଟିଆ କ୍ଷତଟିକୁ ଅଣଦେଖା କଲେ, ତାହା ଭବିଷ୍ୟତରେ ପ୍ରାଣଘାତୀ କର୍କଟ ଯେ ନ ସାଜିବ ତାହା କେହି କହିପାରିବେ ନାହିଁ। ପୂର୍ବ ପାଠ୍ୟଖସଡ଼ାର ନବମ ଶ୍ରେଣୀ ସାହିତ୍ୟ ବହିରେ ଥିବା ପାଠ 'ପୃଥିବୀକୁ ଜ୍ୱର ଆସୁଛି'କୁ ନିରିଖେଇ ଦେଖିଲେ, ଭବିଷ୍ୟତରେ ଆସୁଥିବା ସମସ୍ୟାଗୁଡ଼ିକୁ ଆଡ଼େଇ ଦିଆଯାଇ ନ ପାରେ।

ପୃଥିବୀର ୨୯% ସ୍ଥଳ ଏବଂ ୭୧% ଜଳ। ଏହି ଅଣତିରିଶ ପ୍ରତିଶତକୁ ଯଦି ୧୦୦ ବୋଲି ଧରିନେବା, ତେବେ ଏଥିରୁ ୧୦% ଗ୍ଲେସିୟର, ୧୪% ସ୍ରବ୍ବ ବା ଲଟାବୁଦା, ଏବଂ ୩୮%ଜଙ୍ଗଲ ଭୂମି। ଯେଉଁ ବଳକା ୪୬% ରହୁଅଛି ତାହାକୁ ଯଦି ୧୦୦ ବୋଲି ଧରିବା ସେଥିରୁ ୭୭% ପଶୁପାଳନରେ ବ୍ୟବହୃତ ହେଉଛି ତଥା କେବଳ ୨୩% ଚାଷଜମି ରହିଅଛି।

ଭାରତର ସ୍ୱାଧୀନତା ପରେ ଅନେକ ପଞ୍ଚବାର୍ଷିକ ଯୋଜନା ହୋଇଅଛି। ପ୍ରଥମେ ନିର୍ଦ୍ଦେଶ ସହକାରେ ଏହି ଯୋଜନା ମାନ ରାସାୟନିକ ସାର ପ୍ରୟୋଗ କରି ଅଧିକ ପରିମାଣରେ ଖାଦ୍ୟଶସ୍ୟ ଉତ୍ପାଦନ ସହ ଭାରତକୁ ସ୍ୱାବଲମ୍ବୀ କରିପାରିଥିଲା, ବିଦେଶକୁ ରପ୍ତାନି କରିବା ନିମିତ୍ତ ବଳକା ଶସ୍ୟ ମଧ୍ୟ ଯୋଗାଡ଼ କରିଦେଇଥିଲେ। ଯଦିଓ ଅମଳ ବର୍ଷାର ପରିମାଣ, ସୂର୍ଯ୍ୟାଲୋକ, ମେଘ, ଦୁଇଟି ଚାଷ ମଧ୍ୟରେ ବିରାମ, ଘାସ ବଛା, ପୋଷକ ପରିଚାଳନା ତଥା ରୋଗପୋକ ଦମନ ଉପରେ ନିର୍ଭର କରେ, କିନ୍ତୁ ଏବେ ରାସାୟନିକ ସାର ତଥା ଉନ୍ନତ ଅମଳକ୍ଷମ ବିହନ ପ୍ରୟୋଗ କରି ଆଖିଦୃଶିଆ ଉତ୍ପାଦନ କରାଯାଉଅଛି। ଯେମିତି ଅଧିକ ଛୁଆ ଜନ୍ମ କଲେ ମାଆ ରୋଗିଣା ହୁଏ, ଷ୍ଟେରଏଡ୍ ବ୍ୟବହାର ଯଦିଓ ସାମୟିକ ଶକ୍ତି ପ୍ରଦାନ କରେ, କିନ୍ତୁ ତାହା ନପୁଂସକତା ଏବଂ ହୃଦ୍‌ଘାତକୁ ଆମନ୍ତ୍ରଣ କରିବା ଭଳି ଆମ ଚାଷ ଜମି ଆସ୍ତେ ଆସ୍ତେ ନିଜସ୍ୱ ଗୁଣ ହରାଉଛି। କିଛି ପରିସଂଖ୍ୟାନ ମାଧ୍ୟମରେ ଆମେ ଯୁକ୍ତିକୁ ପୁଷ୍ଟ କରିପାରିବା। ଚାଇନାରେ ପୃଥିବୀରେ ଉତ୍ପାଦିତ ଧାନର ୨୮.୧୪ ପ୍ରତିଶତ ହେଉଥିବାବେଳେ ଭାରତରେ ପ୍ରାୟତଃ ୨୧ ପ୍ରତିଶତ ଅମଳ ହୁଏ। ଭାରତୀୟ ରାଜ୍ୟଗୁଡ଼ିକର ତୁଳନା ଯଦି କରିବା ତେବେ ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ଏବଂ ପଞ୍ଜାବ ମିଳିତ ଭାବେ ୩୬ ପ୍ରତିଶତ ଧାନ ଉତ୍ପାଦନ ଦିଅନ୍ତି। ଏହି ରାଜ୍ୟଗୁଡ଼ିକରେ ଯଦି ଏକର ପିଛା ଧାନ ଆଦାୟକୁ ଦେଖିବା ତେବେ ଉତ୍ତରପ୍ରଦେଶରେ ୩୦ କୁଇଣ୍ଟାଲ, ପଞ୍ଜାବରେ ୨୬ କୁଇଣ୍ଟାଲ ତଥା ପଶ୍ଚିମବଙ୍ଗରେ ପଞ୍ଜାବ ପାଖାପାଖି ନ ହେଲେ ମଧ୍ୟ ସାମଗ୍ରିକ ଭାବେ ଅଧିକ ଧାନ ଆଦାୟ ହୁଏ। ଏହି ରାଜ୍ୟଗୁଡ଼ିକ ତୁଳନାରେ ଅନ୍ୟ ରାଜ୍ୟକୁ ଯଦି ତଉଲିବା ସେଠି ଏକର ପିଛା ଅମଳ ୧୫ରୁ ୧୮ କୁଇଣ୍ଟାଲ ହେଉଅଛି। ଅର୍ଥନୀତିରେ ପଢ଼ା ହେଉଥିବା ରିକାର୍ଡୋଙ୍କ ଅଧିଶେଷ ତତ୍ତ୍ୱ ଯଦି ଦେଖିବା, କ୍ରମାନ୍ୱୟରେ ଚାଷ କରିଚାଲିଲେ ଜମିର ଉତ୍ପାଦିକତା ଶକ୍ତି ଆସ୍ତେ ଆସ୍ତେ ହ୍ରାସ ପାଏ। ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଚାଷର ଉନ୍ନତି କରିବା ମନା ନାହିଁ, କିନ୍ତୁ ଦୀର୍ଘକାଳ ବା ଲଙ୍ଗ୍‌ରନରେ ଏହାର ଭୟାବହତା ସମସ୍ତ ରାଜ୍ୟଗୁଡ଼ିକ ଭାଗବାଣ୍ଟି ନେବେ, କାରଣ ଗୋଟିଏ ସ୍ଥାନରେ ଅଣବିକଶିତ ଅବସ୍ଥା ଅନ୍ୟସ୍ଥାନରେ ବିକାଶକୁ ପ୍ରଭାବିତ କରେ। ଏହାକୁ ଆଖିଆଗରେ ରଖି ବର୍ତ୍ତମାନ ଜୈବିକ ସାରର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଅଛି। ଟିକିଏ ଅଧିକ ଦାମ୍ ପଡ଼ିଲେ ମଧ୍ୟ ସଚେତନ ନାଗରିକ ତାହାର ବ୍ୟବହାର ଅଧିକ କରୁଛନ୍ତି। ଭବିଷ୍ୟତରେ ଡାକ୍ତରଙ୍କୁ ପୋଷିବା ଅପେକ୍ଷା ବର୍ତ୍ତମାନର ଦିନଚର୍ଯ୍ୟାକୁ ଉପଯୁକ୍ତ ନିୟନ୍ତ୍ରିତ କରିପାରିଲେ, ଜୀବନ ସୁଖମୟ ହେବ।



ଯଦି ଆମେ ନିରନ୍ତର ଖାଦ୍ୟ ଉତ୍ପାଦନ ଅବାରିତ ରଖିବାକୁ ଚାହୁଁଛେ, ତେବେ ଆମ୍ଭଙ୍କୁ ପରିବେଶ ସନ୍ତୁଳନ ରଖିବା ସହ ଚାଷ ଜମିର ସୁରକ୍ଷା ଏବଂ ଏହାର ଗୁଣବତ୍ତା ପ୍ରତି ବିଶେଷ ଧ୍ୟାନ ଦେବାକୁ ହେବ। ଯେଉଁଭଳି ସହରୀକରଣ ଦ୍ୱାରା ଚାଷଜମି ଲୋପପାଉଛି, ଆମ୍ଭେ କିଛି ପ୍ରୟାସ ମାଧ୍ୟମରେ ଭୂଭାଗ ଅଞ୍ଚଳଗୁଡ଼ିକୁ ଚାଷଜମିରେ ପରିବର୍ତ୍ତନ କରିପାରିବା। ସମାଜର ଭବିଷ୍ୟତ କେବେ ମଧ୍ୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଦେଖାଯାଇ ନ ପାରେ। ତାହାକୁ ଯଦି ସମ୍ଭାଳିବାର ଅଛି ତେବେ ସମଗ୍ର ଦେଶରେ ଗୋଟିଏ ନିୟମ କଡ଼ାକଡ଼ି ଭାବେ ପ୍ରଣୟନ ଏବଂ ଅନୁପାଳନ ବିଧେୟ। ସମସ୍ତେ ଚାଷଜମିର ହ୍ରାସ ପାଉଥିବା ପରିସଂଖ୍ୟାନକୁ ଆଖିଆଗରେ ରଖି ନାଗରିକ ନିଜର କର୍ତ୍ତବ୍ୟ ସାଧନ କରିବା ସମୟର ଆହ୍ୱାନ। ସମସ୍ତଙ୍କ ମିଳିତ ପ୍ରୟାସରେ ବସୁଧା ପୁଣି ବୈଭବଶାଳୀ, ସମ୍ପଦ ବର୍ଦ୍ଧନୀ, ସମୃଦ୍ଧିବନ୍ତ ହେଉ। ସମସ୍ତ ସ୍ଥାନରୁ ଉନ୍ନତ ଚିନ୍ତାଧାରା ମାନ ଆମ୍ଭ ନିକଟକୁ ଆସୁ।

ଜୟପୁର, ମୋ– ୯୦୭୮୮୩୮୬୨୭

## ଏଇ ଭାରତରେ

ଗ୍ରାମାଞ୍ଚଳରେ ବନ୍ୟା ସମୟରେ ଜୀବନ ରକ୍ଷାକାରୀ ଜ୍ୟାକେଟ ବ୍ୟବହାର କରିବା ସାଧାରଣ ଲୋକଙ୍କ ପକ୍ଷରେ ଅସମ୍ଭବ। କାରଣ ଏହାର ମୂଲ୍ୟ ଅଧିକ ଓ ଏହା ଅଧିକ ପରିମାଣରେ ଉପଲବ୍ଧ ହୋଇପାରେ ନାହିଁ। ଏବେ କିନ୍ତୁ ବିହାରର ୧୮ ବର୍ଷ ବୟସ୍କା ଅନୁଶ୍ୱେତା ଦେବ ଓ ତାଙ୍କ ବନ୍ଧୁ ପୂଜା ଦାସ ତିଆରି କରିଥିବା ଲାଇଫ୍ ଜ୍ୟାକେଟ ଭାରତର ଗ୍ରାମୀଣ ଅଞ୍ଚଳରେ ବନ୍ୟା ସମୟରେ ଜୀବନ ରକ୍ଷା କରିବାରେ ସହାୟକ ହୋଇପାରିବ। ସେମାନେ ପ୍ଲାଷ୍ଟିକ ବ୍ୟାଗ କିମ୍ବା ଅଖା ଓ ବର୍ଜ୍ୟ ପ୍ଲାଷ୍ଟିକ ବୋତଲ ବ୍ୟବହାର କରି ଏଭଳି ଜ୍ୟାକେଟ ତିଆରି କରିଛନ୍ତି। ସେମାନେ ୨୦୨୨ ବନ୍ୟାରେ ୨୦୦ ଜ୍ୟାକେଟ ମାଗଣାରେ ବଣ୍ଟିଥିଲେ। ଏହି ଜ୍ୟାକେଟ ତିଆରି କରିବାରେ ସେମାନେ ୪୦୦ ପ୍ଲାଷ୍ଟିକ ବ୍ୟାଗ ଓ ୧,୦୦୦ ପ୍ଲାଷ୍ଟିକ ବୋତଲ ବ୍ୟବହାର କରିଥିଲେ। ତିନି ପ୍ରକାର ଜ୍ୟାକେଟ ସେମାନେ ତିଆରି କରୁଛନ୍ତି। ଗୋଟିଏ ଛୋଟ ଜ୍ୟାକେଟ ଲାଗି ୬ଟି ୧ ଲିଟରର ବୋତଲ, ମଧ୍ୟମ ପାଇଁ ୮ଟି ଓ ବଡ଼ ସକାଶେ ୧୦ଟି ପ୍ଲାଷ୍ଟିକ ବୋତଲ ଦରକାର ହେଉଛି। ଏହି ଜ୍ୟାକେଟ ତିଆରି କରିବାରେ ୧୫୦ ଟଙ୍କା ଖର୍ଚ୍ଚ ହେଉଛି ଓ ଏହା ୧୧୦ କେ.ଜି. ଓଜନ ସମ୍ଭାଳି ପାରୁଛି।

## ଚିରନ୍ତନୀ

ବିରହ ରତି ନୁହଇ ଆନ
କେବଳ ଦେହ–ତାପ।
ଭାବର ଜାଲେ ରହଇ ସେ ତ ଲୁଚି
ନୀତିର ନାମେ ଏ ଧରାଧାମେ
ଚଳଇ ଯଥା ପାପ
ଅନୀତି ଯଥା ହୁଅଇ ଏଥି ଶୁଚି!
(ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୃଷ୍ଟି ଦେବେ କି

ମହାଶୟ,

ବିଏମ୍‌ସି ଅଧୀନରେ ଥିବା ମଧୁସୂଦନ ଯୋଗ ମଣ୍ଡପରେ ଶେଡ୍ ନିର୍ମାଣ କରାଯାଉ, ଫଳରେ ବରିଷ୍ଠ ନାଗରିକ ଓ ଯୋଗ ସାଧନ ବ୍ୟକ୍ତି ଯୋଗ ପ୍ରାଣାୟାମ କରିପାରିବେ। କେତେକ ପାର୍କରେ ଏ ବ୍ୟବସ୍ଥା ରହିଛି। କିନ୍ତୁ ପୋଖରୀପୁଟ ମଧୁସୂଦନ ବଡ଼ ପାର୍କରେ ଯୋଗ ମଣ୍ଡପ ଥିଲେ ମଧ୍ୟ ଉପରେ ଛାତ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଯୋଗ ପ୍ରାଣାୟାମ ହୋଇପାରୁନାହିଁ। ଏ ସମ୍ପର୍କରେ ବିଡିଏ ଉପାଧ୍ୟକ୍ଷଙ୍କ ନଜରକୁ ଅଣାଯାଇଥିଲେ ମଧ୍ୟ ଗତ ୬ ମାସ ମଧ୍ୟରେ କାର୍ଯ୍ୟ ହୋଇପାରିଲା ନାହିଁ। ବିଏମ୍‌ସି ଲକ୍ଷ ଲକ୍ଷ ଟଙ୍କା ପାର୍କ ଉନ୍ନୟନରେ ବିନିଯୋଗ କରୁଥିବାବେଳେ ଯୋଗମଣ୍ଡପଗୁଡ଼ିକରେ ଉନ୍ନତି ହୋଇପାରୁନାହିଁ। ମଣ୍ଡପଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଲାଣି। ବର୍ଷାଋତୁରେ ଯୋଗ ପ୍ରାଣାୟାମ କରିବା ସମ୍ଭବ ହେଉନାହିଁ। ସରକାର ଯୋଗ ପ୍ରାଣାୟାମକୁ ଗୁରୁତ୍ୱ ଦେଉଥିବାବେଳେ ମଧୁସୂଦନ ପାର୍କ ପ୍ରତି ଦୃଷ୍ଟି ନ ପଡ଼ିବା ଦୁଃଖର ବିଷୟ। ଯୋଗମଣ୍ଡପର ପୁନରୁଦ୍ଧାର ହେବା ସଙ୍ଗେ ସଙ୍ଗେ ଶେଡ୍ ନିର୍ମାଣ କରିବାକୁ ୫–ଟି ସଚିବଙ୍କୁ ଅନୁରୋଧ।

– ନିର୍ମଳ ଚନ୍ଦ୍ର ସାମଲ,
ସାମାଜିକକର୍ମୀ, ପୋଖରୀପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସୁନା ଦୋକାନରୁ ଡକାୟତି ଉଦ୍ୟମ

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଆଜାଦ ଛକ ନିକଟ ଏକ ସୁନା ଗହଣା ଦୋକାନରୁ ଡକାୟତମାନେ ଡକାୟିତ କରିବା ଉଦ୍ୟମ ବିଫଳ ହୋଇଛନ୍ତି। ୩ଜଣ ମୁହଁରେ କନା ବାନ୍ଧି ନିଳ ରଙ୍ଗର ବାଇକରେ ଆସି ଧାରୁଆ ଅସ୍ତ୍ର ଦେଶୀ ବନ୍ଧୁକ ମୁନରେ ଡକାୟତି ଉଦ୍ୟମ କରିଥିଲେ। ଦୋକାନୀ ଭିତରକୁ ନିଜ ବନ୍ଧୁକ ଆଣିବାକୁ ଯାଇଥିବା ବେଳେ ଡକାୟତମାନେ ଫେରାର ହୋଇଥିଲେ। ୩ଜଣ ଆଜାଦ ଛକ ପଟୁ ଆସି ସିନାପାଲି ପଟେ ଫେରାର ହୋଇଥିବା ଜଣାପଡ଼ିଛି। ସିସିଟିଭି କେମରାରେ ରେକର୍ଡ ଭିଡିଓ ଆଧାରରେ ଘଟଣାର ତଦନ୍ତ ଜାରି କରିଥିବା ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ବିନା କାଗଜପତ୍ର ଟ୍ରାକ୍ଟରକୁ ୫୨ ହଜାର ଟଙ୍କା ଜରିମାନା

**କେସିଙ୍ଗା,୯।୭(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ବଲାଙ୍ଗୀର ଛକଠାରେ ଭବାନୀପାଟଣା ଆର୍‌ଟିଓଙ୍କ ଟିମ ଅମାଠ ଛକ ଅଭିମୁଖେ ଯାଉଥିବା ବେଳେ ରବିବାର କାଗଜପତ୍ର ନ ଥିବା ଏକ ଟ୍ରାକ୍ଟରକୁ ୫୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାଇ ଭବାନୀପାଟଣା ଆର୍‌ଟିଓ ଗତିକୃଷ୍ଣ ସାମନ୍ତରାୟ ରବିବାର ୧୨ଟାରେ କେସିଙ୍ଗାରୁ ଅମାଠ ଛକ ଯାଉଥିଲେ। କେସିଙ୍ଗା ବଲାଙ୍ଗୀର ଛକଠାରେ ଏକ ଟ୍ରାକ୍ଟରକୁ ସନ୍ଦେହରେ ଅଟକାଇ କାଗଜପତ୍ର ଯାଞ୍ଚ ପାଇଁ ମାଗିଥିଲେ। ଟ୍ରାକ୍ଟର ମାଲିକ ପାଖରେ ଫିଟନେସ, ଇନସୁରାନ୍ସ, ଟ୍ୟାକ୍ସ ପେପର କୌଣସି କାଗଜ ଦେଖାଇପାରି ନ ଥିଲେ। ନିଜର ଡିଏଲ ମଧ ତାଙ୍କ ପାଖରେ ନ ଥିଲା। ଆର୍‌ଟିଓ ସାମନ୍ତରାୟ ଗାଡ଼ି ମାଲିକଙ୍କୁ ୫୨ ହଜାର ଟଙ୍କା ଜରିମାନା ରସିଦ କାଟି ଟଙ୍କା ପୈଠ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାଲିକଙ୍କ ପାଖରେ ଟଙ୍କା ନ ଥିବାରୁ ଟ୍ରାକ୍ଟର କେସିଙ୍ଗା ଥାନାରେ ଜବତ କରି ରଖାଯାଇଛି। ଟ୍ରାକ୍ଟର ମାଲିକ ବଲାଙ୍ଗୀର ଜିଲା ସିନ୍ଧେକେଲାର ବୋଲି ଜଣାପଡିଛି।

### ଗ୍ରାହକ ସେବାକେନ୍ଦ୍ରରେ ଠକେଇ ଘଟଣା: ୩ କୋର୍ଟ ଚାଲାଣ

**ଭବାନୀପାଟଣା,୯।୭(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ମୋହନଗୁଡା ଗ୍ରାମ ଗ୍ରାହକ ସେବାକେନ୍ଦ୍ର ଠକେଇ ଘଟଣାରେ ଜୟପାଟଣା ପୋଲିସ ଶନିବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ହରିଶଚନ୍ଦ୍ର ରାଉତ, ତାଙ୍କ ମା' ସରସ ରାଉତ ଓ ଗ୍ରାମର ଅଲେରା ରାଉତ। ପ୍ରକାଶ ଯେ, ମୋହନଗୁଡ଼ାରେ ଗ୍ରାହକ ସେବା କେନ୍ଦ୍ର କରି ହରିଶଚନ୍ଦ୍ର, ସରସ ଓ ଗ୍ରାମର ଅଲେରା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଅନ୍ୟାନ ଲୋକଙ୍କଠାରୁ ଫିଙ୍ଗର ସ୍କାନର ଜରିଆରେ ୨୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ଠକି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଅନ୍ୟାନ୍ୟ ମହିଳାମାନେ ଜୟପାଟଣା ଥାନରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୪୨/୨୩) ରୁଜୁ କରି ତଦନ୍ତ ଆରମ୍ଭ କରି ୩ଜଣଙ୍କୁ ଗିରଫ କରିଛି।

### ଯୁବ କବିଙ୍କ ପରଲୋକ

**ଖଡ଼ିଆଳ,୯।୭(ସୁଜିତ୍ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବଙ୍କାପୁର ଗ୍ରାମର ଯୁବ କବି ନିମାଇଁ ବେହେରାଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୨୫ ବର୍ଷ ବୟସ ହୋଇଥିଲା। ପୁରୀକୁ ବାହୁଡା ଯାତ୍ରା ଦେଖିବାକୁ ଯାଇ ଫେରିବା ପରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ ବୋଲି ପରିବାର ସୂତ୍ରରୁ ପ୍ରକାଶ। ସେ ବିଭିନ୍ନ ପ୍ରକାର କବିତା ରଚନା କରିଥିଲେ। ଆଧାତ୍ମିକ କାର୍ଯ୍ୟରେ ତାଙ୍କର ରୁଚିଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଘରେ ତାଙ୍କର ବାପା ଅମୂଲ୍ୟ ବେହେରା, ମା' ଘରମଣି, ଦୁଇ ଭାଇ, ଦୁଇ ଭଉଣୀ ଅଛନ୍ତି।

### ନିଟ୍ ପରୀକ୍ଷାରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



**କୋକସରା,୯।୭(ଦୁଷ୍ମନ୍ତ କୁମାର ପାଇଯୋଶୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ଗ୍ରାମର ସୁଶାନ୍ତ ନାଏକ ସର୍ବଭାରତୀୟ-୨୦୨୩ ନିଟ ପରୀକ୍ଷାରେ ପାସ କରିଥିବାରୁ ଗ୍ରାମବାସୀ ତଥା ବୁଦ୍ଧିଜୀବୀ ମହଲରୁ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୋଟେର ହାଇସ୍କୁଲରେ ଶିକ୍ଷକ, ଛାତ୍ରୀଛାତ୍ର ଓ ଗ୍ରାମବାସୀ ନାଏକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ସଭାରେ ସରପଞ୍ଚ ବାସନ୍ତୀ ନାଏକ, ଫକୀର ମୋହନ ପାଇଯୋଷି, ବିଜୟ ପୂଝାରୀ, ଦୁଷ୍ମନ୍ତ ପାଇଯୋଷୀ, ସୁଧାରାମ ସରାଫ, ରାମ ନାରାୟଣ ପୂଝାରୀ, ପୁରୁଷୋତ୍ତମ ଝାଙ୍କର ପ୍ରମୁଖ ଉପସ୍ଥିତ ଥିବାବେଳେ ଶିକ୍ଷକ ଚିତ୍ତରଞ୍ଜନ ରଞ୍ଜନ ଦାସ, ଆଦିତ୍ୟ ଦାସ, ନୟନ ରଞ୍ଜନ ପଣ୍ଡା, ରଜନୀକାନ୍ତ ପୁରୋହିତ, ସୁନ୍ଦରଲାଲ ପଣ୍ଡା, ଅଜିତ ମେହେରଙ୍କ ସମେତ ଲିଲାନିଧି ପାଇଯୋଷୀ ପ୍ରମୁଖ ସୁଶାନ୍ତଙ୍କୁ ଉତ୍ସାହିତ କରିଥିଲେ।

# ଭୟରେ ଘରଦ୍ୱାର ଛାଡ଼ି ଚାଲିଯାଉଛନ୍ତି ଲୋକେ

**ଲାଞ୍ଜିଗଡ଼,୯।୭(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗାଁର ଉପର ସାହିରେ ୨୦୨୨ ଜାନୁୟାରୀ ୧ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖାଇବାକୁ ଡାକି ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଘଟଣା ସେହି ସମୟରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏହି ଘଟଣାକୁ ଇତିମଧ୍ୟରେ ଦେଢ଼ ବର୍ଷ ବର୍ଷେ ବିତିଯାଇଥିଲେ ମଧ ଲୋକଙ୍କୁ ଏତେ ଭୟଭୀତ କରିଥିଲା ଯେ ଏବେ ଲୋକେ ଧୀରେ ଧୀରେ ଘର ଦ୍ୱାର ଛାଡି ବିଭିନ୍ନ ସ୍ଥାନକୁ ଚାଲି ଯାଉଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଗାଁର ସେହି ସାହି ଜନ ଶୂନ୍ୟ ହୋଇଥିବା ବେଳେ ସେମାନଙ୍କ ଘର ସବୁ ଭୁଶୁଡି ଗଲାଣି। ଆବାସ ଯୋଜନାରେ ଘର ପାଇଥିବା ବେଳେ ଶୌଚାଳୟ ସବୁ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ ୨୦୨୨ ଜାନୁୟାରୀ ୧ ତାରିଖ ଶନିବାର ନୂତନ ବର୍ଷ ଦିନ ସନ୍ଧ୍ୟା ୬ଟାରେ ଶ୍ୟାମସୁନ୍ଦରପୁର ଗ୍ରାମର ଉପର ସାହିର ଭୁବନେ ପରାଭୋଇଙ୍କୁ ଘରକୁ କଟି



ଲୋକଙ୍କ ଘର ସବୁ ଭାଙ୍ଗି ପଡ଼ିଲାଣି।

ପରାଭୋଇ ଖାଇବାକୁ ଡାକିଥିଲେ। ଭୁବନେ ଖାଉଥିବା ସମୟରେ କଟି ଓ ତାଙ୍କ ଘରକୁ ଆସିଥିବା ସୁନ୍ଦେରା ପରାଭୋଇ ଭୁବନେଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏହାପରେ କଟି ଓ ସୁନ୍ଦେରା ଆସି ଲାଞ୍ଜିଗଡ଼ କଲୋନୀ ପଡ଼ାରେ ପୂର୍ବରୁ ରହୁଥିବା ଭୁବନେଙ୍କ ମା' ଇନ୍ଦା ପରାଭୋଇ ଓ ନାବାଳିକା ଝିଅ ମଇନାଙ୍କୁ ଭୁବନେଙ୍କୁ ଆମେ ମାରିଦେଇଛୁ ବୋଲି କହିଥିଲେ। ଶେଷରେ ମା' ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ତତ୍କାଳୀନ ବିଜେପୁର ଥାନାଧିକାରୀଙ୍କ ନେତୃତ୍ୱରେ ପୋଲିସ ପହଞ୍ଚି ଘଟଣାର ଛାନବିନ ଆରମ୍ଭ କରିଥିଲା। ଏ ନେଇ ପୋଲିସ ଥାନାରେ ୩୦୨ରେ ହତ୍ୟା ମାମଲା ରୁଜୁ କରିଥିଲା। ଭୁବନେ ତ୍ରିଲୋଚନପୁରପୁର ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ମୂଳ ବାସିନ୍ଦା ହୋଇଥିବାବେଳେ ୨୦୨୧ ସେପ୍ଟେମ୍ବରରେ ନିଜ ସାହିର ଗଣେଶ ପରାଭୋଇଙ୍କ ସହିତ ଗଣ୍ଡଗୋଳ ହୋଇଥିଲା। ଭୁବନେଙ୍କ

**ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା ଘଟଣା**

■ ୨୦୨୨ ଜାନୁୟାରୀ ୧ରେ ଘଟିଥିଲା ହତ୍ୟାକାଣ୍ଡ

ସ୍ତ୍ରୀ ମଧ ଗଣେଶଙ୍କ ସାନଭାଇ ଅଜି ପରାଭୋଇଙ୍କ ସହିତ ପଳାଇ ନିକଟସ୍ଥ ବେରେନପିଣ୍ଡା ଗ୍ରାମରେ ରହୁଥିଲେ। ଭୁବନେଙ୍କ ତିନି ଝିଅ ମା' ସହିତ ରହିଥିବା ବେଳେ ବେଳେ ଅନ୍ୟ ଜଣେ ବନ୍ଧୁ ଘରେ ରହୁଥିଲେ। ଗଣେଶଙ୍କ ଶ୍ୱଶୁର ନିକଟସ୍ଥ ମଇନଗୁଡା ଗାଁର ସୁନ୍ଦେରା ପରାଭୋଇ ଓ ସାନଭାଇ କଟି ପରାଭୋଇ ଭୁବନେଙ୍କୁ ମାରିବା ପାଇଁ ଷଡଯନ୍ତ୍ର କରି ନୂତନ ବର୍ଷ ଦିନ ଖାଇବାକୁ ଡାକି ହତ୍ୟା କରିଥିଲେ। ଏଥିରେ ସମ୍ପୃକ୍ତ ୨ଜଣ ସୁନ୍ଦେରା ଓ କଟିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟପକ୍ଷରେ ଗାଁରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଗୋଟିଏ ପରେ ଗୋଟିଏ ପରିବାର ଗାଁ ଛାଡି ଅନ୍ୟ ସ୍ଥାନକୁ ଚାଲି ଯାଇଛନ୍ତି।

# ସଫଳ ଚାଷୀ ତୋଷରଞ୍ଜନ ସାହୁ



ସଫଳ ଚାଷୀ ତୋଷରଞ୍ଜନ ସାହୁ।

**ନୂଆପଡ଼ା,୯।୭(ମକାରୁ ବେମାଲ)**

ନୂଆପଡା ସଦର ବ୍ଲକ ପରସାଗୁଡା ଗାଁର ଯୁବକ ତୋଷ ରଞ୍ଜନ ସାହୁ (୩୨)। ସେ ଉଚ୍ଚ ଶିକ୍ଷା ଲାଭ କରି ୨ବର୍ଷ ସରକାରୀ ଚାକିରି ଜୀବନ ବିତାଇଲେ। ସେଥିରେ ଶାନ୍ତି ନ ମିଳିବାରୁ ଚାକିରି ଛାଡି ବର୍ତ୍ତମାନ ସେ ଜଣେ ସଫଳ ଚାଷୀ ହୋଇଛନ୍ତି। ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟଙ୍କୁ ରୋଜଗାର ଯୋଗାଉଛନ୍ତି ତୋଷରଞ୍ଜନ ସାହୁ। ସଦର ବ୍ଲକ ପରସାଗୁଡା ଗାଁର ତୋଷରଞ୍ଜନ ବନ ବିଭାଗରେ ଡାଟା ଏଣ୍ଟ୍ରି ଅପେରେଟର ଭାବେ କାର୍ଯ୍ୟ କରୁଥିଲେ। ୨୦୧୯ରେ ଚାକିରିରେ ଯୋଗଦେଇ ୨୦୨୧ରେ ଛାଡିଥିଲେ। କେନ୍ଦ୍ର ସରକାରଙ୍କ ପିଏମଇଜିପି ଯୋଜନାରେ ଆବେଦନ କରି ୨୦୨୧ରେ ପ୍ରଥମେ ଏକ ଆରୋ ପଏଣ୍ଟ ଆରମ୍ଭ କଲେ ତୋଷ ରଞ୍ଜନ। ପୈତୃକ ୩ ଏକର ଜମିରେ ଉଦ୍ୟାନ ବିଭାଗ ପକ୍ଷରୁ ମୋ ପୋଖରୀ ଯୋଜନାରେ ପୋଖରୀ ନିର୍ମାଣ କରି ମାଛ ଚାଷ ଆରମ୍ଭ କଲେ। ତୋଷ ରଞ୍ଜନଙ୍କ ଇଂଟିଗ୍ରେଟେଡ ଫାର୍ମ ରହିଛି। ସେଥିରେ ସେଓ ଗଛ ୨ଟି, ସଜନା ୧୦ଟି, ପଣସ ୩ଟି, ଅଁଳା ୨ଟି, ବିଜୁଳି ୫ ଟି, ଆମ୍ବ ୫ଟି, ଡାଳିମ୍ବ ୧୦ଟି, ଗୋଲଡେନ ସିତାଫଳ ୨ଟି, ହାଇବ୍ରିଟ ବରୋକୋଳି ୩ଟି, ଲେମ୍ବୁ ୩ଟି, ଶନ୍ତରା ୩ଟି, ନଡିଆ ୫ଟି ଓ କଦଳି ୧୦ଟି ଗଛ ଲଗାଛନ୍ତି। କିଛି ପରିମାଣ ଜମିରେ ପନିପରିବା ଚାଷ କରାଯାଇଛି। ୩ ଏକର ଜମିରେ ବିଭିନ୍ନ ଚାଷ କରି ପରିବାର ୬ଜଣ ସଦସ୍ୟ ତୋଷ ରଞ୍ଜନ ସାହୁ, ସ୍ତ୍ରୀ ହେମଲତା ସାହୁ, ଦୁଇ ପୁତ୍ର ବୈଭବ (୫), ମନିସ ରଞ୍ଜନ (୩), ବାପା ପବନ କୁମାର ସାହୁ (୫୮) ଓ ମା' ବାସନ୍ତି ସାହୁ (୫୩) ଖୁସିରେ ଚଳିବା ସହିତ ୧୫ଜଣ ସଦସ୍ୟ ପ୍ରତିଦିନ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଦାଦନ ପ୍ରବଣ ଅଞ୍ଚଳରେ ନିଜେ ସ୍ୱାବଲମ୍ବୀ ହୋଇ ୧୫ ପରିବାରଙ୍କୁ ରୋଜଗାର ଦେଉଛନ୍ତି। ସବୁ ଚାଷ ମିଶି ବର୍ଷକୁ ହାରାହାରୀ ୭ରୁ ୮ ଲକ୍ଷ ଟଙ୍କା ଆୟ ହେଉଛି। ଆଗକୁ ବଡଧରଣର ଛେଳି ଓ ଛତୁ ଫାର୍ମ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ତୋଷ ରଞ୍ଜନ।

**ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟଙ୍କୁ ଯୋଗାଉଛନ୍ତି ରୋଜଗାର**

# ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବନ ସୁରକ୍ଷା ମହାସଂଘର ସଦସ୍ୟବୃନ୍ଦ।

**କୋକସରା,୯।୭ (ଦୁଷ୍ମନ୍ତ କୁମାର ପାଇଯୋଶୀ)**

କଳାହାଣ୍ଡି ଜିଲା ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଉପରେ ଗତ କିଛିବର୍ଷ ହେବ ପଡୋଶୀ ଜିଲାର କିଛି ଆଦିବାସୀଙ୍କୁ ଢାଲ କରି ବଙ୍ଗାଲି ଓ ବିହାରୀ ମକା ମାଫିଆମାନେ ହେକ୍ଟର ହେକ୍ଟର ଜଙ୍ଗଲ ନଷ୍ଟ କରି ମକାଚାଷ କରିଛନ୍ତି। ଫଳରେ ଜଙ୍ଗଲ ଉପରେ ନିର୍ଭର କରୁଥିବା ବନବାସୀ ଜୀବନ ଜୀବିକା ହରାଇଥିବା ବେଳେ ଜଙ୍ଗଲର ବନ୍ୟଜନ୍ତୁ ମଧ ଗାଁ ମୁହାଁ ହେଉଛନ୍ତି। ଏ ନେଇ ବିଭିନ୍ନ ସମୟରେ ଜିଲା ବନ ବିଭାଗ ଉଚ୍ଚ ଅଧିକାରୀ ଓ ଜିଲା ପ୍ରଶାସନ ନିକଟରେ ଜଙ୍ଗଲ ସୁରକ୍ଷା ପାଇଁ ଅଭିଯୋଗ କରିଛନ୍ତି। ହେଲେ ଜଙ୍ଗଲ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ ବୋଲି କୋକସରା ବ୍ଲକ ଗୋଟୋମୁଣ୍ଡା ଧାନ ମଣ୍ଡିଠାରେ ରବିବାର ଏକ ଖବରଦାତା ସମ୍ମିଳନୀରେ ସାହାଜଖୋଲ ବନ ସୁରକ୍ଷା ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ୨୦୨୧ରେ ସାହାଜଖୋଲ ଜଙ୍ଗଲର ଭଟାପାନି, ଡୁମେରପାନିରେ ଅନାଧିକୃତ ଭାବେ ମକାଚାଷ କରୁଥିବା ନବରଙ୍ଗପୁର ଜିଲାର କିଛି ବନବାସୀ ପରିବାରଙ୍କୁ ଜଙ୍ଗଲ ସୁରକ୍ଷା କମିଟି ଓ ଜଙ୍ଗଲ ବିଭାଗ ପକ୍ଷରୁ ବିତାଡିତ କରାଯାଇଥିଲା ଏହି ଘଟଣାକୁ ନେଇ ଦୁଇ ଜିଲା ମଧ୍ୟରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ପରେ ଉଭୟ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଶାନ୍ତି କମିଟି ଗଠନ କରାଯାଇ ବନବାସୀଙ୍କୁ ଥଇଥାନ କରିବା ପାଇଁ ୬ ମାସ ସମୟ ମାଗିଥିଲେ। ଏହା ଭିତରେ ୨ ବର୍ଷରୁ ଉର୍ଦ୍ଧ୍ୱ ପରେ ମଧ ନବରଙ୍ଗପୁର ଜିଲା ପ୍ରଶାସନ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନେଇ ନାହାନ୍ତି। ଫଳସ୍ୱରୂପ ପୁଣି କଳାହାଣ୍ଡି ସୀମା ଜଙ୍ଗଲ ମଧ୍ୟରେ ମକାଚାଷ ବ୍ୟାପକ ମାତ୍ରାରେ କରାଯାଇଥିବା ସଂଘ ଅଭିଯୋଗ କରିଛି। ଆଗାମୀ ୧୫ ଦିନ ମଧ୍ୟରେ ଉଭୟ ଜିଲା ଜଙ୍ଗଲ ବିଭାଗ ଓ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ବନ ସୁରକ୍ଷା ମହାସଂଘ କର୍ମକର୍ତ୍ତା। ସାହାଜଖୋଲ ବନ ସୁରକ୍ଷା ମହାସଂଘର ଆବାହକ ଭୁଜବଳ ସୋରିଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ଆଦିବାସୀ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମାଝି, ମୁଖ୍ୟବକ୍ତା ଭାବେ ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ଧର୍ମଗଡ ବ୍ଲକ ଆଦିବାସୀ ସଂଘ ସଭାପତି ଭବେଶ ଗଇଁତା, ଜିଲା ଆଦିବାସୀ ସମ୍ପାଦକ ରତ୍ନରାଜ ମାଝି, ବ୍ଲକ ସମ୍ପାଦକ ତ୍ରିନାଥ ଶବର, ଡୁଡୁକାଠେଙ୍ଗା ସମିତି ସଭ୍ୟା ପାର୍ବତୀ ବାଗ, ସରପଞ୍ଚ ଜୟରାମ ନାଗ, ନାରିନେତ୍ରୀ ହେମାଙ୍ଗିନି ହଂସ, ବେବିନା ଲହଜଳ ମଞ୍ଚରେ ଉପସ୍ଥିତ ରହିଥିଲେ। ରୋମାଞ୍ଚଲ ପୁଝାରୀ ମଞ୍ଚ ପରିଚାଳନା କରିଥିଲେ।

**ସାହାଜଖୋଲ ବନ ସୁରକ୍ଷା ମହାସଂଘର ଚେତାବନୀ**

## ଶିକ୍ଷୟିତ୍ରୀଙ୍କ ପଦୋନ୍ନତି ପରେ ବିଦାୟ ସମ୍ବର୍ଦ୍ଧନା

**କୋକସରା,୯।୭ (ଦୁଷ୍ମନ୍ତ କୁମାର ପାଇଯୋଶୀ)**

କଳାହାଣ୍ଡି ଜିଲା କୋକସରା ଜବାହର ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ବିଜ୍ଞାନ ଶିକ୍ଷୟିତ୍ରୀ ମଧୁସ୍ମିତା ନାୟକ ଓଇଏସ ପାଇବା ପରେ ପଦୋନ୍ନତି ପାଇ କଲମପୁର ବିଇଓ ଭାବେ ଯୋଗଦେଇଛନ୍ତି। କୋକସରା ଜବାହର ଉଚ୍ଚ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ଶିକ୍ଷୟତ୍ରୀ ବନିତା ରାଣି ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ଓଷ୍ଟା ଶିକ୍ଷକ ସଂଘ ସଦସ୍ୟ ତଥା ଲଦୁଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, ସମ୍ମାନିତ ଅତିଥି ଭାବେ ବ୍ଲକ ଓଷ୍ଟା ସଂଘ ସମ୍ପାଦକ ସାମନ୍ତ କୁମାର ପାଇଯୋଷୀ, ପ୍ରଧାନ ଶିକ୍ଷକ ଟେମରା ଉଚ୍ଚ ବିଦ୍ୟାଳୟ ବିରଞ୍ଚି ନାରାୟଣ ହୋତା, ମାଝିଗୁଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଦାସ, ନେଗିଗୁଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୁବରାଜ ଜାଲ, ଖେଳ ଶିକ୍ଷକ କାଉଡୋଲା ଉଚ୍ଚ ବିଦ୍ୟାଳୟ ସୁଶାନ୍ତ କୁମାର ସାହୁ, ବରିଷ୍ଠ ଶିକ୍ଷକ ଆମପାଣି ଉଚ୍ଚ ବିଦ୍ୟାଳୟ ଚିତ୍ତରଞ୍ଜନ ଠାକୁର ପ୍ରମୁଖ ଯୋଗଦେଇଥିଲେ। ବିଦାୟ ସମ୍ବର୍ଦ୍ଧନାରେ ସ୍କୁଲ ଶିକ୍ଷକ ତୁଳସିରାମ ଚଳାନ, ହେମନ୍ତ କୁମାର ମାଝି, ଟଙ୍କ ଶବର, ଖେଳ ଶିକ୍ଷକ ଅମିତ ମହାନ୍ତି, କିରାଣୀ ସୁଶାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ରଶ୍ମିତା ନିଆଲ, ସୀମାରାଣୀ ସିଂ ପ୍ରମୁଖଙ୍କ ସହ କର୍ମଚାରୀ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ପାଖରେ ଆବର୍ଜନା କୁଣ୍ଡ



ଚିଚେର ପ୍ରାଥମିକ ବିଦ୍ୟାଳୟକୁ ଲାଗି ଏକ ଆବର୍ଜନା କୁଣ୍ଡ ରହିଛି।

**ଖଡ଼ିଆଳ,୯।୭(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ପଞ୍ଚାୟତ ଚିଚେର ପ୍ରାଥମିକ ବିଦ୍ୟାଳୟକୁ ଲାଗି ଆବର୍ଜନା କୁଣ୍ଡ ରହିଛି। ଫଳରେ ଅସ୍ୱାସ୍ଥ୍ୟକର ପରିବେଶରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଗତ ତିନି ବର୍ଷ ତଳେ ବିଦ୍ୟାଳୟକୁ ଲାଗି ଆବର୍ଜନା କୁଣ୍ଡ ତିଆରି କରି ରଖାଯାଇଛି। ଗ୍ରାମର ଜନସାଧାରଣ ଆବର୍ଜନା କୁଣ୍ଡରେ ମଇଳା ପକାଉଛନ୍ତି। କେତେ କାଂଶରେ ମୃତ ଛୋଟ ଛୋଟ ଜୀବ ମଧ ପକାଇ ଦେଉଥିବାରୁ ଦୁର୍ଗନ୍ଧ ହେଉଛି। ଅନ୍ୟପକ୍ଷରେ ଆବର୍ଜନା କୁଣ୍ଡ ଯୋଗୁ ବିଦ୍ୟାଳୟ ସବୁ ସମୟରେ ଦୁର୍ଗନ୍ଧମୟ ପରିବେଶ ଲାଗି ରହିଛି। ଦୀର୍ଘ ବର୍ଷ ହେଲା ଦୂଷିତ ପରିବେଶରେ ପିଲାମାନେ ପାଠପଢୁ ଥିବା ଅଭିଭାବକ ଓ ପରିଚାଳନା କମିଟି ଅଭିଯୋଗ କରିଛନ୍ତି। ଆବର୍ଜନା କୁଣ୍ଡ ବିଦ୍ୟାଳୟ ପର୍ଶ୍ୱରୁ ସ୍ଥାନାନ୍ତର ପାଇଁ ବିଦ୍ୟାଳୟ ପରିଚାଳନା କମିଟି ତଥା ବିଦ୍ୟାଳୟ କର୍ତ୍ତୃପକ୍ଷ ବାରମ୍ବାର ପଞ୍ଚାୟତରେ ଦାବି କଲେ ମଧ ଦୃଷ୍ଟି ଦେଉ ନାହାନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଆବର୍ଜନା କୁଣ୍ଡ ସ୍ଥାନାନ୍ତର କରିବାକୁ ଦାବି ହେଉଛି।

## ରାସ୍ତାର ଦୁଇ ପାର୍ଶ୍ୱରେ ବୃକ୍ଷ ରୋପଣ

**ଲାଞ୍ଜିଗଡ଼,୯।୭(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ ବଡ଼ପଡା ସମାଜ ପକ୍ଷରୁ ବଡ଼ପଡାର ରାସ୍ତାର ଦୁଇ ପାର୍ଶ୍ୱରେ ରବିବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ପଡା ସମାଜ ପରିଚାଳନାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସମାଜ ସଭାପତି ବନମାଳୀ ତାଣ୍ଡି, କାର୍ଯ୍ୟକାରୀ ସଭାପତି ସୁବାଷ ତାଣ୍ଡି, ଉପସଭାପତି ଗିରିଧାରୀ ନାଏକ, ସମ୍ପାଦକ ପରମାନନ୍ଦ ନାଏକ, କୋଷାଧକ୍ଷ ବେଣୁପାଣି ନାଏକ, ରମେଶ ଚନ୍ଦ୍ର ନାୟକ, କ୍ଷମାନିଧି ମହାକୁଡ଼, ଦାଶରଥି ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ରାସ୍ତାର ଦୁଇ ପାର୍ଶ୍ୱରେ ୯୫ଟି ବିଭିନ୍ନ କିଶମର ବୃକ୍ଷ ରୋପଣ କରାଯାଇଥିଲା। ପଉପଦେଷ୍ଟା କମିଟି ପକ୍ଷରୁ ଅନି ସୁନା, ଉଜ୍ୱଳ ନାଏକ, ବିଶିକେଶନ ମଙ୍ଗରାଜ, ଜଗତ ତାଣ୍ଡି, ଭୁଜ ସୁନା, ଚିତ୍ତରଞ୍ଜନ ବାଗ, ଲଡୁକିଶୋର ନାଏକ, ମଳୟ ବାଗ, ଜୟରାମ ସୁନା, ସୁରେଶ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

# ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ଠାବ

**କୋକସରା,୯।୭ (ଦୁଷ୍ମନ୍ତ କୁମାର ପାଇଯୋଶୀ)**

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ରେଙ୍ଗାଲପାଲି ଓ ଝରିଆଗୁଡ଼ା ରାସ୍ତାର ଜୁନାପଡା ନିକଟ ଏକ ଚାଷ ଜମିରୁ ସନ୍ଦେହଜନକ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି। ମୃତକ ହେଲେ ରେଙ୍ଗାଲପାଲି ଗ୍ରାମର ଯୁବକ ଜୟପତି ମାଝି (୪୫)। ଜୟପତିଙ୍କ ଶରୀରରେ ଅନେକ କ୍ଷତ ଚିହ୍ନ ସହ ରକ୍ତଛିଟା ରହିଛି। ଏହାକୁ ନେଇ ପରିବାର ଲୋକେ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ରେଙ୍ଗାଲପାଲି ଗ୍ରାମର ଜୟପତି ଶନିବାର ସକାଳୁ ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ମଧ ସନ୍ଧାନ ପାଇ ନ ଥିଲେ। ରବିବାର ସକାଳୁ ସ୍ଥାନୀୟ କେତେଜଣ ଲୋକ ଜୟପତିଙ୍କ ମୃତଦେହ ଗଛତଳେ ଆଉଜି ହୋଇ ରହିଥିବା ଦେଖି ପରିବାରକୁ ଖବର ଦେଇଥିଲେ। ଖବର ପାଇ କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲା। ପରିବାରବର୍ଗ ହତ୍ୟା ଅଭିଯୋଗ କରିବା ପରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ କୋକସରା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ (ନଂ.୧୪/୨୩) ରୁଜୁ ହୋଇଛି। ଜୟପତି ରେଙ୍ଗାଲପାଲି ପଞ୍ଚାୟତରେ ଝାଡୁଦାର ଥିଲେ ଓ ମାଛ ବ୍ୟବସାୟ କରୁଥିବା ବେଳେ ଘରେ ସ୍ତ୍ରୀ ସହ ଦୁଇ ଝିଅ ଓ ଜଣେ ପୁଅ ରହିଛନ୍ତି।

**ହତ୍ୟା ଅଭିଯୋଗ ଆଣିଲେ ପରିବାର, ପୋଲିସର ତଦନ୍ତ ଜାରୀ**

# ଗ୍ରାମବାସୀ ତିଆରି କଲେ ଆପ୍ରୋଚ୍ ରୋଡ୍

**ଖଡ଼ିଆଳ,୯।୭(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବିରିଘାଟ ସୁନ୍ଦର ନଦୀ ବ୍ରିଜ କାର୍ଯ୍ୟ ସାରି ୩ବ ର୍ଷ ବିତିଗଲା। ହେଲେ ଉଭୟ ପର୍ଶ୍ୱର ଆପ୍ରୋଚ ରୋଡ୍ ତିଆରି ନ ହେବାରୁ ବିରିଘାଟ ଗ୍ରାମବାସୀ ତଥା ଅଞ୍ଚଳବାସୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଗ୍ରାମବାସୀ ନୂଆପଡା ଜିଲାପାଳ ତଥା ସ୍ଥାନୀୟ ନେତାଙ୍କୁ ଆପ୍ରୋଚ ରୋଡ୍ ନିର୍ମାଣ ପାଇଁ ବାରମ୍ବାର ଗୁହାରି କରିଥିଲେ। କିନ୍ତୁ ନା ଜିଲା ପ୍ରଶାସନ ନା ନେତା ଗ୍ରାମବାସୀଙ୍କ ଗୁହାରି ଶୁଣିଲେ ନାହିଁ। ଫଳରେ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ରାସ୍ତା ନିମାଣ କରିଛନ୍ତି। ସୂଚନା ଯେ, ବିରିଘାଟ ଗ୍ରାମରେ ଏକ ଶହରୁ ଅଧିକ ପରିବାର ବାସ କରୁଛନ୍ତି। ପ୍ରତ୍ୟକ ପରିବାରରୁ ପାଞ୍ଚ ଶହ ଟଙ୍କାରୁ ଏକ ହଜାର ଟଙ୍କା ଆଦାୟ କରିବା ସହିତ କିଛି ବଦାନ୍ୟ ବ୍ୟକ୍ତି ନିଜ ଶକ୍ତି ମୁତାବକ ଅଧିକ ଆର୍ଥିକ ଦାନ କରିବା ସହିତ ଗ୍ରାମ୍ୟ କମିଟିରୁ କିଛି ଟଙ୍କା ଆଣି ରାସ୍ତା ତିଆରି



ଗ୍ରାମବାସୀ ଆପ୍ରୋଚ୍ ରାସ୍ତା ନିର୍ମାଣ କରୁଛନ୍ତି।

କରିଛନ୍ତି। ଏହି ବ୍ରିଜର ଆପ୍ରୋଚ ରୋଡ୍ ତିଆରି ପାଇଁ ଏକ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ୩ ବର୍ଷ ହେବ ବିରିଘାଟ ସୁନ୍ଦର ନଦୀ ଉପରେ କେବଳ ବ୍ରିଜ କାର୍ଯ୍ୟ ଶେଷ ହୋଇଥିବା ବେଳେ ତିରିଶରୁ ଚାଳିଶ ଫୁଟ ଉଭୟ ଆପ୍ରୋଚ ରାସ୍ତା ମାଟି କାର୍ଯ୍ୟ ହୋଇ ନ ଥିଲା। ଗ୍ରାମବାସୀଙ୍କ ଖର୍ଚ୍ଚରେ ଚାରିଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ମେଶିନ ଲଗାଇ କାର୍ଯ୍ୟ ଶେଷ କରିଛନ୍ତି।

**ଶୁଣିଲେନି ଜିଲା ପ୍ରଶାସନ, ରାଜନେତା**

ସୂଚନାରୁ ଜଣାପଡିଛି ଯେ, ଖଡ଼ିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ସେତୁ ପାଇଁ ୬ କୋଟି ୪୮ ଲକ୍ଷ ଟଙ୍କା ଅଟକଳରେ ନିର୍ମାଣ ଆରମ୍ଭ ହୋଇଥିଲା। ଏହି ରାସ୍ତା ଉପରେ ଅଞ୍ଚଳର ଦଶ ହଜାରରୁ ଅଧିକ ଜନସାଧାରଣ ନିର୍ଭରଶୀଳ ଥିବାବେଳେ ବିଶେଷ କରି ଛାତ୍ରଛାତ୍ରୀ, ରୋଗୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଜିଲାପାଳ ଓ ସ୍ଥାନୀୟ ନେତାଙ୍କୁ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ ଆପ୍ରୋଚ ରାସ୍ତା ନିର୍ମାଣ ପାଇଁ ଧ୍ୟାନ ଦେଇ ନ ଥିବା ବିରିଘାଟ ଗ୍ରାମର ସଜାଦ ଖାନ, ଲୋଚନ କାଣ୍ଡ, ହୃଦୟ ସୁନା, ଯଶୋବନ୍ତ କାଣ୍ଡ, କେତୁଖାନ, ତାଜମହମ୍ମଦ ଖାନ, ଟଙ୍କଧର ଭିତ୍ରିଆ, ନରସିଂଙ୍ଗ କାଣ୍ଡ, ଏହସାନ ଖାନ ପ୍ରମୁଖ କହିଛନ୍ତି। ସମସ୍ତଙ୍କ ଉଦ୍ୟମରେ ବ୍ରିଜ ଆପ୍ରୋଚ ରାସ୍ତା କାର୍ଯ୍ୟ କରି ଗ୍ରାମବାସୀ ଉଦାହରଣ ସାଜିଛନ୍ତି।

## ସଂକ୍ଷେପରେ

### ପଦାର୍ଥ ବିଜ୍ଞାନ ସ୍ନାତକ ପରୀକ୍ଷାରେ ଅଭିଲିପ୍ସା ଦ୍ୱିତୀୟ


ଅଭିଲିପ୍ସା ଶତପଥୀ

**ଅମରପାଲି,୯।୭(ପୀତାମ୍ବର ସାହୁ):** ସୋନପୁର ମହାବିଦ୍ୟାଳୟର ଛାତ୍ରୀ ତଥା ବୀରମହାରାଜପୁର ବ୍ଲକ ଚମ୍ପାପୁର ଗ୍ରାମର ଅଭିଲିପ୍ସା ଶତପଥୀ ଚଳିତବର୍ଷ ସ୍ନାତକ ପଦାର୍ଥ ବିଜ୍ଞାନ ପରୀକ୍ଷାରେ ୯.୪୨ ସିଜିପିଏ ମାର୍କ ରଖି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଜଣାପଡ଼ିଛି। ମହାବିଦ୍ୟାଳୟର ଅଧାପିକା ଅଧାପକଙ୍କ ଗୁଣାତ୍ମକ ଶିକ୍ଷାଦାନ, ପିତାମାତାଙ୍କ ପ୍ରେରଣା ସାଙ୍ଗକୁ ଦୈନିକ ୬ ଘଣ୍ଟାର ଅଧ୍ୟୟନ ଯୋଗୁ ତାଙ୍କୁ ଏହି ସଫଳତା ମିଳିଥିବା ସେ କହିଛନ୍ତି। ଅଭିଲିପ୍ସା ହେଉଛନ୍ତି ମାନସ ଶତପଥୀ ଓ ନିତଞ୍ଜିନୀ ଶତପଥୀଙ୍କ ଝିଅ। ଏହି ସଫଳତା କଥା ପ୍ରଚାରିତ ହେବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

### ଅମରପାଲି ହାଇସ୍କୁଲରେ ବୃକ୍ଷରୋପଣ ସଚେତନତା ଶୋଭାଯାତ୍ରା

**ଅମରପାଲି,୯।୭(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲରେ ଶନିବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲର ସମସ୍ତ ଶିକ୍ଷକ,କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଶିକ୍ଷକ ସମ୍ମିତ ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ଶ୍ୟାମସୁନ୍ଦର ସେଠୀ, ପଦ୍ମନାଭ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ ପ୍ରମୁଖ ବନମହୋତ୍ସବ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ କହିବା ସହିତ ବ୍ୟାପକ ବୃକ୍ଷରୋପଣ କରିବାକୁ କହିଥିଲେ। ସଭା ପରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଶିକ୍ଷକ କହ୍ନେଇଚରଣ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସ୍କୁଲ ପରିସରରେ ଆମ୍ବ, ଜାମୁ, ନିମ୍ବ, କରଞ୍ଜ ଆଦି ବୃକ୍ଷରୋପଣ କରାଯାଇଥିଲା। ନଟବର ରଣା, ନଟିଆ ଚରଣ ସାହୁ, ଜଗନ୍ନାଥ ସାହୁ, ଗୋବର୍ଦ୍ଧନ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୌଦ୍ଧର ପୁରାତନ ବାଦ୍ୟ ଧୁନକେଲି ହେବ ପୁନରୁଦ୍ଧାର

ବୌଦ୍ଧ,୯।୭( ଅଜିତ କୁମାର ବାରିକ)



ସଂସ୍କୃତି ନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀମାନେ ସଂଗ୍ରହାଳୟ ପରିସରରେ ଧୁନକେଲି ବାଦ୍ୟ ଦେଖୁଛନ୍ତି।

ବୌଦ୍ଧ ଜିଲାର ଏକ ପୁରାତନ ବାଦ୍ୟ ହେଉଛି ଧୁନକେଲି। ଏହି ବାଦ୍ୟ ତିଆରି ହୋଇଥାଏ ମାଠିଆ, କିଛି ବାଡି ଓ କୁଲାରେ। ଏହାଦ୍ୱାରା ଏହି ବାଦ୍ୟ ବାଦନ କରାଯାଇଥାଏ । ଜିଲାରେ ଏହି ବାଦ୍ୟ ବର୍ତ୍ତମାନ କାଁ ଭାଁ ଦେଖିବାକୁ ମିଳୁଛି। ବିଶେଷ କରି ଜିଲାରେ କୈଳାଶୀ ଯାତ୍ରା ସମୟରେ ଦେବୀଙ୍କ ଆବାହନ ପାଇଁ କିଛି କିଛି ଗାଁରେ ଧୁନକେଲି ବାଦ୍ୟ ବାଜିଥାଏ। ବୌଦ୍ଧରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ବୌଦ୍ଧ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଚାଲିଥିବା ଲୋକ ସଙ୍ଗୀତ ଓ ନୃତ୍ୟ ଉତ୍ସବ ଦେଶଜ ଅବସରରେ ପ୍ରଦର୍ଶିତ ଧୁନକେଲି ବାଦ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ରବିବାର ଦିନ ଦେଶଜ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସ ଥିଲା । ଏହି ଅବସରରେ ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲିପ ରାଉତରାୟ ଆସିଥିବା ବେଳେ ବୌଦ୍ଧ ଜିଲା ସଂଗ୍ରହାଳୟରେ ଆୟୋଜିତ ଦୀକ୍ଷାନ୍ତ କର୍ମଶାଳାରେ ଯୋଗ ଦେଇଥିଲେ। ଏଠାରେ କଳାକାରମାନଙ୍କ ଦ୍ୱାରା ବୌଦ୍ଧର ଲୋକବାଦ୍ୟ ଧୁନକେଲି ପ୍ରଦର୍ଶିତ ହୋଇଥିଲା । ବାଦ୍ୟକୁ ଦେଖିଲା ପରେ ସଂସ୍କୃତି ନିର୍ଦ୍ଦେଶକ ହଜି ଯାଉଥିବା ଏହି ପୁରୁଣାବାଦ୍ୟର ପୁନରୁଦ୍ଧାର କରାଯିବ ବୋଲି କହିଥିଲେ। ଏହି ଅବସରରେ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ ଏବଂ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

# ୯ କେନ୍ଦ୍ରରେ ପରୀକ୍ଷା ଦେଲେ ୧ହଜାର ୫୫୭ ଜଣ ପରୀକ୍ଷାର୍ଥୀ

ଅମରପାଲି,୯।୭(ପୀତାମ୍ବର ସାହୁ)

**ବୀରମହାରାଜପୁର ଉପଖଣ୍ଡ**

**ପଞ୍ଚାୟତ କାର୍ଯ୍ୟନିର୍ବାହୀ, ଜେଇ ଚୟନ ପରୀକ୍ଷା**

ଓଡ଼ିଶା ସବ୍‌ଅଡିନେଟ ଷ୍ଟାଫ୍‌ସିଲେକସନ କମିସନ (ଓଏସଏସଏସସି) ଆନୁକୂଲ୍ୟରେ ରବିବାର ବିଭିନ୍ନ କେନ୍ଦ୍ରରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ କନିଷ୍ଠ ସହାୟକ(ଜେଇ) ଚୟନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନରେ ସମୁଦାୟ ୨୭ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ୬ହଜାର ୨୬୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ତନ୍ମଧ୍ୟରୁ ବୀରମହାରାଜପୁର ଉପଖଣ୍ଡର ଉଭୟ ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକରେ ହୋଇଥିବା ୯ଟି ପରୀକ୍ଷା କେନ୍ଦ୍ରରେ ୧ହଜାର ୫୫୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ବୀରମହାରାଜପୁର ବ୍ଲକରେ ୫ଟି ପରୀକ୍ଷା କେନ୍ଦ୍ର ହୋଇଥିଲା। ଏହି ୫ଟି କେନ୍ଦ୍ରରେ ସମୁଦାୟ ୧୦୦୮ଜଣ ପରୀକ୍ଷା ଦେଇଛନ୍ତି। ବ୍ଲକର ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲ, ସ୍ଥାନୀୟ ବାଳିକା ହାଇସ୍କୁଲ, ବୀରମହାରାଜପୁର (ବାଗବର) ମହିଳା ହାୟର ସେକେଣ୍ଡାରୀ ସ୍କୁଲ,ରଥପୁର ଓଡିଶା ଆଦର୍ଶ ବିଦ୍ୟାଳୟ ଓ ବୀରମହାରାଜପୁର ମହାବିଦ୍ୟାଳୟରେ ଉକ୍ତ ପରୀକ୍ଷା ପାଇଁ କେନ୍ଦ୍ର ହୋଇଥିଲା। ପରୀକ୍ଷା ପରିଚାଳନା ପାଇଁ ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି କରିଥିବା ବେଳେ ପରୀକ୍ଷା କେନ୍ଦ୍ରରେ ପୋଲିସ ମୁତୟନ କରାଯାଇଥିଲା। ବୀରମହାରାଜପୁରର ସମସ୍ତ ପରୀକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ହୋଇଥିବା ଜଣାପଡିଛି। ସେହିପରି ଉଲୁଣ୍ଡା ବ୍ଲକରେ ୪ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ସମୁଦାୟ ୫୪୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଉଲୁଣ୍ଡା ବ୍ଲକର ଧର୍ମଶାଳାସ୍ଥିତ ହାୟର ସେକେଣ୍ଡାରୀ ସ୍କୁଲ,ଉଲୁଣ୍ଡା ଡିଗ୍ରୀ କଲେଜ, ହାୟର ସେକେଣ୍ଡାରୀ ସ୍କୁଲ ଏବଂ ସଦର ୫ଟି ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର ହୋଇଥିଲା।

# ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କ ଜିଲା ପାଠାଗାର ପରିଦର୍ଶନ


ଜିଲା ପାଠାଗାର ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀ ବୁଲି ଦେଖୁଛନ୍ତି।

ବୌଦ୍ଧ,୯।୭( ଅଜିତ କୁମାର ବାରିକ)

ରବିବାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାଏ ଓ ବୌଦ୍ଧର ନୂତନ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ବୌଦ୍ଧ ଜିଲା ପାଠାଗାର ସହିତ ସଂସ୍କୃତି ବିଭାଗର ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି । ନିର୍ଦ୍ଦେଶକ ଓ ଜିଲାପାଳ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଜିଲା ପାଠାଗାର ବୁଲି ଦେଖିବା ସହିତ ପାଠକମାନଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ଓ ଆବଶ୍ୟକତା ସଂପର୍କରେ ଅନୁଧ୍ୟାନ କରିଥିଲେ। ପାଠାଗାର ମଧ୍ୟରେ ଶିଶୁମାନଙ୍କ ପାଇଁ ଉପଯୋଗୀ ପୁସ୍ତକ ବ୍ୟବସ୍ଥା କରିବା ସହିତ କାନ୍ଥଗୁଡିକରେ ବିଭିନ୍ନ ଶିକ୍ଷଣୀୟ ପ୍ରସଙ୍ଗ ସବୁ ଚିତ୍ରିତ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରକାଶଥାଉ କି, ପୂର୍ବତନ ଜିଲାପାଳଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଜିଲା ପାଠାଗାର ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା। ପ୍ରତିଦିନ ବହୁ ସଂଖ୍ୟକ ବରିଷ୍ଠ ନାଗରିକ, ଛାତ୍ରୀଛାତ୍ର ଓ ପାଠକମାନେ ପାଠାଗାର ଆସୁଛନ୍ତି। ପାଠାଗାର ପ୍ରତି ଛାତ୍ରୀଛାତ୍ରମାନଙ୍କ ଆକର୍ଷଣ ଓ ପଠନ ଅଭ୍ୟାସ ପାଇଁ ପ୍ରତି ସପ୍ତାହରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଉଛି। ପାଠାଗାର ସଫଳ ପରିଚାଳନା ପାଇଁ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ଓ ଲାଇବ୍ରେରିଆନ ଅକ୍ଷୟ କୁମାର ମହାକୁଡଙ୍କୁ ପ୍ରଶଂସା କରିଥିଲେ। ପରେ ସଂସ୍କୃତି ଭବନ ନିର୍ମାଣ ପାଇଁ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଇଥିବା ବେଳେ ପ୍ରସ୍ତାବିତ ସ୍ଥାନ ବୁଲି ଦେଖିବା ସହିତ ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ନିର୍ଦ୍ଦେଶକ ରାଉତରାଏ ପ୍ରକାଶ କରିଥିଲେ। ଏହାସହ ନୂତନ ଭାବେ ନିର୍ମାଣ ଚାଲିଥିବା ଆଳତି ଘାଟକୁ ନିର୍ଦ୍ଦେଶକ ବୁଲି ଦେଖିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥ, ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପରିଷ୍କାର, ପରିଚ୍ଛନ୍ନତା ଉପରେ ଗୁରୁତ୍ୱ

**ଅଭିମୁଖୀକରଣ କାର୍ଯ୍ୟକ୍ରମ**

ଡୁଙ୍ଗୁରିପାଲି,୯।୭ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମାୟାବାର୍ହା କ୍ଲଷ୍ଟର ଅନ୍ତର୍ଗତ ଏଫଏଲଏନ ମଡ଼େଲ ସ୍କୁଲ ପଣ୍ଡକିଟାଲରେ ପରିଷ୍କାର ପରିଚ୍ଛନ୍ନତା ଉପରେ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ହେମସାଗର ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ ତପସ୍ୱିନୀ ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜାତୀୟ ଟିକାକରଣ କାର୍ଯ୍ୟକ୍ରମର ସ୍ୱାସ୍ଥ୍ୟକର୍ମୀ ତଥା ସାମାଜିକ କର୍ମୀ ପ୍ରଭାସିନୀ ଦାଶ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ସ୍ୱାସ୍ଥ୍ୟ ହି ସମ୍ପଦ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେଲେ ଆମେ ନିରୋଗ ରହି ପାରିବା ବୋଲି ଦାଶ ମତବ୍ୟକ୍ତ କରିଥିଲେ। ଶିଶୁମାନେ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେଲେ ଭବିଷ୍ୟତରେ ଏକ ସୁସ୍ଥ ନିରୋଗ ସମାଜ ଗଠନ ହୋଇ ପାରିବ। ନଖ ଓ କେଶ କାଟିବା, ଚକ୍ଷୁର ଯତ୍ନ, ସଫା ପୋଷାକ ପିନ୍ଧିବା, ଗରମ ଖାଦ୍ୟ ଖାଇବା, ବିଶୁଦ୍ଧ ପାନୀୟ ଜଳ ପିଇବା ଏବଂ ସଂକ୍ରାମକ ରୋଗର କାରଣ ଓ ନିରାକରଣ ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଶେଷରେ ଏହି ବିଦ୍ୟାଳୟର ସହକାରୀ ଶିକ୍ଷକ ଦେବରାଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣିରେ ପଶି ନଳକୂପରୁ ପାଣି ଆଣୁଛନ୍ତି ଛାତ୍ରୀଛାତ୍ର


କଣ୍ଟିସର ବିଦ୍ୟାଳୟ ପରିସରରେ ଥିବା ନଳକୂପ ।

ତଳଗାଁ,୯।୭(କୁନା ବେହେରା)

**କଣ୍ଟିସର ବିଦ୍ୟାଳୟ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତର କଣ୍ଟିସର ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପିଇବା ପାଣି ପାଇଁ ନା ନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ବିଦ୍ୟାଳୟ ପରିସରରେ ଥିବା ନଳକୂପ ପାଣି ଉପରେ ଛାତ୍ରୀଛାତ୍ରୀ ନିର୍ଭରଶୀଳ। କିନ୍ତୁ ନଳକୂପର ଚାନ୍ଦିନୀ ଭାଙ୍ଗି ଯାଇଥିବାରୁ ନଳକୂପ ତଳେ ପାଣି ଜମି ରହୁଛି। ପାଣି ଜମି ରହିବାରୁ ଉକ୍ତ ମଇଳା ପାଣି ନଳକୂପ ଭିତରକୁ ପ୍ରବେଶ କରୁଛି। ଫଳରେ ଛାତ୍ରୀଛାତ୍ରମାନେ ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ନଳକୂପ ଚାନ୍ଦିନୀ ନ ଥିବାରୁ ପାଣିରେ ପଶି ଛାତ୍ରୀଛାତ୍ର ପାଣି ବାହାର କରି ପିଉଥିବା ଦେଖିବାକୁ ମିଳୁଛି। ଉକ୍ତ ନଳକୂପ ମରାମତି ପାଇଁ ଏସଏଫସି ପାଣ୍ଠିରୁ ୨୦୨୨-୨୩ ଆର୍ଥିକ ବର୍ଷରେ କିଛି ଅର୍ଥ ଖର୍ଚ୍ଚ ହୋଇଥିବା ନେଇ ସୂଚନା ଫଳକରେ ସୂଚିତ ହୋଇଛି। ତେବେ ପ୍ରକୃତରେ କାର୍ଯ୍ୟ ହୋଇଛି ନା ଅର୍ଥ ବାଟମାରଣ ହୋଇଛି ଏହାର ତଦନ୍ତ କରାଯିବା ସହ ନଳକୂପ ଚାନ୍ଦିନୀ ଯଥାଶୀଘ୍ର କରିବା ଜରୁରୀ ହୋଇପଡିଛି। ଏହାଛଡା ବିଦ୍ୟାଳୟର ଉନ୍ନତିକରଣ ସକାଶେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୦୨୨-୨୩ ଆର୍ଥିକ ବର୍ଷରେ ୫ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ କାମ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ପରିଷଦର ଜିଲା ସମ୍ମିଳନୀ

ବୌଦ୍ଧ,୯।୭(ଅଜିତ କୁମାର ବାରିକ)

ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ରବିବାର ଦିନ ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ପରିଷଦର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ମିଳନୀରେ ନାମ ସଂକୀର୍ତ୍ତନ ସଦସ୍ୟମାନଙ୍କୁ କଳାକାର ମାନ୍ୟତା ଦେବାକୁ ଦାବି କରାଯାଇଛି। ସଂକୀର୍ତ୍ତନ ପରିଷଦର ଜିଲା ସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଅତିଥି ଭାବେ ରାଜ୍ୟ ସଂପାଦକ ବିପିନ ବିହାରୀ ଦାସ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସଂପାଦକ ସତ୍ୟ ନାରାୟଣ ପ୍ରଧାନ ପରିଚାଳନା କରିଥିଲେ। ଜିଲା ସମ୍ମିଳନୀରେ ନାମ ସଂକୀର୍ତ୍ତନ ସଦସ୍ୟମାନଙ୍କ ବିଭିନ୍ନ ସମସ୍ୟା ନେଇ ଅତିଥିମାନେ ଆଲୋଚନା କରିଥିଲେ। କଳାକାର ମାନ୍ୟତା ଦେବା, ସମସ୍ତଙ୍କୁ କଳାକାର ଭତ୍ତା ପ୍ରଦାନ କରିବାକୁ ଦାବି କରାଯାଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହିଥିବା ନାମ ସଂକୀର୍ତ୍ତନ ସଦସ୍ୟମାନଙ୍କୁ ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ପରିଷଦ ମାଧ୍ୟମରେ ଏକତ୍ରିତ କରି ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ଏହି ଅବସରରେ କଳାକାରମାନେ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ।

# ବାବା ରୁଦ୍ରନାଥଙ୍କ ଦର୍ଶନରୁ ବଞ୍ଚିତ ଶ୍ରଦ୍ଧାଳୁ


ସୋନପୁର ରୁଦ୍ରନାଥ ମନ୍ଦିର।

**ସୁବର୍ଣ୍ଣପୁର ଜିଲା**

- ମନ୍ଦିରକୁ ରାସ୍ତା ନାହିଁ, ଅପୂଜା ରହୁଛନ୍ତି ଠାକୁର
- ଦେବୋତ୍ତର ବିଭାଗ ନିଦ୍ରାବିଷ୍ଟ

**ସୋନପୁର,୯।୭(ମୃତ୍ୟୁଞ୍ଜୟ ଶତପଥୀ):** ମନ୍ଦିର ହେଉଛି ସୁବର୍ଣ୍ଣପୁରର ପରିଚୟ। ଏଠାରେ ଅଷ୍ଟ ଶମ୍ଭୁ, ଅଷ୍ଟ ବିଷ୍ଣୁ ଓ ଅଷ୍ଟ ଚଣ୍ଡୀଙ୍କ ପୁରାତନ ମନ୍ଦିର ରହିଛି। ରାଜାରାଜୁଡା ସମୟରୁ ଦେବାଦେବୀ ଏଠାରେ ପୂଜା ପାଇ ଆସୁଛନ୍ତି। ଅଷ୍ଟଶମ୍ଭୁରୁ ବାବା ରୁଦ୍ରନାଥ ଅନ୍ୟତମ। ସୋନପୁର ଗଡଭିତର ସିନେମା ହଲ ଓ ଗୋପାଳ ଜୀ ମନ୍ଦିର ମଝିରେ ରହିଛି ରୁଦ୍ରନାଥଙ୍କ ମନ୍ଦିର। ଶ୍ରାବଣ ମାସର ପ୍ରଥମ ସୋମବାର ପାଇଁ ସମସ୍ତ ଶୈବପୀଠ ଚଳଚଞ୍ଚଳ। ହେଲେ ବାବା ରୁଦ୍ରନାଥଙ୍କୁ ସର୍ବ ସାଧାରଣଙ୍କ ଦର୍ଶନ ଆଉ ସମ୍ଭବ ହେଉନାହିଁ । ମନ୍ଦିରକୁ ରାସ୍ତା ନ ଥିବାରୁ ଦୀର୍ଘ ବର୍ଷ ହେବ ଶିବ ଅପୂଜା ରହୁଛନ୍ତି। ପୂଜକ ଆସୁନାହାନ୍ତି। ପବିତ୍ର ଶ୍ରାବଣ ମାସରେ ଶ୍ରଦ୍ଧାଳୁମାନେ ବାବା ରୁଦ୍ରନାଥଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ଶ୍ରାବଣ ମାସରେ ଭକ୍ତ ଜଳାଭିଷେକ କରି ପାରୁନାହାନ୍ତି। ମନ୍ଦିର ରାସ୍ତାକୁ ଅବରୋଧ କରାଯାଇଛି। ଦେବୋତ୍ତର ବିଭାଗ ଏ କ୍ଷେତ୍ରରେ ନୀରବଦ୍ରଷ୍ଟା ସାଜିଛି। ଘଟଣାକୁ ନେଇ ଭକ୍ତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଜିଲା ପ୍ରଶାସନ ଓ ଲୋକ ପ୍ରତିନିଧି ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

"ଶ୍ରାବଣ ମାସରେ ରୁଦ୍ରନାଥଙ୍କ ମନ୍ଦିରକୁ ଭକ୍ତ ଯାଇ ପାରୁନାହାନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ଘଟଣା। ମନ୍ଦିର ରାସ୍ତାକୁ ବନ୍ଦ କରାଯାଇଛି। ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ସୋନପୁରର ପ୍ରାକ୍ତନ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀଙ୍କୁ ଜଣାଇଥିଲେ। ମାତ୍ର ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ନିଆଯାଇନାହିଁ।

**ସିତାଂଶୁ ମିଶ୍ର, ସଭାପତି ସୋନପୁର ସଚେତନ ନାଗରିକ ମଞ୍ଚ।**

"ସୋନପୁର ରାଜା ଏହି ମନ୍ଦିର ନିର୍ମାଣ କରିଥିଲେ। ମନ୍ଦିରର ପୂଜା ଓ ରୀତିନୀତି ପାଇଁ ଜମି ବ୍ୟବସ୍ଥା କରିଥିଲେ। ଅଷ୍ଟଶମ୍ଭୁଙ୍କୁ ନେଇ ଆମେ ଗର୍ବ ଅନୁଭବ କରୁ। କିନ୍ତୁ ଦୀର୍ଘ ବର୍ଷ ଧରି ବାବାଙ୍କୁ ପୂଜା କରା ଯାଇପାରୁନି।

**ମହେଶ ପୂଜାହାରୀ, ସୋନପୁର ଗଡଭିତର।**

"ସୁବର୍ଣ୍ଣପୁରକୁ ଦ୍ୱିତୀୟ ବାରଣାସୀ ବୋଲି କୁହାଯାଏ। ଏଠାରେ ଅନେକ ଛୋଟ ବଡ ପୁରାତନ ମନ୍ଦିର ରହିଛି। ସେଗୁଡିକୁ ସଂରକ୍ଷଣ କରା ଯାଇପାରୁନି। ରୁଦ୍ରନାଥ ମନ୍ଦିର ଏବେ ଭଗ୍ନାଭିମୁଖୀ। ଏହାର ମରାମତି କରାଯାଉନି। ମନ୍ଦିର ଅନାବନା ଗଛ ଲତାରେ ପରିପୂର୍ଣ୍ଣ ହେଲାଣି।

**ମେଡେନ ବିଶି, ପାଞ୍ଜିଗଣକ, ସୋନପୁର।**

"ସିନେମା ହଲ ରାସ୍ତା ଦେଇ ମନ୍ଦିରକୁ ଯାଉଥିଲୁ। ରୁଦ୍ରନାଥଙ୍କୁ ପୂଜା କରୁଥିଲୁ। ଏବେ ମନ୍ଦିରକୁ ଯିବା ପାଇଁ ଆଉ କୌଣସି ରାସ୍ତା ନାହିଁ। ପ୍ରଶାସନ ରାସ୍ତା ଦେଲେ ଆମେ ପୁଣି ମନ୍ଦିରକୁ ଯାଇ ପୂଜା କରିବୁ।

**ଅଚ୍ୟୁତ ପୂଜାହାରୀ, ପୂଜକ ରୁଦ୍ରନାଥ ମନ୍ଦିର ।**

# ବୌଦ୍ଧର କଳା, ସଂସ୍କୃତି ଉଚ୍ଚକୋଟୀର

ବୌଦ୍ଧ,୯।୭( ଅଜିତ କୁମାର ବାରିକ)



ସାଂସ୍କୃତିକ କାର୍ଯ୍ୟକ୍ରମରେ ବୌଦ୍ଧ ପଞ୍ଚରାର ଲୋକନୃତ୍ୟ କରମା ।

**ଲୋକ ସଙ୍ଗୀତ ଓ ନୃତ୍ୟ ଉତ୍ସବ ଦେଶଜ ଉଦ୍‌ଯାପିତ**

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନକୂଲ୍ୟରେ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ବୌଦ୍ଧ ଜିଲା ପ୍ରଶାସନ ଓ ସଂସ୍କୃତି ପରିଷଦର ମିଳିତ ସହଯୋଗରେ ବୌଦ୍ଧ ଟାଉନ ହଲଠାରେ ଚାଲିଥିବା ଦୁଇଦିନିଆ ଲୋକ ସଙ୍ଗୀତ ଓ ନୃତ୍ୟ ଉତ୍ସବ ଦେଶଜ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ ମହୀଧର ରଣା ଯୋଗଦେଇ ବୌଦ୍ଧର କଳା, ସଂସ୍କୃତି ଉଚ୍ଚକୋଟୀର ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ କୁମାର ରଥ, ଉପଜିଲାପାଳ ରବୀନ୍ଦ୍ର ନାଥ କହଁର, ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ପାଣ୍ଡିଆ, ୭ ନମ୍ବର ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ପ୍ରୀତିବାଳା ରଣା ଯୋଗ ଦେଇଥିଲେ । ମୁଖ୍ୟଅତିଥି ବିଧାୟକ ରଣା ବୌଦ୍ଧ ଜିଲାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇ କଳାକାରମାନଙ୍କୁ ମଞ୍ଚ ଯୋଗାଇ ଦିଆଯାଇଥିବାରୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ କହିଥିଲେ, କଳାକାରମାନଙ୍କ ପାଇଁ ସବୁବେଳେ ମଞ୍ଚର ଆବଶ୍ୟକତା ରହିଛି। ତେଣୁ ସଙ୍ଗୀତ ନାଟକ ଏକାଡେମୀ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଏଭଳି ଆୟୋଜନକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ପୁରୀ ଜିଲାର ସାହିଯାତ ନୃତ୍ୟ ରଙ୍ଗଶାଳା ପକ୍ଷରୁ ଗୁରୁ ବିକ୍ରମ କୁମାର ସାହୁଙ୍କ ନିର୍ଦ୍ଦେଶନାରେ ଦଳଗତ ନୃତ୍ୟ, ଗଞ୍ଜାମ ଜିଲା ଭଞ୍ଜନଗର ଗୁରୁ ଶାନ୍ତନୁ କୁମାର ଦାଶଙ୍କ ନିର୍ଦ୍ଦେଶନାରେ ବିଶ୍ୱ ଜନନୀ କଳା ପରିଷଦ ଦ୍ୱାରା ପଶୁନୃତ୍ୟ ଓ ବୌଦ୍ଧ ଜିଲା ପଞ୍ଚରାର ଗୁରୁ କରୁଣାକର ଘଟୁଆଳଙ୍କ ନିର୍ଦ୍ଦେଶନାରେ ମା' ମାହେଶ୍ୱରୀ କରମସାନୀ ଦଳ ଦ୍ୱାରା କରମା ନୃତ୍ୟ ପରିବେଷଣ କରାଯାଇଥିଲା।ଏହାଛଡା ଶତ୍ରୁଘ୍ନ ଲୁହା ସୁବର୍ଣ୍ଣପୁର, ରମେଶ ସୁନା ରାଉରକେଲା, ରେଷ୍ମା ରାଣୀ ଦାସ ବଲାଙ୍ଗୀର ଓ ସୁବର୍ଣ୍ଣପୁରର ପ୍ରତିତି ମିଶ୍ରଙ୍କ ଦ୍ୱାରା ଲୋକକଳା ସଙ୍ଗୀତ ପରିବେଷଣ କରାଯାଇଥିଲା। ଅଞ୍ଜନ କୁମାର ପ୍ରଧାନ ସଂଯୋଜନା କରିଥିଲେ। ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବସନ୍ତ କୁମାର ସାହୁ, ଗୋପାଳ କୃଷ୍ଣ ବେହେରା, ସ୍ୱାଧୀନ ପରିଡା, ଦିବ୍ୟଶଙ୍କର ରାଉତ, ପ୍ରଶାନ୍ତ କୁମାର ଭାଇନା, ସୁରେନ୍ଦ୍ର କର୍ଣ୍ଣ, ପ୍ରତ୍ୟୁଷ ଦାନୀ, ସନ୍ତୋଷ କର୍ଣ୍ଣ, କୃତ୍ତିବାସ ପଳିଆ, ସୁନୀତା ଦାଶ, ଚନ୍ଦ୍ରକାନ୍ତ ନାୟକ, ଅକ୍ଷୟ ମହାକୁଡ, ଜିତେନ୍ଦ୍ର ମହାନ୍ତି ଓ ବାଞ୍ଛାନିଧି ମହାକୁଡ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଥାନାରେ ବଳାତ୍କାର ଅଭିଯୋଗ

ଲହୁଣୀପଡ଼ା (ଦାଶରଥି ପଣ୍ଡା): ଲହୁଣୀପଡା ବ୍ଲକ ତଲେଇସରା ପଞ୍ଚାୟତ ଏକପାଦି ଗ୍ରାମର ସନ୍ତୋଷ ନାୟକ (୨୪) ସେହି ଗ୍ରାମର ଜଣେ ଯୁବତୀଙ୍କ ସହିତ ୨ବର୍ଷ ପୂର୍ବରୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ପ୍ରେମ ସମ୍ପର୍କ ରଖିବା ସହିତ ଶାରୀରିକ ସମ୍ପର୍କ ମଧ୍ୟ ସ୍ଥାପନ କରିଥିଲେ। ଯୁବତୀ ଜଣକ ଗର୍ଭବତୀ ହେବାରୁ ବିବାହ କରିବା ପାଇଁ ଜିଦ ଧରିବାରୁ ସନ୍ତୋଷ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିଲେ। ଶେଷରେ ପରିବାର ଲୋକ ନିରାଶ ହୋଇ ନ୍ୟାୟ ପାଇବା ଆଶାରେ ମହୁଲପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ।



# ପଛେଇଛି ଚାଷ କାର୍ଯ୍ୟ, ଚିନ୍ତାରେ ଚାଷୀ

ସୁନ୍ଦରଗଡ଼,୯।୭(ଜୟନାରାୟଣ ମେଣ୍ଟୁଳି)

ଚଳିତ ବର୍ଷ ବିଳମ୍ବିତ ବର୍ଷା ଯୋଗୁଁ ସୁନ୍ଦରଗଡ଼ ଜିଲାରେ ଚାଷ କାର୍ଯ୍ୟ ପଛେଇ ଯାଇଛି। ବର୍ତ୍ତମାନ ଯେଉଁଠି ରୁଆ ବିହୁଡା ହେବା କଥା ଏବେ ସେଇଠି ଧାନ ବୁଣାବୁଣି ଓ ତଳିପକା କାର୍ଯ୍ୟ ଚାଲିଛି। ଏପରିକି ଜିଲାର ଅନେକ ସ୍ଥାନରେ ଜମିରେ ଲଙ୍ଗଳ ଧାର ପଡିନଥିବାରୁ ସେଗୁଡିକ ପଡ଼ିଆ ପଡିଛି। ଜିଲା କୃଷି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜିଲାରେ ଥିବା ମୋଟ ୩ଲକ୍ଷ ୭୩ହଜାର ହେକ୍ଟର ଚାଷଜମି ମଧ୍ୟରୁ ଚଳିତ ବର୍ଷ ୨ଲକ୍ଷ୧୨ହଜାର ହେକ୍ଟର ଚାଷଜମିରେ ଧାନ ଚାଷ ଏବଂ ୧ ଲକ୍ଷ ୧୦୦ ହେକ୍ଟର ଚାଷଜମିରେ ଅଣଧାନ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ହେଲେ ବିଳମ୍ବରେ ବର୍ଷା ହେବାରୁ ଚାଷ କାମ ଆଗେଇବା କଥା ଦୂରେ ଥାଉ ଆରମ୍ଭ ହୋଇନାହିଁ। ଚଳିତ ସପ୍ତାହରେ ବର୍ଷାପରେ ଜମିରେ ହଳ କାର୍ଯ୍ୟ ,ବୁଣାବୁଣି ଓ ତଳିପକା କାର୍ଯ୍ୟ ଆରମ୍ଭ ହୋଇଛି। ଜିଲାରେ ୧୬ ହଜାର ୩୨୦ହେକ୍ଟର ଜମିରେ ବୁଣାବୁଣି ଏବଂ ୪ହଜାର ହେକ୍ଟର ଜମିରେ ତଳିପକା କାର୍ଯ୍ୟ ହୋଇଛି ବୋଲି ଭାରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ହରୀହର ନାୟକ କହିଛନ୍ତି। ବିଳମ୍ବରେ ବର୍ଷା ହେବା ଯୋଗୁ ଚାଷକାର୍ଯ୍ୟ ମଧ୍ୟ ବିଳମ୍ବରେ ହୋଇଛି।



ଚାଷୀମାନେ ଜମିରେ ଧାନ ବୁଣୁଛନ୍ତି।

ଫଳରେ ଧାନଫସଲରେ ଅଧିକ ରୋଗପୋକ ଲାଗିବାର ସମ୍ଭାବନା ରହିଛି। ତେଣୁ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନ କରି ହରଡ, ବିରି, ଧଣିଚା, ଚିନାବାଦାମ ଚାଷ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଗତବର୍ଷ ଜୁନ ମାସ ଶେଷ ସୁଦ୍ଧା ସ୍ୱାଭାବିକ ୨୩୭.୪ ମିଲିମିଟରରୁ ୮୩.୫ମିମି ବର୍ଷା ହୋଇଥିବାବେଳେ ଚଳିତ ବର୍ଷ ଜୁନ ଶେଷ ସୁଦ୍ଧା ୨୧୮ମିଲିମିଟର ବର୍ଷା ହୋଇଛି। ହେଲେ ଏଥର ଜୁନ୨୦ପରେ ବର୍ଷା ହୋଇଥିଲା। ପ୍ରବଳ ବର୍ଷା ଯୋଗୁଁ ଚାଷୀ ହଳ କରି ସଙ୍ଗେ ସଙ୍ଗେ ଧାନ ବୁଣାବୁଣି ଓ ତଳିପକାଇବା ପାଇଁ ଜମି ପାଗ ଅନୁକୂଳ ନ ଥିଲା। ବର୍ତ୍ତମାନ ସୁଦ୍ଧା ୩୦ ପ୍ରତିଶତ ଜମିରେ ବୁଣାବୁଣି କାର୍ଯ୍ୟ ସରିଥିବାବେଳେ ମାତ୍ର ୪ପ୍ରତିଶତ ଜମିରେ ଧାନ ତଳି ପକା ହୋଇଛି। ଏଥର ବୁଣାବୁଣି ଅପେକ୍ଷା ଧାନତଳିରୁଆ ଅଧିକ କରିବାକୁ ଚାଷୀମାନେ ଆଗ୍ରହୀ ହେଉଛନ୍ତି। ବର୍ତ୍ତମାନ ବର୍ଷାହେବାପରେ ଜମିରେ ହଳ ଧରାଧରି ଓ ଧାନତଳିପକା କାର୍ଯ୍ୟ ତ୍ୱରାନ୍ୱିତ ବେଗରେ ଆରମ୍ଭ ହୋଇଥିଲେ ମଧ୍ୟ ଜିଲାରେ ଅଧିକାଂଶ ଜମି ପଡିଆ ପଡିଛି।

### ଏନେଇ ଚାଷୀଙ୍କ ମୁହଁରୁ



ଚଳିତ ବର୍ଷ ବର୍ଷା ବିଳମ୍ବରେ ହେବା ଓ ବର୍ଷା ପରିମାଣ କମ ହେବାରୁ ଆମର ସଦର ବ୍ଲକରେ ଚାଷ କାର୍ଯ୍ୟ ପଛେଇ ଯାଇଛି। ୧୧ଏକର ଜମିରେ ଧାନରୁଆ ଓ ୩ଏକର ଜମିରେ ଧାନବୁଣାକରି ଧାନ ଚାଷ କରିବୁ। ଆଗକୁ ବର୍ଷା ପରିମାଣ କମିଗଲେ ଧାନରୁଆ କାର୍ଯ୍ୟ ବିଗିଡ଼ିଯିବ। ଏଥିସହ ଧାନ ରୁଆ କାର୍ଯ୍ୟ ପାଇଁ ଶ୍ରମିକ ସମସ୍ୟା ଦେଖାଦେଇଛି।

–ଦେବେନ୍ଦ୍ର ପଟେଲ, ଚାଷୀ, କୁଡାବଗା, ସୁନ୍ଦରଗଡ ସଦର ବ୍ଲକ



ଚଳିତ ବର୍ଷ ଆମ ଅଞ୍ଚଳରେ ବର୍ଷାର ପରିମାଣ କମ ହୋଇଛି। ଫଳରେ ଧାନ ବୁଣା ଏବଂ ରୁଆ କାର୍ଯ୍ୟରେ ବିଳମ୍ବ ହେଉଛି। ଆମେମାନେ ବହୁତ ଚିନ୍ତାରେ ପଡିଯାଇଛୁ। ଆଗକୁ ବର୍ଷା ନ ହେଲେ ଅଳ୍ପ ଅଳ୍ପ ବୁଣା ଯାଇଥିବା ଧାନ ଗଜା ମରୁଡି ହୋଇଯିବ। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଯଦି କିଛି ସରକାରୀ ସାହାଯ୍ୟ ମିଳିପାରନ୍ତା ତା ହେଲେ ମଧ୍ୟ କିଛି ଆଶ୍ୱସ୍ତି ମିଳିବ।

–ସୁରେଶ ପଟେଲ, ଗିରିଙ୍ଗକେଲା,ଲେଫ୍ରିପଡା ବ୍ଲକ



ବର୍ଷା ଅଭାବ ଯୋଗୁ ବୁଣାବୁଣି ଓ ଧାନ ତଳିପକା କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଧାନ ବିଲରେ ପାଣି ନାହିଁ। ଏଣୁ ବେଉଷଣ ଓ ରୁଆ କାର୍ଯ୍ୟ କେମିତି କରିବୁ। ସରକାର ଓ ପ୍ରଶାସନ ଚାଷ ପାଇଁ ପାଣି ସୁବିଧା କଲେ ଚାଷୀମାନେ ଉପକୃତ ହୋଇପାରିବୁ।

–ବନମାଳୀ ବାରସତିଆ,ଚାଷୀ– ସଉନାମୁରା,ବାଲିଶଙ୍କରା ବ୍ଲକ



ଚଳିତବର୍ଷ ଜୁନ ୨୩ରେ ପ୍ରଥମ ବର୍ଷା ହୋଇଥିଲା। ପ୍ରଚୁର ବର୍ଷା ଯୋଗୁ ହଳ କରି ହେଲାନାହିଁ। ଗତ ସପ୍ତାହରୁ ହଳ ଜମି ପ୍ରସ୍ତୁତ କଲାବେଳେ ପୁଣି ବର୍ଷା ହେଲା। ପ୍ରକୃତି ଦାଉରେ ବର୍ତ୍ତମାନ ସୁଦ୍ଧା ବୁଣା ହୋଇନି କି ହଳ ହୋଇପାରିନାହିଁ।

– ଯୁବ ଚାଷୀ.. ବ୍ରହ୍ମାନନ୍ଦ ପାଣିଗ୍ରାହୀ, ବଡ଼ଗାଁ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାପ ପୁଅ ମୃତ

ଲହୁଣୀପଡା,୯।୭(ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ବାରସୁଆଁ ପୂର୍ତ୍ତ ବିଭାଗ ରାସ୍ତା ଦଲମକୁଚା ନିକଟରେ ରବିବାର ମଧ୍ୟାହ୍ନ ପ୍ରାୟ ୧୨ ଟାରେ ଏକ ଅଜଣା ଗାଡି ଧକ୍କାରେ ବାପା ପୁଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମାଥିଆସ ଲାକ୍ରା(୫୨) ଓ ପୁଅ ରଜିତ୍ (୨୫)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବଣେଇ ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବାଇକ୍ ଯୋଗେ ମାଥିଆସ ଓ ରଜିତ ରାଉରକେଲାରୁ ନିଜ ଘର ବାରସୁଆଁକୁ ଯାଉଥିବା ବେଳେ ଦଲମକୁଚା ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା।

### ଭାଜପାର ମିଶ୍ରଣ ପର୍ବ

କୁତ୍ରା,୯।୭(ଦେବାଶିଷ ସାହୁ): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗ ପଣ୍ଡରାପଡା ଗ୍ରାମରେ ପୂର୍ବତନ ମଣ୍ଡଳ ସଭାପତି ଜୁନାସ ଲୁଗୁନଙ୍କ ସଭାପତିତ୍ୱରେ ଏକ ବୈଠକ ସହ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ୨୦୨୪ ନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ନିଜ ନିଜର ଅଙ୍କକଷା ଆରମ୍ଭ କରିଦେଇଥିବା ବେଳେ କୁତ୍ରାରେ ଭାଜପା ମଧ୍ୟ ତା'ର ରଣକୌଶଳ ଆରମ୍ଭ କରିଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ଘରକୁ ଘର ଯାଇ କେନ୍ଦ୍ର ସରକରଙ୍କ ସଫଳତା ତଥା ତାଙ୍କ ବିକାଶମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖକୁ ଆଣିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଏହି ଅବସରରେ ପୂର୍ବତନ ଡାକ୍ତର ତ୍ରିନାଥ ବାଡା ଓ ତାଙ୍କ ସହଯୋଗୀ ରବିବାର ବିଧିବଦ୍ଧଭାବେ ଭାଜପାରେ ଯୋଗଦେଇଛନ୍ତି। ଏହି ଅବସରରେ ଭାଜପା ନେତା ଉପେନ୍ଦ୍ର ପ୍ରଧାନ, ମହାରାଜ ମାଝି, ପ୍ରଫୁଲ ସିଂ, ଫ୍ରାନ୍ସିସ୍ ମିଞ୍ଜ, ସୁରେନ୍ଦ୍ର ଦେହୁରୀ, ବାସୁଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଓଲଟିଲା ପିଡିଏସ୍ ଚାଉଳ ବୋଝେଇ ଟ୍ରକ

ଲହୁଣୀପଡ଼ା,୯।୭(ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ବାହାଡା ପୋଷ ୧୦(କ) ରାଜ୍ୟ ରାଜପଥର ଟାଙ୍ଗଯୋଡ଼ା ନିକଟରେ ରବିବାର ସକାଳେ ପିଡିଏସ୍ ଚାଉଳ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା କଡ଼ ବିଲ ଭିତରକୁ ଓଲଟି ପଡ଼ିଥିଲା। ଫଳରେ ଚାଳକ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବର ପାଇଁ ଲହୁଣୀପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବଣେଇ ଥାନା ଅନ୍ତର୍ଗତ ବର୍ହାମୂଣ୍ଡା ଚାଉଳ ଗୋଦାମରୁ ପ୍ରାୟ ୪୪୫ ବସ୍ତା ପିଡିଏସ୍ ଚାଉଳ ବୋଝଇ ଟ୍ରକ ଲହୁଣୀପଡା ବ୍ଲକ କୁଡେଇ କଳା ପଞ୍ଚାୟତକୁ ଯାଉଥିବା ବେଳେ ଟାଙ୍ଗଯୋଡ଼ା ନିକଟରେ ଭାରସମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା।

## ସ୍ନାତକ କଲେଜରେ ବନ ମହୋତ୍ସବ

ବଡ଼ଗାଁ,୯।୭(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ସ୍ନାତକ କଲେଜରେ ବନ ମହୋତ୍ସବ ଶନିବାର ପାଳିତ ହୋଇଯାଇଛି। ଯୁବ ରେଡକ୍ରସ୍ ଓ ଏନ୍ଏମ୍ଏସ୍ ଆନୁକୂଲ୍ୟରେ ଆୟୋଜିତ ବନ ମହୋତ୍ସବକୁ କଲେଜ ଅଧକ୍ଷା ବନଜା ରାଣୀ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ବୃକ୍ଷ ରୋପଣ କାହିଁକି ବର୍ତ୍ତମାନ ପରିସ୍ଥିତିରେ ଅତ୍ୟନ୍ତ ଆବଶ୍ୟକ ହୋଇପଡିଛି ସେ ବିଷୟରେ ପିଲାଙ୍କୁ ଅଧକ୍ଷା ଷଡ଼ଙ୍ଗୀ ବୁଝାଇଥିଲେ। ପରେ କଲେଜ ପରିସରରେ ୧୦୦ ଚାରା ରୋପଣ କରାଯାଇଥିଲା। ଏହି ବନ ମହୋତ୍ସବରେ ବଡ଼ଗାଁ ଫରେଷ୍ଟର ତୃଷ୍ଣା ନାଏକ, ବନରକ୍ଷୀ ଜୟନାରାୟଣ ପ୍ରଧାନ ଯୋଗଦେଇଥିଲେ। ଅଧ୍ୟାପକ ତାପସ କର, ଲକ୍ଷ୍ମୀକାନ୍ତ ସାହୁ, ମାଳବିକା ସାମଲଙ୍କ ସହିତ କର୍ମଚାରୀମାନେ ସାମିଲ ହୋଇଥିଲେ। ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ହେମନ୍ତ ପଣ୍ଡା ଏବଂ ଏନ୍ଏମ୍ଏସ୍ ଅଧିକାରୀ ସୁଶାନ୍ତ ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୫ରେ ଟ୍ରକ୍ ମାଲିକ ସଂଘ ନିର୍ବାଚନ

ରାଜଗାଙ୍ଗପୁର,୯।୭(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଟ୍ରକ ମାଲିକ ସଂଘ ନିର୍ବାଚନ ଆସନ୍ତା ୧୫ରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ନିର୍ବାଚନ ପ୍ରକ୍ରିୟା ରବିବାରଠାରୁ ଆରମ୍ଭ ହୋଇଛି। ପ୍ରାର୍ଥୀପତ୍ର ଦାଖଲ ମଧ୍ୟ ଆରମ୍ଭ ହୋଇଛି। ସଭାପତି ପଦ ପାଇଁ ରାକେଶ ନନ୍ଦା ଓ ମନୋଜ ବାଙ୍କରା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଅନ୍ୟ ପଦ ପଦବୀ ପାଇଁ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ କରାଯାଇଛି।

## ଭାଜପାର ମହାଜନ ସମ୍ପର୍କ ଅଭିଯାନ ପଦଯାତ୍ରା

ସୁନ୍ଦରଗଡ଼,୯।୭(ଜୟନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ଭାଜପା ନଗର ମଣ୍ଡଳ ପକ୍ଷରୁ ୱାର୍ଡ଼ ନମ୍ବର ୧୧,୧୨,୧୩ ,୧୮ ଓ ୧୯ ଠାରେ କେନ୍ଦ୍ର ସରକାରଙ୍କ ସେବା, ସୁଶାସନ ଏବଂ ଗରିବ କଲ୍ୟାଣକାରୀ ଯୋଜନାର ୯ବର୍ଷ ପୂର୍ତ୍ତି ଅବସରରେ ମହାଜନ ସମ୍ପର୍କ ଅଭିଯାନ ପରିପ୍ରେକ୍ଷୀରେ ସମ୍ପର୍କରୁ ସମର୍ଥନ କାର୍ଯ୍ୟକ୍ରମ ପାଇଁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ନଗର ମଣ୍ଡଳ ସଭାପତି ମନୋଜ ପୁରୋହିତ ଅଧ୍ୟକ୍ଷତା କରିଥିଲେ। ଏହି ପଦଯାତ୍ରାରେ ଏମ୍‌ପି ତଥା ସଂସଦୀୟ ପ୍ରତିରକ୍ଷା କମିଟି ଅଧ୍ୟକ୍ଷ ଜୁଏଲ ଓରାମ, ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ବିଧାୟିକା କୁସୁମ ଟେଟେ ଏବଂ ସୁନ୍ଦରଗଡ଼ ପୌରାଧ୍ୟକ୍ଷ ତନୟା ମିଶ୍ର ଯୋଗଦେଇ ଦୋକାନକୁ ଦୋକାନ, ଘରକୁ ଘର ବୁଲି ଲିଫଲେଟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ଅଜୟ ପଟେଲ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ଜିଲା ଉପସଭାନେତ୍ରୀ ସଂଯୁକ୍ତା ନାଏକ, ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ଯଶୋବନ୍ତ ନାଏକ, ଅମୀର ନାଏକ, ଜିଲା ଯୁବମୋର୍ଚ୍ଚା ସଭାପତି ଅମୀୟ ପଟ୍ଟନାୟକ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶାନ୍ତି ସରାଫ, ଏସସି ମୋର୍ଚ୍ଚାର ପୂର୍ବତନ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ତନ୍ତି, ଏସସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ଶରାଜା କାକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ପୁରୋହିତ, ଅନୁପମା ଟପ୍ପୋ, ମନୀଷ ପଟେଲ, ୱାର୍ଡ଼ କାଉନସିଲର ଭାରତୀ ପଟେଲ, ଦୀପାଞ୍ଜଳି ନନ୍ଦ, ମମତା ଖାଲଖୋ, ପୌଷଲି ବାରିକ, ମିତ୍ରଭାନୁ ପଟେଲ, କାନନାଲା ବେହେରା, ଲତିକା ପଟ୍ଟନାୟକ, ପ୍ରଜ୍ଞାଶ୍ରୀ ପଣ୍ଡା, ନିବେଦିତା ସୋରେଙ୍ଗ, ଲକ୍ଷ୍ମୀକାନ୍ତ ସାହୁ, ଶ୍ରୀକାନ୍ତ ଭଞ୍ଜ, ଲଳିତ ବିପ୍ର ସମେତ ଶତାଧିକ ନଗର ମଣ୍ଡଳ ଅଧିନ ଜିଲା, ମଣ୍ଡଳ କାର୍ଯ୍ୟକର୍ତ୍ତା ଏବଂ ଭାଜପା ସମର୍ଥିତ ବହୁ ବ୍ୟକ୍ତି ସାମିଲ ହୋଇଥିଲେ ।



ଭାଜପା ପକ୍ଷରୁ ବାହାରିଥିବା ପଦଯାତ୍ରା।

## ଗାଁକୁ ନିଶାମୁକ୍ତ କରିବା ପାଇଁ ରାଲି,ସଭାକାର୍ଯ୍ୟ

ରାଜଗାଙ୍ଗପୁର,୯।୭(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଘୋଘର ଅଞ୍ଚଳରେ ଗାଁଗୁଡ଼ିକୁ ନିଶାମୁକ୍ତ କରିବା ପାଇଁ ଏକ ସଚେତନତା ରାଲି ଓ ସଭାକାର୍ଯ୍ୟ ରବିବାର ଅନୁଷ୍ଠିତ ହୋଇଯାଇଛି। ଘୋଘର ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ହାତରେ ବିଭିନ୍ନ ପ୍ଲା କାର୍ଡ ଧରି ଓ ଡାକବାଜି ଯନ୍ତ୍ର ଦ୍ୱାରା ଗାଁ ବୁଲି ନିଶାମୁକ୍ତ ରହିବା ପାଇଁ ଜନ ସଚେତନତା ସୃଷ୍ଟି କରିଥିଲେ। ସ୍ଥାନୀୟ ପଡ଼ିଆଠାରେ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ଥାନା ଅଧିକାରୀ ବୀଭସ ପ୍ରଧାନ, ଅନ୍ୟତମ ଅତିଥି ଭାବେ କାଂସବାହାଲ ଫାଣ୍ଡି ଅଧିକାରୀ ଖଗପତି ବିଶ୍ୱାଳ, ବ୍ରହ୍ମାକୁମାରୀ ସଂସ୍ଥାର ଅଞ୍ଜଳି ଯୋଗଦେଇଥିଲେ। ନିଶାଦ୍ରବ୍ୟର ଅପକାରିତା ଉପରେ ଆଲୋକପାତ କରିଥିଲେ। ଘୋଘର ଯୁବକ ସଂଘ ଦ୍ୱାରା ଆୟୋଜନ କରାଯାଇଥିଲା। ସଂଘ ସଭାପତି ରାଜେଶ ଟପ୍ପୋ, ସମ୍ପାଦକ ସୁଶୀଲ ମିଞ୍ଜ ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

## ଗାଁରେ ଆତଙ୍କ ଖେଳାଉଛନ୍ତି ହାତୀ ପଲ



ଗାଁ ମୁହାଁ ୪ ଟିକିଆ ହାତୀ ପଲ।

ଟେନ୍‌ସା,୯।୭(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା ବରସୁଆଁ ବନ ବିଭାଗ ଅନ୍ତର୍ଗତ ତନ୍ତରା,ରେଙ୍ଗମା, କୁଲା, ରାଇକେଳା କୁଲା, କମଣ୍ଡ ଆଦି ଗ୍ରାମରେ ୪ ଟିକିଆ ହାତୀ ପଲ ଆତଙ୍କ ଖେଳାଇଛନ୍ତି। ସନ୍ଧ୍ୟା ୭ଟା ହେଲେ ଗାଁ ମୁହାଁ ହେଉଛନ୍ତି ହାତୀ ପଲ। ଗ୍ରାମବାସୀ ନିଆଁ ହୁଲା ଜାଳି, ବାଣ ଫୁଟାଇ ହାତୀ ପଲକୁ ଘଉଡ଼ାଉଛନ୍ତି। ହେଲେ ସେହି ସମୟରେ ହାତୀ ନିକଟ ଜଙ୍ଗଲକୁ ଯାଇ ପୁଣି ଗାଁକୁ ପଶି ଆସୁଛନ୍ତି। ହାତୀ ଆକ୍ରମଣରେ ଅନେକଙ୍କ ଘର ଦ୍ୱାର ଭାଙ୍ଗିବା ସହ ଫସଲ ମଧ୍ୟ ନଷ୍ଟ ହୋଇଛି। ରାତିରେ ହାତୀ ଭୟରେ ଗ୍ରାମବାସୀ ଘରୁ ବାହାରିବାକୁ ଡରୁଛନ୍ତି। ଶନିବାର ରାତିରେ ତନ୍ତରା ଗ୍ରାମରେ ହାତୀ ପଲ ପଶି ହଇରାଣ ହରକତ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୭୫ତମ ସ୍ଥାପନା ଦିବସ

ସୁନ୍ଦରଗଡ଼,୯।୭(ଜୟନାରାୟଣ ମେଣ୍ଟୁଳି)



ସୁନ୍ଦରଗଡ଼ରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୭୫ତମ ସ୍ଥାପନ ଦିବସ ତଥା ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ରବିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାର ବିଭାଗ ପ୍ରମୁଖ ପ୍ରଫୁଲ୍ଲ ଧୁରୁଆ ଉପସ୍ଥିତ ରହି ପିଲାଙ୍କୁ ପରିଷଦର ସ୍ୱର୍ଣ୍ଣ ଇତିହାସ ଲକ୍ଷ୍ୟ ଆଦର୍ଶ ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ସୁବ୍ରତ ଜେନା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋବର୍ଦ୍ଧନ ବାରିକ, କାହ୍ନା ମେହେର, ବିଶାଳ ଜୟପୁରିଆ, ପ୍ରଣବ ନାଏକ, ବିଶାଳ ନାଏକ, ସିପନ ପଟେଲ, ପ୍ରେମ ବର୍ମା ଉପସ୍ଥିତ ଥିଲେ । ଶେଷରେ ସୁନ୍ଦରଗଡ଼ ସଙ୍ଗଠନ ସମ୍ପାଦକ ବିଜୟ କଲତା ଧନ୍ୟବାଦ ଦେଇଥିଲେ।

# ଦେଶବ୍ୟାପୀ ଧର୍ମଘଟକୁ ସଫଳ ପାଇଁ ପ୍ରସ୍ତୁତି

ସୁନ୍ଦରଗଡ଼,୯।୭(ଜୟନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ ଜିଲା ଏଆଇଟିୟୁସି କମିଟିର ଏକ ବୈଠକ ବଡଗାଁ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା କାର୍ଯ୍ୟକାରୀ କମିଟ ସଭାପତି ମାତିଲଦା କୁଲୁ ସଭାପତିତ୍ୱ କରିଥିଲେ। ଅଗଷ୍ଟ ୯ରେ କେନ୍ଦ୍ରୀୟ ମିଳିତ ଟ୍ରେଡ୍‌ୟୁନିୟନର ଆହ୍ୱାନକ୍ରମେ ଜିଲାରେ ଧର୍ମଘଟକୁ କିପରି ସଫଳ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଜିଲା ସମ୍ପାଦକ ସଦାନନ୍ଦ ସାହୁ ସ୍ୱାଗତ ଭାଷଣଦେଇଥିଲେ। ଏହି ଅବସରରେ ଜିଲା କମିଟି କୋଷାଧ୍ୟକ୍ଷ ଅରୁଣ ଦାସଙ୍କ ଅକାଳ ବିୟୋଗରେ ଓ ରାଜ୍ୟରବିଭିନ୍ନ ପ୍ରାନ୍ତରୁ ମୃତ୍ୟୁବରଣ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଉଦ୍ଦେଶ୍ୟରେ ଶୋକପ୍ରସ୍ତାବ ଆଗତ ହୋଇଥିଲା। ପରେ ଜିଲା କାର୍ଯ୍ୟକାରୀ ସଭାପତି ମାତିଲଦା କୁଲୁଙ୍କୁ ରାଜ୍ୟ ସରକାର ଆଶାକର୍ମୀଭାବେ ତ୍ୟାଗ ଓ ସେବା ପାଇଁ ସିଙ୍ଗାପୁରକୁ ପ୍ରତିନିଧିଭାବେ ପଠାଇଥିବାରୁ ତାଙ୍କୁ ଏହି ବୈଠକରେ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଷ୍ଟିଲର ମଜଦୁର ୟୁନିୟନର ରମେଶଚନ୍ଦ୍ର ସେଠୀ, ଆଶାକର୍ମୀ ସଂଘର ପଙ୍କଜିନୀ ମାଝୀ, ସିଆରପି ସଂଘର କୃଷ୍ଣ ସଖା, ଅଙ୍ଗନବାଡି କର୍ମୀ ସଂଘର କମଳା ମୁର୍ମୁ, ରାଉରକେଲା ନିର୍ମାଣ ଶ୍ରମିକ ସଂଘର ପଞ୍ଚାନନ ସୁନା, ସୁନ୍ଦରଗଡର ଗୋଲାପୀ ବନଛୋର, ଜିଲା ପାଚିଲା ସଂଘର କମଲ ଷଣ୍ଡ, ବ୍ୟାଙ୍କ କର୍ମଚାରୀ ସଂଘର ଦୂର୍ଗା ବାଘ ବକ୍ତବ୍ୟ ରଖିଥିଲେ। କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ଜିଲା କମିଟିର ସମ୍ପାଦକ ପ୍ରଦୋଷ ମହାନ୍ତି ଶ୍ରମିକ ମାରଣ ନୀତିଉପରେ ଆଲୋଚନା କରିଥିଲେ। ଅଗଷ୍ଟରେ୯ ଧର୍ମଘଟରେ ସଙ୍ଗଠିତ ଓ ଅଣସଙ୍ଗଠିତ ଶ୍ରମିକମାନେ କିଭଳି ଅଧିକ ସଂଖ୍ୟାରେ ଭାଗ ନେବେ ସେ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସନ୍ତୋଷ ଆଚାର୍ଯ୍ୟ, ଲୁସିଆ ବାର୍ଲା, ଦୁବା ବାଡା,କୈଳାସ ଚନ୍ଦ୍ର ନାଏକ, ମଞ୍ଜୁଳା ବାଗେ, ସିମ୍ପୋଜା ବାରପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ସଙ୍ଗଠନ ସଜାଡୁଛନ୍ତି ରାଜନୈତିକ ଦଳ







କୁଆଁରମୁଣ୍ଡା ରାହାସ ପଡିଆରେ ଭାଜପା କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମୀ। ବାଙ୍କି କଲ୍ୟାଣମଣ୍ଡପରେ ବିଜେଡି କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ କର୍ମୀ । ବିଆର୍ଆଇ କ୍ଲବରେ ଉପସ୍ଥିତ ଜର୍ଜ ସେନା।

କୁଆଁରମୁଣ୍ଡା,୯।୭(ମହେନ୍ଦ୍ର କୁମାର ସାହୁ)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଏବେଠାରୁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ବେଶ୍ ତତ୍ପର ହୋଇଉଠିଲେଣି । ଏହି କ୍ରମରେ ବୀରମିତ୍ରପୁର ବିଧାନସଭା କ୍ଷେତ୍ର ପାଇଁ ରବିବାର ବେଶ୍ ଗୁରୁତ୍ୱ ବହନ କରିଥିବା ଆଲୋଚନା ହେଉଛି । କାରଣ ଭାଜପା, ବିଜେଡି ଓ ଜର୍ଜ ସେନା ପକ୍ଷରୁ ଏହି ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ପୃଥକ ପୃଥକ ସଭା କରାଯାଇ ଲୋକଙ୍କୁ ନିଜ ନିଜ ସପକ୍ଷରେ ନେବା ପାଇଁ ପ୍ରୟାସ କରାଯାଇଛି। କୁଆଁରମୁଣ୍ଡା ରାହାସ ପଡିଆରେ ଭାଜପା ପକ୍ଷରୁ ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ଲାଭାର୍ଥୀ ସମ୍ମିଳନୀ କରାଯାଇଥିଲା। ଏଥିରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଭାଜପା ନେତା ସଞ୍ଜୀବ ପ୍ରତାପ ସିଂଦେଓ, ହଳପାଣି ମାଝି ମଞ୍ଚାସୀନ ଥିଲେ। ମୋଦି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସେମାନେ ସାଧାରଣ ଲୋକଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫ଶହ ଲୋକ ଉପସ୍ଥିତ ଥିଲେ। ଏହାକୁ ବ୍ଲକ ଭାଜପା ସଭାପତି ଦିଲ୍ଲୀପ ପଟେଲ, ରୀନା ମେହେର, ଯୁବ ସଙ୍ଗଠକ ମୋତିଲାଲ ବଡାଇକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ବୀରମିତ୍ରପୁର ନିର୍ବାଚନମଣ୍ଡଳୀ

ସେହିପରି ଅନ୍ଧାରୀ ପଞ୍ଚାୟତର ବାଙ୍କି କଲ୍ୟାଣମଣ୍ଡପଠାରେ ବିଜେଡି ପକ୍ଷରୁ ଦଳୀୟ କର୍ମୀ ସମ୍ମିଳନୀ କରାଯାଇଥିଲା। ଏଥିରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଓ ସୁନ୍ଦରଗଡ଼ ବିଜେଡି ପର୍ଯ୍ୟବେକ୍ଷକ ତଥା ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏବଂ ସେମାନଙ୍କୁ ଦଳ ପ୍ରତି ଆକର୍ଷିତ କରିବା ଲାଗି ଉପସ୍ଥିତ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏହି କ୍ରମରେ ବିଜେଡି ଦଳରେ ମଧ୍ୟ କେତେ ଜଣ ସାଧାରଣ ଲୋକଙ୍କୁ ଦଳୀୟ କର୍ମୀଭାବେ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବ୍ଲକ ଅଧକ୍ଷା ଜ୍ୟୋତି କେର୍କେଟ୍ଟା, ଉପାଧ୍ୟକ୍ଷା ସୁନିତା ଅହିର, ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ସରପଞ୍ଚ ତଥା ବ୍ଲକ ବିଜେଡି ସଭାପତି ରାଜେଶ ହାସଁଦା, ରାଉରକେଲା ଜିଲା ସାଙ୍ଗଠନିକ ସଭାପତି ହାଲୁ ମୁଣ୍ଡାରୀ,ବୀରମିତ୍ରପୁର ପୌରପାଳିକାର ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ରା ଓ ବିଭିନ୍ନ ପଞ୍ଚାୟତର ସରାପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୨ ଶହ ଲୋକ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ବୀରମିତ୍ରପୁର ବିଆରଆଇ କ୍ଲବରେ ପୂର୍ବତନ ବିଧାୟକ ତଥା ଲଢୁଆ ଆଦିବାସୀ ନେତା ଜର୍ଜ ତିର୍କୀ ନିଜର ଜର୍ଜ ସେନା ନାମକ ସଙ୍ଗଠନ ମାଧ୍ୟମରେ ସାଙ୍ଗଠନିକ କର୍ମୀ ସମ୍ମିଳନୀ କରିଥିଲେ। ଏଥିରେ ଉପସ୍ଥିତ ପ୍ରାୟ ୧ ହଜାର କର୍ମୀଙ୍କୁ ଜର୍ଜ ତାଙ୍କର ଆଗାମୀ ସାଧାରଣ ନିର୍ବାଚନରେ କିଭଳି ଦଳ ଲଢ଼ିବ ସେ ନେଇ ଗୁରୁମନ୍ତ୍ର ଦେଇଥିଲେ। ଏଥିରେ ସାହିଦ ଆଲମ, ଶଶି ସାଗର, ଜଗଦୀଶ ଅଗ୍ରୱାଲ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର
- ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା ।
- ସାମୂହିକ ରୁଦ୍ରାଭିଷେକ, ଠାକୁରପଡାସ୍ଥିତ ଶ୍ରୀଗୁପ୍ତେଶ୍ୱର ମନ୍ଦିର, ପୂର୍ବାହ୍ନ ୯ଟା।

## ସଂକ୍ଷେପରେ

### କୂଅରେ ପଡ଼ି ଶିଶୁକନ୍ୟା ମୃତ

**ରେଢ଼ାଖୋଲ,୯।୭(ଅଚ୍ୟୁତାନନ୍ଦ ପୁରୋହିତ):** ରେଢ଼ାଖୋଲ ସହର କୁରୁମଟିକିରା ପଡାର ଏକ ଦେଢବର୍ଷର ଶିଶୁକନ୍ୟା କୂଅରେ ପଡି ମୃତ୍ୟୁବରଣ କରିଛି। ସେ ହେଲା କୃଷ୍ଣଚନ୍ଦ୍ର ସାହୁଙ୍କ ଝିଅ ଆଦ୍ୟାଶା। ସୂଚନାମତେ ଆଦ୍ୟାଶା ଅପରାହ୍ନ ୪ଟା ବେଳେ ବାଡିପଟେ ଖେଳୁଥିବାବେଳେ କୂଅରେ ପଡିଯାଇଥିଲା। ପରିବାର ଲୋକେ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

### ଜଙ୍ଗଲରୁ କଙ୍କାଳ ଜବତ

**ରେଢ଼ାଖୋଲ,୯।୭(ଅଚ୍ୟୁତାନନ୍ଦ ପୁରୋହିତ):** ସମ୍ବଲପୁର ଜିଲା ଚାରମାଳ ପୋଲିସ ରବିବାର ଲମ୍ବଖେତା ଗ୍ରାମ୍ୟ ଜଙ୍ଗଲରୁ ଜଣେ ଅଜଣା ବ୍ୟକ୍ତିଙ୍କ କଙ୍କାଳ ଜବତ କରିଛି। ଏ ନେଇ ଚାରମାଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ଏହାକୁ ଚିହ୍ନଟ ପାଇଁ ବୁର୍ଲା ଡାକ୍ତରଖାନାରେ ରଖାଯିବା ସହ ବିଭିନ୍ନ ଥାନାକୁ ସୂଚନା ଦିଆଯିବ ବୋଲି ଥାନା ଅଧିକାରୀ ପବିତ୍ର ମୋହନ ସାହୁ କହିଛନ୍ତି। ପ୍ରାୟ ୧ମାସ ହେବ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତ ପରେ କହିଛି।

### ଗଞ୍ଜେଇ ସହ ବାଇକ୍ ଜବତ: ଜଣେ ଗିରଫ

**କୁଚିଣ୍ଡା,୯।୭(ବିରଞ୍ଚି ଦର୍ଶୀ):** କୁଚିଣ୍ଡା ଅବକାରୀ ବିଭାଗ ରବିବାର ସକାଳେ କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ.୧ ମହୁଲଡିହିଠାରେ ଚଢାଉ କରି ୧.୭୦୦କିଗ୍ରା ଗଞ୍ଜେଇ ସହ ବାଇକ୍ (ନଂ.ଓଆର୧୬ଡି-୮୪୪୨) ଜବତ କରିଛି। ଏଥିରେ ସମ୍ପୃକ୍ତ କୁଚିଣ୍ଡା ଥାନା ଝାରମୁଣ୍ଡା ଗ୍ରାମର ଯୋଗେଶ୍ୱର ସାହୁଙ୍କୁ ଗିରଫ କରାଯାଇଛି। ଏ ନେଇ କେସ୍ ନଂ.୭୦/୨୩ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଚଢାଉରେ କୁଚିଣ୍ଡା ଅବକାରୀ ସବଇନ୍ସପେକ୍ଟର ଟଙ୍କଧର କିଷାନ, ଏଏସ୍‌ଆଇ ସମୀର କୁମାର ସ୍ୱାଇଁ, କନଷ୍ଟେବଲ ଜଗନ୍ନାଥ ମୁଣ୍ଡା, ସୁବାସିନୀ ମାଝି,ମୋଜେସ ଲମଗା ପ୍ରମୁଖ ସାମିଲ ଥିଲେ।

### ବୃଦ୍ଧାବୃଦ୍ଧଙ୍କୁ ଛତା ବଣ୍ଟନ

**କୁଚିଣ୍ଡା,୯।୭(ବିରଞ୍ଚି ଦର୍ଶୀ):** କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ଜମନକିରା(ବି)ଠାରେ ଶନିବାର ଗଡ଼ସ ପାୱାର ଓ ବ୍ଲେଶିଙ୍ଗ ସଂସ୍ଥା ପକ୍ଷରୁ ଅସହାୟ ବୃଦ୍ଧାବୃଦ୍ଧ ଓ ବିଧବା ମହିଳାଙ୍କୁ ଛତା ବଣ୍ଟନ କରାଯାଇଛି। ସଂସ୍ଥାର ସଭାପତି ପ୍ରମୋଦ ରୋହିଦାସଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମକୁ ଉପଦେଷ୍ଟା ବିମଳ ମେହେର ପରିଚାଳନା କରିଥିଲେ। ଏଥିରେ କୁଚିଣ୍ଡା ଆଇଆଇସି ଚନ୍ଦ୍ର ମୋହନ ସିଂ ମୁଖ୍ୟଅତିଥି, ବକ୍ସମା ସରପଞ୍ଚ ସରସ୍ୱତୀ ଠାକୁର, ସମିତି ସଭ୍ୟା ରଶ୍ମି କୁସୁମ, ଖବରଦାତା ସଞ୍ଜୟ କୁମାର ମିଶ୍ର, ଓକିଲ ଶାନ୍ତନୁ କାଲୋ, ନାଏବ ସରପଞ୍ଚ ଉଷା ବାହାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୋଟ ୭୨ଜଣ ଙ୍କୁ ଛତା ବଣ୍ଟନ କରାଯାଇଥିଲା।

# ଲେଖନୀକୁ ବାରମ୍ବାର ପଢ଼ିଲେ ସଫଳ ସାହିତ୍ୟ ସୃଷ୍ଟି ହେବ

**ସମ୍ବଲପୁର,୯।୭(ଶୁଭାଶିଷ ପାଢୀ)**



ବହି ହାଟ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ।

ସମ୍ବଲପୁରୀ ବହିହାଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ପୁସ୍ତକ ବିକ୍ରୟ, ପ୍ରଦର୍ଶନୀ ସମେତ କଲମ ପରିବାର ପକ୍ଷରୁ ଆଲୋଚନାଚକ୍ର ଓ କବିତା ପାଠର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରକାଶକ, ଲେଖକ ଅଂଶଗ୍ରହଣ କରିଥିଲେ। ସମ୍ବଲପୁରୀ ଭାଷା ସାହିତ୍ୟର ସ୍ଥିତି ଓ ସମ୍ଭାବନା ଶୀର୍ଷକ ଆଲୋଚନାଚକ୍ରରେ ଡ଼. ଗୌରୀଦାସ ପ୍ରଧାନ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଉଭୟ ଲେଖକ ଓ ପାଠକ ସଚେତନ ହୋଇପାରିଲେ ସମ୍ବଲପୁରୀ ଭାଷା ଶୀର୍ଷକୁ ଯାଇପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଆଲୋଚକ ଭାବରେ ଯୋଗଦେଇ ସାହିତ୍ୟିକ ତଥା ଗବେଷକ ମୋହନ ସାହୁ କହିଲେ, ଶୈଳୀ ଆଧୁନିକ ନ ହେଲେ ବିଚାର ଓ ଭାବ ଆଧୁନିକ ହୋଇପାରିବ ନାହିଁ। ପୁସ୍ତକ ପ୍ରକାଶନ ପୂର୍ବରୁ ଲେଖକମାନେ ନିଜ ଲେଖାକୁ ବାରମ୍ବାର ପଢ଼ି ତାର ଗୁଣାତ୍ମକ ବିକାଶ ପାଇଁ ଚେଷ୍ଟା କଲେ ସଫଳ ସାହିତ୍ୟ ସୃଷ୍ଟି ହୋଇପାରିବ।

## ବହିହାଟ ଉଦ୍‌ଯାପିତ

ଅନ୍ୟତମ ଆଲୋଚକ ଉତ୍ପଳ ଭୋଇ କହିଲେ, ଆମ କବିତାରେ ବିପ୍ଳବର ଧ୍ୱନ ଓ ଚମକ ଅଛି। ଆମ ସାହିତ୍ୟର ପ୍ରକାଶନ ଦିଗରେ କାର୍ଯ୍ୟ କରିବା ପାଇଁ ଅଣ୍ଟା ଭିଡ଼ିବା। ଶେଷ ଅଧିବେଶନରେ କବିତାପାଠ ହୋଇଥିଲା। ବର୍ଷୀୟାନ କବି ବିନୋଦ ପଶାୟତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ କବି ନିଜ କବିତାପାଠ କରିଥିଲେ। ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ାରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କବି ଯୋଗ ଦେଇଥିଲେ। ଶେଷରେ ଡ଼. ସତ୍ୟ ନାରାୟଣ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଡ଼. ପରେଶ ଚନ୍ଦ୍ର ଦାନି, ଭକ୍ତ ପ୍ରସାଦ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମର ସଫଳତା ପାଇଁ କଲମ ପରିବାରକୁ ଧନ୍ୟବାଦ ଦେଇଥିଲେ।

## ଭିଏସ୍‌ଏସ୍ ଷ୍ଟାଡିୟମରେ ଫାଓ ଗ୍ରାସରୁଟ ଫୁଟ୍‌ବଲ ଶିବିର

**ସମ୍ବଲପୁର,୯।୭(ବି.ଶଙ୍କର)**

ଫୁଟ୍‌ବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ) ଓ ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ପକ୍ଷରୁ ରବିବାର ସମ୍ବଲପୁର ଭିଏସ୍‌ଏସ୍ ଷ୍ଟାଡିୟମରେ ଫୁଟ୍‌ବଲ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ ବାଳିକାବାଳକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଫାଓ କୋଚ ସୁଜିତ ଘୋଷ, ସାହିଦ ଜବ୍ବାର, ଜିଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ସୁନିଲ ସାହୁ, କୋଷାଧକ୍ଷ ଉମାପତି ତ୍ରିପାଠୀ, ଖେଳ ସମ୍ପାଦକ ରାଜେଶ ସେଟ, ଜିଲା କ୍ରୀଡା ସଂଘର କାଉନସିଲ ସଭ୍ୟ ମନୋଜ ଭୋଇ, ମନୋଜ ପଣ୍ଡା, ଏମ୍‌ଡି ଇସାକ, ରତିକାନ୍ତ ମହାନ୍ତି, ଏସ୍‌କେ ବରକତ, ବଳରାମ ମଟାରି ପ୍ରମୁଖ ଉପସ୍ଥିତ ଥିଲେ। ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାସ୍ତାପାର୍ଶ୍ୱରେ ଶୁଖିଲା ଗଛ, ବିପଦ ଆଶଙ୍କାରେ ଲୋକେ

**ଜମନକିରା,୯।୭(ରବୀନ୍ଦ୍ର ପ୍ରସାଦ ଦାନି)**


ରାସ୍ତାପାର୍ଶ୍ୱରେ ଶୁଖିଲା ଅବସ୍ଥାରେ ଥିବା ଗଛ।

ଜମନକିରା ବ୍ଲକ ସଦର ମହକୁମାଠାରୁ ଫାଶୀମାଲ ଦୂରତା ୧୪ କିମି ହେବ। ଏହି ରାସ୍ତା ଉପରେ ଜମନକିରା ସମେତ ବଡ଼ରମା, ଟିକିବା, କସଡା, ଫାଶୀମାଲ, କେନାଡ଼ିପା, ମହଦା, ଡିମିରୀମୁଣ୍ଡା ଆଦି ପଞ୍ଚାୟତ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ତେବେ କିଛିବର୍ଷ ହେବ ଏହି ରାସ୍ତାରେ ଥିବା ପ୍ରାୟ ୧୫/୧୬ଟି ବଡ଼ ବଡ଼ ଗଛ ଶୁଖିଯାଇଥିବାରୁ ଲୋକେ ବିପଦ ଆଶଙ୍କା କରୁଛନ୍ତି। ଏହି ରାସ୍ତା ବନ ବିଭାଗର ୨ଟି ସେକ୍ସନ ଅଧୀନରେ ରହିଛି। ଗୋଟିଏ ସେକ୍ସନ ଅଧୀନରେ ପ୍ରାୟ ୫ରୁ ୬ କିମି ଥିବାବେଳେ ଏହି ରାସ୍ତାରେ ୫ଟି ବଡ଼ ବଡ ଶୁଖିଲା ଗଛ ରହିଛି। ସେହିପରି ଅନ୍ୟ ସେକ୍ସନ ଅଧୀନରେ ୭ରୁ ୮ କିମି ରାସ୍ତା ରହିଥିବା ବେଳେ ଏହି ରାସ୍ତା କଡ଼ରେ ୮ରୁ ୯ଟି ବଡ ବଡ ଶୁଖିଲା ଗଛ ରହିଛି। ଏହିସବୁ ଗଛଗୁଡ଼ିକୁ ବନ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମିଳିତ ଭାବେ ଯାଞ୍ଚ କରି କାଟିଦେବା କଥା। ମାତ୍ର ବର୍ଷ ବର୍ଷ ବିତୁଥିଲେ ମଧ୍ୟ କିଛି ପ୍ରତିକାର କରାଯାଉ ନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉଭୟ ଫରେଷ୍ଟର ସୁନିତା ନାୟକ ଓ ହେମନ୍ତ ମିଶ୍ରଙ୍କୁ ପଚାରିବାରୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏବଂ ବନ ବିଭାଗର ମିଳିତ ଯାଞ୍ଚ ପରେ ନିୟମ ଅନୁଯାୟୀ ଗଛ କଟାଯିବ ବୋଲି କହିଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନିର୍ବାହୀଯନ୍ତ୍ରୀ ବିଶ୍ୱନାଥ ମାରାଣ୍ଡି କହନ୍ତି, ବନ ବିଭାଗର ନିୟମ ଅନୁସାରେ କାର୍ଯ୍ୟ କରାଯିବ।

## ରକ୍ତଦାନ ଶିବିର

**ସମ୍ବଲପୁର,୯।୭(ଶୁଭାଶିଷ ପାଢୀ)**

ସମ୍ବଲପୁର ମହାନଗର ନିଗମ ଧନୁପାଲିଠାରେ ଇମ୍ପେରିଆଲ ଇଲେକ୍ଟ୍ରିକାଲ କମ୍ପାନୀ ପକ୍ଷରୁ ରକ୍ତଦାନ ଶିବର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ପୂର୍ବ ଡିଭିଜନର ନିର୍ବାହୀଯନ୍ତ୍ରୀ ରାଜୀବ ରଞ୍ଜନ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୫୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବୁର୍ଲା ଭିମ୍‌ସାର ରକ୍ତଭଣ୍ଡାର କର୍ମଚାରୀମାନେ ସହଯୋଗ କରିଥିଲେ। ଟିପିଡବ୍ଲ୍ୟୁଓଡିଏଲ୍ କର୍ମଚାରୀମାନେ ମଧ୍ୟ ସହଯୋଗ କରିଥିଲେ। ଇମ୍ପେରିଆଲ କମ୍ପାନୀର ଭରତଚନ୍ଦ୍ର ଧଳ, ଜୟରାମ ସାହୁ, ତୁଷାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଇମ୍ପେରିଆଲ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ କମ୍ପାନୀ ବୈଷୟିକ ରକ୍ଷଣାବେକ୍ଷଣ ବ୍ୟବସାୟ ସହଯୋଗୀ ସଂସ୍ଥା।

## ଭେରାଇଟି ଷ୍ଟୋରରୁ ଚୋରି ଅଭିଯୋଗ

**ଦେବଗଡ଼,୯।୭(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ପୌରାଞ୍ଚଳର ଜନଗହଳିପୂର୍ଣ୍ଣ ଷ୍ଟେଟ ବ୍ୟାଙ୍କ ଛକରେ ଥିବା ଟିହିଁକୁ ଭେରାଇଟି ଷ୍ଟୋରରୁ ଶନିବାର ରାତିରେ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ରବିବାର ଦୋକାନ ମାଲିକ ସୀତାକାନ୍ତ ସାହୁ ଦେବଗଡ ଆଦର୍ଶ ଥାନାରେ ଅଭିଯୋଗ କରିଥିବାବେଳେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ଘଟଣାରେ ପୋଲିସ କାହାରିକୁ ଗିରଫ କରିବାରେ ସଫଳ ହୋଇନାହିଁ ।

## ବାସହରାଙ୍କୁ ସାମାଜିକ କର୍ମୀଙ୍କ ସହାୟତା

**ସମ୍ବଲପୁର,୯।୭(ଶୁଭାଶିଷ ପାଢୀ)**

ସମ୍ବଲପୁର ଷ୍ଟେଶନ ଚେରୁଆପଡ଼ା ନିକଟରେ ରେଳ ବିଭାଗ ଜମିରେ ବସବାସ କରିଆସୁଥିବା ପରିବାରକୁ ଜୁଲାଇ ୧ତାରିଖରେ ରେଲୱେ ନିଜର କାର୍ଯ୍ୟାଳୟ ସମ୍ପ୍ରସରଣ ପାଇଁ ଉଚ୍ଛେଦ କରିଥିଲା। ପ୍ରାୟ ୩୦ବର୍ଷ ଧରି ସେମାନେ ଏଠାରେ ଘରଦ୍ୱାର କରିରହିବା ସହ ବେପାରବଣିଜ କରି ଚଳୁଥିଲେ। ଉଚ୍ଛେଦ ହେବା ପରେ ଏହି ପରିବାରଗୁଡିକ ଏକପ୍ରକାର ବାସହରା ହୋଇଯାଇଛନ୍ତି। ବର୍ଷା ଋତୁ ହୋଇଥିବାରୁ ଏମାନଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଇଛି। ଏପରିସ୍ଥଳେ ବିଶିଷ୍ଟ ସାମାଜିକ କର୍ମୀ ସିଦ୍ଧାର୍ଥ ସାହା ଶନିବାର ସେହି ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଉକ୍ତ ପଡାରୁ ଉଚ୍ଛେଦ ହୋଇଥିବା ୪୭ ପରିବାର ଓ ଫାଟକ ଅଞ୍ଚଳର ୧୩ ପରିବାରକୁ ସେ ତାର୍ପୋଲିନ ପ୍ରଦାନ କରିଥିଲେ। ଏହାସହ ପଡାରେ ରହୁଥିବା ଜଣେ ଶାରୀରିକ ବିକଳାଙ୍ଗ ୮୨ ବର୍ଷୀୟା ମହିଳାଙ୍କୁ ସାହା ପ୍ରତି ମାସରେ ପାଞ୍ଚଶହ ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବାସହରାଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ ସହ ସରକାରୀ ଯୋଜନା ଅନୁଯାୟୀ ବାସଗୃହ ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।


ଉଚ୍ଛେଦ ହୋଇଥିବା ପରିବାରକୁ ତାର୍ପୋଲିନ ପ୍ରଦାନ କରାଯାଉଛି।

# ଯାଦବ ପ୍ରତିଭା ସମ୍ମାନ ସମାରୋହ



ଯାଦବ ପ୍ରତିଭା ସମ୍ମାନ ସମାରୋହରେ ଅତିଥି ଓ ପ୍ରତିଭାମାନେ ।

**ସମ୍ବଲପୁର,୯।୭(ବି.ଶଙ୍କର)**

ସମ୍ବଲପୁର ଯାଦବ ସଂଘ ପକ୍ଷରୁ ତପସ୍ୱିନି ପ୍ରେକ୍ଷାଳୟଠାରେ ଯାଦବ ପ୍ରତିଭା ସମ୍ମାନ ସମାରୋହ-୨୦୨୩ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ଉତ୍କଳ ଯାଦବ ମହାସଭାର ମହାସଚିବ ଲମ୍ବୋଦର ନିଆଲ, ଉତ୍କଳ ଯାଦବ ମହାସଭା ସାଧାରଣ ସମ୍ପାଦକ ପ୍ରଦିପ ବେହେରା, ଧନକଉଡ଼ା ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ବେହେରା ଯୋଗଦାନ କରିଥିଲେ। ସମ୍ବଲପୁର ଯାଦବ ସଂଘ ସଭାପତି ଭୋଲାଶଙ୍କର ମହନ୍ତଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଏଥିରେ ସମ୍ବଲପୁର ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଜିଲା ସମେତ ଆଖପାଖ ଜିଲାର ଯାଦବ ସମାଜର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଯାଦବ ସମାଜର ଶିକ୍ଷା କ୍ଷେତ୍ରରେ ସଫଳତା ପାଇଥିବା ମେଧାବୀ ଛାତ୍ରୀଛାତ୍ରଙ୍କ ସହ କଳା, ସାହିତ୍ୟ, ସାମାଜିକ ଓ କ୍ରୀଡା କ୍ଷେତ୍ରରେ ସଫଳତା ପାଇଥିବା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା ।

## ପ୍ରାଥମିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଦେବଗଡ଼,୯।୭(ଶଶାଙ୍କ ଶେଖର ଝାଙ୍କର)**

୭୪ତମ ବନ ମହୋତ୍ସବ ସପ୍ତାହ ଅବସରରେ ତିଳେଇବଣି ବ୍ଲକ ଅସୁରଖୋଲସ୍ଥିତ ବିନ୍ଦିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଧିର କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୀମାଞ୍ଜଳୀ ସାହୁ, ମେରିଗୋଲାପ ଟପ୍ପୋ ଏବଂ ତିଳେଇବଣି ଫରେଷ୍ଟର କାର୍ତ୍ତିକେୟ ପ୍ରଧାନ, ଫରେଷ୍ଟ ଗାର୍ଡ ଭୋଳେଶ୍ୱର ସାହୁ, ଏଲିଫେଣ୍ଟ ସ୍କ୍ୱାଡ୍ କ୍ଷେତ୍ରବାସୀ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହ ମିଶି ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ।

## କୁଚିଣ୍ଡା କଂଗ୍ରେସର ମିଶ୍ରଣ ପର୍ବ

**କୁଚିଣ୍ଡା,୯।୭(ବିରଞ୍ଚି ଦର୍ଶୀ)**

କୁଚିଣ୍ଡା କଂଗ୍ରେସ ଭବନରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ୫୦ରୁ ଊର୍ଦ୍ଧ୍ୱ ମହିଳା ଅନ୍ୟ ଦଳ ଛାଡି କଂଗ୍ରେସରେ ଯୋଗଦାନ କରିଛନ୍ତି। ନଗର କଂଗ୍ରେସ ସଭାପତି ଅଖିଳ ପ୍ରତାପ ସିଂ ଓ ପୂର୍ବତନ ବିଧାୟକ ତଥା ରାଜ୍ୟ କଂଗ୍ରେସ ଉପସଭାପତି ରାଜେନ୍ଦ୍ର ଛତ୍ରିଆଙ୍କ ଉପସ୍ଥିତିରେ ହୋଇଥିବା କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଡା. ଶରତ ଚନ୍ଦ୍ର ଗୌନ୍ତିଆ, ଆରତି ନାୟକ, ସଞ୍ଜିତ ଶର୍ମା, ଜିତେନ୍ଦ୍ର ସାହୁ, ସଞ୍ଜୟ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟା ପଣ୍ଡା, ଗୋମତି ପରୁଆ, ଆଶା ମେହେର, ଲକ୍ଷ୍ମୀ ରଣା, ରିମାଇଣ୍ଡର ରଣା, ସସ୍ମିତା ରଣା, ପୂଜା ରଣା, ପୁଷ୍ପ ବାଘ, ଉଲ୍ଲାସ ପରୁଆ, ଅମୂଲ୍ୟ ବାଘ, ଦେବକୀ ବାଘ, ଅଞ୍ଜଳି ବାଘ କଳ୍ପନା ଗୌଡ, କୁନି କଉଡି, ସନ୍ତୋଷିନୀ ଭେଙ୍ଗରା, ଶ୍ରୀତୁଳା କେନ୍ଦୁ, ଲିପସା ଗୌଡ, ପ୍ରମିଳା ମାଝି ପ୍ରମୁଖ ଅନ୍ୟଦଳ ଛାଡି କଂଗ୍ରେସରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ଦ୍ୱାରା କଂଗ୍ରେସ ସଂଗଠନ ମଜଭୁତ ହେବ ବୋଲି ପୂର୍ବତନ ବିଧାୟକ ଛତ୍ରିଆ କହିଛନ୍ତି।



କଂଗ୍ରେସରେ ଯୋଗଦେଇଥିବା ମହିଳାମାନେ।



ସମ୍ବଲପୁର ଜିଲା ପଧାନପାଲିସ୍ଥିତ ପାବନ ସରୋବରଠାରେ ରବିବାର ନିଶାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ ଉତ୍ସବରେ କ୍ଷେତରାଜପୁର ସ୍କୁଲ ଛାତ୍ରୀଛାତ୍ରମାନେ ସଚେତନଧର୍ମୀ ନାଟକ ପରିବେଷଣ କରୁଛନ୍ତି ।

# ଅଫିସ ଦୌଡୁଥିଲେ ବି ମିଳୁନି ଭତ୍ତା

**ସମ୍ବଲପୁର,୯।୭(ଶୁଭାଶିଷ ପାଢୀ)**


ଗୁଲୁଣ୍ଡା ଗ୍ରାମର ସୁରେଖା ଦେହୁରି ।

ରାଜ୍ୟ ସରକାର ବିଧବା, ଦିବ୍ୟାଙ୍ଗ, ବୃଦ୍ଧାବୃଦ୍ଧଙ୍କ ପଇଁ ଭତ୍ତା ବ୍ୟବସ୍ଥା କରିଛନ୍ତି। ଏବେ ଭତ୍ତା ଟଙ୍କା ଜମାଖାତାରେ ଦେବା ବ୍ୟବସ୍ଥା ଲାଗୁ ହେବା ପରେ ହିତାଧିକାରୀଙ୍କ ଦୁଃଖ ବଢିଯାଇଛି। ମାସ ମାସ ଧରି ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ସମ୍ବଲପୁର ମହାନଗର ନିଗମ ୩୯ନଂ. ୱାର୍ଡ ଗୁଲୁଣ୍ଡା ଗ୍ରାମର ସୁରେଖା ଦେହୁରି ମାତ୍ର ୫ଶହ ଟଙ୍କା ବିଧବା ଭତ୍ତା ପାଇଁ ଅଫିସରୁ ଅଫିସ ବୁଲୁଛନ୍ତି। ସୁରେଖାଙ୍କୁ ଭେଟି ଗ୍ରାମର ପ୍ରିୟରଞ୍ଜନ ସାହୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏହାକୁ ନେଇ ସିଏମ୍‌ଓ, ଜିଲାପାଳ ସମ୍ବଲପୁରଙ୍କୁ ସାମାଜିକ ଗଣମାଧ୍ୟମ ଟୁଇଟର ମାଧ୍ୟମରେ ଅଭିଯୋଗ କରିଥିଲେ। ଜିଲାପାଳ ଅନନ୍ୟା ଦାସ ଅଭିଯୋଗ ଉପରେ ଉତ୍ତର ଦେଇ

## ଟୁଇଟରରେ ଅଭିଯୋଗ ପରେ ଜିଲାପାଳଙ୍କ ପଦକ୍ଷେପ

ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ।

ସୁରେଖାଙ୍କ ଅଭିଯୋଗ କ୍ରମେ ସେ ୭ମାସ ହେଲା ଭତ୍ତା ପାଇନାହାନ୍ତି। ୨୦୨୦ରେ ସେ ବ୍ୟାଙ୍କରେ ଜମାଖାତା ଖୋଲିଛନ୍ତି। କିଛିମାସ ଠିକ୍‌ରେ ଭତ୍ତା ଟଙ୍କା ଆସିଥିଲେ ବି ପରେ ଆଉ ଆସୁନାହିଁ। ଏହାକୁ ନେଇ ସେ ଏସ୍‌ଏମ୍‌ସି ଅଫିସ ଯାଇଥିଲେ। ସେଠାରେ ବ୍ୟାଙ୍କଖାତାରେ ଟଙ୍କା ଦିଆଯାଉଥିବା କହିଥିଲେ। ବ୍ୟାଙ୍କକୁ ଆସି ପଚାରିବା ପରେ ସେମାନେ ମଧ୍ୟ ଟଙ୍କା ଜମାହୋଇ ନ ଥିବା କହିଥିଲେ। ଏଭଳି ଭାବେ ବିଭିନ୍ନ ଅଫିସ ଦୌଡି ୬ରୁ ୭ ଶହ ଟଙ୍କା ଖର୍ଚ୍ଚ ହୋଇସାରିଛି। ୨୦୨୨ବର୍ଷର ୪ମାସ ଓ ୨୦୨୩ ବର୍ଷର ୩ମାସରେ ଭତ୍ତା ଟଙ୍କା ଦିଆଯାଇ ନାହିଁ। ଏପଟେ ବାର୍ଦ୍ଧକ୍ୟ ଜନିତ ରୋଗ ସାଙ୍ଗକୁ ଗୋଡ ମଧ୍ୟ କାମ କରୁ ନାହିଁ। ତେଣୁ ଭତ୍ତା ଟଙ୍କା ପ୍ରତି ମାସରେ ମୋ ହାତରେ ଦିଆଯାଉ ବୋଲି ସୁରେଖା ଅନୁରୋଧ କରିଛନ୍ତି। ଅନ୍ୟପଟେ ସାହୁ କହିଛନ୍ତି, ଏହା କେବଳ ସୁରେଖାଙ୍କ କ୍ଷେତ୍ରରେ ନୁହେଁ। ଜିଲାର ବିଭିନ୍ନ ପଞ୍ଚାୟତ, ଏସ୍‌ଏମ୍‌ସିର ହିତାଧିକାରୀ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କମଚାରୀ ଓ ଅଧିକାରୀ ସୁବିଧାରେ ପହଞ୍ଚାଇବା ବ୍ୟବସ୍ଥା କଲେ ହିତାଧିକାରୀ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ।

## ବିଦ୍ୟାଳୟରେ ବୃକ୍ଷ ରୋପଣ

ବେଲପଡା,(ମନୋଜ କୁମାର ମିଶ୍ର): ବେଲପଡା ବ୍ଲକ କାନୁଟ ହାଇସ୍କୁଲ ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର କୁଅଁରଙ୍କ ତତ୍ତ୍ୱାବଧାନରେ ସ୍କୁଲ ପରିସରରେ ଶୁକ୍ରବାର ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଅଶୋକ ମହାପାତ୍ର ଯୋଗ ଦେଇଥିଲେ। ବକ୍ତା ଭାବରେ ୟୁନି ସେଫର ପ୍ରତିନିଧି ବିଜୟ କୁମାର ସାହୁ ରହିଥିଲେ। ସମ୍ମାନିତ ଅତିଥି ଆଲୁମିନି କମିଟି ସଭାପତି ମନୋଜ କୁମାର ସାହୁ, ଏସଏମସି ସଭାପତି ସଚ୍ଚିଦାନନ୍ଦ ନାଏକ ଏବଂ କାନୁଟ କ୍ଲଷ୍ଟର ସିଆରସିସି ଲୋହିତ ଗଡ଼ଟିଆ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲ ଛାତ୍ରୀଛାତ୍ର ଓ ସଦସ୍ୟ ଉପସ୍ଥିତ ରହି ଶହେଗୋଟି ଗଛରୋପଣ କରିଥିଲେ।

## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ କରି ତିନି ବର୍ଷ ହେଲା ଫେରାର ଥିବା ଯୁବକ ଗିରଫ

ଖପ୍ରାଖୋଲ,୯।୭(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ସାନଉଡେନ ଗାଁର ଜଣେ ଯୁବତୀଙ୍କୁ ଅସଦାଚରଣ କରି ତିନି ବର୍ଷ ହେଲା ଫେରାର ଥିବା ଯୁବକଙ୍କୁ ଖପ୍ରାଖୋଲ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ସାନ ଉଡ଼େନ ଗାଁର କପିଳ ଦୀପ (୩୦)। ସୂଚନା ଅନୁସାରେ କପିଳ ଗାଁର ଜନୈକା ଯୁବତୀଙ୍କୁ ପ୍ରେମ କରୁଥିଲେ। ହେଲେ ବିବାହ କରିବାକୁ ମନା କରିବାରୁ ପୀଡ଼ିତା ଯୁବତୀ ଅସଦାଚରଣ ନେଇ ଖପ୍ରାଖୋଲ ଥାନାରେ ଗତ ୨୦୨୦ ଅକ୍ଟୋବର ମାସରେ ଅଭିଯୋଗ କରିଥିଲେ। ହେଲେ ଥାନାରେ ମାମଲା ପରେ ଯୁବକ ଜଣକ ଫେରାର ଥିଲେ। ଯୁବକ ଜଣକ ପୁଇନ୍ତଲା ଥାନାର ରକସୀମୁଣ୍ଡା ଗାଁରେ ରହୁଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଖପ୍ରାଖୋଲ ପୋଲିସ ଶନିବାର ରାତିରେ ଚଢ଼ାଉକରି ତାଙ୍କୁ ଗିରଫ କରିଥିଲା। ରବିବାର ପଚରାଉଚରା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

### ଚିନିକଳ ପୁନଃ ଚାଲୁ, ସୂତାକଳ ସ୍ଥାପନ ପାଇଁ ଆନ୍ଦୋଳନ ହେବ

ଦେଓଗାଁ,୯।୭(କୃଷ୍ଣପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ସାଗରପାଲି ନିକଟରେ ବନ୍ଦ ପଡିରହିଥିବା ବିଜୟାନନ୍ଦ ସମବାୟ ଚିନିକଳର ପୁନଃଚାଲୁ କରିବା ଦାବି ଓ ବଲାଙ୍ଗୀରରେ ସୂତାକଳ ସ୍ଥାପନ କରିବା ନେଇ ଜିଲା କଂଗ୍ରେସ କମିଟି ତରଫରୁ ଆନ୍ଦୋଳନ କରାଯିବ ବୋଲି ବିଧାୟକ ନରସିଂହ ମିଶ୍ର ସୂଚନା ଦେଇଛନ୍ତି। ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ଚିନିକଳ ବନ୍ଦ ରହିବା ଦ୍ୱାରା ଅନେକ ଆଖୁଚାଷୀ, ଟ୍ରାନ୍ସପୋର୍ଟର କ୍ଷତିଗ୍ରସ୍ତ ହେବା ସହ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ବଲାଙ୍ଗୀର ଜିଲା ସମେତ କଳାହାଣ୍ଡି, ବୌଦ୍ଧ ଓ ସୋନପୁର ଜିଲାର ଆଖୁଚାଷୀମାନେ କ୍ଷତିରେ ରହିଛନ୍ତି। ଏଣୁ ଏହି ଶିଳ୍ପ ପୁନଃଚାଲୁହେଲେ ଆଖୁଚାଷୀ ସମେତ ଜନସାଧାରଣ ବିଶେଷ ଉପକୃତ ହେବେ। ଏହା ସହ ବଲାଙ୍ଗୀର ଜିଲାର ଚାଷୀମାନେ ବହୁଳ ମାତ୍ରାରେ କପାଚାଷ କରୁଥିବାରୁ ଏକ ସ୍ପିନିଂ ମିଲ ସ୍ଥାପନ କରିବା ପାଇଁ ଲୋକଙ୍କ ମୁଖ୍ୟ ଦାବି ରହିଛି। ଏଣୁ ଏହି ଦୁଇଟି ଶିଳ୍ପ ହେଲେ ଜିଲାବାସୀଙ୍କ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବିକାଶ ଘଟିବ। ଏଣୁ ଏହି ପ୍ରମୁଖ ଦୁଇଟି ଦାବିକୁ ନେଇ ଜିଲା କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବିଧାୟକ ମିଶ୍ର ଏକ ସାକ୍ଷାତକାରରେ ସୂଚନା ଦେଇଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଦେଓଗାଁ,୯।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବିଲାସପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ଡଙ୍ଗରପଡା ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ବିଲାସପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆର୍ତ୍ତବନ୍ଧୁ ମିଶ୍ର ଓ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଦୁଇ ଜଣ ଚତୁର୍ଥ କର୍ମଚାରୀ ଜଗନ୍ନାଥ ପଧାନ ଓ ନାରାୟଣ ଷାଣ୍ଡଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ ସଭାରେ ସଭାପତି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜିତ ମିଶ୍ର, ମୁଖ୍ୟ ଅତିଥି ଭାବେ ଦେଓଗାଁ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଆରସିସି ଶ୍ୟାମସୁନ୍ଦର ଦାସ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ କର୍ମୀ ଓ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଯୋଷୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସିଆରସିସି ସୁଶାନ୍ତ ସାହୁ, ନିତେଇ ବେମାଲ, ସତ୍ୟନାରାୟଣ ସେନାପତି, ପଞ୍ଚାନନ ଭୋଇ, ଜଗଦା ଭୋଇ, ବିଲାସପୁର ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ, ପୂର୍ବତନ ଛାତ୍ରୀଛାତ୍ର ଓ ଅଣ ଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ଯଶୋବନ୍ତ ଦୀପ ଧନ୍ୟବାଦ ଦେଇଥିଲେ।

# ରାଜନୀତିରେ ସକ୍ରିୟ ରହି ଲୋକଙ୍କ ସେବା କରିବି: ନରସିଂହ

ଦେଓଗାଁ,୯।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)


ବିଧାୟକ ନରସିଂହ ମିଶ୍ର କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝରର ଆଞ୍ଚଳିକ ମହିଳା କଲେଜ ନିକଟସ୍ଥ ରଣେଶ୍ୱର ରାମଚଣ୍ଡି ମନ୍ଦିର ପାର୍ଶ୍ୱରେ କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କୁଲୁତା ସମାଜର ଉପସଭାପତି ବାଞ୍ଛାନିଧି ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇଥିଲେ। ୫ଲକ୍ଷ ଟଙ୍କାର ବିଧାୟକ ପାଣ୍ଠିରୁ ନିର୍ମାଣ ହେବାକୁ ଥିବା କମ୍ୟୁନିଟି କେନ୍ଦ୍ରର ଭିତ୍ତିପ୍ରସ୍ତର ବିଧାୟକ ମିଶ୍ର ସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ଉପରଝର ଓ ମହଲାଇ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଉପରଝର ତଳିପଡାବାସୀ ପାନୀୟଜଳ ପାଇବାରୁ ବଞ୍ଚିତ ରହୁଥିବା ଅଭିଯୋଗ ହୋଇଥିବା ବେଳେ ଅନେକ ବୃଦ୍ଧାବୃଦ୍ଧ ଭତ୍ତା ଯୋଜନାରୁ ବଞ୍ଚିତ ରହିଆସୁଥିବା ଅଭିଯୋଗ କରିଥିଲେ। ଏହା ସହ ଗାଁରେ ନବନିର୍ମାଣ ହୋଇଥିବା କଲ୍ୟାଣ ମଣ୍ଡପ ଛାତରୁ ପାଣିଝରୁଥିବା ନେଇ ଗାଁଲୋକ ବିଧାୟକଙ୍କୁ ଅଭିଯୋଗ କରିଥିଲେ। ଗାଁରେ ଅଙ୍ଗନୱାଡି କୋଠା ନିର୍ମାଣ ଆଜକୁ ବର୍ଷାଧିକକାଳ ହେଲା ଅଧାପନ୍ତରିଆ ରହିଥିବାରୁ କୋମଳମତି ଛାତ୍ରୀଛାତ୍ର ପରଘର ବାରଣ୍ଡାରେ ପାଠପଢୁଥିବା ଅଭିଯୋଗ କରିଥିଲେ। ଉପରୋକ୍ତ ସମସ୍ୟାର ତଦନ୍ତ ପୂର୍ବକ ତୁରନ୍ତ ସମାଧାନ କରିବା ପାଇଁ ବିଧାୟକ ମିଶ୍ର ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏ ଅବସରରେ ଅଞ୍ଚଳବାସୀଙ୍କ ତରଫରୁ ବିଧାୟକ ମିଶ୍ରଙ୍କୁ ଆସନ୍ତା ସାଧାରଣ ନିର୍ବାଚନରେ ଲଢ଼ିବେ କି ନାହିଁ ବୋଲି ପ୍ରଶ୍ନ କରିବାରୁ ମୋ ସ୍ଥାନରେ ଯିଏ ଲଢ଼ିଲେ ମଧ ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ରାଜନୀତିରେ ସକ୍ରିୟ ରହି ଲୋକଙ୍କ ସେବା କରିବି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ କୁଲୁତା ସମାଜର ସମ୍ପାଦକ ସୂର୍ଯ୍ୟମଣୀ ବୁଦ୍ଧିଆ, ରାଧାକାନ୍ତ ପଧାନ, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, କାନ୍ତେଶ୍ୱର ପଧାନ, ବିଶ୍ୱଜିତ ପାତ୍ର, କୁନା ସାହୁ, ଜ୍ୱାଲା ପୋଡ଼, ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ରାଜେନ୍ଦ୍ର ବିଶ୍ୱାଳ, ପଙ୍କଜ ପଧାନ, ଧର୍ମ ପଧାନ, ନେହେରୁ ବିଶ୍ୱାଳ, କଳାକାହ୍ନୁ ସାହୁ, ଦିବାକର ପଧାନ, ବ୍ଲକ ସହକାରୀ ଯନ୍ତ୍ରୀ ତଥା ୧୪ଖଣ୍ଡ ଗାଁର ଆଞ୍ଚଳିକ କୁଲୁତା ସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ ଆଞ୍ଚଳିକ କୁଲୁତା ସମାଜ ତରଫରୁ ଏକ ସାମାଜିକ ବୈଠକ ଅନୁଷ୍ଠିତ ହୋଇଥିଲା।

**କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ**

# କାମ ନ ସରୁଣୁ ରାସ୍ତାରୁ ଉଠିଲାଣି ପିଚୁ

କର୍ଲାମୁଣ୍ଡା,୯।୭(ପ୍ରଦୀପ କୁମାର ସାହୁ)

**ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ. ମାଲପଡା ପଞ୍ଚାୟତ ବାଗବୁରାଇ ତାରିଣୀ ଛକଠାରୁ ଭଟାପଲା କେନାଲ ଛକ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣରେ ଅନିୟମିତତା ତଥା ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଦେଓଗାଁ ଛକଠାରୁ ରିଞ୍ଜା ଧରଣୀପଦା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ ହେବାର ସପ୍ତାହ ନ ପୁରୁଣୁ ରାସ୍ତାରୁ ପିଚୁ ଉଠିଯାଉଥିବା ଦେଖିବାକୁ ମିଳିଛି। ରାସ୍ତାରୁ ପିଚୁ ଉଠୁଥିବା ଘଟଣାକୁ ନେଇ କିଛିଦିନ ତଳେ ସାମାଜିକ ଗଣମାଧମରେ ଭିଡିଓ ଭାଇରାଲ ହେବା ପରେ ବିଭାଗୀୟ ଅଧିକାରୀ କିମ୍ବା ଦାୟିତ୍ୱରେ ଥିବା ଠିକାଦାରଙ୍କ ପକ୍ଷରୁ କୌଣସି ଗୁରୁତ୍ୱ ଦେଉ ନ ଥିବା ଦୁର୍ଭାଗ୍ୟର ବିଷୟ ବୋଲି ରିଞ୍ଜା ଗ୍ରାମର ବେଦବ୍ୟାସ ଚୌଧୁରୀ ଅଭିଯୋଗ କରିଛନ୍ତି। ଏ ନେଇ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ପିଚୁ କାମ ମୋ ଉପସ୍ଥିତରେ ହୋଇଛି, ପିଚୁ ପଡିବା ପରେ ଟ୍ରାକ୍ଟରଗୁଡ଼ିକ ଯିବା ଆସିବା କରୁଥିବାରୁ ପିଚୁ ଉଠିଥାଇ ପାରେ ବୋଲି କହିଛନ୍ତି। ଅନ୍ୟପଟେ ଏ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଏମଡିଆର ୧୧୫୦ାରୁ ଭଟାପଲା ଭାୟା ବାଗବୁରେଇ ଧରଣୀପଡ଼ା ରିଞ୍ଜା ପର୍ଯ୍ୟନ୍ତ ମୋଟ ୯.୭୦ କି.ମି. ରାସ୍ତା ନିର୍ମାଣ ପାଇଁ ୭ କୋଟି ୫୭ ଲକ୍ଷ ୮୫ ହଜାର ଟଙ୍କା ଅଟକଳ ରହିଛି।


ରାସ୍ତା ନିର୍ମାଣ ନ ସରୁଣୁ ପିଚୁ ଉଠୁଛି।

# ଭୀମପାହାଡ଼ରେ ଭାଜପାର ମଣ୍ଡଳସ୍ତରୀୟ ସମାବେଶ



ଭୀମପାହାଡ଼ରେ ଭାଜପା ମଣ୍ଡଳସ୍ତରୀୟ ସମାବେଶରେ ନେତା, କର୍ମକର୍ତ୍ତା।

ଦେଓଗାଁ,୯।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**ଓଡ଼ିଶାରେ ଆଗୁଆ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ କର୍ମୀଙ୍କୁ ଆହ୍ୱାନ**

ଓଡ଼ିଶାରେ ଆଗୁଆ ନିର୍ବାଚନ ହେବା ସୂଚନା ମିଳିଛି। ଏଣୁ ସମସ୍ତ କର୍ମୀ ବିଧାନସଭା ନିର୍ବାଚନପାଇଁ ପ୍ରସ୍ତୁତ ରହିବାକୁ ମଣ୍ଡଳସ୍ତରୀୟ କର୍ମୀ ସମାବେଶରେ ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଭୀମଡୁଙ୍ଗୁରୀ ସ୍ଥିତ କଲ୍ୟାଣ ମଣ୍ଡପରେ ଭାଜପାର ମଣ୍ଡଳସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସାଂସଦଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନାଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ସଭ୍ୟ ଶିବଦତ୍ତ ମିଶ୍ର, ଗୋପାଳଜୀ ପାଣିଗ୍ରାହୀ, ପିତାମ୍ବର ଖମାରୀ, ସଭାନେତ୍ରୀ ପଙ୍କଜିନି ପଣ୍ଡା, ଜିଲା ମହିଳା ଉପ-ସଭାନେତ୍ରୀ ଭାରତୀ ଗୁରୁ, ମହିଳା ରାଜ୍ୟ ସମ୍ପାଦକ ରଞ୍ଜିତା ପାଣିଗ୍ରାହୀ, ଅନିତା ମିଶ୍ର, ସ୍ଥାନୀୟ ସରପଞ୍ଚ ଜାନକୀ ସାହୁଙ୍କ ସମେତ ୭ ପଞ୍ଚାୟତର କର୍ମୀମାନେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇ ସଙ୍ଗଠନକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଏପରିକି ଓଡିଶାରେ ମହିଳାଙ୍କୁ ନ୍ୟାୟ ଦେବାରେ ବିଜେଡି ସରକାର ବିଫଳ ହୋଇଛି। ରାଜ୍ୟ ସରକାରଙ୍କ ବିଫଳତା ଓ ମୋଦି ସରକାରର ଗରିବ କଲ୍ୟାଣ ଯୋଜନାର ମୂଲ୍ୟବୋଧକୁ ଗାଁଗୁଡିକରେ ଲୋକଙ୍କ ନିକଟରେ ପହଞ୍ଚାଇ ଭାଜପା ସରକାର ପ୍ରତି ଜନସମର୍ଥନ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ବରିଷ୍ଠ ଭାଜପା ନେତା ଡା. ଶଶୀଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସଦଙ୍କୁ ଦେଓଗାଁ ରେଲୱେଷ୍ଟେସନରେ ଇସ୍ପାତ ଏକ୍ସପ୍ରେସ ଟ୍ରେନ ରହୁଣି ଦାବିକୁ ନେଇ ପଚାରିବାରୁ ରେଳମନ୍ତ୍ରୀଙ୍କୁ ପତ୍ରଲେଖି ଅନୁରୋଧ କରିଛି। ଖୁବଶୀଘ୍ର ଦେଓଗାଁ ରୋଡରେ ଏକ୍ସପ୍ରେସ ରହୁଣୀ ଦିଗରେ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରତିଶ୍ରୁତି ଦେଇଥିବା ଏମ୍‌ପି ସୂଚନା ଦେଇଥିଲେ। ଏହା ସହ ପର୍ଯ୍ୟଟନସ୍ଥଳୀରେ ହରିଣପାର୍କ ସ୍ଥାପନ ପାଇଁ ସ୍ଥାନୀୟ ସରପଞ୍ଚ ଜାନକୀ ସାହୁ ଏମ୍‌ପିଙ୍କୁ ଦାବିପତ୍ର ଦେଇଥିଲେ। ସମାବେଶକୁ ମଣ୍ଡଳ ସଭାପତି ସୁକଦେବ ବାଗ, ଶଶୀ ପାଣିଗ୍ରାହୀ, ବାସୁଦେବ ସିଂ ନିନା, ନେହେରୁ ଗଡତ୍ୟା, ଜଗ ସାହୁ, ତେଜରାଜ ପଧାନ, ରାଜକିଶୋର ସେଠ, ଈଶ୍ୱର ପଧାନ, ବାବୁଲାଲ ପଧାନ, ରତନ ବାରିକ, ମଣ୍ଟୁସାହୁ, ସୁବଳ ରଣା ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

ଲୋଇସିଂହା, ୯।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବଦିବାହାଲ ପଞ୍ଚାୟତ ହାଇସ୍କୁଲରେ ୭୪ତମ ବନ ମହୋତ୍ସବ ତଥା ବନ ସପ୍ତାହ ପାଳିତ ହୋଇଯାଇଛି। ସଭାରେ ପ୍ରଧାନ ଶିକ୍ଷକ ବେଣୁଧର ଭୋଇ ଅଧକ୍ଷତା କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ମୁଖ୍ୟ ଅତିଥି, ଫରେଷ୍ଟର ଠଣସୁନ୍ଦର ଧରୁଆ, ସମିତି ସଭ୍ୟ ଅଜିତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରିବେଶ ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବୃକ୍ଷ ହିଁ ଜୀବନ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରୀ ପ୍ରତୀକ୍ଷା କୁମାରୀ ନାଗ, ଅଲିଭା ଧରୁଆ ଓ ପିଙ୍କି ଧରୁଆ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଜଗନ୍ନାଥ ଯୁବ ପରିଷଦ ଆନୁକୂଲ୍ୟରେ ସରଗାଡ ବାଳିକା ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ଲଳିନି ରଣା ଅଧକ୍ଷତା କରିଥିଲେ। ଏଥିରେ ସ୍କୁଲ ପରିଚାଳନା କମିଟି ସଭାପତି ସରୋଜ କୁମାର ପଟେଲ, ସନତ ପଟେଲ, ରାଜକିଶୋର ସେଠ, ନାରାୟଣ ବାରିକ, ବୀରେନ୍ଦ୍ର ସାହୁ, ଶିକ୍ଷକ କୈବର୍ତ୍ତ ପଧାନ ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ଉପରେ ମତବ୍ୟକ୍ତ କରିଥିଲେ।

# ଉର୍ମିଳାଙ୍କ ପାଇଁ ଆବାସ ଯୋଜନା ସାତ ସପନ

ଖଡ଼ିଆଳ,୯।୭(ସୁଜିତ୍ ପ୍ରଧାନ)

କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ଗରିବ ପରିବାର ଆବାସ ଯୋଜନାରୁ ବଞ୍ଚିତ ରହିବେ ନାହିଁ ବୋଲି କହୁଛନ୍ତି। ହେଲେ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଖୁଦପେଜ ଗ୍ରାମପଞ୍ଚାୟତ ଗୋଇମୁଣ୍ଡି ଗ୍ରାମର ଜଣେ ବିଧବା ମହିଳାଙ୍କ କ୍ଷେତ୍ରରେ ଆବାସ ଯୋଜନା ସାତ ସପନ ହୋଇଛି। ସୂଚନା ଥାଉକି ଗୋଇମୁଣ୍ଡି ଗ୍ରାମର ଉର୍ମିଳା କାଣ୍ଡ ଜଣେ ବିଧବା। ସେ ଜଣେ ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କର ଏକ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ପୁଅ ବିବାହିତ ହୋଇଥିବା ବେଳେ ଘର ଭାଙ୍ଗି ଯାଇଥିବା ଯୋଗୁ ଶ୍ୱଶୁର ଘରେ ଯାଇ ରହୁଛନ୍ତି। ବିଧବା ମହିଳା ଓ ଝିଅ ଭଙ୍ଗା ଘରେ ରହୁଛନ୍ତି। କେତେବେଳେ ଘର ଭାଙ୍ଗିଯିବ କିଏ କହିବ। ଉର୍ମିଳାଙ୍କ ଗତ ଏକ ବର୍ଷ ହେଲା ଗୋଡ଼ ଭାଙ୍ଗିଯାଇଛି। ସେ ବହୁତ ଦୁଃଖରେ ଜିବନ ବିତାଉଛନ୍ତି। ବିଧବା ଭତ୍ତା ଓ ରାଶନ କାର୍ଡ ଚାଉଳ କେବଳ ଭରସା। ଘର ଟିଏ କରିବା ସାତ ସପନ ହୋଇପଡିଛି। ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ବିଷୟରେ ଖୁଦପେଜ ସରପଞ୍ଚ ଯଶୋଦା ଶତପଥୀଙ୍କୁ ପଚାରିବାରୁ ପ୍ରଥମେ ଏକ ପଲିଥିନର ବ୍ୟବସ୍ଥା କରିଦେଉଛି, ତଦନ୍ତ ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇବା ବ୍ୟବସ୍ଥା କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ।


ବିଧବା ଉର୍ମିଳା କାଣ୍ଡଙ୍କ ଭଙ୍ଗାଦଦରା ଘର।

# ୧୭ ଶିକ୍ଷକ ଲେଭଲ ୩ ପ୍ରଧାନ ଶିକ୍ଷକକୁ ପଦୋନ୍ନତି

ଲୋଇସିଂହା, ୯।୭ (ସୁଶାନ୍ତ ବାରିକ)

**ଲୋଇସିଂହା ବ୍ଲକ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ୧୭ ଜଣ ଲେଭେଲ ୪ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକକୁ ପଦୋନ୍ନତି ମିଳିଛି। ସେମାନେ ଲେଭେଲ ୩ ପ୍ରଧାନ ଶିକ୍ଷକ ଭାବେ ଅବସ୍ଥାପିତ ସ୍କୁଲରେ କାର୍ଯ୍ୟ କରିବେ ବୋଲି ଜଣାଯାଇଛି। ସୂଚନାନୁଯାୟୀ,୩୧ ମେ ୨୦୨୩ରେ ଜିଲାସ୍ତରୀୟ ପଦୋନ୍ନତି କମିଟି ବୈଠକ ବସିଥିଲା । ୪୪୩ ଜଣ ଲେଭେଲ ୩ ଶିକ୍ଷକଙ୍କୁ ଚିହ୍ନଟ କରି ପ୍ରାରମ୍ଭିକ ତାଲିକା ପ୍ରସ୍ତୁତ କରି ପଦୋନ୍ନତି ସୁପାରିଶ ପାଇଁ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ କାର୍ଯ୍ୟାଳୟକୁ ପଠାଯାଇଥିଲା। ଏହି କ୍ରମରେ ଗତ ୪ ଜୁଲାଇ ୨୦୨୩ରେ ବଲାଙ୍ଗୀର ପୃଥୀରାଜ ହାଇସ୍କୁଲଠାରେ ସମ୍ପୃକ୍ତ ପଦୋନ୍ନତି ମିଳିଥିବା ଶିକ୍ଷକଙ୍କ କାଉନସେଲିଂ ରହିଥିଲା। ୪୪୩ ଶିକ୍ଷକଙ୍କ ମଧ୍ୟରୁ ୪୨୫ ଜଣ ଶିକ୍ଷକ କାନସେଲିଂରେ ଯୋଗଦେଇଥିଲେ। ସେଥିରୁ ଲୋଇସିଂହା ବ୍ଲକରୁ ପଦୋନ୍ନତି ପାଇଥିବା ୧୮ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି କ୍ଷେତ୍ର ଚୟନ କରିଥିଲେ। ୧୧ ଜଣ ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ଚୟନ କରିଥିଲେ। ବ୍ଲକର ୭ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଜିଲାର ଅନ୍ୟ ବ୍ଲକ ତଥା ଆଗଲପୁର, ଟିଟିଲାଗଡ, ସଇଁତଲା, ଗୁଡଭେଲା, ଦେଓଗାଁ, ବେଲପଡା ଓ ବଲାଙ୍ଗୀର ବ୍ଲକ ଯିବାକୁ ପଡିଛି। ସେହିପରି ଲୋଇସିଂହା ବ୍ଲକକୁ ବାହାର ବ୍ଲକକୁ କେତେକ ଶିକ୍ଷକ ପଦୋନ୍ନତି ପାଇ ଆସିଛନ୍ତି। ସୂଚନାଯୋଗ୍ୟ ଯେ, ବ୍ଲକର ୧୮ଜଣ ପଦୋନ୍ନତି ଶିକ୍ଷକଙ୍କ ମଧ୍ୟରେ ବୁଢ଼ୀପଦର ପଞ୍ଚାୟତ ଅନ୍ତର୍ଗତ ଘୁଷୁରାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କୈଳାସ ସାହୁ ଥିଲେ। ଶିକ୍ଷକ ସାହୁ କାନସେଲିଂ ଦିନ ଉପସ୍ଥିତ ରହି ବ୍ଲକର ଛେଲବାହାଲ ସ୍କୁଲକୁ ନିଜ କ୍ଷେତ୍ର ଭାବେ ବାଛିଥିଲେ। ହେଲେ ସେ ପରବର୍ତ୍ତୀ ସମୟରେ ବିଇଓଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କ ପଦୋନ୍ନତିକୁ ପ୍ରତ୍ୟାହାର କରି ନେଇଥିବା ବ୍ଲକ ଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ। ଏହା ଦ୍ୱାରା ବ୍ଲକର ଜଣେ ଶିକ୍ଷକ ବାହାର ବ୍ଲକକୁ ଯାଇଥିବାବେଳେ ଛେଲବାହାଲ ସ୍କୁଲ ଜଣେ ଶିକ୍ଷକକୁ ହରାଇଥିବା ନେଇ ଆଲୋଚନା ହେଉଛି।

# ସମ୍ବଲପୁରୀ ଚଳଚ୍ଚିତ୍ର ପୋଷ୍ଟର ଉନ୍ମୋଚିତ

ଟିଟିଲାଗଡ଼, ୯।୭(ଶରତ ମିଶ୍ର)



ଅନ୍ୟ ଅତିଥିଙ୍କ ସହ ମନ୍ତ୍ରୀ ଚଳଚ୍ଚିତ୍ରର ପୋଷ୍ଟର ଉନ୍ମୋଚନ କରୁଛନ୍ତି।

**ରିଲିଜ ନ ହେଉଣୁ ୭ଟି ଆୱାର୍ଡ ପାଇସାରିଲାଣି**

ପ୍ରଥମ ଥର ପାଇଁ ଟିଟିଲାଗଡ଼ ସହରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନିର୍ମାଣ ହୋଇଛି କୋଶଳି ସମ୍ବଲପୁରୀ ଚଳଚ୍ଚିତ୍ର 'ଖରା'। ଚଳଚ୍ଚିତ୍ର ରିଲିଜ ନ ହେଉଣୁ ୭ଟି ଆୱାର୍ଡ ପାଇ ସାରିଲାଣି। ରବିବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ମନ୍ତ୍ରୀ ଟୁକୁନୀ ସାହୁ ଏହି ଚଳଚ୍ଚିତ୍ରର ପୋଷ୍ଟରକୁ ଉନ୍ମୋଚନ କରିଛନ୍ତି। ମହାରାଷ୍ଟ୍ର ରାଜ୍ୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଫିଲ୍ମଉତ୍ସବ ୨୦୨୩ରେ ଦାଦାସାହେବ ଫାଲକେ ବେଷ୍ଟ ଡାଇରେକ୍ଟର ପୁରସ୍କାର, ଇଣ୍ଡିଆନ ପାନୋରାମା ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭଲ ୨୦୨୨ରେ ବେଷ୍ଟ ଫିଲ୍ମ ଇନ ସୋସିଆଲ ଇସୁ ଏବଂ ଆଇକନିକ ଭାରତ ଗୌରବ ପୁରସ୍କାର, ଇଣ୍ଟରନେସନାଲ ଫିଲ୍ମ ଫେଷ୍ଟିଭଲ ରୋମାନିଆରେ ବେଷ୍ଟ ଫିଚର ଫିଲ୍ମ, ଫ୍ରେଞ୍ଚ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭଲ ବେଷ୍ଟ ମ୍ୟୁଜିକ ଡିରେକ୍ଟର ଆୱାର୍ଡ ବେଷ୍ଟ ଡିରେକ୍ଟର ଜୁରୀ ଆୱାର୍ଡ ଏବଂ ବେଷ୍ଟ ଏଡିଟର ଆୱାର୍ଡ ପାଇଛି। ଟିଟିଲାଗଡ଼ ସହରର ମାନସୀ ପାଣିଗ୍ରାହୀ ଏହାର ପ୍ରଯୋଜକ, ବିଶିଷ୍ଟ କଣ୍ଠଶିଳ୍ପୀ ପଙ୍କଜ ଜାଲ ସହ ପ୍ରଯୋଜକ, କାହାଣୀ ଏବଂ ସଙ୍ଗୀତ ନିର୍ଦ୍ଦେଶକ, ଯୁଗଳ ସାହୁ ନିର୍ଦ୍ଦେଶକ, ଗୋପାଳ ପ୍ରଧାନ ଚିତ୍ର ଉତ୍ତୋଳନ ନିର୍ଦ୍ଦେଶକ, ମୁମ୍ବାଇର ସୁନିଲ ମେହେର ସମ୍ପାଦନା, ଚୁଡାମଣି ଚନ୍ଦନ ସଂଳାପ, ଜଳନ୍ଧ ପୋଡ଼ ପ୍ରଯୋଜନା ପ୍ରବନ୍ଧକ, ଭଗବାନ ଦା ସାଜସଜ୍ଜା ସନ୍ତୋଷ ସାହୁ ଚିତ୍ର ଉତ୍ତୋଳକ। ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ରିଗଡୁଲ ଗ୍ରାମରେ ଗତ ବର୍ଷ ଏପ୍ରିଲ ମାସର ୪୪ ଡିଗ୍ରୀ ତାପମାତ୍ରାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ଗ୍ରାମବାସୀଙ୍କ ସମେତ ବିଭିନ୍ନ ଚରିତ୍ରରେ ବିଶିଷ୍ଟ ନାଗରିକ ଜଗଦାନନ୍ଦ ଛୁରିଆ, ଜିଲା କ୍ରୀଡା ସଂସଦର ସଭାପତି ଶ୍ରୀକର ମିଶ୍ର, ଗଦାଧର ବାରିକ, ସୁଶୀଳା ନାୟର, ଅଶୋକ ବେହେରା, ଲଳିତ ପୂଝାରୀ, ସଭ୍ୟ ଦୀପ, ସଇରେନ୍ଦ୍ରି ବାରିକ, ଟିଟିଲାଗଡ଼ ବାଳିକା ହାଇସ୍କୁଲର ଖେଳ ଶିକ୍ଷୟିତ୍ରୀ ପଦ୍ମଜା ବହିଦାର, ବିଶିଷ୍ଟ ଗାୟକ ସର୍ବେଶ୍ୱର ଭୋଇ, ଏଲୋରା ତନ୍ତୀ, ହମିଦ ସାଗର, ଶ୍ରୀକାନ୍ତ ଷଡ଼ଙ୍ଗୀ, ଅସ୍ମି ମିଶ୍ର, ଶାକମ୍ବରୀ ବାରିକ, ଆଧାନ ବାରିକ ପ୍ରମୁଖ ଅଭିନୟ କରିଛନ୍ତି। କଣ୍ଠଶିଳ୍ପୀ ବାଣୀଶ୍ରୀ ଦୁଃଖିଶ୍ୟାମ ତ୍ରିପାଠୀ, ପଙ୍କଜ ଜାଲ, ମାନସୀ ପାଣିଗ୍ରାହୀ, ରୁକୁ ସୁନା, ସର୍ବେଶ୍ୱର ଭୋଇ, ସାନ ଛତ୍ରିଆ, ବଡ଼ ଛତ୍ରିଆ କଣ୍ଠଦାନ କରିଥିଲେ। ଏନେଇ ସଫଳତା ଉତ୍ସବ କାର୍ଯ୍ୟକ୍ରମରେ ମନ୍ତ୍ରୀ ସାହୁ ତଥା ଚଳଚିତ୍ରରେ ସଂଶ୍ଳିଷ୍ଟ ସମସ୍ତ କଳାକାରଙ୍କ ଗହଣରେ ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ବରିଷ୍ଠ ସାମ୍ବାଦିକ ତଥା କଳାକାର ଗୋପାଳ ପ୍ରଧାନ, ଲିଟୁ ମହାନ୍ତି, ବାପି ଡେଭିଡ, ରାଜେଶ ପଧାନ, ରାଜୁ ମିଶ୍ର, ଟିକେଲାଲ ବେହେରା, ଟିଟିଲାଗଡ଼ ଥାନା ଆଇଆଇସି ମନୋଜ ପଧାନ, ଏସଆଇ ନରେନ୍ଦ୍ର ଛତର, ସୂଚନା ଓ ଲୋକସମ୍ପର୍କ ବିଭାଗ ଓଏସଡ଼ି କମଳାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ୧ ଘଣ୍ଟା ୧୫ ମିନିଟର ଚଳଚିତ୍ର ଆସନ୍ତା ନୂଆଁଖାଇ ଅବସରରେ ରାଜ୍ୟରେ ରିଲିଜ ହେବ ବୋଲି ସହ ପ୍ରଯୋଜକ ପଙ୍କଜ ଜାଲ ଏନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଜୁଲାଇ ୨୦୨୩



## ସଂକ୍ଷେପରେ

### ଚିଟ୍‌ଫଣ୍ଡ ଜମାକାରୀ ମିଳିତ ମଞ୍ଚ ବୈଠକ

**ପଦ୍ମପୁର,୯।୭(ପ୍ରଦୀପ୍ତ ଦାଶ):** ପଦ୍ମପୁରଠାରେ ଚିଟ୍‌ଫଣ୍ଡ ଜମାକାରୀ ମିଳିତ ମଞ୍ଚ ଜିଲା ସଂଯୋଜକ ସୁଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ବରଗଡ଼ ଜିଲାର ସମସ୍ତ ବ୍ଲକ ସଭାପତିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଚିଟ୍‌ଫଣ୍ଡ ସମ୍ପର୍କିତ ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା। ଆଗାମୀ ସପ୍ତାହରେ ବରଗଡ଼ ଜିଲାପାଳଙ୍କ ଜରିଆରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଚିଟ୍‌ଫଣ୍ଡ ଜମାକାରୀଙ୍କୁ ତୁରନ୍ତ ଟଙ୍କା ଫେରସ୍ତ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯିବ। ଏଥିରେ ବିଭିନ୍ନ କମ୍ପାନୀର ଜମାକାରୀ ତଥା ବ୍ଲକ ପ୍ରତିନିଧି ମାନେ ଅଂଶଗ୍ରହଣ କରିବେ। ଅନ୍ୟମାନଙ୍କ ମଧ୍ୟରେ ଦେବରାଜ ବେହେରା, ସୁଦାମ ବେହେରା, ଡମ୍ବରୁଧର ସାହା, ଜୀବର୍ଦ୍ଧନ ସାହୁ, ରବୀନ୍ଦ୍ର ଡନସନା, କୃଷ୍ଣଚନ୍ଦ୍ର ପଣ୍ଡା, ସୁବାଷ ମେହେର, ଅନନ୍ତ ମେହେର, ଡମ୍ବରୁ ପଟେଲ, ଶତ୍ରୁଘ୍ନ ମହାକୁର, ଲୋକନାଥ ଜାଲ, ଲୋକନାଥ ସାହା, ଦୀପକ ମେହେର ପ୍ରମୁଖ ଯୋଗ ଦେଇଥିଲେ।

### ଆଇନଜୀବୀଙ୍କ ପିତୃ ବିୟୋଗ

**ପଦ୍ମପୁର,୯।୭(ପ୍ରଦୀପ୍ତ ଦାଶ):** ପଦ୍ମପୁରର ଆଇନଜୀବୀ ଅଜିତ ଶତପଥୀଙ୍କ ପିତା



ବନମାଳି ଶତପଥୀଙ୍କ ଶନିବାର ରାତି ପ୍ରାୟ ୩ଟାରେ ପଦ୍ମପୁର ସ୍ଥିତ ନିଜ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ପଦ୍ମପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ତାଙ୍କ ପଛରେ ସ୍ତ୍ରୀଙ୍କ ସମେତ ପୁଅ ଅଜିତ, ପ୍ରାଣୀ ଚିକିତ୍ସକ ଡାକ୍ତର ସୁଜିତ, ସାନଭାଇ ତଥା ପଦ୍ମପୁର ଓକିଲ ସଂଘ ସଭାପତି ସନ୍ତୋଷ କୁମାର ଶତପଥୀ ଓ ପରିବାରବର୍ଗଙ୍କୁ ଛାଡି ଯାଇଛନ୍ତି। ତାଙ୍କ ଅନ୍ତିମ ଯାତ୍ରାରେ ସହର ଓ ଆଖପାଖ ଅଞ୍ଚଳର ବହୁ ଲୋକ ସାମିଲ ହୋଇଥିଲେ। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ଅଜିତ ମୁଖାଗ୍ନି ଦେଇଥିଲେ।

### ଚାରା ବଣ୍ଟନ କଲେ ଛାତ୍ରୀଛାତ୍ର

**ଅତାବିରା,୯।୭(ହୃଷିକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ବ୍ଲକ କୁମେଲସିଂହା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଛି । ପ୍ରଧାନ ଶିକ୍ଷକ ଧନଞ୍ଜୟ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ରଞ୍ଜୁଲତା ପୋଢ଼, ରାଜଲକ୍ଷ୍ମୀ ସ୍ୱାଇଁ, ଶିକ୍ଷକ କ୍ଷୀରୋଦ ବିହାରୀ ସାହୁ, ସୁଧାଂଶୁ ଶେଖର ଦାଶ, ଦେବାଶିଷ ପ୍ରଧାନ, ପଞ୍ଚାନନ ପ୍ରଧାନ, ହେମନ୍ତ କଣ୍ଟା, ବିନାୟକ ବାବୁ ପ୍ରମୁଖ ବୃକ୍ଷର ମାହାତ୍ମ୍ୟ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ଚାରାକୁ ପୂଜାର୍ଚ୍ଚନା ସହିତ ସେଥିରେ ରାକ୍ଷୀ ବାନ୍ଧି ତାର ଯତ୍ନ ନେବାକୁ ଶପଥ ନେଇଥିଲେ। ପରେ ଗ୍ରାମ ପରିକ୍ରମା କରି ଗ୍ରାମବାସୀଙ୍କ ଗୋଟିଏ ଲେଖାଏଁ ଚାରା ବଣ୍ଟନ କରିଥିଲେ। ଏହାସହିତ ହାତରେ ପ୍ଲାକାର୍ଡ଼ ଧରି ବୃକ୍ଷରୋପଣର ଆବଶ୍ୟକତା ତଥା ବନ ମହୋତ୍ସବ ପାଳନର ଆଭିମୁଖ୍ୟ ଉପରେ ସଚେତନତା ସୃଷ୍ଟି କରିଥିଲେ। ଦଧିବାମନ ହାଇସ୍କୁଲର ପ୍ରଧାନ ଶିକ୍ଷକ ପଞ୍ଚାନନ ଦଳପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ମେଣ୍ଡଲି ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଚର ଜମି ଜବରଦଖଲ, ଜିଲାପାଳଙ୍କୁ ଫେରାଦ

**ଭେଡ଼େନ,୯।୭(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବୁର୍ଦ୍ଧା ଗ୍ରାମରେ ଥିବା ଗୋଚର ଜମି ଜବରଦଖଲ କରାଯାଇଛି । ଏ ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଫେରାଦ ହେବା ସହ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମର ଅରୁଣ ମହାକୁର, ପୂର୍ଣ୍ଣଚନ୍ଦ୍ର ଷାଣ୍ଡେ, କିଶୋର ନାଏକ, ଜୟନାରାୟଣ ମହାକୁର, ଉର୍କୁଲୁ ବେସନଚୋର, ଦ୍ୱିତୀୟା ଷାଣ୍ଡେ, ଜସ୍ୱିନୀ ଖମାରୀ ପ୍ରମୁଖ ଗ୍ରାମବାସୀ ଏହି ଜମିରୁ ଜବରଦଖଲ ଉଚ୍ଛେଦ କରିବାକୁ ଦାବି କରିଛନ୍ତି ।

ପ୍ରକାଶ ଯେ, ଭେଡ଼େନ ତହସିଲ ଚିଚିଣ୍ଡା ରାଜସ୍ୱ ସର୍କଲ ଅନ୍ତର୍ଗତ ବୁର୍ଦ୍ଧା ଗ୍ରାମର ଦନ୍ତା ନଦୀ କୂଳରେ ଖାତା ନଂ. ୪୩୯, ପ୍ଲଟ ନଂ. ୧ରେ ପ୍ରାୟ ୪୦ ଏକର ଗୋଚର ଜମି ରହିଛି। ହୀରାକୁଦ କେନାଲ ସେଚାଞ୍ଚଳରେ ଲୋକେ ଚାଷ କରୁଥିବା



ଦନ୍ତା ନଦୀ କୂଳରେ ଜବରଦଖଲ ହୋଇଥିବା ଗୋଚର ଜମି।

ବେଳେ ଏହି ଜମି ଗାଈଗୋରୁଙ୍କ ଚାରଣ ଭୂମି ରହିଥିଲା। ମାତ୍ର ଗ୍ରାମର ଜନୈକ ପ୍ରଭାବଶାଳୀ ବ୍ୟକ୍ତି ଗତ ଡିସେମ୍ବର ମାସରେ ଏହାକୁ ଜବରଦଖଲ କରି ନିଜ ଚାଷ ଜମିରେ ମିଶାଇବାକୁ ଚେଷ୍ଟା କରିଥିଲେ। ଏହା ଦେଖି ଗ୍ରାମବାସୀ ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରସ୍ଥ ହେବା ପରେ ତହସିଲଦାର ଘଟଣାସ୍ଥଳ ପରିଦର୍ଶନ କରି ଉକ୍ତ ଗୋଚର ଜମିକୁ ଜବରଦଖଲମୁକ୍ତ କରିବା ସହ ଉକ୍ତ ବ୍ୟକ୍ତିଙ୍କୁ ତାଗିଦ କରିଥିଲେ।

ଗତ ମଙ୍ଗଳବାର ଉକ୍ତ ବ୍ୟକ୍ତି ଜଣକ ପୁଣି ସେହି ଗୋଚର ଜମିକୁ ଟ୍ରାକ୍ଟର ସାହାଯ୍ୟରେ ଚାଷଜମିରେ ପରିଣତ ମିଶାଇ ଦେଇଛନ୍ତି। ଫଳରେ ଗ୍ରାମରେ ଚାରଣ ଭୂମିର ଅଭାବ ଯୋଗୁ ପ୍ରାଣୀପାଳକମାନେ ଚିନ୍ତାରେ ପଡିଛନ୍ତି। ସେହିପରି ଏହି ରାସ୍ତା ଦେଇ ଅନେକ ଚାଷୀ ହଳ ଲଙ୍ଗଳ ଧରି ଯିବା ଆସିବା କରିବାରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଭେଡ଼େନ ତହସିଲଦାର ନେପାଳ ଚନ୍ଦ୍ର ମୁଣ୍ଡାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ବହୁତ ଆଗରୁ ଗ୍ରାମବାସୀ ଏହି ଅଭିଯୋଗ ନେଇ ଆସିଥିଲେ। ସେତେବେଳେ ମୁ ଘଟଣାସ୍ଥଳକୁ ଯାଇ ଜବରଦଖଲ ଉଚ୍ଛେଦ କରିଥିଲି। ଯଦି ପୁନର୍ବାର ଏହି ଅଭିଯୋଗ ଆସିଛି। ସୋମବାର କ୍ଷେତ୍ର ପରିଦର୍ଶନ ପରେ ଜବରଦଖଲକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ମୁଣ୍ଡା କହିଛନ୍ତି।

# ପଦ୍ମପୁର ଆଇଆଇସିଙ୍କ ସହ ଟ୍ୟାକ୍ସି ଡ୍ରାଇଭର ସଂଘର ଆଲୋଚନା

**ପଦ୍ମପୁର,୯।୭(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଆଇଆଇସି ମମତା ନାଏକଙ୍କ ସହିତ ପଦ୍ମପୁର ଟ୍ୟାକ୍ସି ଡ୍ରାଇଭର ସଂଘ ରବିବାର ଆଲୋଚନା କରିଛି। ସଂଘ ସଭାପତି ଲବଣୀ ନାଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପଦ୍ମପୁର ସହରରେ ଟ୍ରାଫିକ୍ ସମସ୍ୟା, ଦ୍ରୁତ ବାଇକ୍ ଚାଳନାରେ ଅଙ୍କୁଶ ଲଗାଇବା ପାଇଁ ଆଇଆଇସିଙ୍କୁ ନିବେଦନ କରିଥିଲେ। ଆଲୋଚନା ବେଳେ ଉପସଭାପତି ପ୍ରକାଶ ନାଏକ, ସମ୍ପାଦକ ଭାଗିରଥି ବେହେରା, କୋଷାଧ୍ୟକ୍ଷ ହରିହର ଟାଙ୍ଗୀଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।



ପଦ୍ମପୁର ଆଇଆଇସିଙ୍କୁ ଟ୍ୟାକ୍ସି ଡ୍ରାଇଭର ସଂଘ କର୍ମକର୍ତ୍ତା ଭେଟିଛନ୍ତି।

# ରାଜ୍ୟ କ୍ରୀଡ଼ାର କୃତୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଖେଳାଳିବୃନ୍ଦ ।

**ବରଗଡ଼,୯।୭(ପ୍ରେମାନନ୍ଦ ଖମାରୀ)**

ରାଜ୍ୟ କ୍ରୀଡ଼ା ପ୍ରତିଯୋଗିତାରେ ବରଗଡ଼ ଜିଲାରୁ ପ୍ରତିନିଧିତ୍ୱ କରି କୃତକାର୍ଯ୍ୟ ହୋଇ ରେକର୍ଡ଼ ସୃଷ୍ଟି କରିଥିବା ଖେଳାଳିମାନଙ୍କୁ ରବିବାର ବରଗଡ଼ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା କ୍ରୀଡ଼ା ସଂସଦର ସାଧାରଣସ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ପୂର୍ବତନ ସମ୍ପାଦକ ଅରୁଣ କୁମାର ମହାନ୍ତି, ବିମଳ କିଶୋର ଦେବତା, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର, କ୍ରୀଡ଼ା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂ, କ୍ରୀଡ଼ା ସମ୍ପାଦକ ହରଦୀପ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ କୃତୀ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ଏଥିରେ ସୁରସ୍ମିତା ବଗାର ଟ୍ରିପଲ ଜମ୍ପରେ ୧୧.୮୧ ମିଟର ଡେଇଁ ରାଜ୍ୟରେ ନିଜର ପୂର୍ବ ରେକର୍ଡ ଭାଙ୍ଗି ନୂତନ ରେକର୍ଡ ସୃଷ୍ଟି ସହିତ ସ୍ୱର୍ଣ୍ଣ ପଦକ ଏବଂ ଲମ୍ବଡ଼ିଆଁରେ ସେ ମଧ୍ୟ ୫.୩୬ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିପରି ୧୮ବର୍ଷ ବୟସ ବର୍ଗରେ ପ୍ରତୀକ ମହାରଣା ୧୦୦ ମିଟର ଦୌଡ଼କୁଦରେ ୧୦.୦୯ ସେକେଣ୍ଡରେ ପୂର୍ଣ୍ଣ କରି ପୂର୍ବ ରେକର୍ଡ ଭାଙ୍ଗି ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି । ନମିତା ପ୍ରଧାନ ୫୦୦୦ ମିଟର, ୧୫୦୦ ମିଟର ଦୌଡ଼କୁଦରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ପୁରୁଷ ଲମ୍ବ ଡ଼ିଆଁରେ ରାଜକୁମାର ସାହୁ ରୌପ୍ୟ ପଦକ, ୨୩ବର୍ଷ ବୟସ ବର୍ଗ ୪୦୦୦ ମିଟର ଦୌଡ଼କୁଦରେ କୃପାସିନ୍ଧୁ ଆଚାର୍ଯ୍ୟ ରୌପ୍ୟ ପଦକ, ଲମ୍ବ ଡ଼ିଆଁ ୧୪ବର୍ଷ ବାଳିକା ବିଭାଗରେ ଅରୁଣା ବାରିକ ରୌପ୍ୟ ପଦକ, ୧୪ବର୍ଷ ବୟସ ବାଳକ ବିଭାଗର ସର୍ଟପୁଟ୍‌ରେ ସିଞ୍ଚନ ସାହୁ ରୌପ୍ୟ ପଦକ, ୧୪ବର୍ଷ ବାଳିକା ବିଭାଗର ସର୍ଟପୁଟ୍‌ରେ ଖୁସି କୁମାରୀ ଦାଶ ରୌପ୍ୟ ପଦକ ହାସଲ କରିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି ବରଗଡ଼ ଦଳର ମ୍ୟାନେଜର ଗିରିଜା ପ୍ରସାଦ ନାଥ, ଦମୟନ୍ତୀ ବାରିକ, କୋଚ୍ ଶିବ ପ୍ରସାଦ ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସମାରୋହରେ ଫୁଟବଲ ସମ୍ପାଦକ ସେକ୍ ସବଦର୍, ଇନଡୋର୍ ଗେମ୍ସ ସମ୍ପାଦକ ରବି ପଣ୍ଡା, ଆଉଟ୍‌ଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କାଉନସିଲ ସଦସ୍ୟ ପ୍ରଦୀପ ସାହୁ, ବିଷ୍ଣୁ ଧାନୁକା, ଦିଲୀପ ସାୱାଡ଼ିଆ, ରଜତ ଦାଶ, ପ୍ରାକ୍ତନ ଖେଳାଳି ଅତୀଶ ପଣ୍ଡା, ଜ୍ଞାନରଞ୍ଜନ ପୂଜାରୀ, ସଚ୍ଚିଦାନନ୍ଦ ପଣ୍ଡା, ସୌର୍ଯ୍ୟରଞ୍ଜନ ରାଏ, ସୁବାଷ ବାରିକ, ଅକ୍ଷୟ ପ୍ରଧାନ, ପ୍ରତାପ ଦାଶ, ବବଲୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି ମାମଲା, ଜଣେ ଗିରଫ

**ଅମ୍ବାଭୋନା,୯।୭(ଛନ୍ଦାଚରଣ ପ୍ରଧାନ)**

ବରଗଡ଼ ଜିଲା ଅମ୍ବାଭୋନା ଥାନା ଅନ୍ତର୍ଗତ କପାସିରା ଗ୍ରାମରୁ ଚୋରି ହୋଇଥିବା ଟାଟା ଏସିଇ ଗାଡ଼ିର ବିଭିନ୍ନ ସାମଗ୍ରୀ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ମାମଲାରେ ପୋଲିସ ଭୁକ୍ତା ଗ୍ରାମର ବିନୋଦ ପଟେଲ(୩୨)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ଏ ନେଇ ଅମ୍ବାଭୋନା ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା(ନଂ.୨୪୮/୨୩) ରୁଜୁ ହୋଇଛି। ପ୍ରକାଶଥାଉକି, ଗତ ଜୁନ ୩୦ରେ କପାସିରା ଗ୍ରାମର ଖେଦୁରାମ ପ୍ରଧାନଙ୍କ ଟାଟା ଏସିଇରୁ ବ୍ୟାଟେରୀ ଏବଂ ଷ୍ଟେଫିନି ଚକ ଚୋରି ହୋଇଥିଲା।

### ଦେବଦେବୀଙ୍କ ନାମରେ ଚାରାରୋପଣ

**ବରଗଡ଼,୯।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ନୂଆ ସରସରାସ୍ଥିତ ଶ୍ରୀ ଶ୍ରୀ ସତ୍ୟସାଇ ଭଗବତ ଭଜନ ମଣ୍ଡଳୀରେ ବୃକ୍ଷରୋପଣ, ଚାରା ବଣ୍ଟନ ଏବଂ ଡଷ୍ଟବିନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରୋପଣ କରାଯାଇଥିବା ଫୁଲଚାରାକୁ ଦେବାଦେବୀଙ୍କ ନାମରେ ନାମିତ କରି ସେମାନଙ୍କ ଯତ୍ନ ନେବା ପାଇଁ ସଂକଳ୍ପ ନିଆଯାଇଥିଲା। ପରିବେଶପ୍ରେମୀ ସୁଶାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୁନୀତା ଭୋଇ, ବରଗଡ଼ ଉଦ୍ୟାନ ବିଭାଗର ଈପସିତା ପଣ୍ଡା, ମାଁ ମେଟାକାନୀ ମନ୍ଦିରର ପୂଜାକର୍ତ୍ତା ସସ୍ମିତା ସାହୁ, ସୌମିତ୍ରୀ ପ୍ରଧାନ ଯୋଗଦାନ କରିଥିଲେ।

# କ୍ରଶର ମାଲିକ ସଂଘର ନୂତନ କର୍ମକର୍ତ୍ତା

**ସୋହେଲା,୯।୭(ଅଶ୍ୱିନୀ ପାତ୍ର)**

ବରଗଡ଼ ଜିଲା କ୍ରଶର ମାଲିକ ସଂଘର ଏକ ବୈଠକ ସୋହେଲା ଅଗ୍ରସେନ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କ୍ରଶର ଶିଳ୍ପର ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଏହାସହିତ କ୍ରଶର ମାଲିକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସୁବ୍ରତ ସିଂ ଅଧ୍ୟକ୍ଷ, ତୋଷବନ୍ତ ସାହୁ ସଭାପତି, ଅଶ୍ୱିନୀ ତ୍ରିପାଠୀ ସମ୍ପାଦକ, ମନୋଜ ଅଗ୍ରୱାଲ କୋଷାଧ୍ୟକ୍ଷ ମନୋନିତ ହୋଇଥିଲେ। ଏହା ସହିତ ସଂଘର ଅନ୍ୟ କର୍ମକର୍ତ୍ତାଙ୍କୁ ମଧ୍ୟ ମନୋନିତ କରାଯାଇଥିଲା। ଆଗାମୀ ଦିନରେ ସଂଘବଦ୍ଧ ହୋଇ ବିଭିନ୍ନ ସମସ୍ୟାର ସମାଧାନ କରିବା ସହିତ ପଡ଼ୋଶୀ ଛତିଶଗଡ଼ରୁ ଆସୁଥିବା ନିମ୍ନମାନର ଗେଟିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ପାଇଁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ଏବଂ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିଷ୍ପତ୍ତି ହୋଇଥିଲା। ପଶ୍ଚିମ ଓଡ଼ିଶାର କ୍ରଶର ମାଲିକଙ୍କୁ ନେଇ ଏକ ବୈଠକ ଆୟୋଜନ କରିବା ଏବଂ ଓଡ଼ିଶା କ୍ରଶର ମାଲିକ ସଂଘ ସହିତ ସମନ୍ୱୟ ରକ୍ଷା କରି ସଂଘ କାମ କରିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସମ୍ପାଦକ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।




କ୍ରଶର ମାଲିକ ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ।

# ଜାତୀୟସ୍ତରକୁ ପ୍ରକଳ୍ପ ମନୋନୀତ

**ବରଗଡ଼,୯।୭(ପ୍ରେମାନନ୍ଦ ଖମାରୀ)**

ଇନସ୍ପାୟାର ଆୱାର୍ଡ଼ରେ ବରଗଡ଼ ଜିଲା ଅତାବିରା ବ୍ଲକ ଲସ୍ତଲା ହାଇସ୍କୁଲର ଛାତ୍ରୀ କ୍ରୀଷ୍ଟା ସାହୁଙ୍କ ପ୍ରକଳ୍ପ ସ୍ମାର୍ଟ ହେଲ୍‌ଥ କେୟାର ଜାତୀୟସ୍ତରକୁ ମନୋନିତ ହୋଇଛି। ଏହି ପ୍ରକଳ୍ପ ମାଧ୍ୟମରେ ଜୈବିକ ସାରକୁ ସମାନ ଭାବେ ସିଞ୍ଚନ କରାଯାଇପାରୁଛି। ଏହି ପ୍ରକଳ୍ପ ବରଗଡ଼ ଜିଲାର କ୍ୟାନ୍‌ସର ଏବଂ କିଡ୍‌ନୀ ହବ୍ ପାଲଟିଥିବା ଅତାବିରା ବ୍ଲକ ଅଞ୍ଚଳର ଚାଷୀଙ୍କ ପାଇଁ ବେଶ୍ ଉପଯୋଗୀ ହୋଇପାରିବ ବୋଲି ଆଶା କରାଯାଉଛି ବୋଲି ଗାଇଡ୍ ଶିକ୍ଷକ ବୈଲୋଚନ ପ୍ରଧାନ କହିଛନ୍ତି। ଜାତୀୟସ୍ତରକୁ ପ୍ରକଳ୍ପ ମନୋନିତ ହୋଇଥିବା ଯୋଗୁ ସ୍କୁଲ ତଥା ସାରା ଜିଲାରେ ଆନନ୍ଦ ପ୍ରକାଶ ପାଇଛି। ଉଲ୍ଲେଖନୀୟ, ରାଜ୍ୟସ୍ତରକୁ ରାଜ୍ୟର ୩୦ଜିଲାରୁ ୫୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ମନୋନିତ ହୋଇଥିଲା। ସେଥିମଧ୍ୟରୁ ୨୯ପ୍ରକଳ୍ପ ଜାତୀୟସ୍ତରକୁ ମନୋନିତ ହୋଇଛି। ସେଥିରେ କ୍ରୀଷ୍ଟାଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନରେ ରହିଛି ।



ପ୍ରଥମ ସ୍ଥାନ ଅଧିକାର କରିଥିବା କ୍ରୀଷ୍ଟା ସାହୁଙ୍କୁ ପୁରସ୍କୃତ କରାଯାଉଛି ।

# ବରଗଡ଼ରେ ଜିଲାସ୍ତରୀୟ ଲୋକ ଅଦାଲତ

**ବରଗଡ଼,୯।୭(ପ୍ରେମାନନ୍ଦ ଖମାରୀ)**

ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରରେ ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଲୁନା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ଲୋକ ଅଦାଲତରେ



ବରଗଡ଼ରେ ଜିଲାସ୍ତରୀୟ ଲୋକ ଅଦାଲତ ।

ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ରାଜସ୍ୱ ଉପଭୋକ୍ତା ଏବଂ ଆଇପିଆର ମାମଲା ଗୁଡ଼ିକର ଆପୋସ ସମାଧାନ ହୋଇଥିଲା। ୫୪୬ଟି ବିଚାରାଧୀନ ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖଙ୍କ ତରଫରୁ ବିଚାରକୁ ନିଆଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀଙ୍କ ପରିଚାଳନାରେ ଅନୁଷ୍ଠିତ ଲୋକ ଅଦାଲତରେ ପାରିବାରିକ ଅଦାଲତର ବିଚାରପତି ସୁଶାନ୍ତ ପଟେଲ, ଅତିରିକ୍ତ ଜିଲା ବିଚାରପତି ସଂଘମିତ୍ରା ଶର୍ମା, ବରିଷ୍ଠ ଦେୱାନୀ ବିଚାରପତି ରତ୍ନପୂର୍ଣ୍ଣା ମିଶ୍ର, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସବ୍ୟସାଚୀ ପ୍ରଧାନ ବିଭିନ୍ନ ଅଦାଲତକୁ ପରିଚାଳନା କରିଥିଲେ। ପ୍ରାଧିକରଣ ଅନ୍ତର୍ଭୁକ୍ତ ଆଇନଜୀବୀ, ଜିଲା ଓକିଲ ସଂଘ ଆଇନଜୀବୀ, ଆଇନ ସେବା ପ୍ରାଧିକରଣ ଏବଂ ସିଭିଲ କୋର୍ଟର କର୍ମଚାରୀମାନେ ଲୋକ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ ।

# ପାଲା ଗାୟିକା, ଗାୟକଙ୍କ ଗୁରୁ ପୂଜନ ସମାରୋହ



କୁମେଲସିହା ଗ୍ରାମରେ ପାଲା ଗାୟିକା, ଗାୟକଙ୍କ ଗୁରୁ ପୂଜନ ସମାରୋହ ।

**ଅତାବିରା,୯।୭(ହୃଷିକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ବ୍ଲକ କୁମେଲସିଂହା ଗ୍ରାମରେ ପଶ୍ଚିମ ଓଡ଼ିଶା ପାଲା ପରିଷଦର ଗାୟିକା, ଗାୟକ ମିଳନ ତଥା ଗୁରୁ ପୂଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦଧିବାମନ ପାଲା ମଞ୍ଚ, ମାଁ ସମଲେଶ୍ୱରୀ ପାଲା ପରିଷଦର ସଭାପତି ରାଧେଶ୍ୟାମ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ପାଲାଗୁରୁ ମାନଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସେହିପରି ପାରମ୍ପରିକ ରୀତିନୀତି ଅନୁସାରେ ବରିଷ୍ଠ ପାଲାଗୁରୁଙ୍କୁ ଶିଷ୍ୟମାନେ ପୂଜାର୍ଚ୍ଚନା କରିଥିଲେ। ଗାୟକ ରାଧେଶ୍ୟାମ ପଣ୍ଡା, ଗାୟିକା କୁମୁଦିନୀ ପଟେଲ ପାଲା ପରିବେଷଣ କରିଥିଲେ। ଉଦେପୁରର ପାଲା ଗାୟକ ଶେଷଦେବ ଦନ୍ତା, କମଳାକାନ୍ତ ନାଏକ, ବର୍ଷାରାଣୀ ସରସ୍ୱତୀ ପ୍ରଧାନ, ଯୁଧିଷ୍ଠିର ଭୋଇ, ରବି ନାରାୟଣ ସାହୁ ପ୍ରମୁଖ କଳାକାରମାନେ ସହଯୋଗ କରିଥିଲେ। ଧନୀରାମ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାମାଜିକ ବନୀକରଣ ଏକ ଆହ୍ୱାନ

**ବରଗଡ଼,୯।୭(ପ୍ରେମାନନ୍ଦ ଖମାରୀ)**

ବିଶ୍ୱ ତାପାୟନ ବର୍ତ୍ତମାନ ଚିନ୍ତାର ବିଷୟ ହୋଇଛି। କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା ବୃଦ୍ଧି ଏବଂ ଅସନ୍ତୁଳିତ ପରିବେଶ ପାଇଁ ଏବେଠାରୁ ସଜାଗ ଏବଂ ସତର୍କ ରହିବା ଜରୁରୀ ହୋଇ ପଡ଼ିଛି। ତେବେ ବନୀକରଣ ହିଁ ଏଭଳି ସ୍ଥିତିକୁ ପ୍ରତିରୋଧ କରିପାରିବ। ଫଳରେ ସମସ୍ତଙ୍କ ପାଇଁ ବନୀକରଣ ଆଜି ଏକ ସାମାଜିକ ଆହ୍ୱାନ ବୋଲି ବରଗଡ଼ ରାଣାପ୍ରତାପ ସ୍କୁଲରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି ।

ସ୍କୁଲର ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ନବମ ଶ୍ରେଣୀ ଛାତ୍ରୀ ରେଣୁକା ଭୋଇ ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅମ୍ବାଭୋନା ବ୍ଲକ ଶିକ୍ଷାଧିକାରୀ ଭାବନା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବୃକ୍ଷରୋପଣକୁ ଏକ ସାମାଜିକ ଆହ୍ୱାନ ଭାବେ ଗ୍ରହଣ କରି ଚାରାରୋପଣ ପାଇଁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଭାରତୀ ଶିଶୁ ସାହିତ୍ୟ ସଂସଦର ସମ୍ପାଦକ ତଥା ନବମ ଶ୍ରେଣୀ ଛାତ୍ରୀ ଅଶ୍ଳେଷା ମହାନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ର ଅବିନାଶ ମହଲା, ଛାତ୍ରୀ ଶାଳିନୀ ସା ବୃକ୍ଷର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଛାତ୍ର ସଂସଦର ପରିବେଶ ମନ୍ତ୍ରୀ ସାରଳା କୁମ୍ଭାର, ଯୋଗେଶ୍ୱରୀ କୁମ୍ଭାର ପ୍ରମୁଖ ମଞ୍ଚାସୀନ ଥିଲେ। ସଂସଦର ଉପଦେଷ୍ଟା ଶିକ୍ଷୟିତ୍ରୀ ନୀଳିମା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।





ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ବକ୍ତବ୍ୟ ରଖୁଛନ୍ତି । ଆଲୋଚନାଚକ୍ରରେ ଭାରତୀ ଶିଶୁ ସାହିତ୍ୟ ସଂସଦର ଛାତ୍ରୀଛାତ୍ର ।



## ଆଜି କ'ଣ କେଉଁଠି

ରାଉରକେଲା
- ଟିଭିଏସ୍ ଶୋରୁମ୍ ଉଦ୍‌ଘାଟନୀ ସମାରୋହ, ସେକ୍ଟର-୫, ସକାଳ ୫ଟା।
- ଓଡିଶା ଅଣଗେଜେଟେଟ ବନ ସେବା ସଂଘର ସାମୂହିକ ଛୁଟି ପ୍ରସ୍ତାବ, ରାଉରକେଲା ବନପାଳ କାର୍ଯ୍ୟାଳୟ, ସକାଳ ୬ଟା।

## ସଂକ୍ଷେପରେ

### ଫୁଡ୍‌କୋର୍ଟ ଦୋକାନୀଙ୍କୁ ଜାଗା ଖାଲି କରିବାକୁ ୭ ଦିନ ମହଲତ

**ରାଉରକେଲା,୯।୭(ସଙ୍ଗୀତା ଜେନା):** ଉଦିତନଗରସ୍ଥିତ ରାଉରକେଲା ବିଏସ୍‌ଏନ୍‌ଏଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଆର୍‌ଏମ୍‌ସିର ଫୁଡ୍‌କୋର୍ଟର ଦୋକାନୀମାନଙ୍କୁ ଜାଗା ଖାଲି କରିବାକୁ ନୋଟିସ ଦିଆଯାଇଛି। ଆରଏମସି ପତ୍ର ସଂଖ୍ୟା ୭୬୯୯/୫.୭.୨୩ ଅନୁଯାୟୀ ନୋଟିସ ପ୍ରକାଶନର ୭ଦିନ ମଧ୍ୟରେ ସ୍ଥାନ ଖାଲି କରିବାକୁ କୁହାଯାଇଛି। ଅନ୍ୟଥା କର୍ତ୍ତୃପକ୍ଷ ଏହାକୁ ଜବରଦଖଲ ଉଚ୍ଛେଦ କରିବେ ବୋଲି ନୋଟିସରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଉକ୍ତ ଫୁଡ୍ କୋର୍ଟରେ ପ୍ରାୟ ୪୦ଟି ଅସ୍ଥାୟୀ ଦୋକାନ ରହିଛି। ପ୍ରାୟ ୬ ମାସ ତଳେ ଉଠାଦୋକାନୀଙ୍କୁ ଏଠାରେ ଅସ୍ଥାୟୀ ଦୋକାନ କରିବାକୁ ମୌଖିକ ଭାବେ କୁହାଯାଇଥିଲା। ତେବେ ସେମାନଙ୍କୁ ୬ମାସ ତଳେ ଜାଗା ଛାଡ଼ିବାକୁ କୁହାଯାଇଥିଲେ ମଧ ସେମାନେ ଜାଗା ଛାଡି ନ ଥିଲେ। ତେବେ ପୁଣି ୭ଦିନ ମଧରେ ଉକ୍ତ ଜାଗା ଛାଡିବାକୁ ଶନିବାର ସନ୍ଧ୍ୟାରେ ଡାକବାଜି ଯନ୍ତ୍ର ମାଧମରେ ସୂଚନା ଦିଆଯାଇଛି। ଉକ୍ତ ଦୋକାନୀମାନେ ଆର୍‌ଏମ୍‌ସିରେ ପଞ୍ଜୀକୃତ ନ ଥିବା ସୂଚନା ମିଳିଛି।

### ଫର୍ଟିଲାଇଜର ଅଞ୍ଚଳରେ ଖାଦ୍ୟପଦାର୍ଥ ଯାଞ୍ଚ

**ରାଉରକେଲା,୯।୭(ସଙ୍ଗୀତା ଜେନା):** ରାଉରକେଲା ମହାନଗର ନିଗମ ଖାଦ୍ୟ ବିଭାଗ ପକ୍ଷରୁ ଦକ୍ଷିଣ ରାଉରକେଲାର ଫର୍ଟିଲାଇଜର ଅଞ୍ଚଳରେ ଚଢ଼ାଉ କରି ଖାଦ୍ୟ ଯାଞ୍ଚ କରାଯାଇଥିଲା। ସ୍ୱାସ୍ଥ୍ୟ ଅଧିକାରୀ ଡ. ସୁଶୀଲ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଉକ୍ତ ଅଂଚଳର ୨୮ଟି ଉଠା ଖାଦ୍ୟଷ୍ଟଲ, ମିଷ୍ଟାନ୍ନ ଭଣ୍ଡାର ଓ ତେଜରାତି ଦୋକାନ ଉପରେ ଏହି ଚଢ଼ାଉ କରାଯାଇଥିଲା।ନିୟମ ଖିଲାପକାରୀଙ୍କଠାରୁ ୨୩ଶହ ଟଙ୍କା ଜରିମନା ଆଦାୟ ହୋଇଥିଲା। ଆର୍‌ଏମ୍‌ସି ଖାଦ୍ୟ ବିଭାଗର ଦୀକ୍ଷା ଦେ, ସ୍ୱାଗତିକା ବେହେରା, ମୋନାଲିସା ଟପ୍ପୋ ସଦଳବଳ ଟାଙ୍ଗରପାଲ୍ଲୀ ଥାନା ପୋଲିସ ଉପସ୍ଥିତିରେ ଏହି ଚଢ଼ାଉ କରିଥିଲେ।

### ମାନସିକ ଭିନ୍ନକ୍ଷମଙ୍କ ଅଧିକାର ଉପରେ ଆଲୋଚନା




**ରାଉରକେଲା,୯।୭(ସଙ୍ଗୀତା ଜେନା):** ସେକ୍ଟର-୧୬ ସ୍ଥିତ ମାନସିକ ଭିନ୍ନକ୍ଷମ ଅନୁଷ୍ଠାନ ଶ୍ରଦ୍ଧା ପକ୍ଷରୁ ଶନିବାର ଅଭିଭାବକଙ୍କ ପାଇଁ ଏକ ସଚେତନତା ଓ ପରାମର୍ଶ ଶିବିର ସଭାପତି ପଶୁପତିନାଥ ଚାଟାର୍ଜୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଜଗାଙ୍ଗପୁରସ୍ଥିତ ହୋପ୍‌ର ସାଧାରଣ ସମ୍ପାଦକ ଆଶୀର୍ବାଦ ସାମଲ ଓ ସୁହୃଦ ସେବା ସମିତିର ସନ୍ତୋଷ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ଚାଟାର୍ଜୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ କାର୍ତ୍ତିକ ପାଣ୍ଡବ ଅତିଥି ପରିଚୟ, ପାୱାର ପଏଣ୍ଟ ମାଧ୍ୟମରେ ଭିନ୍ନକ୍ଷମଙ୍କ ଅଧିକାର ଓ ଆଇନ-୨୦୧୬ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ପ୍ରୀତି ବାରିକ, ଅଞ୍ଜଳି ମହାରଣା, ସୁଜାତା ରାଉତ, ନାଗାଲାଣ୍ଡରୁ ଆସିଥିବା ଅର୍ଚ୍ଚନା ମିଞ୍ଜ ଅଭିଭାବକମାନଙ୍କ ସହ ଆଲେଚନା କରି ମତାମତ ସଂଗ୍ରହ କରିଥିଲେ। ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ପ୍ରଦୀପ ପଟ୍ଟନାୟକ, ଅନୁପମା ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶ୍ରଦ୍ଧାର ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶ୍ରାବଣ ମାସ ପ୍ରଥମ ସୋମବାର ମହାଦେବଙ୍କୁ ଜଳାଭିଷେକ କରିବା ଲାଗି ବିଭିନ୍ନ ସ୍ଥାନରୁ କାଉଡିଆମାନେ ରବିବାର ରାଉରକେଲା ବେଦବ୍ୟାସ ଶୈବପୀଠରେ ପହଞ୍ଚୁଛନ୍ତି।

# ଶିବଙ୍କୁ ଜଳ ଲାଗି କାଉଡ଼ି ଯାତ୍ରା

ରାଉରକେଲା,୯।୭(ବିପ୍ଳବ ରଞ୍ଜନ ଦାଶ)

ସ୍ମାର୍ଟସିଟି ରାଉରକେଲା ରବିବାର ଗେରୁଆମୟ ହୋଇଥିଲା। ଶ୍ରାବଣ ମାସ ସୋମବାର ବିଭିନ୍ନ ଶୈବପୀଠରେ ଶିବଙ୍କୁ ଜଳାଭିଷେକ କରିବା ଲାଗି କାଉଡିଆମାନେ ପ୍ରସ୍ତୁତି କରିଥିଲେ। ରେଲୱେ ଷ୍ଟେଶନ, ବିର୍ସା ମୁଣ୍ଡା ଛକ, ଉଦିତନଗର, ପାନପୋଷ ଆଦି ସ୍ଥାନମାନଙ୍କରେ ଶୈବଭକ୍ତମାନେ ବିଭିନ୍ନ ସାମଗ୍ରୀ କିଣାକିଣି କରିବାକୁ ଭିଡ ଲଗାଇଥିଲେ। ଏହାପରେ ଭକ୍ତମାନେ ରାଉରକେଲା ସହର ନିକଟରେ ପ୍ରବାହିତ ଶଙ୍ଖ, ବ୍ରାହ୍ମଣୀ ଓ କୋଏଲ ନଦୀରୁ ପାଣି ଭାର ଧରି ଦୂରଦୂରାନ୍ତରେ ଥିବା ଶୈବପୀଠ ଅଭିମୁଖେ ଯାତ୍ରା କରିଥିଲେ। ସେହିପରି ବହୁ ଶ୍ରଦ୍ଧାଳୁ ରାଉରକେଲା ରେଳ ଷ୍ଟେଶନକୁ ଯାଇ ଟ୍ରେନ ଯୋଗେ ଦୂରଦୂରାନ୍ତରେ ଥିବା ଶୈବାଳୟ ଅଭିମୁଖେ ଯାଇଥିଲେ।

**ଆଜି ଶ୍ରାବଣ ସୋମବାର**

### ଲୁଟ୍ ଘଟଣାରେ ୨ କୋର୍ଟଚାଲାଣ

ରାଉରକେଲା,୯।୭(ବିପ୍ଳବ ରଞ୍ଜନ ଦାଶ)

ଏକ ଲୁଟ୍ ମାମଲାରେ ଝାଡତରଙ୍ଗ ପୋଲିସ ୨ଜଣଙ୍କୁ ଗିରଫ କରି କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପ୍ଲାଣ୍ଟସାଇଟ୍ ଅଞ୍ଚଳର ଅର୍ଜୁନ ଜଗଦେବ(୨୮) ଏବଂ ଝାଡଖଣ୍ଡ ସିମଡେଗାର ସରତାଜ ଅନସାରୀ(୩୨)। ଉଭୟଙ୍କଠାରୁ ସ୍କୁଟି, ବାଇକ, ୩ଟି ପିସ୍ତଲ, ଭୁଜାଲି ଓ ୨ଟି ମୋବାଇଲ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଗତ ୧ତାରିଖ ସନ୍ଧ୍ୟା ୬ଟା ୩୦ରେ ମାଲଗୋଦାମ ଅଞ୍ଚଳର ଶିବଚନ୍ଦ୍ର ପ୍ରଜାପତିଙ୍କ ପୁଅ ନିତେଶ ପ୍ରଜାପତି (୩୨) କୌଣସି କାମରେ ଯାଉଥିବା ବେଳେ ଅର୍ଜୁନ ଓ ସରତାଜ ତାଙ୍କୁ ଅଟକାଇ ଭୁଜାଲି ଦେଖାଇ ଟଙ୍କା ମାଗିଥିଲେ। ନିତେଶ ବିରୋଧ କରିବାରୁ ସେମାନେ ତାଙ୍କ ସ୍କୁଟି, ମୋବାଇଲ ଓ ଟଙ୍କା ଛଡାଇ ନେଇ ପଳାଇଥିଲେ। ଏ ନେଇ ନିତେଶ ବ୍ରାହ୍ମଣୀତରଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୧୫।୨୩) ରୁଜୁ କରିଥିଲା।

# ଦାବି ପୂରଣ ନ ହେଲେ ଭୋଟ ବର୍ଜନ

ରାଉରକେଲା,୯।୭(ବିପ୍ଳବ ରଞ୍ଜନ ଦାଶ)




ରାଉରକେଲା ନାଗରିକ ସୁରକ୍ଷା କମିଟିର ଆହ୍ୱାନ କ୍ରମେ ଜିଲାର ୧୧ଦଫା ଦାବି ପୂରଣ ନେଇ ମତାମତ ଓ ବିଚାର ପ୍ରଦାନ ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ସେକ୍ଟର-୫ସ୍ଥିତ ଆଦର୍ଶ ସାହିତ୍ୟ ଘର ସଭାଗୃହରେ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଜିଲାସ୍ତରୀୟ କବି, ଲେଖକ, ନାଟ୍ୟକାର, ସାହିତ୍ୟିକ, ବୁଦ୍ଧିଜୀବୀ, ସାଂସ୍କୃତିକ ଓ ସାମାଜିକ ସଙ୍ଗଠନର ଶତାଧିକ କର୍ମକର୍ତ୍ତା ଭାଗନେଇ ନାଗରିକ ସୁରକ୍ଷା କମିଟିର ୧୧ଦଫା ଦାବିକୁ ସମର୍ଥନ ଜଣାଇଥିଲେ।

କବି କୁଞ୍ଜବିହାରୀ ରାଉତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସ୍ତମ୍ଭକାର ଭୂପେନ ମହାପାତ୍ର ସଭାପତିତ୍ୱ କରିଥିଲେ। ଆଲୋଚନାଚକ୍ରରେ ଅତିଥି ଭାବେ ଶିକ୍ଷାବିତ୍ ଡ. ପ୍ରଭାତ କୁମାର ମଲ୍ଲିକ,ଏକତ୍ରର ସଭାପତି ରାଜୀବ ପାଣି, ସ୍ତମ୍ଭକାର ନଳିନୀ କାନ୍ତଧର, ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପତି, ବ୍ରଜେନ୍ଦ୍ର ଦାଶ, ସାମାଜିକ କର୍ମୀ ପଶୁପତିନାଥ ଚାଟାର୍ଜୀ, ଆଇନଜୀବୀ ଗିରିଶ ମହାପାତ୍ର, କମିଟି ଆବାହକ ବିଷ୍ଣୁ ମହାନ୍ତି ଓ ଶିବ ମହାନ୍ତି ଯୋଗ ଦେଇଥିଲେ। ଉକ୍ତ ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତଙ୍କ ଏକତା ହିଁ ସରକାରଙ୍କ ଉପରେ ଚାପ ପକାଇବ ଏବଂ ଜିଲାବାସୀଙ୍କ ମୂଳ ଦାବିଗୁଡ଼ିକ ପୂରଣ ହୋଇପାରିବ ବୋଲି ସେମାନେ କହିଥିଲେ। ସୁପର ସ୍ପେଶାଲିଟି ହସ୍ପିଟାଲ ଏମ୍ସ ଦ୍ୱାରା ପରିଚାଳନା, ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି ମୁତାବକ ପୋଷ୍ଟ ଗ୍ରାଜୁଏଟ କଲେଜ ପ୍ରତିଷ୍ଠା, ତାଳଚେର-ବିମଳାଗଡ ରେଲପଥ ନିର୍ମାଣ ତ୍ୱରାନ୍ୱିତ, ରାଉରକେଲାକୁ ରେଳ ଡିଭିଜନ ଘୋଷଣା କରିବା, ରାଉରକେଲା ବିମାନବନ୍ଦର ପୂର୍ଣ୍ଣ କାର୍ଯ୍ୟକ୍ଷମ, ସଫ୍ଟୱେର ପାର୍କର ବିକାଶ କରିବା, ବାସଚ୍ୟୁତଙ୍କୁ ପୁନଃ ଥଇଥାନ ଓ କ୍ଷତିପୂରଣ ପ୍ରଦାନ, ଜିଲାରେ ଏମ୍‌ଏସ୍‌ଏମ୍‌ଇର ବିକାଶ କରିବା, ଆର୍‌ଏସ୍‌ପିର ଆଧୁନିକୀକରଣ ଓ ସମ୍ପ୍ରସାରଣ ଆଦି ଦାବି ଉପରେ ଆଲୋଚନା ହୋଇଥିଲା। ଏହି ଦାବିଗୁଡ଼ିକ ପୂରଣ ନ ହେଲେ ଆଗାମୀ ନିର୍ବାଚନରେ ଭୋଟବର୍ଜନ କରିବାକୁ ନିଷ୍ପତ୍ତି ହୋଇଥିଲା। ଡ. ସୁମନ ଦତ୍ତ, ସସ୍ମିତା ପ୍ରଧାନ ଓ ବସନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଆଇନଜୀବୀ ରାଜକିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ମୌସୁମୀ ଗାଡ଼ି ଚାଳନା ସଚେତନତା ଅଭିଯାନ

ରାଉରକେଲା,୯।୭(ବିପ୍ଳବ ରଞ୍ଜନ ଦାଶ)




ସଡକ ସୁରକ୍ଷା ଜନିତ ଓଭରଟେକିଂ ବିଷୟରେ ସଚେତନ କରାଯାଉଛି।

ମୌସୁମୀ ଋତୁରେ ଆର୍‌ଏସ୍‌ପି ମଧ୍ୟରେ ସଡ଼କ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି। ଏହି କ୍ରମରେ ଗତ ୪ ତାରିଖରେ ଡିଜାଇନ ବିଲ୍ଡିଂ ନିକଟରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନଚାର୍ଜ ସୁଶ୍ରୀ ଆଶା କାର୍ଥା ଓ ଜିଏମ୍ ଅବକାଶ ବେହେରାଙ୍କ ନେତୃତ୍ୱରେ ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ସେହିପରି ନୂତନ ପ୍ଲେଟ ମିଲ ପକ୍ଷରୁ ଗତ ୬ତାରିଖରେ ମୁଖ୍ୟଗେଟ୍ ନିକଟରେ ଏନ୍‌ପିଏମ୍ ଏବଂ ଏସ୍‌ପିପି ବିଭାଗର ସିଜିଏମ୍ କାର୍ତ୍ତିକ ବେହେରାଙ୍କ ନେତୃତ୍ୱରେ ଅଭିଯାନ ହୋଇଥିଲା। ବିଭାଗର ଡିଏସ୍‌ଓ ତଥା ମ୍ୟାନେଜର ସୁମନ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ପେଶାଲ ପ୍ଲେଟ୍ ପ୍ଲାଣ୍ଟ ବିଭାଗ ମଧ ଗତ ୭ ତାରିଖରେ ଅନ୍ୟ ଏକ ଅଭିଯାନ ସମ୍ପନ୍ନ କରିଥିଲା। ଏସ୍‌ପିପି ବିଭାଗର ଜିଏମ୍ ଇନ୍‌ଚାର୍ଜ ଡା. ପି.କେ. ପାଢୀ ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ଏଥିରେ ବିଭାଗର ଏଜିଏମ୍ ତଥା ଡିଏସ୍‌ଓ ଏମ୍. ଏଲ୍. ବର୍ମନ ତଥା ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଅଧିକାରୀ ଓ କର୍ମଚାରୀ ଭାଗ ନେଇଥିଲେ। ୮ତାରିଖରେ ରୋଲ ଶପ୍ ବିଭାଗ ପକ୍ଷରୁ ଅନ୍ୟ ଏକ ସଚେତନତା ଅଭିଯାନ ହୋଇଥିଲା। ରୋଲ ଶପ୍ ବିଭାଗର ଜିଏମ ଇନ୍‌ଚାର୍ଜ ଏସ୍. ଆର୍. ମହାପାତ୍ର ଏହି ଦଳର ନେତୃତ୍ୱ ନେଇଥିଲେ। ରୋଲ ଶପ୍ ବିଭାଗର ଡିଜିଏମ ଅନୁପ ମହାପାତ୍ର ଏବଂ ଏଏସ୍‌ଓ ଗୌରୀଶଙ୍କର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମ୍ପ୍ରତିକ ମୌସୁମୀ ଜନିତ ବୃଷ୍ଟି ପରିପ୍ରେକ୍ଷୀରେ ଓଦା ରାସ୍ତାରେ ଗାଡି ଚଳାଇବା ସହିତ ବିଭିନ୍ନ ବିଷୟରେ ସମସ୍ତଙ୍କୁ ସ୍ମରଣ କରାଇବା ଏବଂ କାରଖାନା ମଧ୍ୟରେ ଏକ ଦୃଢ଼ ସୁରକ୍ଷା ସଂସ୍କୃତିର ପ୍ରବର୍ତ୍ତନ ଏହି ଅଭିଯାନର ଲକ୍ଷ୍ୟ ରହିଛି। ଏହା ବ୍ୟତୀତ ଏହି ଅଭିଯାନ ଲୋକଙ୍କୁ ଓଭରଟେକ୍ ନ କରିବା ଏବଂ ରେଡ ଲାଇଟ ଉଲ୍ଲଂଘନରୁ ନିବୃତ କରିବା ଉପରେ ମଧ ଧ୍ୟାନ କେନ୍ଦ୍ରୀତ କରିଥିଲା। ମୌସୁମୀ ଡ୍ରାଇଭିଂ ଟିପ୍ସ ସମ୍ପର୍କିତ ବାର୍ତ୍ତା ପହଞ୍ଚାଇବା ପାଇଁ ପ୍ଲାକାର୍ଡ ପ୍ରଦର୍ଶନ କରାଯାଇଥିଲା।

## ଷ୍ଟାଡିୟମ କାନ୍ଥ ମରାମତି, ହିତାଧିକାରୀଙ୍କୁ ମିଳିଲା ରାଶନ

ରାଉରକେଲା,୯।୭(ବିପ୍ଳବ ରଞ୍ଜନ ଦାଶ)

**ଧରିତ୍ରୀ ପ୍ରଭାବ**

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମର ୬ନଂ. ପ୍ରବେଶ ପଥ ପାର୍ଶ୍ୱବର୍ତ୍ତୀ କାନ୍ଥରେ ବଡଧରଣର ଫାଟ ସୃଷ୍ଟି ହୋଇଥିଲା। ଏ ନେଇ ଧରିତ୍ରୀର ତା.୫.୭.୨୩ରିଖ ସମ୍ବଲପୁର ସଂସ୍କରଣରେ ଖବର ପ୍ରକାଶିତ ହୋଇଥିଲା। ଏହାପରେ ଆରଏମସି ପକ୍ଷରୁ ଉକ୍ତ କାନ୍ଥରେ ହୋଇଥିବା ଫାଟକୁ ମରାମତି କରାଯାଇଛି। ସେହିପରି ରାଉରକେଲା ଯୋଗାଣ ବିଭାଗ ଅଧୀନ ୧୩ ନଂ. ୱାର୍ଡ ସ୍ଥିତ ଗୋପବନ୍ଧୁପାଲ୍ଲୀରେ ଶହ ଶହ ରାଶନ କାର୍ଡଧାରୀଙ୍କ ନାଁ କଣ୍ଟ୍ରୋଲ କେନ୍ଦ୍ରରୁ କାଟି ଅନ୍ୟ କେନ୍ଦ୍ରରେ ପଞ୍ଜୀକୃତ କରାଯାଇଥିଲା। ଫଳରେ ଶହ ଶହ ରାଶନ କାର୍ଡଧାରୀ ନିରାଶ ହୋଇ ଫେରିଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ରବିବାର ଯୋଗାଣ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର ରାଶନ ସାମଗ୍ରୀ ନ ପାଇ ଫେରିଥିବା ହିତାଧବକାରୀଙ୍କୁ ରାଶନ ମିଳିଛି।

## ବୃକ୍ଷରୋପଣ କଲେ ଯୁବଗୋଷ୍ଠୀ



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରାଯାଉଛି।

ରାଉରକେଲା,୯।୭(ସଙ୍ଗୀତା ଜେନା)

ସେକ୍ଟର-୬ କଳିଙ୍ଗ କ୍ଲବ ପକ୍ଷରୁ ରବିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହ ବୃକ୍ଷ ଲଗାଇବାର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଲବର ଅଭିଷେକ ବିଶ୍ୱାଳ, ଚିନ୍ମୟ ପ୍ରଧାନ, ତିରୁପତି ରାଉତ, ଜୁଲେନ ଦାସ, ଉପେନ୍ଦର ଯାଦବ, ପ୍ରଭାତ ଶତପଥୀ, ସୌମ୍ୟ ଧଳ, ସରୋଜ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଫଳ ଓ ଔଷଧୀୟ ବୃକ୍ଷଚାରା ରୋପଣ କରାଯାଇଥିଲା। ଅନୁରୂପ ଭାବେ ଦି ମିରର ସଂସ୍ଥା ପକ୍ଷରୁ ଛେଣ୍ଡ କଳିଙ୍ଗବିହାରଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଆବାହକ ବିଶ୍ୱଜିତ ରାଉତଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା।

## ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟିତ

ରାଉରକେଲା,୯।୭(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପାର୍ଶ୍ୱାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଅଧୀନରେ କୁଆଁରମୁଣ୍ଡା ବ୍ଲକ ରତାଖଣ୍ଡି ସରକାରୀ ୟୁପି ସ୍କୁଲକୁ ଦୁଇଟି ଅତିରିକ୍ତ ଶ୍ରେଣୀଗୃହ ଯୋଗାଇ ଦିଆଯାଇଛି। ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗ ସିଜିଏମ୍ ପି. କେ. ସ୍ୱାଇଁ ଗତ ୬ ତାରିଖରେ ଏହି ଶ୍ରେଣୀଗୃହର ଉଦ୍‌ଘାଟନ କରିଥିଲେ। ଉତ୍ସବରେ ସିଏସ୍‌ଆର ବିଭାଗର ଜିଏମ୍ ସୁଶ୍ରୀ ମୁନମୁନ୍ ମିତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ବଡାଇକ, ସିଏସ୍‌ଆର ବିଭାଗର ଏଜିଏମ୍ ଟି. ବି. ଟପ୍ପୋ, ଆର୍‌ଏସ୍‌ପିର ବରିଷ୍ଠ ଅଧିକାରୀ, ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ସିଜିଏମ୍ ସ୍ୱାଇଁ ଉଭୟ ଟାଉନଶିପ୍ ଏବଂ ପାର୍ଶ୍ୱାଞ୍ଚଳ ବ୍ଲକରେ ଶିକ୍ଷା କ୍ଷେତ୍ରରେ ଆର୍‌ଏସ୍‌ପିର ଅବଦାନ ଉପରେ ଆଲୋକପାତ କରିଥିଲେ। ଉଦ୍ୟୋଗ ସାମାଜିକ ପ୍ରତିବଦ୍ଧତା (ଇଏସ୍‌ସି) ପାଣ୍ଠିରୁ ୧୮ଲକ୍ଷ ଟଙ୍କା ବ୍ୟୟରେ ଏହି ଶ୍ରେଣୀଗୃହ ନିର୍ମାଣ କରାଯାଇଛି। ରତାଖଣ୍ଡି ବିଦ୍ୟାଳୟରେ ୨୮୦ଜଣ ଛାତ୍ରୀଛାତ୍ର ୮ମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଛନ୍ତି। କମ୍ ଶ୍ରେଣୀଗୃହ ଯୋଗୁ ପାଠପଢାରେ ଅସୁବିଧା ହେଉଥିଲା। ତେଣୁ ଭିତ୍ତିଭୂମି ସୁବିଧା ଆକାରରେ ସାହାଯ୍ୟ କରିବାକୁ ଆର୍‌ଏସ୍‌ପି ପଦକ୍ଷେପ ନେଇଥିଲା।




ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ କରାଯାଉଛି।

# ଅସହାୟ ପରିବାର, ସହାୟତାକୁ ଅପେକ୍ଷା

ରାଉରକେଲା,୯।୭(ବିପ୍ଳବ ରଞ୍ଜନ ଦାଶ)

ନିଜ ୩ ପିଲାଙ୍କ ଭବିଷ୍ୟତ ଓ ବୃଦ୍ଧା ଶାଶୁଙ୍କ ମୁହଁରେ ମୁଠାଏ ଦାନା ଦେବା ପାଇଁ ଜଣେ ବିଧବା ମହିଳା ସଂଘର୍ଷ କରୁଛନ୍ତି। ସୀମିତ ରୋଜଗାରରେ ପରିବାର ଚଳୁଥିଲା। ହଠାତ୍ ସ୍ୱାମୀଙ୍କ ଦେହାନ୍ତ ହେବା ପରେ ପରିବାର ବୋଝ ଏବେ ତାଙ୍କ ଉପରେ ପଡ଼ିଛି। ଗୋଟିଏପଟେ ପରିବାର ଭରଣପୋଷଣ ଦାୟିତ୍ୱ ଏବଂ ଅନ୍ୟପଟେ ଆର୍ଥିକ ଅନଟନ ଆଖିରୁ ନିଦ ହଜାଇ ଦେଇଛି। ଏଭଳି ଏକ ଘଟଣା ରାଉରକେଲା ଗୋପବନ୍ଧୁପାଲ୍ଲୀ ୱାର୍ଡ ନଂ. ୨ର ତେଲିପଡ଼ାର ଲକ୍ଷ୍ମୀ କୁମାରୀ ସାହୁଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଆଶୀର୍ବାଦ ଯୋଜନାରେ ତାଙ୍କ ୩ସନ୍ତାନକୁ ସାମିଲ କରିବାକୁ ସେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

ତେଲିପଡ଼ାର ଶଙ୍କର ସାହୁ। ସ୍ତ୍ରୀ ଲକ୍ଷ୍ମୀ, ବଡଝିଅ ମୁସ୍କାନ(୧୬), ସାନଝିଅ ସ୍ମୃତି(୬), ପୁଅ ପରମବୀର(୧୦) ଏବଂ ଶାଶୁ ଝାଳ(୭୦)ଙ୍କୁ ନେଇ ତାଙ୍କ ପରିବାର। ଶଙ୍କର ଓ ଲକ୍ଷ୍ମୀ ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ଚଳିଯାଉଥିଲା। ୩ ବର୍ଷ ତଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶଙ୍କରଙ୍କ ମୃତ୍ୟୁ ହୋଇଥିଲା। ସ୍ୱାମୀ ଚାଲିଯିବା ପରେ ପରିବାର ବୋଝ ଲକ୍ଷ୍ମୀଙ୍କ ଉପରେ ଅଜାଡି ହୋଇଗଲା। ଅର୍ଥାଭାବରୁ ବଡ଼ ଝିଅ ମୁସ୍କାନ ୧୦ଶ୍ରେଣୀରେ ପଢ଼ିପାରିଲେ ନାହିଁ। ସାନଝିଅ ସ୍ମୃତି ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟକୁ ଯାଉଛନ୍ତି। ଶାଶୁ ରୁଗ୍‌ଣ ଓ ପୁଅ ପରମବୀର ମୂତ୍ରାନଳ ରୋଗରେ ପୀଡିତ। ସେମାନଙ୍କ ପାଇଁ ପ୍ରତି ମାସ ୩ହଜାର ଟଙ୍କା ଖର୍ଚ୍ଚ ହେଉଛି। ସରକାରୀ ଯୋଜନା ମୁତାବକ ଲକ୍ଷ୍ମୀ ଓ ତାଙ୍କ ଶାଶୁଙ୍କୁ ମାସିକ ଭତ୍ତା ଆକାରରେ ୧ହଜାର ଟଙ୍କା ଓ ୧୫କିଲୋ ରାଶନ ସାମଗ୍ରୀ ମିଳୁଛି। ଏହାବ୍ୟତୀତ ଲକ୍ଷ୍ମୀ ବସ୍ତିରେ ବୁଲି ବୁଲି ଜଳଖିଆ ବିକ୍ରି କରୁଛନ୍ତି। ଏଥିରୁ ଦିନକୁ ଶହେରୁ ଦେଢ଼ ଶହ ଟଙ୍କା ରୋଜଗାର ହେଉଛି। ଅନ୍ୟପଟେ ମୁସ୍କାନ ଆଗକୁ ପଢିବା ପାଇଁ ଇଚ୍ଛା କରୁଥିଲେ ମଧ ଆର୍ଥିକ ଅସହାୟତା ଝିଅର ପାଠ ପଢିବା ଆଗ୍ରହକୁ ଚାପି ଦେଉଛି। ଏଣୁ ଏଭଳି ଅସହାୟ ପରିବାରକୁ ତୁରନ୍ତ ସରକାରୀ ସହାୟତା ସହ ସମସ୍ତ ପିଲାଙ୍କ ପାଠପଢ଼ିବା ପାଇଁ ଆଶୀର୍ବାଦ ଯୋଜନାରେ ସାମିଲ କରିବାକୁ ତେଲିପଡା ବସ୍ତିବାସୀ ଦାବି କରିଛନ୍ତି। ଏ ନେଇ ଆର୍‌ଏମ୍‌ସି ସାମାଜିକ ସୁରକ୍ଷା ଅଧିକାରୀ ଚେତାବନୀ ବଡେଇଙ୍କୁ ପଚାରିବାରୁ ଉକ୍ତ ପରିବାରର ସମସ୍ତ ସଦସ୍ୟଙ୍କୁ କିଭଳି ସରକାରୀ ଯୋଜନାରେ ସାମିଲ କରାଯାଇପାରିବ ଏବଂ ପିଲାମାନଙ୍କ ପାଠପଢା ହେବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।



ଭଙ୍ଗାଦଦରା ଘର ସମ୍ମୁଖରେ ଲକ୍ଷ୍ମୀ ଓ ପରିବାର ବର୍ଗ।

## ଯାଦବ ଭବନ ନିର୍ମାଣ ପାଇଁ ଭୂମି ପୂଜନ

ଜୁନାଗଡ଼,(ଅଂଶୁମାନ ଯୋଶୀ): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦାସୀଗାଁ ନଦିଖଣ୍ଡି ଆମ୍ବ ତୋଟାଠାରେ ଏକ ନୂତନ ଯାଦବ ଭବନ ନିର୍ମାଣ ପାଇଁ ରବିବାର ଭୂମି ପୂଜନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ଼ ବ୍ଲକ ଅଧକ୍ଷା ସବିତା ମେହେର, ଉପାଧକ୍ଷ ପ୍ରମୋଦ ବେହେରା, ସ୍ଥାନୀୟ ସରପଞ୍ଚ ପ୍ରମୋଦିନି ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଟ୍ରେଲର ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଭବାନୀପାଟଣା,୯।୭(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ୨୬ ନମ୍ବର ଜାତୀୟ ରାଜପଥ ଅଧମୁଣ୍ଡା ନିକଟରେ ରବିବାର ପୂର୍ବାହ୍ନରେ ଟ୍ରେଲର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ବୃନ୍ଦା ଶବର ଓ ସେ ମେଦିନିପୁର ଗ୍ରାମର ବୋଲି ଜଣାପଡିଛି। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରେଲର ଓ ଚାଳକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି।

### ଅବକାରୀ କାର୍ଯ୍ୟାଳୟ ସମ୍ମୁଖ ଗେଟ୍ ଭାଙ୍ଗି ଅବ୍ୟବସ୍ଥା

ଖଡ଼ିଆଳ,୯।୭(ସୁଜିତ୍ ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ଅବକାରୀ ଉପ ନିରୀକ୍ଷକ କାର୍ଯ୍ୟାଳୟ ସମ୍ମୁଖ ଗେଟ ଗତ ଏକ ବର୍ଷରୁ ଅଧିକ ଦିନ ହେଲା ସମ୍ପୃକ୍ତ ଠିକା ସଂସ୍ଥା ଭାଙ୍ଗି ଦେଇଛି। ଫଳରେ ଅଫିସ ଭିତରକୁ ଅବାଧରେ ଲୋକେ ପଶି ଯାଉଛନ୍ତି ଓ ପଥିକଙ୍କ ମୋଟରସାଇକେଲ ପର୍କିଂ ସ୍ଥାନ ପାଲଟିଛି। ଅନ୍ୟପକ୍ଷରେ ନୂତନ ଅଫିସ ଗୃହ ତିଆରି ହୋଇଥିବା ବେଳେ ଅଫିସ ପରିସରର ବହୁ ଆନୁଷଙ୍ଗିକ କାର୍ଯ୍ୟ ସମ୍ପୃକ୍ତ ଠିକା ସଂସ୍ଥା ଦୀର୍ଘଦିନ ହେଲା କାର୍ଯ୍ୟ ଶେଷ କରୁ ନ ଥିବାରୁ ନୂତନ ବିଲ୍ଡିଂଙ୍ଗ ଉଦଘାଟନ ହୋଇପାରୁନାହିଁ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ଅବକାରୀ ଅଫିସ ଗୋଟିଏ କୋଠରିରେ ଚାଲୁଥିବା ଯୋଗୁ ବହୁତ ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ କୌଣସି ମୁଦାଲାଙ୍କୁ ଅଫିସକୁ ଆଣିଲେ ରଖିବା ବ୍ୟବସ୍ଥା ନ ଥିବାରୁ ଅସୁବିଧା ହେଉଛନ୍ତି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଭଙ୍ଗା ଗେଟ ତିଆରି କରିବା ସହିତ ଆନୁଷ୍ଠାନିକ କାର୍ଯ୍ୟ କରି ନୂତନ ଅଫିସ ଗୃହ ଉଦଘାଟନ କରିବାକୁ ଦାବି ହେଉଛି।

### ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବନ ମହୋତ୍ସବ

ଖଡ଼ିଆଳ,୯।୭(ସୁଜିତ୍ ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା, ଯୁବ ରେଡ଼ କ୍ରସ ଓ ଏନସିସି ବିଭାଗର ମିଳିତ ଉଦ୍ୟମରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ଅଧକ୍ଷ ଡ଼.ତରୁଣ କୁମାର ପ୍ରଧାନ ଅଧକ୍ଷତା କରିଥିବା ବେଳେ ଯୁବ ରେଡ଼କ୍ରସ ପରାମର୍ଶ ଦାତା ଡ଼. ଶୁଭ୍ରାଂସିସ ବାରିକ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଶୁଶୀଳ କୁମାର ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ଏସିଏଫ ଶିବ ପ୍ରସାଦ ରଥ, ଯୁକ୍ତ ଦୁଇ ଇନ୍‌ଚାର୍ଜ ପ୍ରଶାନ୍ତ କୁମାର ପଣ୍ଡା, ଡିନ ଡ଼କ୍ଟର ପଦ୍ମଲୋଚନ ବର୍ମା ଉପସ୍ଥିତ ଥିଲେ। କଲେଜର ସମସ୍ତ ଅଧାପକ ଓ ଅଧାପିକା ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଡ଼. ସୁରଞ୍ଜନ ପ୍ରଧାନ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରେଡ଼କ୍ରସ ପରାମର୍ଶ ଦାତା ସଂଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ କୁଇଜ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ୧୦୦ଟି ଗଛ ରୋପଣ କରାଯାଇଥିଲା।

### ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ

ଗୁଡ଼ଭେଲା,୯।୭ (ମନୋଜ କୁମାର ଜୈନ): ବନବିଭାଗ ପକ୍ଷରୁ ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ତେନ୍ତୁଲିଖୁଣ୍ଟି ଆଦର୍ଶ ବିଦ୍ୟାଳୟର ପରିସରରେ ଶୁକ୍ରବାର ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୁଭସ୍ମିତା କୁଅଁର ସଭାପତିତ୍ୱ କରିଥିବା ବେଳେ ଗୁଡ଼ଭେଲା ବନପାଳ ମଧୁସୂଦନ ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକୃତି ବିନା ମାନବ ସମାଜ ବଞ୍ଚି ପାରିବ ନାହିଁ।ଏଣୁ ପ୍ରକୃତିକୁ ବଞ୍ଚାଇବା ପାଇଁ ଗଛ ଜରୁରୀ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ବନରକ୍ଷୀ ସୁକାନ୍ତୀ ସରାଫ, କିଷନ ରଣା, ସ୍ୱାଧୀନ ମନହିରା, ରୂପାଧର ଆଡ଼ଯୁଡେ ଆଦି ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା ।



ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ 'ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ' ସଙ୍ଗଠନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଉଛି (ବାମ)। ବଲାଙ୍ଗୀର ଠାରେ ଆୟୋଜିତ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ଖବରଦାତା।


ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର, ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ। (ଫଟୋ-ସୁନୀଲ)

# ଜୀବିତଙ୍କ ସହାୟତା ରାଶି ମୃତକଙ୍କ ଆକାଉଣ୍ଟରେ ଜମା

ଭବାନୀପାଟଣା/କର୍ଲାମୁଣ୍ଡା,୯।୭
(ଉତ୍ତମ କୁମାର ଦାଶ/
ପ୍ରଦୀପ କୁମାର ସାହୁ)

**କର୍ଲାମୁଣ୍ଡା ବ୍ଲକ**

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପ୍ରଥମ କିସ୍ତି ଟଙ୍କା**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡୋବ୍ରା ପଞ୍ଚାୟତ ଏକାତାରା ଗ୍ରାମର ଜଣେ ହିତାଧିକାରୀଙ୍କ ପ୍ରଥମ ଆବାସ ଯାଜନା କିସ୍ତି ଅର୍ଥ ଜଣେ ମୃତ ବ୍ୟକ୍ତିଙ୍କ ଖାତାରେ ଜମା ହେବା ଘଟଣା ସାଧାରଣରେ ଆଲୋ ସୃଷ୍ଟି କରିଛି। ହିତାଧିକାରୀଙ୍କ ଅଭିଯୋଗ ପରେ ମଧ ବ୍ଲକ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରକାଶ ଯେ, ଏକାତାରା ଗ୍ରାମର ତୁଳସୀ ସାହୁ ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଭାବେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ। ଧାର କରଜ କରି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଗାଇଡ୍ ଲାଇନ ମୁତାବକ ଯୋଜନାର ପ୍ରଥମ କିସ୍ତି ୪୦ ହଜାର ଟଙ୍କା ବ୍ୟାଙ୍କ ଆକାଉଣ୍ଟ ମାଧମରେ ପାଇବା କଥା।


ହିତାଧିକାରୀ।

କିନ୍ତୁ ଦୀର୍ଘ ଦିନ ପରେ ଏହି କିସ୍ତି ସହାୟତା ରାଶି ନ ପାଇବାରୁ ପଞ୍ଚାୟତଠାରୁ ନେଇ ପଞ୍ଚାୟତ ସମିତି ପର୍ଯ୍ୟନ୍ତ ଧାଁଦୌଡ କରୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ କୌଣସି ତତ୍ପରତା ନ ଦେଖାଇବା ଯୋଗୁ ଶେଷରେ ନିଜସ୍ୱ ଉଦ୍ୟମରେ ତଦନ୍ତ କରି ଏହି ସହାୟତା ରାଶି ଏକାତାରା ଗ୍ରାମର ଜଣେ ମୃତ ବ୍ୟକ୍ତିଙ୍କ ଆକାଉଣ୍ଟରେ ଜମା ହୋଇଥିବା ଜାଣିବାକୁ ପାଇଥିଲେ। ମୃତ ବ୍ୟକ୍ତିଙ୍କ ନାମ କ୍ଷମାନିଧି ସାହୁ ହୋଇଥିବାବେଳେ ସେ ୧୦ ବର୍ଷ ତଳେ ମୃତ୍ୟୁବରଣ କରିଥିବା ମୃତକଙ୍କ ପରିବାର ଲୋକେ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ବ୍ୟାଙ୍କ ସହ ଯୋଗାଯୋଗ କରିବା ପରେ ମୃତକ କ୍ଷମାନିଧି ସାହୁଙ୍କ ଆକାଉଣ୍ଟରେ ୪୦ ହଜାର ଟଙ୍କା ମଧ ଜମା ହୋଇଥିବା ଜଣାପଡିଛି। ଜଣେ ଜୀବିତ ହିତାଧିକାରୀଙ୍କ ଆବାସ ଗୃହ ସହାୟତା କେମିତି ଜଣେ ମୃତ ବ୍ୟକ୍ତିଙ୍କ ଆକାଉଣ୍ଟରେ ଜମା କରାଗଲା ତାହା ତଦନ୍ତ ସାପେକ୍ଷ ହୋଇଥିବାବେଳେ ଏହା ବିଭାଗୀୟ ଚଞ୍ଚକତା ନା ବେପାରୁଆ ମନୋଭାବ ବୋଲି ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ଏ ନେଇ ସମ୍ପୃକ୍ତ ଅଧିକାରୀଙ୍କୁ ପଚାରିଲେ ଭୁଲ ବଶତଃ ଏଭଳି ହୋଇଥିବା କଥା ପ୍ରକାଶ କରୁଥିବାବେଳେ ପୁଣି ଥରେ ସ୍ୱର୍ଗତ କ୍ଷମାନିଧି ସାହୁଙ୍କ ଆକାଉଣ୍ଟରୁ ସହାୟତା ରାଶି ଫେରସ୍ତ ଅଣାଯାଇ ତୁଳସୀ ସାହୁଙ୍କ ଆକାଉଣ୍ଟରେ ଜମା କରାଯିବ ବୋଲି ପ୍ରକାଶ କରିଛନ୍ତି। ହିତାଧିକାରୀ ତୁଳସୀ ସାହୁ ଏ ନେଇ ବ୍ଲକ ପ୍ରଶାସନକୁ ବହୁବାର ଜଣାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଦୁଃଖ ପ୍ରକାଶ କରିଛନ୍ତି।

## ୭ ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ଭବାନୀପାଟଣା,୯।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କଲମପୁର ଥାନା ଅଞ୍ଚଳରେ ଏକ ଲଜ୍ଜା ଘଟଣା ସାମାନାକୁ ଆସିଛି। ଜଣେ ୭ ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ପରିବାର ଲୋକ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ପୋଲିସ ନାବାଳିକାଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଇବା ସହ ଅଭିଯୁକ୍ତଙ୍କୁ ଧରିବାକୁ ସମ୍ପୃକ୍ତ ଗାଁରେ ଛାନଭିନ ଆରମ୍ଭ କରିଛି।

## ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ବାଉଁଶୁଣୀ,୯।୭(ଦେବାଶିଷ ନେପାକ)

**କବାଡ଼ିବାଲାଠାରୁ ଲୁଟ୍ ଘଟଣା**

ଗତ ୭ ତାରିଖ ପୂର୍ବାହ୍ନରେ ବୌଦ୍ଧ ବ୍ଲକ ହରିପୁର ଗ୍ରାମ ନିକଟରେ ଜଣେ କବାଡ଼ିବାଲାଙ୍କ ନିକଟରୁ ୪ ହଜାର ଟଙ୍କା ଲୁଟ୍ ଘଟଣାରେ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କୁ ବାଉଁଶୁଣୀ ପୋଲିସ ରବିବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଫତେଗଡ ଥାନା ରାଣିଛେଲି ଗ୍ରାମରୁ ଆସି ବାଉଁଶୁଣୀ ଥାନା ଅଁଳାପାଲି ଗ୍ରାମରେ ରହି କବାଡି ବେପାର କରନ୍ତି ଗଙ୍ଗାଧର ରଥ। ଗଙ୍ଗାଧର ଘଟଣା ଦିନ ହରିପୁର ଗ୍ରାମକୁ ଭଙ୍ଗା ଲୁହା କିଣିବାକୁ ଯାଇଥିଲେ। ଏହି ସମୟରେ ସେଠାରେ ୩ ଜଣ ଯୁବକ ମୁଣ୍ଡିପଦର ଗ୍ରାମର ମୁନା ନାଏକ, ସୁବାଷ ସାହୁ ଓ ବାଉଁଶୁଣୀ ବୈଦ୍ୟନାଥପୁର ଗ୍ରାମର ଚନ୍ଦୁ ନାଏକ କବାଡିବାଲାଙ୍କ ଠାରୁ ୪ ହଜାର ଟଙ୍କା ଛଡାଇ ନେଇଥିଲେ। ଗଙ୍ଗାଧର ଏନେଇ ଶନିବାର ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଶନିବାର ରାତିରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଅଭିଯୁକ୍ତଙ୍କ ଠାରୁ ଟଙ୍କା ଜବତ ହୋଇଛି। ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅରୁଣ କୁମାର ସିଂ କହିଛନ୍ତି।

## ବିକାଶ ଓ୍ୱିସ୍‌ଡମ୍ ପାର୍କରେ ଇନଭେଷ୍ଟିଚର୍ ସେରିମନି

ଭବାନୀପାଟଣା,୯।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଓ୍ୱିସ୍‌ଡମ୍ ପାର୍କ ପରିସରରେ ଇନଭେଷ୍ଟିଚର୍ ସେରିମନି ୨୦୨୩-୨୪ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭବାନୀପାଟଣା ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍‌ସନର ନିର୍ଦ୍ଦେଶକ ଡି.ଶ୍ୟାମ ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଏକାଡେମିକ ଇନଚାର୍ଜ ଡି.ବିଜୟା, ବିକାଶ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ସୁଶ୍ରୀ ଆରତୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ନେତୃତ୍ୱ ଗୁଣର ବିକାଶ ନିମନ୍ତେ ପ୍ରତିବର୍ଷ ଭଳି ଚଳିତ ଶିକ୍ଷା ବର୍ଷରେ ମଧ ଗଣତାନ୍ତ୍ରିକ ପ୍ରକ୍ରିୟାରେ ହେଡ ବଏ, ହେଡ ଗାର୍ଲ, ହାଉସ କ୍ୟାପଟେନ, ଭାଇସ କ୍ୟାପଟେନ ତଥା ବିଭିନ୍ନ କ୍ଲବ କ୍ୟାପଟେନ, ଭାଇସ କ୍ୟାପଟେନ ଚୟନ କରିଥିଲେ। ଉକ୍ତ ଉତ୍ସବରେ ଚୟନ କରାଯାଇଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ ନାମ ଘୋଷଣା ପୂର୍ବକ ସେମାନଙ୍କୁ ଉକ୍ତ ପଦବୀରେ ନିଯୁକ୍ତି ନିମନ୍ତେ ନିଯୁକ୍ତିପତ୍ର ପ୍ରଦାନ କରାଯାଇ ଶପଥ ପାଠ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ପରିଶେଷରେ ଅନିରୁଦ୍ଧ ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍‌ସନ, ଓଡ଼ିଶାର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡି. ନାଗେଶର ରାଓ ନିର୍ବାଚିତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି।


ବିକାଶ ଓ୍ୱିସ୍‌ଡମ ପାର୍କ ପରିସରରେ ଅନୁଷ୍ଠିତ ଇନଭେଷ୍ଟିଚର୍ ସେରିମନି।

# ସମାନ ନାଗରିକ ସଂହିତାକୁ ସମର୍ଥନ ଘୋଷଣା

ବଲାଙ୍ଗୀର,୯।୭
(ବୀରେନ୍ଦ୍ର କୁମାର ଝାଙ୍କର)

**ବଲାଙ୍ଗୀରରେ ଜନସଂଖ୍ୟା ଫାଉଣ୍ଡେସନର କାର୍ଯ୍ୟକାରିଣୀ ବୈଠକ**

ସ୍ଥାନୀୟ ସାମ୍ବାଦିକ ଭବନଠାରେ ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନର ବଲାଙ୍ଗୀର ଜିଲା ସଭାପତି ପ୍ରେମମଞ୍ଜରୀ ସିଂଦେଓଙ୍କ ସଭାପତିତ୍ୱ ଓ ରାଜ୍ୟ ସଂଯୋଜକ ବଳଦେବ ବେଦବାକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଚିତ୍ରକୁଟର ରାଷ୍ଟ୍ରୀୟବାଦ ପ୍ରଚାରକ ସ୍ୱାମୀ ସୀତାରାମ ଶରଣ, ସମ୍ମାନିତ ଅତିଥି ଭାବେ ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ରାଜ୍ୟ ସଭାପତି ବିପିନ ବିହାରୀ ଦାସ, ବରିଷ୍ଠ ଭାଜପା ନେତା ଅନନ୍ତ ଦାସ, ବଳରାମ ସିଂ ଯାଦବ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ମିଶ୍ର ଯୋଗ ଦେଇଥିଲେ। ସମ୍ପ୍ରତି ଦେଶରେ ସମାନ ନାଗରିକ ସଂହିତା (ୟୁସିସି) ବିଲକୁ ନେଇ ଯେଉଁ ଆଲୋଚନା ଆରମ୍ଭ ହୋଇଛି ତାକୁ ସମର୍ଥନ କରାଯାଇଥିଲା। ଦେଶରେ ସମସ୍ତେ ସମାନ ସାମ୍ବିଧାନିକ ଅଧିକାର ପାଇବେ ବୋଲି ମତପ୍ରକାଶ ପାଇଥିଲା। ସେହିପରି ଆସନ୍ତା ବିଶ୍ୱ ଜନସଂଖ୍ୟା ଦିବସରେ ଦେଶରେ ସମସ୍ତେ ଜାତିଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦୁଇଟି ସନ୍ତାନ ପଲିସି ନିୟମ ଲାଗୁ କରିବାକୁ ଦାବି କରାଯାଇଥିଲା। ଏହି ନିୟମ ଲାଗୁ କରିବାକୁ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଫାଉଣ୍ଡେସନ ତରଫରୁ ୫କୋଟି ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରେରଣ କରିବାକୁ ଆଲୋଚନା କରାଯାଇଥିଲା। ସ୍ୱାମୀଜୀ ତାଙ୍କ ବକ୍ତବ୍ୟରେ ଭାରତରେ ହିନ୍ଦୁତ୍ୱର ସୁରକ୍ଷା କରିବା ତଥା ସମସ୍ତଙ୍କ ପାଇଁ ସମାନ ଆଇନ ବ୍ୟବସ୍ଥା କରିବାକୁ ସମସ୍ତେ ସହଯୋଗ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ବୈଠକରେ ଧର୍ମନିରଞ୍ଜନ ପଣ୍ଡା, ସୋନପୁର ଜିଲା ସଂଯୋଜକ କେଦାର ଦାସ, ଅନୀଲ ପାଣିଗ୍ରାହୀ, ବ୍ୟାସଦେବ ମିଶ୍ର, ସୁରେଶ ପାତ୍ର, ସୋନପୁର ମହିଳା ମୋର୍ଚ୍ଚା ସଭନେତ୍ରୀ ପୂର୍ଣ୍ଣିମା ସା, ରାଜ୍ୟ ମହିଳା ସମ୍ପାଦିକା ସୁନନ୍ଦା ସାହୁ, ବଲାଙ୍ଗୀର ଜିଲା ସୋସିଆଲ ମିଡିଆର ସମରେଶ ମିଶ୍ର, ଜିଲା ସମ୍ପାଦକ ରାଜୁ ଜୟସ୍ୱାଲ, ଅନିରୁଦ୍ଧ ଦଳବେହେରା, ବରଗଡର ରାଧେଶ୍ୟାମ ଦଣ୍ଡସେନା, ପଦ୍ମପୁର ସାଙ୍ଗଠନିକ ଜିଲା ସଭାପତି କେଶବ ଚନ୍ଦ୍ର ଜାଲ, ସମ୍ପାଦକ ରହିମ ମେହେରଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ ।



ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ଜିଲା କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଜୁଲାଇ, ୨୦୨୩



## ଯାଦବ ଭବନ ନିର୍ମାଣ ପାଇଁ ଭୂମି ପୂଜନ

ଜୁନାଗଡ଼,(ଅଂଶୁମାନ ଯୋଶୀ): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦାସୀଗାଁ ନଦିଖଣ୍ଡି ଆମ୍ବ ତୋଟାଠାରେ ଏକ ନୂତନ ଯାଦବ ଭବନ ନିର୍ମାଣ ପାଇଁ ରବିବାର ଭୂମି ପୂଜନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ଼ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ସ୍ଥାନୀୟ ସରପଞ୍ଚ ପ୍ରମୋଦିନି ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଗାଧୁଆ ଘରେ ଖସିପଡ଼ି ଦିବ୍ୟାଙ୍ଗ ମୃତ

ରାଉରକେଲା,୯।୭(ସଙ୍ଗୀତା ଜେନା): ଛେଣ୍ଡ ଫେଜ-୨ରେ ରହୁଥିବା ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଶନିବାର ରାତିରେ ଗାଧୁଆ ଘରେ ଖସିପଡ଼ିବାରୁ ମୃତ୍ୟୁବରଣ କରିଛନ୍ତି। ଏ ନେଇ ଛେଣ୍ଡ ଥାନା ପୋଲିସ ରବିବାର ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୩) ରୁଜୁ ହୋଇଛି। ମୃତକ ହେଲେ ଏ .ରବି(୫୬)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ରବି ପରିବାର ସହ ଫେଜ-୨ ଛେଣ୍ଡରେ ରହୁଥିଲେ। ଶନିବାର ରାତିରେ ସେ ଗାଧୁଆ ଘରେ ପଡିଯିବାରୁ ଅଚେତ ହୋଇପଡିଥିଲେ। ପରିବାରବର୍ଗ ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଅବକାରୀ ଅଫିସ ସମ୍ମୁଖ ଗେଟ୍ ଭାଙ୍ଗି ଅବ୍ୟବସ୍ଥା

ଖଡ଼ିଆଳ,୯।୭(ସୁଜିତ୍ ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ଅବକାରୀ ଉପ ନିରୀକ୍ଷକ କାର୍ଯ୍ୟାଳୟ ସମ୍ମୁଖ ଗେଟ ଗତ ଏକ ବର୍ଷରୁ ଅଧିକ ଦିନ ହେଲା ସମ୍ପୃକ୍ତ ଠିକା ସଂସ୍ଥା ଭାଙ୍ଗି ଦେଇଛି। ଫଳରେ ଅଫିସ ଭିତରକୁ ଅବାଧରେ ଲୋକେ ପଶି ଯାଉଛନ୍ତି ଓ ପଥିକଙ୍କ ମୋଟରସାଇକେଲ ପର୍କିଂ ସ୍ଥାନ ପାଲଟିଛି। ଅନ୍ୟପକ୍ଷରେ ନୂତନ ଅଫିସ ଗୃହ ତିଆରି ହୋଇଥିବା ବେଳେ ଅଫିସ ପରିସରର ବହୁ ଆନୁଷଙ୍ଗିକ କାର୍ଯ୍ୟ ସମ୍ପୃକ୍ତ ଠିକା ସଂସ୍ଥା ଦୀର୍ଘଦିନ ହେଲା କାର୍ଯ୍ୟ ଶେଷ କରୁ ନ ଥିବାରୁ ନୂତନ ବିଲ୍ଡିଂଙ୍ଗ ଉଦଘାଟନ ହୋଇପାରୁନାହିଁ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ଅବକାରୀ ଅଫିସ ଗୋଟିଏ କୋଠରିରେ ଚାଲୁଥିବା ଯୋଗୁ ବହୁତ ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ କୌଣସି ମୁଦାଲାଙ୍କୁ ଅଫିସକୁ ଆଣିଲେ ରଖିବା ବ୍ୟବସ୍ଥା ନ ଥିବାରୁ ଅସୁବିଧା ହେଉଛନ୍ତି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଭଙ୍ଗା ଗେଟ ତିଆରି କରିବା ସହିତ ଆନୁଷ୍ଠାନିକ କାର୍ଯ୍ୟ କରି ନୂତନ ଅଫିସ ଗୃହ ଉଦଘାଟନ କରିବାକୁ ଦାବି ହେଉଛି।

### ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବନ ମହୋତ୍ସବ

ଖଡ଼ିଆଳ,୯।୭(ସୁଜିତ୍ ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା, ଯୁବ ରେଡ଼ କ୍ରସ ଓ ଏନସିସି ବିଭାଗର ମିଳିତ ଉଦ୍ୟମରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ଅଧକ୍ଷ ଡ଼.ତରୁଣ କୁମାର ପ୍ରଧାନ ଅଧକ୍ଷତା କରିଥିବା ବେଳେ ଯୁବ ରେଡ଼କ୍ରସ ପରାମର୍ଶ ଦାତା ଡ଼. ଶୁଭ୍ରାଂସିସ ବାରିକ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଶୁଶୀଳ କୁମାର ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ଏସିଏଫ ଶିବ ପ୍ରସାଦ ରଥ, ଯୁକ୍ତ ଦୁଇ ଇନ୍‌ଚାର୍ଜ ପ୍ରଶାନ୍ତ କୁମାର ପଣ୍ଡା, ଡିନ ଡ଼କ୍ଟର ପଦ୍ମଲୋଚନ ବର୍ମା ଉପସ୍ଥିତ ଥିଲେ। କଲେଜର ସମସ୍ତ ଅଧାପକ ଓ ଅଧାପିକା ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଡ଼. ସୁରଞ୍ଜନ ପ୍ରଧାନ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରେଡ଼କ୍ରସ ପରାମର୍ଶ ଦାତା ସଂଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ କୁଇଜ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ୧୦୦ଟି ଗଛ ରୋପଣ କରାଯାଇଥିଲା।

### ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ

ଗୁଡ଼ଭେଲା,୯।୭ (ମନୋଜ କୁମାର ଜୈନ): ବନବିଭାଗ ପକ୍ଷରୁ ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ତେନ୍ତୁଲିଖୁଣ୍ଟି ଆଦର୍ଶ ବିଦ୍ୟାଳୟର ପରିସରରେ ଶୁକ୍ରବାର ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୁଭସ୍ମିତା କୁଅଁର ସଭାପତିତ୍ୱ କରିଥିବା ବେଳେ ଗୁଡ଼ଭେଲା ବନପାଳ ମଧୁସୂଦନ ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକୃତି ବିନା ମାନବ ସମାଜ ବଞ୍ଚି ପାରିବ ନାହିଁ।ଏଣୁ ପ୍ରକୃତିକୁ ବଞ୍ଚାଇବା ପାଇଁ ଗଛ ଜରୁରୀ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ବନରକ୍ଷୀ ସୁକାନ୍ତୀ ସରାଫ, କିଷନ ରଣା, ସ୍ୱାଧୀନ ମନହିରା, ରୂପାଧର ଆଡ଼ଯୁଡେ ଆଦି ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା ।




ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ 'ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ' ସଙ୍ଗଠନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଉଛି (ବାମ)। ବଲାଙ୍ଗୀର ଠାରେ ଆୟୋଜିତ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ଖବରଦାତା।



ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର, ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ। (ଫଟୋ-ସୁନୀଲ)

## ୧୪ରେ ବିକ୍ଷୋଭ କରିବ କଂଗ୍ରେସ

**ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମକୁ ଛାଡିଲେନି**

ରାଉରକେଲା,୯।୭(ସଙ୍ଗୀତା ଜେନା)

ରାଉରକେଲା କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ଦଳ ଶନିବାର ପୂର୍ବାହ୍ନରେ ଛେଣ୍ଡ ସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ ପରିଦର୍ଶନ କରିବାକୁ ଯାଇଥିଲେ। ସେଠାରେ ଷ୍ଟାଡ଼ିୟମର ବିପର୍ଯ୍ୟସ୍ତ ବ୍ୟବସ୍ଥା ସମ୍ପର୍କରେ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ଆଲୋଚନା କରିବାର ଥିଲା। କିନ୍ତୁ ସେମାନଙ୍କୁ ଷ୍ଟାଡିୟମ କର୍ତ୍ତୃପକ୍ଷ ପ୍ରବେଶ ଅନୁମତି ପ୍ରଦାନ ନ କରି ମୁଖ୍ୟ ଦ୍ୱାରରେ ତାଲା ପକାଇ ଦେଇଥିଲେ। ଫଳରେ ସେମାନେ ଫେରି ଆସିଥିଲେ। ଆଗାମୀ ଦିନରେ ରଣନୀତି ପ୍ରସ୍ତୁତି କରବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି କ୍ରମରେ ନୂତନ ରଣନୀତି ପାଇଁ ରବିବାର ପୂର୍ବାହ୍ନରେ ସେକ୍ଟର-୨୧ ରାଉରକେଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ଡିସିସି ସଭାପତି ବିରେନ ସେନାପତି, ରବି ରାୟ, ଆରତୀ ସିଂ, ଯୁବ ନେତା ଜ୍ଞାନେନ୍ଦ୍ର ଦାସ, ନିରୂପମା ବଳିଆରସିଂ, ପ୍ରବୋଧ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଷ୍ଟାଡ଼ିୟମ ନିର୍ମାଣରେ ହୋଇଥିବା ଦୁର୍ନୀତି ବିରୋଧରେ ଆସନ୍ତା ୧୪ ତାରିଖରେ ଷ୍ଟାଡ଼ିୟମ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।



ବୈଠକରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

## ପ୍ରଥମ ସ୍ଥାନରେ ରହିଲେ ୮ ପ୍ରାର୍ଥୀ

**ଆର୍‌ଏସ୍‌ପି ରିଟାୟାର୍ଡ ସଂଘ ନିର୍ବାଚନ**

ରାଉରକେଲା,୯।୭(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା ରିଟାୟାର୍ଡ ସଂଘର ଏକ୍‌ଜିକ୍ୟୁଟିଭ କମିଟି ସଦସ୍ୟ ନିର୍ବାଚନ ରବିବାର କୋଏଲନଗର ସ୍ଥିତ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡ, ଷ୍ଟିଲ ଟାଉନଶିପ୍, କୋଏଲନଗର ଏ, ବି, ସି, ଡି ବ୍ଲକ, ଶକ୍ତିନଗର, ଜଗଦା ଆଦି ମଣ୍ଡଳରୁ ମୋଟ ୩୯ ଜଣ ନିର୍ବାଚନ ଲଢ଼ିଥିଲେ। ପ୍ରତ୍ୟେକ ୩ ବର୍ଷରେ ହେଉଥିବା ଏହି ନିର୍ବାଚନ ପ୍ରକ୍ରିୟାରେ ଚଳିତ ଥର ମୋଟ ୨୮୨୨ଜଣ ଭୋଟଦାତା ଥିବାବେଳେ ୭୩୪ ଜଣ ମତଦାନ କରିଥିଲେ। ରିଟର୍ନିଂ ଅଫିସର ସମରେଶ ଦାସ ଓ ସସ୍ମିତା ଦାଶ ନିର୍ବାଚନ ପ୍ରକ୍ରିୟା ପରିଚଳାନା କରିଥିଲେ। ସକାଳ ୭ଟାରୁ ୧ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯାଇଥିଲା। ଅପରାହ୍ନରେ ଗଣତି ହୋଇଥିଲା। କୋଏଲନଗର ଏ ବ୍ଲକରୁ ଅନିରୁଦ୍ଧ ଦାଶ, ବି ବ୍ଲକରୁ କୃଷ୍ଣଚନ୍ଦ୍ର ମହାନ୍ତି, ସି ବ୍ଲକରୁ ଚାନ୍ଦମଣି ବେହୁରା, ଡି ବ୍ଲକରୁ ଗୌରୀଶଙ୍କର ମିଶ୍ର, ଟାଉନଶିପ୍‌ରୁ ଅଶୋକ ବଳ, ଛେଣ୍ଡ ଅଞ୍ଚଳରୁ ଇଂ. ଅଭୟ ଦାସ, ଶକ୍ତିନଗର ଓ ଝିରପାଣିରୁ ବିକ୍ରମ ପ୍ରଧାନ ତଥା ଜଗଦା ଓ ବିଶ୍ରାରୁ ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ଅଧିକ ଭୋଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସୂଚନାଯୋଗ୍ୟ, ମୋଟ ୩୯ ଜଣ ପ୍ରାର୍ଥୀ ନିର୍ବାଚନରେ ଏକ୍‌ଜିକ୍ୟୁଟିଭ ସଦସ୍ୟ ପାଇଁ ଲଢୁଥିଲେ।



ସଦସ୍ୟମାନେ ଭୋଟଦାନ କରୁଛନ୍ତି।

## ଝାରସୁଗୁଡ଼ା ନୂତନ ବସ୍‌ଷ୍ଟାଣ୍ଡ ଶୁଭାରମ୍ଭ



ଝାରସୁଗୁଡାରେ ବସ୍ ଟର୍ମିନାଲ ଲୋକାର୍ପଣ କରାଯାଉଛି।

ବ୍ରଜରାଜନଗର,୯।୭(ବିଜୟ ବରାଡ)

ଝାରସୁଗୁଡ଼ା ହସ୍ପିଟାଲ ରୋଡ୍‌ରେ ନୂତନ ବସ୍‌ଷ୍ଟାଣ୍ଡ ଶୁଭାରମ୍ଭ କରାଯାଇଛି। ଉଦ୍‌ଘାଟନୀ ସମାରୋହରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଓ ଝାରସୁଗୁଡା ବିଧାୟିକା ଦୀପାଳି ଦାସ, ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଆବୋଲି ସୁନୀଲ ନରଭେନେ, ଆରକ୍ଷୀ ଅଧୀକ୍ଷକ ପରମାର ସିଂ ପୁରୁଷୋତ୍ତମ ଦାସ, ଝାରସୁଗୁଡା ପୌରାଧ୍ୟକ୍ଷ ରାଣୀ ହାତୀ, ପିଡି ଡିଆର୍‌ଡିଏ ତପିରାମ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ତେବେ ସହରଠାରୁ ୨କିମି ଦୂରରେ ବସ୍‌ଷ୍ଟାଣ୍ଡ ଥିବାରୁ କୌଣସି ଯାତ୍ରୀ ଅସୁବିଧାରେ ପଡିଲେ ରାତ୍ରି ରହିବା ବ୍ୟବସ୍ଥା କରାଯାଇଛି। ସହରଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାତ୍ରୀଙ୍କୁ ସୁଲଭ ମୂଲ୍ୟରେ ଅଟୋ ଚାଳକ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଆର୍‌ଟିଓ ପ୍ରକାଶ କରିଥଲେ। ଏହାଛଡା ଉକ୍ତ ରାସ୍ତାରେ ଆଜିଠାରୁ କୌଣସି ଭାରିଯାନ ଚଳାଚଳ କରିବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସୂଚନାଯୋଗ୍ୟ, ୭ ଏକର ଜାଗାରେ ୭କୋଟି ବ୍ୟୟ ଅଟକଳରେ ଏହି ବସ୍‌ଷ୍ଟାଣ୍ଡ ଜିଲା ଖଣିଜ ପାଣ୍ଠି ଟଙ୍କାରେ ନିର୍ମାଣ କରାଯାଇଛି।

## ସମାନ ନାଗରିକ ସଂହିତାକୁ ସମର୍ଥନ ଘୋଷଣା

**ବଲାଙ୍ଗୀରରେ ଜନସଂଖ୍ୟା ଫାଉଣ୍ଡେସନର କାର୍ଯ୍ୟକାରିଣୀ ବୈଠକ**

ବଲାଙ୍ଗୀର,୯।୭
(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ସାମ୍ବାଦିକ ଭବନଠାରେ ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନର ବଲାଙ୍ଗୀର ଜିଲା ସଭାପତି ପ୍ରେମମଞ୍ଜରୀ ସିଂଦେଓଙ୍କ ସଭାପତିତ୍ୱ ଓ ରାଜ୍ୟ ସଂଯୋଜକ ବଳଦେବ ବେଦବାକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଚିତ୍ରକୁଟର ରାଷ୍ଟ୍ରୀୟବାଦ ପ୍ରଚାରକ ସ୍ୱାମୀ ସୀତାରାମ ଶରଣ, ସମ୍ମାନିତ ଅତିଥି ଭାବେ ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ରାଜ୍ୟ ସଭାପତି ବିପିନ ବିହାରୀ ଦାସ, ବରିଷ୍ଠ ଭାଜପା ନେତା ଅନନ୍ତ ଦାସ, ବଳରାମ ସିଂ ଯାଦବ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ମିଶ୍ର ଯୋଗ ଦେଇଥିଲେ। ସମ୍ପ୍ରତି ଦେଶରେ ସମାନ ନାଗରିକ ସଂହିତା (ୟୁସିସି) ବିଲକୁ ନେଇ ଯେଉଁ ଆଲୋଚନା ଆରମ୍ଭ ହୋଇଛି ତାକୁ ସମର୍ଥନ କରାଯାଇଥିଲା। ଦେଶରେ ସମସ୍ତେ ସମାନ ସାମ୍ବିଧାନିକ ଅଧିକାର ପାଇବେ ବୋଲି ମତପ୍ରକାଶ ପାଇଥିଲା। ସେହିପରି ଆସନ୍ତା ବିଶ୍ୱ ଜନସଂଖ୍ୟା ଦିବସରେ ଦେଶରେ ସମସ୍ତେ ଜାତିଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦୁଇଟି ସନ୍ତାନ ପଲିସି ନିୟମ ଲାଗୁ କରିବାକୁ ଦାବି କରାଯାଇଥିଲା। ଏହି ନିୟମ ଲାଗୁ କରିବାକୁ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଫାଉଣ୍ଡେସନ ତରଫରୁ ୫କୋଟି ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରେରଣ କରିବାକୁ ଆଲୋଚନା କରାଯାଇଥିଲା। ସ୍ୱାମୀଜୀ ତାଙ୍କ ବକ୍ତବ୍ୟରେ ଭାରତରେ ହିନ୍ଦୁତ୍ୱର ସୁରକ୍ଷା କରିବା ତଥା ସମସ୍ତଙ୍କ ପାଇଁ ସମାନ ଆଇନ ବ୍ୟବସ୍ଥା କରିବାକୁ ସମସ୍ତେ ସହଯୋଗ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ବୈଠକରେ ଧର୍ମନିରଞ୍ଜନ ପଣ୍ଡା, ସୋନପୁର ଜିଲା ସଂଯୋଜକ କେଦାର ଦାସ, ଅନୀଲ ପାଣିଗ୍ରାହୀ, ବ୍ୟାସଦେବ ମିଶ୍ର, ସୁରେଶ ପାତ୍ର, ସୋନପୁର ମହିଳା ମୋର୍ଚ୍ଚା ସଭନେତ୍ରୀ ପୂର୍ଣ୍ଣିମା ସା, ରାଜ୍ୟ ମହିଳା ସମ୍ପାଦିକା ସୁନନ୍ଦା ସାହୁ, ବଲାଙ୍ଗୀର ଜିଲା ସୋସିଆଲ ମିଡିଆର ସମରେଶ ମିଶ୍ର, ଜିଲା ସମ୍ପାଦକ ରାଜୁ ଜୟସ୍ୱାଲ, ଅନିରୁଦ୍ଧ ଦଳବେହେରା, ବରଗଡର ରାଧେଶ୍ୟାମ ଦଣ୍ଡସେନା, ପଦ୍ମପୁର ସାଙ୍ଗଠନିକ ଜିଲା ସଭାପତି କେଶବ ଚନ୍ଦ୍ର ଜାଲ, ସମ୍ପାଦକ ରହିମ ମେହେରଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ ।



ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ଜିଲା କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥି।




ଟାଟା ମୋଟର୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଟାଟା ଟିଆଗର ୫ ଲକ୍ଷ ତମ ଯାନର ରୋଲ ଆଉଟ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ବରିଷ୍ଠ ଅଧିକାରୀ ମୋହନ ସଭରକର ଏବଂ ପ୍ରମୋଦ ଚୌଧୁରୀ ଟାଟା ଟିଆଗର ୫,୦୦,୦୦୦ ତମ ୟୁନିଟକୁ ଉନ୍ମୋଚନ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଟାଟା ଟିଆଗର ଏକ ଲକ୍ଷ ତମ ୟୁନିଟ୍‌ର ବିକ୍ରି ମାତ୍ର ୧୫ ମାସରେ ହୋଇଥିଲା ବୋଲି ଟାଟା ମୋଟର୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ନୋକିଆର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୯ା୭

ଏଚ୍‌ଏମ୍‌ଡି ଗ୍ଲୋବାଲ ପକ୍ଷରୁ ନୋକିଆର ନୂତନ ଉତ୍ପାଦ ତଥା ଫିଚର ଫୋନ୍ ନୋକିଆ ୧୧୦ ୪ଜି ଏବଂ ନୋକିଆ ୧୧୦ ୨ଜି’କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଯେଉଁଥିରେ ୟୁପିଆଇର ସ୍କାନ୍ ଆଣ୍ଡ୍ ପେ’ ସୁବିଧା ସାମିଲ ରହିଛି। ଏପରିକି ନୋକିଆ ୧୧୦ ୪ଜିରେ ଏଚ୍‌ଡି ଭଏସ୍ କଲିଂ ସୁବିଧା ମିଳିବ, ଯାହା ଯୋଗାଯୋଗକୁ ଅତ୍ୟନ୍ତ ସ୍ପଷ୍ଟ କରିବ। ନୂଆ ନୋକିଆ ୧୧୦ ୪ଜି ଓ ନୋକିଆ ୧୧୦ ୨ଜିରେ ଥିବା ଗୋଟିଏ ବଟନ୍‌କୁ ଦବାଇ ସହଜରେ ୟୁପିଆଇ ପେମେଣ୍ଟ୍ ସୁବିଧା ହାସଲ କରାଯାଇପାରିବ। ଏ ସମ୍ପର୍କରେ ଏଚ୍‌ଏମ୍‌ଡି ଗ୍ଲୋବାଲ୍‌ର ଉପସଭାପତି ରବି କନ୍‌ୱର କହିଛନ୍ତି, କମ୍ପାନୀ ଗ୍ରାହକମାନଙ୍କୁ ବୈପ୍ଲବିକ ସୁବିଧା ଥିବା ଶ୍ରେଷ୍ଠ ଫୋନ୍ ଅନୁଭୂତି ପ୍ରଦାନ କରିବା ଜାରି ରଖିଥିବା ବେଳେ ନୋକିଆ ୧୧୦ ୪ଜି ଓ ନୋକିଆ ୧୧୦ ୨ଜି ଏହି ବର୍ଗରେ ବ୍ରାଣ୍ଡର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି।

# ସିୟୁ ଭାରତର ନଂ.୧ ଘରୋଇ ବିଶ୍ୱବିଦ୍ୟାଳୟ




ନୂଆଦିଲ୍ଲୀ,୯ା୭

## କ୍ୟୁଏସ୍ ୱାର୍ଲଡ ୟୁନିଭର୍ସିଟି ର୍ୟାଙ୍କିଙ୍ଗ୍-୨୦୨୪

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଚଣ୍ଡିଗଡ଼ ୟୁନିଭର୍ସିଟି (ସିୟୁ)କୁ ନିକଟରେ ଆଉ ଏକ ଜାତୀୟ ମାନ୍ୟତା ଓ ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, କ୍ୟୁଆକ୍ୟୁରେଲି ସିମଣ୍ଡସ (କ୍ୟୁଏସ୍) ୱାର୍ଲଡ ୟୁନିଭର୍ସିଟି ର୍ୟାଙ୍କିଙ୍ଗ୍ (ଡବ୍ଲ୍ୟୁୟୁଆର)-୨୦୨୪ ପକ୍ଷରୁ ନିକଟରେ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକର ମାନ୍ୟତା (ର୍ୟାଙ୍କିଙ୍ଗ୍) ସୂଚୀ ପ୍ରକାଶ କରାଯାଇଥିଲା। ଉକ୍ତ ସୂଚୀ ଅନୁସାରେ ସିୟୁ ସାମଗ୍ରିକ ଭାବେ ୭୭୧ ରୁ ୭୮୦ ନମ୍ବର ମଧ୍ୟରେ ସ୍ଥାନ ପାଇ ଭାରତର ୧ ନମ୍ବର ଘରୋଇ ବିଶ୍ୱବିଦ୍ୟାଳୟ ଭାବେ ସ୍ୱୀକୃତି ଲାଭ କରିଛି। ବିଶେଷକରି କ୍ୟୁଏସ୍ ଡବ୍ଲ୍ୟୁୟୁଆର୍-୨୦୨୪ରେ ମୋଟ ୨୯୬୩ ଟି ଶିକ୍ଷାନୁଷ୍ଠାନର ମାନ ଓ ଭିତ୍ତିଭୂମି ଆଧାରରେ ଉକ୍ତ ସୂଚୀ ପ୍ରକାଶ କରାଯାଇଛି।

# ସାମଗ୍ରିକ ବିକାଶକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୯ା୭

ଟାଟା ଷ୍ଟିଲ ମାଇନିଂ ଲିମିଟେଡ (ଟିଏସ୍‌ଏମ୍‌ଏଲ୍)ର କର୍ମଚାରୀମାନେ ନିକଟରେ ରିଦ୍ଧିକ ଆଭା ପବ୍ଲିକ୍ ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଡିଭାଇନ୍ ଚାଇଲ୍ଡ ଇଣ୍ଟିଗ୍ରାଲ୍ ସ୍କୁଲ୍ ଫର୍ ସ୍ପେଶିଆଲ ଚିଲଡ୍ରେନ (ଭିନ୍ନକ୍ଷମ ପିଲା)ଙ୍କ ପାଇଁ ସହାୟତାର ହାତ ବଢ଼ାଇଛନ୍ତି। ଏପରିକି କମ୍ପାନୀର କର୍ମଚାରୀମାନେ ଉକ୍ତ ସଂସ୍ଥାକୁ ଏକ ସିଲେଇ ମେଶିନ୍ ଓ ଶିକ୍ଷା ସାମଗ୍ରୀ ପ୍ରଦାନ କରିଛନ୍ତି, ଯାହାକି ପିଲାମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନୂତନ କୌଶଳ ଏବଂ ସୁଯୋଗ ସହିତ ସଶକ୍ତ କରିବ। ସେହିଭଳି ଉକ୍ତ ବିଦ୍ୟାଳୟ ସ୍ୱତନ୍ତ୍ର ଶିକ୍ଷା ସହିତ ବୃତ୍ତିଗତ, ଚେତନା ସମ୍ବନ୍ଧୀୟ ସମନ୍ୱୟ, ବକ୍ତବ୍ୟ ଅଭ୍ୟାସ ଭଳି ନିୟମିତ କାର୍ଯ୍ୟକ୍ରମ ମାଧ୍ୟମରେ ଭିନ୍ନକ୍ଷମ ପିଲାମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ଦିଗରେ କାର୍ଯ୍ୟ କରୁଛି। ବିଶେଷ କରି ଭିନ୍ନକ୍ଷମ ପିଲାମାନଙ୍କ ଜୀବନରେ ଏକ ଅର୍ଥପୂର୍ଣ୍ଣ ପାର୍ଥକ୍ୟ ଆଣିବା ଏବଂ ସେମାନଙ୍କ ସାମଗ୍ରିକ ବିକାଶରେ ଯୋଗଦାନ ଦେବା ଲାଗି ଟିଏସ୍‌ଏମ୍‌ଏଲ୍‌ର କର୍ମଚାରୀମାନେ ପିଲାମାନଙ୍କୁ ଧନ୍ଦାମୂଳକ କୌଶଳ ଶିଖିବା ପାଇଁ ସେମାନଙ୍କ ସମର୍ଥନ ପ୍ରଦାନ କରିଛନ୍ତି, ଯାହାକି ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବା ସହ ଜୀବିକା ନିର୍ବାହ ପାଇଁ ସୁଯୋଗ ତିଆରି କରିବ। ଏ ସମ୍ପର୍କରେ ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଆମେ ସର୍ବଦା ବିଶ୍ୱାସ କରୁ ଯେ ଯଦି ଆମେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆମ ପରିବାରର ଅଂଶ ଭାବେ ଭାବିବା ତେବେ ଏହି ପୃଥିବୀ ଆହୁରି ଶ୍ରେଷ୍ଠ ହେବ। ଏପରିକି ଆମ କର୍ମଚାରୀମାନଙ୍କ ପ୍ରୟାସ ହେଉଛି, ଏହି ଦିଗରେ ଏକ ପଦକ୍ଷେପ। ଆମେ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଲୋକମାନଙ୍କ ମୁହଁରେ ହସ ଆଣିବା ପାଇଁ ଆମ ପ୍ରୟାସକୁ ଆଗାମୀ ଦିନରେ ମଧ୍ୟ ଜାରି ରଖିବୁ।

# ଗ୍ଲେନ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୯ା୭ (ଅଭୟ ଦାଶ)

ଦେଶର ପ୍ରମୁଖ ହୋମ୍ ଆଣ୍ଡ କିଚେନ ଆପ୍ଲିଏନ୍ସ ବ୍ରାଣ୍ଡ ଗ୍ଲେନ୍ (ଗ୍ଲେନ୍ ଆପ୍ଲିଏନ୍ସ ପ୍ରାଇଭେଟ୍ ଲିମିଟେଡ୍)ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଭୁବନେଶ୍ୱର ବାପୁଜୀ ନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ଲେନ୍ ଆପ୍ଲିଏନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଉପସଭାପତି (ସେଲ୍‌ସ) ସୌମେନ୍ଦ୍ର ମହାନ୍ତିଙ୍କ ସମେତ କମ୍ପାନୀର ସୁପର ଡିଷ୍ଟ୍ରିବ୍ୟୁଟର ଓଡ଼ିଶା ସଞ୍ଜୟ ଚୌଧୁରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ,ଗ୍ଲେନ୍ ଆପ୍ଲିଏନ୍ସ




ପ୍ରାଇଭେଟ୍ ଲିମିଟେଡ୍‌ର ସୁପର ଡିଷ୍ଟ୍ରିବ୍ୟୁଟର ଓଡ଼ିଶା ଆନୁକୂଲ୍ୟରେ ଶୁଭାରମ୍ଭ ହୋଇଥିବା ଗ୍ଲେନ୍ ଗ୍ୟାଲେରିରେ ବ୍ରାଣ୍ଡ ବ୍ୟାପକ ସମ୍ଭାର ଉପଲବ୍ଧ। ବିଶେଷକରି ଚିମିନି,ଗ୍ୟାସ୍ ଷ୍ଟୋଭ, ବିଲ୍ଟ ଇନ୍ ହୋବ୍‌ସ, ମାଇକ୍ରୋୱେଭସ, ଓଭେନସ ସହ ଫୁଡ୍ ପ୍ରୋସେସର, ମିକ୍ସର ଗ୍ରାଇଣ୍ଡର ଭଳି ଅନେକ ଆବଶ୍ୟକ ଗୃହୋପକରଣ ଏଠାରେ ସୁଲଭ ମୂଲରେ ମିଳିଥାଏ। ଏପରିକି ଗୁଣାତ୍ମକ ସାମଗ୍ରୀ ସାଙ୍ଗକୁ ଗ୍ରାହକଙ୍କ ବିଶ୍ୱାସଭାଜନ ପାଇଁ ବ୍ରାଣ୍ଡ ଅନେକ ପ୍ରକାର ସୁବିଧା ଉପଭୋକ୍ତାଙ୍କୁ ଯୋଗାଇଦେଇଥାଏ ବୋଲି ସଞ୍ଜୟ ଚୌଧୁରୀ ବିସ୍ତୃତ ମତବ୍ୟକ୍ତ କରିଛନ୍ତି।

# ଆପୋଲୋ ଭୁବନେଶ୍ୱରରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୯ା୭

ଦେଶର ପ୍ରମୁଖ ଘରୋଇ ଚିକିତ୍ସାଳୟ ଆପୋଲୋ ହସ୍ପିଟାଲର ଭୁବନେଶ୍ୱର ୟୁନିଟ୍‌କୁ ନିକଟରେ ଆଉ ଏକ ବିରଳ ସଫଳତା ମିଳିଥିବା ବେଳେ ଓଡ଼ିଶାର ପ୍ରଥମ ସିଟୁସ ଇନ୍‌ଭର୍ସସର ଚିକିତ୍ସା ସମ୍ପୂର୍ଣ୍ଣ କରାଯାଇଛି। ବିଶେଷକରି ଆକ୍ୟୁଟେ କୋଲେସିଷ୍ଟାଇଟିସରେ ଭର୍ତ୍ତି ହୋଇଥିବା ଜଣେ ୩୮ ବର୍ଷୀୟା ମହିଳାଙ୍କର ଆବଶ୍ୟକ ଚିକିତ୍ସା ସହିତ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଥିଲା। ଏପରିକି ଅସ୍ତ୍ରୋପଚାରର କିଛିଦିନ ପରେ ସମ୍ପୃକ୍ତ ମହିଳା ସୁସ୍ଥ ହୋଇ ଡିସ୍‌ଚାର୍ଜ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଦୀର୍ଘଦିନ ହେବ ଉକ୍ତ ରୋଗରେ ପୀଡ଼ିତ ଥିବା ମହିଳା ଜଣକ ନିକଟରେ ଆପୋଲୋ ଭୁବନେଶ୍ୱରରେ ଆଡମିଶନ ହେବା ସହିତ ଜେନେରାଲ ସର୍ଜରି ବିଭାଗର ବରିଷ୍ଠ ପରାମର୍ଶଦାତା ଡା. ତନ୍ମୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚିକିତ୍ସିତ ହେଉଥିଲେ।

ଏ ସମ୍ପର୍କରେ ଡା. ପଣ୍ଡା କହିଛନ୍ତି, ରୋଗୀର ପାରିପାର୍ଶ୍ୱିକ ଘଟଣା ସମ୍ପର୍କରେ ଅବଗତ ହେବା ସହ ବିଭିନ୍ନ ଯାଞ୍ଚ ପରେ ଜଣାପଡିଲା ଯେ ସମ୍ପୃକ୍ତ ରୋଗୀର ପେଟରେ ବିଭିନ୍ନ ସମସ୍ୟା ରହିଥିଲା। ବିଶେଷକରି ସମ୍ପୃକ୍ତ ରୋଗୀର ବାମ ସବ୍‌କୋଷ୍ଟଲା ଅଞ୍ଚଳରେ ଯନ୍ତ୍ରଣା ହେବା ସହିତ ବାନ୍ତି ହେଉଥିଲା। ଅପରପକ୍ଷରେ ଆପୋଲୋ ମୁଖ୍ୟ ପରିଚାଳନା ଅଧିକାରୀ ତଥା ନିର୍ଦ୍ଦେଶକ ଆଲୋକ ଶ୍ରୀବାସ୍ତବ ଡା.ପଣ୍ଡା ଓ ତାଙ୍କ ଟିମ୍‌କୁ ଅଭିନନ୍ଦନ ଜଣାଇବା ସହ ହସ୍ପିଟାଲ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

## ଫୁରସତ୍

# ବୁଲ୍ ଫାଇଟିଂ ମହୋତ୍ସବ

ମାଡ୍ରିଡ୍

ପ୍ରତିବର୍ଷ ପରି ଚଳିତବର୍ଷ ସ୍ପେନର ବିବାଦୀୟ ବୁଲ ଫାଇଟିଂ ମହୋତ୍ସବ ପାଳିତ ହୋଇଛି। ହଜାର ହଜାର ସଂଖ୍ୟାର ଲୋକ ଏଥିରେ ଭାଗ ନେଇଥିଲେ। ଏହି ଉତ୍ସବରେ ରାସ୍ତାରେ ହଜାର ହଜାର ଲୋକଙ୍କ ମଧ୍ୟରେ କିଛି ରାଗିଥିବା ଷଣ୍ଢକୁ ଛାଡ଼ିଦିଆଯାଏ। ଉତ୍ସବରେ ଅନେକଙ୍କ ମୃତ୍ୟୁ ମଧ୍ୟ ହୋଇଥାଏ। ଏହି ମହୋତ୍ସବକୁ କେତେକ ଆନିମଲ ୱେଲଫେୟାର ଗ୍ରୁପ ବିରୋଧ କରୁଛି। ଏହା ପରେ ମଧ୍ୟ ସ୍ପେନରେ ଏହି ମହୋତ୍ସବକୁ ଆୟୋଜିତ କରାଯାଇଛି। ଅନେକ ବର୍ଷ ହେବ ଏହି ମହୋତ୍ସବକୁ ଆନିମଲ ୱେଲଫେୟାର ଗ୍ରୁପ ବିରୋଧ କରିଆସୁଛି। ତାଙ୍କ କହିବା ମୁତାବକ, ପ୍ରାଣୀକୁ ରଗାଇ ଲୋକଙ୍କ



ଉପରେ ତାଙ୍କ କ୍ରୋଧ ବାଢିବା ଉଚିତ ନୁହେଁ। ଏହି ଉତ୍ସବକୁ ବନ୍ଦ କରାଯାଉ ବୋଲି ଗ୍ରୁପ କହିଛି। ବିରୋଧ ସତ୍ତ୍ୱେ ମଧ୍ୟ ପ୍ରତିବର୍ଷ ଏହି ଉତ୍ସବ ଆୟୋଜିତ ହୁଏ। ଚଳିତ ମାସ ଜୁଲାଇ ୬ରେ ସ୍ପେନରେ ଏହା ଆୟୋଜିତ ହୋଇଯାଇଛି। ଏହାର କିଛି ଫଟୋ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଯେଉଁଥିରେ ଷଣ୍ଢ ଲୋକଙ୍କୁ ଆକ୍ରମଣ କରୁଛି। ଏହି ଉତ୍ସବକୁ ୧୦୦ ବର୍ଷ ପୂର୍ବେ ଅନ୍ତର୍ଜାତୀୟ ଖ୍ୟାତି ମିଳିଥିଲା। ସେବେଠାରୁ ଏହି ମହୋତ୍ସବ ପାଳିତ ହୋଇଆସୁଛି। ଏଥିରେ ଲୋକେ ଧଳା ଏବଂ ଲାଲ୍ ରଙ୍ଗ କପଡ଼ା ପିନ୍ଧି ମୈଦାନକୁ ଓହ୍ଲାଇଥାନ୍ତି। ଏଥିରେ ଅନେକ ଥର ଷଣ୍ଢ ମଧ୍ୟ ଆହତ ହୋଇଥିବା ଦେଖିବାକୁ ମିଳିଛି। ଷଣ୍ଢଙ୍କୁ ଉତ୍ସବରେ ଏତେ ମାତ୍ରାରେ ରଗା ଯାଏ ଯେ, ଯାହା ଫଳରେ ସେ ଲୋକଙ୍କୁ ଆକ୍ରମଣ କରିବା ଆରମ୍ଭ କରିଥାଏ। ଏହାପରେ ମଧ୍ୟ ଉତ୍ସବକୁ ଲୋକେ ବହୁତ ଉପଭୋଗ କରିଥାନ୍ତି। ଏପରି ବିପଦପୂର୍ଣ୍ଣ ଉତ୍ସବକୁ ବିରୋଧ କରାଯାଉଥିଲେ ମଧ୍ୟ ଏଥିରେ ସାମିଲ ହେବାକୁ ବିଦେଶରୁ ଲୋକ ଆସିଥାନ୍ତି।

# ଟ୍ରୋଲ୍ ହେଲେ କାଜଲ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କାଜଲ୍ ଏକ ମନ୍ତବ୍ୟ ଦେଇ ଟ୍ରୋଲ ହୋଇଛନ୍ତି। ନିକଟରେ ଏକ ସାକ୍ଷାତ୍‌କାରରେ କାଜଲ କହିଛନ୍ତି, ଭାରତ ପରିବର୍ତ୍ତନର ଗତି ବହୁତ ମନ୍ଥର। ଲୋକେ ନିଜ ପରମ୍ପରାକୁ ଧରି ବସିବା ସହ ଶିକ୍ଷା ଲାଭରୁ ବଞ୍ଚିତ ହେଉଛନ୍ତି। ଏଥିସହ ଅପାଠୁଆ ନେତାଙ୍କ ଦ୍ୱାରା ଭାରତ ଶାସିତ ହେଉଥିବା ମଧ୍ୟ ସେ କହିଥିଲେ। ଯେଉଁଥିପାଇଁ ତାଙ୍କୁ ଟ୍ରୋଲ ହେବାକୁ ପଡ଼ିଛି। କାଜଲଙ୍କ ଏପରି ମନ୍ତବ୍ୟରେ ଜଣେ ୟୁଜର ମୂର୍ଖ ସ୍କୁଲ ଡ୍ରପଆଉଟ୍ ବୋଲି କହିଛନ୍ତି। ଆଉ କିଛି ୟୁଜର୍ସ ତାଙ୍କୁ ସମର୍ଥନ ମଧ୍ୟ କରିଥିବା ଦେଖିବାକୁ ମିଳିଛି। ତେବେ କାଜଲ ୧୯୯୨ରୁ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଅନେକ ଫିଲ୍ମରେ ତାଙ୍କ ଚୁଲବୁଲି ଭୂମିକାକୁ ଲୋକେ ମଧ୍ୟ ପସନ୍ଦ କରନ୍ତି। ଏହା ଭିତରେ ସେ ଦର୍ଶକଙ୍କୁ ଅନେକ ଫିଲ୍ମ ଭେଟି ଦେଇସାରିଲେଣି। ଶେଷଥର ପାଇଁ କାଜଲଙ୍କୁ ‘ଲଷ୍ଟ ଷ୍ଟୋରି-୨’ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ଆଉ ୨ଟି ଫିଲ୍ମ ରହିଛି ; ଯେଉଁଥିପାଇଁ ସେ ବ୍ୟସ୍ତ ରହିଛନ୍ତି। ଏହା ବ୍ୟତୀତ ସେ ଅନେକ ଟିଭି ଶୋ’ରେ ମଧ୍ୟ ନଜରକୁ ଆସିଛନ୍ତି।



# ସ୍ୱର୍ଗତା ସ୍ତ୍ରୀଙ୍କ ସ୍ମୃତିରେ ୧୬୦୦ କି.ମି. ଗାଡ଼ି ଚଳାଇଲେ ୮୩ ବର୍ଷୀୟ



**ଏଡିନବର୍ଗ:** କଥାରେ ଅଛି ପ୍ରେମ ଅନ୍ଧ ହୋଇଥାଏ। ଜଣେ ୮୩ ବର୍ଷୀୟ ବୃଦ୍ଧ ଏହାକୁ ପ୍ରମାଣ କରିଛନ୍ତି। ଜର୍ମାନୀର ଜଣେ ବ୍ୟକ୍ତି ତାଙ୍କ ସ୍ୱର୍ଗତ ସ୍ତ୍ରୀଙ୍କୁ ମନେପକାଇ ୧୬୦୦ କି.ମି. ରାସ୍ତା ନିଜେ ଗାଡ଼ି ଚଳାଇ ସ୍କଟଲାଣ୍ଡରେ ପହଞ୍ଚି ୨୦ ବର୍ଷର ସ୍ମୃତିକୁ ତାଜା କରିଛନ୍ତି। ବିବାହ ପରେ ହନିମୁନ ମନେଇବାକୁ ସ୍କଟଲାଣ୍ଡ ଆସିଥିବା ଯୁବକ ଜୋଲ ଏଷ୍ଟନ ଏହି ବ୍ୟକ୍ତିଙ୍କ ବାବଦରେ ଟୁଇଟ୍ କରି ଜଣାଇଛନ୍ତି। ଜୋଲ ଲେଖିଛନ୍ତି, ୪ ବର୍ଷ ପୂର୍ବେ ସ୍ତ୍ରୀଙ୍କୁ ହରାଇଥିବା ଜଣେ ୮୩ ବର୍ଷୀୟ ବୃଦ୍ଧଙ୍କୁ ସେ ଭେଟିଛନ୍ତି। ବୃଦ୍ଧ ଜଣକ ଗତ ୨ ସପ୍ତାହ ହେବ ଜର୍ମାନୀରୁ ସ୍କଟଲାଣ୍ଡ ୧୬୦୦ କି.ମି. ରାସ୍ତା ଗାଡ଼ି ଚଳାଇ ସେହି ସବୁ ଜାଗା ବୁଲୁଛନ୍ତି, ଯାହା ସେ ତାଙ୍କ ସ୍ତ୍ରୀଙ୍କ ସହ ୨୦ ବର୍ଷ ଆଗରୁ ଆସିଥିଲେ। ଜୋଲ ହନିମୁନ ପାଇଁ ଆସି ରହୁଥିବା ପାଖ ଘରେ ବୃଦ୍ଧ ଜଣକ ରହିଥିଲେ। ବୃଦ୍ଧଙ୍କ ସହ ଜୋଲ କଥା ହୋଇ ଭଲ ସ୍ମୃତି କରିଥିବା ସେ କହିଛନ୍ତି। ଜୋଲ ପରେ କେବେ ବୃଦ୍ଧଙ୍କୁ ଦେଖା ହେବା ପାଇଁ ଜର୍ମାନୀ ଯିବେ ବୋଲି କହିଛନ୍ତି। ବର୍ତ୍ତମାନ ଦୁହେଁ ମେଲ ଜରିଆରେ କଥା ହେବେ ବୋଲି ସେ କହିଛନ୍ତି।

# ପୋଷା ମୂଷାର ଅସ୍ଥି ସହ ଦମ୍ପତିଙ୍କ ବିଶ୍ୱ ଭ୍ରମଣ

**ଲଣ୍ଡନ:** ମଣିଷ ଏବଂ ପ୍ରାଣୀଙ୍କ ମଧ୍ୟରେ ଗଭୀର ବନ୍ଧୁତା ଅନେକ ସମୟରେ ଦେଖିବାକୁ ମିଳିଛି। ଯେଉଁଥିରେ ଉଭୟେ ଉଭୟଙ୍କ ପାଇଁ ବହୁତ କିଛି କରିଥାନ୍ତି। ନିକଟରେ ଜଣେ ମହିଳା ପୋଷା ମୂଷାର ଅସ୍ଥିକୁ ଦୁନିଆ ବୁଲେଇବାକୁ ବାହାରିଛନ୍ତି। ରିପୋର୍ଟ ମୁତାବକ, ବ୍ରିଟେନ୍ ବ୍ରିମିଂହମ୍‌ର ବାସିନ୍ଦା ୪୭ ବର୍ଷୀୟା ଲିସା ମୁରେ ଲାଙ୍ଗଙ୍କ ଗୋଲ୍ଡେନ



ହମ୍‌ଷ୍ଟର ଏବଂ ସିରିୟାନ୍ ହମ୍‌ଷ୍ଟର ପ୍ରଜାତିର ଏକ ମୂଷା ଥିଲା, ଯାହାର ନାମ ସ୍ମୁଡ୍ ଥିଲା। ଲିସା ସ୍ମୁଡ୍‌କୁ ବହୁତ ଭଲ ପାଉଥିଲେ। ସ୍ମୁଡ୍‌କୁ ବୁଲିବା ବହୁତ ପସନ୍ଦ ଥିଲା। କିନ୍ତୁ ୨୦୨୨ ମାର୍ଚ୍ଚରେ ତା’ର ମୃତ୍ୟୁ ହୋଇଗଲା। ଲିସା ତା’ ଅସ୍ଥିକୁ ଆମେରିକାର ମିୟାମିର ସମୁଦ୍ରରେ ବିସର୍ଜନ କରିବା ପାଇଁ ୧୧ ହଜାର କି.ମି. ବିମାନ ଯାତ୍ରା କରି ଆସିଥିଲେ। ଲିସା ସ୍ମୁଡ୍‌କୁ ସବୁବେଳେ ତାଙ୍କ ସହିତ ରଖିବାକୁ ଚାହୁଁଥିଲେ। ସେଥିପାଇଁ ସେ ସ୍ମୁଡ୍‌ର କିଛି ଅସ୍ଥିକୁ ଲକେଟ୍ କରି ପିନ୍ଧୁଛନ୍ତି। ତେବେ ସେ ତାଙ୍କ ପୋଷା ମୂଷା ସ୍ମୁଡ୍‌ର ଇଚ୍ଛା ପୂରଣ କରିବାକୁ ସେହି ଲକେଟ୍ ପିନ୍ଧି ବିଭିନ୍ନ ସ୍ଥାନ ବୁଲୁଛନ୍ତି। ଲିସା କହିଛନ୍ତି, ସ୍ମୁଡ୍‌କୁ ୟୁରୋପର ଲଣ୍ଡନ, ପ୍ୟାରିସ୍ ଏବଂ ଆମଷ୍ଟରଡାମ୍‌ରେ ବୁଲିବା ବେଶି ପସନ୍ଦ ଥିଲା। ହେଲେ ସେମାନେ ଏହି ସହରକୁ କେବେ ଯାଇନାହାନ୍ତି। ହେଲେ ସେ ସ୍ମୁଡ୍ ପାଇଁ ଏହି ସହରର ନକ୍ସା କାର୍ଡବୋର୍ଡରେ ତିଆରି କରିଥିଲେ, ଯେଉଁଥିରେ ସେ ସବୁବେଳେ ବୁଲୁଥିଲା। ପ୍ରଥମ ଥର ସ୍ମୁଡ୍‌ର ଅସ୍ଥି ବିମାନରେ ନେବା ପାଇଁ ସେ ଏୟାରଲାଇନ କମ୍ପାନୀକୁ ୩ ଲକ୍ଷ ଟଙ୍କା ଦେଇଥିବା ମଧ୍ୟ କହିଛନ୍ତି। ଏହି ବର୍ଷ ଲିସା ସ୍ମୁଡ୍ ପାଇଁ ତାଙ୍କ ସ୍ୱାମୀଙ୍କ ସହ ସେପ୍ଟେମ୍ବରରେ ପ୍ୟାରିସ୍, ନଭେମ୍ବରରେ ଲଣ୍ଡନ ଏବଂ ଡିସେମ୍ବରରେ ଆମଷ୍ଟରଡାମ୍ ଯିବାକୁ ଯୋଜନା କରିଥିବା କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଟିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍କୁଲ୍ ଚେସ୍: ନମସ୍ୟ ନଳିନୀଙ୍କୁ ଟାଇଟଲ

ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ରାଜ୍ୟ ସ୍କୁଲ୍ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କେଦାରଗୌରୀ ସେଣ୍ଟ ଜାଭିୟର ହାଇସ୍କୁଲର ନମସ୍ୟ ନଳିନୀ ଚାମ୍ପିୟନ ହୋଇଛନ୍ତି। ସେ ପୂରା ୫ ପଏଣ୍ଟ ପାଇଛନ୍ତି। କଟକ ଓଲ୍ଡ ଷ୍ଟିୱାର୍ଟ ସ୍କୁଲର ଲଳିତ ରଞ୍ଜନ ସାହୁ ଓ କଟକ କେଭି-୧ର ଆୟୁଷ ଆର୍ଯ୍ୟନ ମହାପାତ୍ର ୪.୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସତ୍ୟମ ସ୍ୱରୂପ ସାହୁ, ଦୀପ୍ତିରଞ୍ଜନ ସାହୁ, ସ୍ୱସ୍ତିକ ବେହେରା, ପ୍ରିୟଦର୍ଶନ ରାୟ, ସିଦ୍ଧାର୍ଥ ମଲିକ, ଅଦିମାନନ ନାୟକ ଓ ଓମ୍ କ୍ରିଷ୍ଣା ପ୍ରଧାନ ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଖେଳାଳିଙ୍କୁ ପ୍ରଦର୍ଶନ ଭିତ୍ତିରେ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ୪ ବର୍ଷୀୟ ଅନନ୍ୟା ମିଶ୍ର ଓ ଅନୁଶ୍ରୁତ ମିଶ୍ର (ଯାଆଁଳା) ପ୍ରତିଯୋଗିତାର ସର୍ବକନିଷ୍ଠ ଖେଳାଳି ଥିଲେ। ରାଉରକେଲାସ୍ଥିତ ହାଇ-ଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ ଆଚାର୍ଯ୍ୟ, ସାମାଜିକ କର୍ମୀ ସଙ୍ଗୀତା ଷଡ଼ଙ୍ଗୀ ଓ ରାଜ୍ୟ ଗୁଇନ୍ଦା ଇନ୍‌ସ୍ପେକ୍ଟର ପ୍ରିୟଦର୍ଶିନୀ ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ସାଇ ବୀଣାପାଣି ଜ୍ଞାନମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ଉପସ୍ଥିତ ଥିଲେ।


ପୁରସ୍କାର ସହ କୃତୀ ପ୍ରତିଯୋଗୀ।

# କ୍ରୀଡ଼ାବିତ୍, କୋଚ୍ ପୁରସ୍କୃତ



ସୁସ୍ମିତା ଟିଗାଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ମୁକୁନ୍ଦ ବରାଳ କ୍ରୀଡ଼ା ପ୍ରତିଭା ସମ୍ମାନ

ଭୁବନେଶ୍ୱର,୯।୭ (ତପନ ସ୍ୱାଇଁ)

ଓଡ଼ିଶାର ୫ କ୍ରୀଡ଼ାବିତ୍ ଓ କୋଚ୍‌ଙ୍କୁ ଅଷ୍ଟମ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡା ପ୍ରତିଭା ଓ କ୍ରୀଡାଗୁରୁ ସମ୍ମାନ ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧିତ ହୋଇଥିବା କ୍ରୀଡାବିତମାନେ ହେଲେ ବାପି ଦାସ (କୁସ୍ତି), ଡି. ଭଗବାନ ରେଡ୍ଡି (କରାଟେ), ଶୁଭସ୍ମିତା ରାଉତ (ଫୁଟବଲ), ମହମ୍ମଦ ଅନସରୁଲ୍ଲ (ସଫ୍ଟ ଟେନିସ) ଓ ସୁସ୍ମିତା ଟିଗା (ଆଥଲେଟିକ୍ସ)। ସୁସ୍ମିତାଙ୍କୁ ଉଦୀୟମାନ ଆଥଲେଟ ପାଇଁ ପ୍ରଦାନ କରାଯାଉଥିବା ମୁକୁନ୍ଦ ବରାଳ ସ୍ମାରକୀ-ଅନୁରାଧା ବିଶ୍ୱାଳ କ୍ରୀଡା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। କ୍ରୀଡାଗୁରୁ ଭାବେ ରବି ସେନାପତି (କୁସ୍ତି), ସୁଷମା ନନ୍ଦ (ଭଲିବଲ), ଅମୂଲ୍ୟ ବେହେରା (ହକି), ନୀଳମଣି ଦାସ (ଆଥଲେଟିକ୍ସ) ଓ ଗଣେଶ୍ୱର ଗୋଛିକାର (ଯୋଗ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୀୟୁଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ବିଧୁଭୂଷଣ ନାୟକ, ନବରଞ୍ଜନ ପଟ୍ଟନାୟକ, ଡ. ବିଶ୍ୱନାଥ ପଟ୍ଟନାୟକ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର, ଅଲମ୍ପିଆନ ଅନୁରାଧା ବିଶ୍ୱାଳ, ଶିକ୍ଷାବିତ ଡ. ବଦ୍ରିନାଥ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟି ନବକିଶୋର ବରାଳ, କୈବଲ୍ୟ ବରାଳ ଓ ଅଜିତ କୁମାର, ଗୌରୀଶଙ୍କର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ପୁରୀର ପ୍ରଥମ କୁସ୍ତି ଗୁରୁ ଭାବେ ପରିଚିତ ମୁକୁନ୍ଦ ବରାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉଦୀୟମାନ କ୍ରୀଡାବିତ୍ ଓ କ୍ରୀଡାଗୁରୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି।

### ୨୧ବର୍ଷରୁ କମ୍ ତୀରନ୍ଦାଜୀ

# ପ୍ରିୟାଂଶ କମ୍ପାଉଣ୍ଡ ବିଶ୍ୱ ଚାମ୍ପିୟନ

ଲିମରିକ୍ (ଆୟର୍ଲାଣ୍ଡ),୯।୭ (ପି.ଟି.)

ଭାରତର ପ୍ରିୟାଂଶ କମ୍ପାଉଣ୍ଡ ତୀରନ୍ଦାଜୀରେ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ଫଳରେ ଦେଶର ପଦକ ସଂଖ୍ୟା ୫ ସ୍ୱର୍ଣ୍ଣ ସମେତ ୯ରେ ପହଞ୍ଚିଛି। ଚଳିତ ବିଶ୍ୱ ତୀରନ୍ଦାଜୀ ୟୁଥ୍ ଚାମ୍ପିୟନଶିପ୍‌ର ୨୧ ବର୍ଷରୁ କମ୍ ବ୍ୟକ୍ତିଗତ ଫାଇନାଲରେ ପ୍ରିୟାଂଶ ସ୍ଲୋଭେନିଆର ଅଲ୍‌ଜାଜ୍ ବ୍ରେଙ୍କ୍‌ଙ୍କୁ ୧୪୭-୧୪୧ରେ ହରାଇ ଦେଇଛନ୍ତି। ପୂର୍ବରୁ ଅଦିତି ସ୍ୱାମୀ ଯୁକ୍ତରାଷ୍ଟ୍ର ଆମେରିକାର ଲିନ୍ ଡ୍ରେକ୍‌ଙ୍କୁ ୧୪୨-୧୩୬ରେ ପରାସ୍ତ କରି ୧୮ବର୍ଷରୁ କମ୍ ମହିଳା ଟାଇଟଲ ଜିତିଥିଲେ। ଭାରତର ଅଭନିତ କୌର ବ୍ରୋଞ୍ଜ ପଦକ ମୁକାବିଲାରେ ଗ୍ରେଟ୍ ବ୍ରିଟେନର ହାଲେ ବୋଲ୍ଟନଙ୍କଠାରୁ ଏକ ଶୁଟ୍ ଅଫ୍‌ରେ ହାରିଯାଇଛନ୍ତି।

# ଆର୍‌ବି ଚେସ୍: ଆଦ୍ୟା ଅଭିତ ଚାମ୍ପିୟନ

ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ)

ପୋଖରୀପୁଟସ୍ଥିତ ଆର୍‌ବି ଚେସ୍ ସେଣ୍ଟର୍ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ଚେସ୍ ଚାମ୍ପିଅନଶିପ୍‌ରେ ଆଦ୍ୟା ଅଭିତ ଦାସ ଚାମ୍ପିୟନ ହୋଇଛନ୍ତି। ସତ୍ୟ ସ୍ୱରୂପ ତ୍ରିପାଠୀ ରନର୍ସଅପ୍ ଏବଂ ସାଇ ସ୍ୱାଗତ ପରିଜା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଇହାନ ଚୌଧୁରୀ, କନିଥି ବେଦାନ୍ତ ସାଇ, ଅର୍ଦ୍ଧେନ୍ଦୁ ପଣ୍ଡା, ପ୍ରତୀକ୍ଷା ଦାସ, ପ୍ରୀୟାଂଶୁ ଦାଶ, ଓମ୍ ଅର୍ପଣ ନାୟକ ଏବଂ ଅଂଶୁମାନ ବେହେରା ପ୍ରଥମ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଉମେଶ ଚନ୍ଦ୍ର ପଣ୍ଡା, ନିର୍ଦ୍ଦେଶକ ଏବଂ ପ୍ରତିଷ୍ଠାତା ପି. ବି. ସାମନ୍ତସିଂହ, ମୁଖ୍ୟ ପ୍ରଶିକ୍ଷକ ଦେବୀ ପ୍ରସାଦ ବିଶ୍ୱାଳ ଏବଂ ବୈଜ୍ଞାନିକ ପ୍ରଭାସ ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ଶୁଭ୍ରଜିତ ମହାରଣାଙ୍କୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ)

ଉଗାଣ୍ଡାର କମ୍ପାଲାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ଶୁଭ୍ରଜିତ ମହାରଣା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଡବଲ୍ସ ଇଭେଣ୍ଟରେ ସେ ଏହି ସଫଳତା ପାଇଛନ୍ତି। ପ୍ରଶାନ୍ତ କୁମାର ସିହ୍ନାଙ୍କୁ ସାଥୀକରି ଶୁଭ୍ରଜିତ ଟୁର୍ନାମେଣ୍ଟ ଖେଳିଥିଲେ। ଏହି ଯୋଡ଼ି କାମେରୁନ୍‌ର ଇମାନୁଏଲ ପିନୋଚେଟ ଓ ଇଟିନେ ସୋଙ୍ଗାଙ୍କୁ ୨୧-୧୫, ୧୭-୨୧, ୨୭-୨୫ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ଏହି ପର୍ଯ୍ୟାୟରେ ନିଜ ଦେଶର ନବୀନ ଶିବକୁମାର ଓ ଚନ୍ଦ୍ର ପ୍ରକାଶ ଯୋଡ଼ିଙ୍କଠାରୁ ୧୧-୨୧,୪-୨୧ରେ ହାରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ପ୍ରତିଯୋଗିତାରେ ଶୁଭ୍ରଜିତ ଓଡ଼ିଶାରୁ ଏକ ମାତ୍ର ଖେଳାଳିଭାବେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ।

### ପାରା ଆଥ୍‌ଲେଟିକ୍ସ ବିଶ୍ୱ ଚାମ୍ପିୟନଶିପ୍

# ରକ୍ଷିଥା ୧୫୦୦ ମିଟର ଫାଇନାଲରେ

ପ୍ୟାରିସ, ୯।୭ (ପି.ଟି.)

ଦୃଷ୍ଟିବାଧିତ କର୍ଣ୍ଣାଟକ ଧାବିକା ରକ୍ଷିଥା ରାଜୁ ଏଠାରେ ଚାଲିଥିବା ପାରା ଆଥ୍‌ଲେଟିକ୍ସ ବିଶ୍ୱ ଚାମ୍ପିୟନଶିପ୍ ମହିଳା ଟି-୧୧ କାଟେଗୋରି ୧୫୦୦ମିଟର ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୮ ପାରା ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ଦ୍ୱିତୀୟ ହିଟ୍‌ରେ ୫:୨୬.୪୭ ସେକେଣ୍ଡ ଟାଇମିଂ ସହ ସୋମବାର ଫାଇନାଲକୁ କ୍ୱାଲିଫାଏ କରିଛନ୍ତି। ପ୍ରତି ହିଟ୍‌ର ପ୍ରଥମ ଦୁଇ ଏବଂ ପରବର୍ତ୍ତୀ ଦୁଇ ଦ୍ରୁତତମ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସୋମବାର ୭ଜଣଙ୍କୁ ନେଇ ଫାଇନାଲ ହେବ, ସେମାନଙ୍କ ମଧ୍ୟରେ ରକ୍ଷିଥା ୫ମ ସ୍ଥାନରେ ଅଛନ୍ତି। ରକ୍ଷିଥାଙ୍କ ସହିତ କୋଚ୍ ଭାବେ ରାହୁଲ ବାଲକ୍ରିଷ୍ଣା ଯାଇଛନ୍ତି। ସୂଚନାଯୋଗ୍ୟ, ରକ୍ଷିଥା ଗୁଆଙ୍ଗଝୋ ଏସିଆନ ଗେମ୍ସ ୧୫୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ତାଙ୍କ କାଟେଗୋରିରେ ଏହି ସଫଳତା ହାସଲ କରିବାରେ ସେ ଦେଶର ପ୍ରଥମ ମହିଳା ଆଥଲେଟ।

# ଡି'ଅର୍ ପୁରସ୍କାର ବିଜେତା ସୁଆରେଜଙ୍କ ଦେହାନ୍ତ

ବାର୍ସିଲୋନା (ସ୍ପେନ), ୯।୭ (ଏପି)

ସ୍ପେନର ଏକମାତ୍ର ଖେଳାଳି ଭାବେ ଫୁଟବଲ୍‌ର ସବୁଠାରୁ ମର୍ଯ୍ୟାଦାପୂର୍ଣ୍ଣ ବ୍ୟକ୍ତିଗତ ପୁରସ୍କାର ବାଲନ ଡି'ଅର ପୁରସ୍କାର ଜିତିଥିବା ଲୁଇସ୍ ସୁଆରେଜ ମୀରାମଣ୍ଟେସଙ୍କ ପରଲୋକ ଘଟିଛି। ପୂର୍ବତନ ଇଣ୍ଟରମିଲାନ ଖେଳାଳି 'ଗୋଲ୍ଡେନ ଗାଲିସିଆନ' ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁର କାରଣ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ସ୍ପେନର ଉତ୍ତରପୂର୍ବାଞ୍ଚଳରେ ଅବସ୍ଥିତ ଗାଲିସିଆରେ ଜନ୍ମ ଗ୍ରହଣ କରିଥିବା ଏହି ମିଡ୍‌ଫିଲ୍ଡର ଇଟାଲୀରେ ଇଣ୍ଟରମିଲାନ ସହ ଅନେକ ଟ୍ରଫି ଜିତିଛନ୍ତି। ତନ୍ମଧ୍ୟରେ ୧୯୬୪ ଓ ୧୯୬୫ ୟୁରୋପିଆନ କପ୍ ଏବଂ ୩ଟି ଇଟାଲିଆନ ଲିଗ୍ ଟାଇଟଲ। ସୁଆରେଜ ଦୁଇଟି ସ୍ପାନିଶ ଟାଇଟଲ ଜିତିବା ପରେ ବାର୍ସିଲୋନାରୁ ଯାଇ ଇଣ୍ଟରମିଲାନରେ ଯୋଗଦେଇଥିଲେ। ସୁଆରେଜ ୧୯୬୦ରେ ବାଲାନ ଡି'ଅର ପୁରସ୍କାର ଜିତିଥିବାବେଳେ ୧୯୬୧ ଓ ୧୯୬୪ରେ ରନର-ଅପ୍ ହୋଇଥିଲେ। ସେ ଖେଳୁଥିବା ବେଳେ ସ୍ପେନ ଦଳ ୧୯୬୪ରେ ୟୁରୋପିଆନ ଚାମ୍ପିୟନଶିପ୍ ଜିତିଥିଲା। ଦେଶର ଏହାଥିଲା ପ୍ରଥମ ପ୍ରମୁଖ ଟାଇଟଲ। ୧୯୭୩ରେ ଅବସର ନେବାପରେ ସୁଆରେଜ ୩ଥର ଇଣ୍ଟରମିଲାନର କୋଚ୍ ରହିଛନ୍ତି। ୧୯୮୮ରୁ ୯୧ ପର୍ଯ୍ୟନ୍ତ ସେ ସ୍ପେନ ଜାତୀୟ ଦଳର କୋଚ ରହିଥିଲେ। କୌତୂହଳର କଥା ସ୍ପେନର ପରବର୍ତ୍ତୀ ସୁପରଷ୍ଟାର ଖେଳାଳି ଆନ୍ଦ୍ରେସ୍ ଇନିଷ୍ଟା, ଜାଭି ହର୍ନାଣ୍ଡେ ଓ ରାଉଲ ଗୋଞ୍ଜାଲେଜ ବାଲନ ଡି'ଅର ପୁରସ୍କାର ଜିତିବାରେ ସମର୍ଥ ହୋଇପାରି ନାହାନ୍ତି।


# Classified Everyday
0674-2580101, 2549949


REAL ESTATE

SALE

ଭୁବନେଶ୍ୱର କଣ୍ଟାବାଡ଼ ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952. D-74886

Duplex sale at Bhubaneswar @ 57 Lakhs only. Contact: 9777433701. D-74881

ଭୁବନେଶ୍ୱର ପିତାପଲ୍ଲି ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952. D-74885

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723. D-74882

3BHK Duplex for sale near East Engineering College Nakhara with gated society. Contact: 9437581914. D-0648


CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-0627




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75004

Spa Kerala Body Massage only best Therapist @699/- Bhubaneswar, 9337672475. D-0750

Newly open health benefits SPA special offer @ 799 Jaydev Vihar. 8018429809. D-75128

Newly open Spa positively health benefits with expert therapist. 9040286886. D-75127

Herbal full body massage by smart/expert therapist. Contact: 9124139069. D-75005

**Relax, Refresh your Body, Mind at Saikrupa Spa with best therapies. 8984068077.** D-0725

Newly open Salon /Spa with expert therapist (Health Benefits). 9090400507. D-75126

AFFIDAVIT

As per affidavit before Executive Magistrate, I, Sukanti Patra and Shakuntala Patra is one and same person. My name is in LIC Policy Bond No. 597029788 Shakuntala Patra. Henceforth I shall be known as Sukanti Patra for all purposes in future. D-0785

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

As per affidavit before Executive Magistrate, I, Parbati Nayak and Panchali Nayak is one and same person. My name is in LIC Policy Bond No. 588494600 Panchali Nayak. Henceforth I shall be known as Parbati Nayak for all purposes in future. D-0784

By virtue of an affidavit sworn before the Executive Magistrate, Bhadrak, Odisha, I, PRATIK KUMAR PALAI, S/o: PRADIP KUMAR PALAI declare that the actual name of my Father is Pradip Kumar Palai (AADHAAR No. xxxxxxxx1752) but in Educational Certificate (10th & 12th) my Father's name is wrongly recorded as Pradeep Kumar Palai. Both the names stand for one and same person. D-0787

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOST

ମୁଁ, ସୁନିତା ଚୌଧୁରୀ (୩୮)ବର୍ଷ, ସ୍ୱାମୀ ହରେକୃଷ୍ଣ ଚୌଧୁରୀ, ଗ୍ରାମ: ବିପୁଲିଙ୍ଗ, ଥାନା: ଛତ୍ରପୁର, ଗଞ୍ଜାମ ଲେଖି ଜଣାଇବା ଏହିକି ତାରିଖ ୦୩।୦୭।୨୦୨୩ ଦିନ ମୁଁ ଗାଡ଼ିରେ ଛତ୍ରପୁରଠାରୁ ବିପୁଲିଙ୍ଗ ଯିବା ବାଟରେ ମୁଁ ମୋର ବ୍ୟାଗ୍ ସହ ସେଥିରେ ଥିବା ବିକ୍ରୟ ଦଲିଲ ରେଜିଷ୍ଟ୍ରେସନ୍ ID No.- 571802789, ରେଜିଷ୍ଟ୍ରେସନ ଡକ୍ୟୁମେଣ୍ଟ ନଂ.- 10571802727/ 01.08.2018, ଏରିଆ- 0.450DC କେଉଁଠି ପଡ଼ି ହଜିଯାଇଛି। ଯଦି କୌଣସି ବ୍ୟକ୍ତି ପାଆନ୍ତି ନିମ୍ନଲିଖିତ ଠିକଣା କିମ୍ବା ଛତ୍ରପୁର ଥାନାରେ ଜଣାଇବାକୁ ଅନୁରୋଧ। ଧ-୦୭୮୭

ଧରିତ୍ରୀ DHARITRI Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ବାସନ୍ତୀ ଜେନା
ବଡ଼ଗଡ଼, ଭୁବନେଶ୍ୱର
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
::ବିନମ୍ର ଶ୍ରଦ୍ଧାଞ୍ଜଳି ସହିତ::
ନଣନ୍ଦ: ସଂଯୁକ୍ତା ରାଉଳ, ନଣନ୍ଦେଇ: ରମେଶ, ଭାଣିଜୀ: ସୀମା ଓ ଲିମା, ଭଣଜା: ବାବୁ, ଭଣଜାବୋହୂ: ପୂଜା, କୁନି ନାତୁଣି: ପ୍ରିସା। ଧ-୭୩୭୬

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଖଗେଶ୍ୱର ନାୟକ
ମଧୁଶାସନ, ବିଳପାତ୍ର ସାହି, କେନ୍ଦ୍ରାପଡ଼ା
ଆବିର୍ଭାବ-୦୫।୦୬।୧୯୨୨
ତିରୋଧାନ- ୩୦।୦୬।୨୦୨୩
ବାପା, ତୁମେ ଆମକୁ ଛାଡ଼ି ନୀଳାଦ୍ରିବିଜେରେ ସ୍ୱର୍ଗାରୋହଣ କଲ। ତୁମର ଭଲପାଇବା, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ଉପଦେଶ ଓ ହସହସ ମୁହଁ ସର୍ବଦା ମନେପଡୁଛି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ତଥା ପୁତ୍ର, ପୁତ୍ରବଧୂ, ପୁତୁରା, ଝିଆରୀ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଆଦି ଆତ୍ମୀୟସ୍ୱଜନ। ଧ-୦୭୪୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ବାସନ୍ତି ଜେନା
ବଡ଼ଗଡ଼, ଉପରସାହି, ଭୁବନେଶ୍ୱର
ତିରୋଧାନ- ୨୦।୦୭।୨୦୨୨
ତୁମର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଉପଦେଶ ଓ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:- ପୁଅ,ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ପୁତୁରାବୋହୂ, ଭଣଜା, ଭାଣିଜୀ, ନାତି, ନାତୁଣୀ ଓ ବନ୍ଧୁପରିଜନ। ଧ-୦୭୮୧

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# କୃତ୍ରିମ ମେଧା-କିଛି କଥା



ଡ. ମୃଦୁଳା ମିଶ୍ର

**'ଏ ଆଇ' କେବଳ ବିଶେଷଜ୍ଞମାନଙ୍କ କାର୍ଯ୍ୟରେ ନୁହେଁ, ସାଧାରଣ ମଣିଷର ଜୀବନରେ ମଧ୍ୟ ପ୍ରଭାବ ବିସ୍ତାର କରି ଚାଲିଛି। ମୋବାଇଲର ବହୁ ଆପ୍‌ରେ ଏବେ ଏହାର ବ୍ୟବହାର ହେଉଛି। ଫଟୋ ଭିତରୁ କାହାରି ମୁହଁ ଚିହ୍ନିବା, ମାନଚିତ୍ରରେ ଗନ୍ତବ୍ୟସ୍ଥଳର ରାସ୍ତା ଦେଖେଇବା, ଟାଇପ କଲାବେଳେ ଖୋଜୁଥିବା ଶବ୍ଦଟିର ସୂଚନା ଦେବା, ଟାଇପ ପରିବର୍ତ୍ତେ ଶ୍ରୁତିଲିଖନ ନେବା, ଇ-ମେଲ୍‌ର ସମ୍ଭାବ୍ୟ ସଂକ୍ଷିପ୍ତ ଉତ୍ତର ତିଆରି କରି ଦେବା-ଏ ସବୁ କିଛି ହିଁ 'ଏ ଆଇ'ର ମହିମା ଓ ପ୍ରକାଶ।**

ସଂପ୍ରତି ଗଣମାଧ୍ୟମ ଓ ସାମାଜିକ ମାଧ୍ୟମରେ କୃତ୍ରିମ ମେଧା ବା କୃତ୍ରିମ ବୁଦ୍ଧିମତ୍ତାକୁ (ଇଂଲିଶରେ ଯାହାକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କୁହାଯାଉଛି) ନେଇ ଖୁବ୍ ଚର୍ଚ୍ଚା ହେଉଛି। ଏଥିପାଇଁ ଦାୟୀ ମାର୍କିନ ପ୍ରଯୁକ୍ତି ସଂସ୍ଥା 'ଓପେନଏଆଇ' ଦ୍ୱାରା ନିର୍ମିତ ହୋଇଥିବା ଚାଟବଟ (ଚାଟ କରୁଥିବା ରୋବଟ), 'ଚାଟଜିପିଟି'।

ଆଜିଯାଏ 'ଚାଟଜିପିଟି' ପରି ଆଉ କୌଣସି 'କୃତ୍ରିମ ମେଧା' ଜନମାନସକୁ ଏଭଳି ଆଲୋଡ଼ିତ କରି ନ ଥିଲା। ଏହାର ଆଗମନରେ ଶିକ୍ଷକ, ସାମ୍ବାଦିକ, ସ୍କ୍ରିପ୍ଟ-ଲେଖକ, ପ୍ରୋଗ୍ରାମର-ସହଜରେ କହିଲେ ଯେଉଁମାନଙ୍କର ଜୀବିକା ବିଷୟବସ୍ତୁ ବା କଣ୍ଟେଣ୍ଟ ପ୍ରସ୍ତୁତି ଉପରେ ନିର୍ଭରଶୀଳ-ସେମାନେ ଆଜି ପ୍ରଭାବିତ। ମାତ୍ର ଏବେ 'ଏ ଆଇ' କେବଳ ବିଶେଷଜ୍ଞମାନଙ୍କ କାର୍ଯ୍ୟରେ ନୁହେଁ, ସାଧାରଣ ମଣିଷର ଜୀବନରେ ମଧ୍ୟ ପ୍ରଭାବ ବିସ୍ତାର କରି ଚାଲିଛି। ମୋବାଇଲର ବହୁ ଆପ୍‌ରେ ଏବେ ଏହାର ବ୍ୟବହାର ହେଉଛି। ଫଟୋ ଭିତରୁ କାହାରି ମୁହଁ ଚିହ୍ନିବା, ମାନଚିତ୍ରରେ ଗନ୍ତବ୍ୟସ୍ଥଳର ରାସ୍ତା ଦେଖେଇବା, ଟାଇପ କଲାବେଳେ ଖୋଜୁଥିବା ଶବ୍ଦଟିର ସୂଚନା ଦେବା, ଟାଇପ ପରିବର୍ତ୍ତେ ଶ୍ରୁତିଲିଖନ ନେବା, ଇ-ମେଲ୍‌ର ସମ୍ଭାବ୍ୟ ସଂକ୍ଷିପ୍ତ ଉତ୍ତର ତିଆରି କରି ଦେବା-ଏ ସବୁ କିଛି ହିଁ 'ଏ ଆଇ'ର ମହିମା ଓ ପ୍ରକାଶ। ଗୁଗଲ୍‌ର ତଥ୍ୟ ସମୁଦ୍ରକୁ ଆମେ ପ୍ରତିନିୟତ ମନ୍ଥନ କରି ଚାଲିଛେ, ଏହା ମଧ୍ୟ 'ଏ ଆଇ'ର ପ୍ରୟୋଗ। 'ଏ ଆଇ'ର ପ୍ରୟୋଗ କ୍ଷେତ୍ର ଅବଶ୍ୟ ଏହାଠାରୁ ଅନେକ ବ୍ୟାପକ। ଚିକିତ୍ସାବିଦ୍ୟାରେ ରୋଗ ନିରୂପଣଠାରୁ ଆରମ୍ଭ କରି, ଔଷଧ ତିଆରିର କଳାକୌଶଳ, ରୋବଟର ଗତି ନିୟନ୍ତ୍ରଣଠାରୁ ଆରମ୍ଭ କରି ସ୍ୱୟଂଚାଳିତ ଗାଡ଼ି, ଏପରି କି ଶେୟାର ବଜାର ମୂଲ୍ୟର ହ୍ରାସବୃଦ୍ଧିର ପୂର୍ବାନୁମାନଠାରୁ ଜ୍ୟୋତିପଦାର୍ଥବିଜ୍ଞାନର ବିପୁଳ ତଥ୍ୟ ବିଶ୍ଳେଷଣ, ଏହି ସବୁ ପାଇଁ ଏବେ ଏହି ପ୍ରଯୁକ୍ତି ଅପରିହାର୍ଯ୍ୟ ହୋଇଛି।

ବୁଦ୍ଧି କ'ଣ ? ବୁଦ୍ଧିର ପ୍ରକୃତିକୁ ନେଇ ଆମମାନଙ୍କ ମନରେ ବିଭିନ୍ନ ପ୍ରକାର ଧାରଣା ଅଛି। ଆମର ପ୍ରଚଳିତ ଧାରଣା-ଆମ ପାଇଁ ଯାହା କଷ୍ଟକର, ସେଥିରେ ବୁଦ୍ଧିର ପ୍ରୟୋଜନ। କିନ୍ତୁ କମ୍ପ୍ୟୁଟରର ସାମର୍ଥ୍ୟ ଭିନ୍ନ। ତାହା ମୁହୂର୍ତ୍ତକ ଭିତରେ ଅନେକ ଗଣନା କରିପାରେ, ଲକ୍ଷେ ତଥ୍ୟ ଭିତରୁ ପ୍ରୟୋଜନୀୟ ତଥ୍ୟ ଖୋଜି ଦେଇପାରେ। ଏହି କାର୍ଯ୍ୟ ଆମ ପାଇଁ କଷ୍ଟସାଧ୍ୟ। ଆମେ ଏହା କରିବାକୁ ଗଲେ ଆମର ବହୁ ସମୟ ଲାଗିବ, ଭୁଲ୍ ହେବ। ପୁଣି ଆମେ ଖୁବ୍ ସହଜରେ ଆମ ଆଖପାଖ ବସ୍ତୁକୁ ଚିହ୍ନି ପାରୁ, ସେସବୁର ଆକୃତି ଓ ଅବସ୍ଥାନ ବିଷୟରେ ଧାରଣା କରିପାରୁ। ଆମେ କଥା କହି ଓ ଶୁଣି ନିଜ ଭିତରେ ନିର୍ଭୁଲ୍‌ଭାବେ ଯୋଗାଯୋଗ






କରି ପାରୁ। ଏସବୁ କିନ୍ତୁ କମ୍ପ୍ୟୁଟର ପାଇଁ କଷ୍ଟସାଧ୍ୟ। କମ୍ପ୍ୟୁଟରକୁ ଦେଇ ଏହି ଆପାତ ସହଜ କାର୍ଯ୍ୟଗୁଡ଼ିକୁ ନିର୍ଭରଯୋଗ୍ୟ ଭାବେ କରେଇବା ହେଲା 'ଏ ଆଇ'ର ଅନ୍ୟତମ ଲକ୍ଷ୍ୟ। ତେଣୁ ପ୍ରକୃତିରେ ପ୍ରତ୍ୟେକ ପ୍ରାଣୀର ଆଚରଣରେ କମ୍ ବେଶି ଯେଉଁ ବୁଦ୍ଧିର ପ୍ରକାଶ ଦେଖା ଯାଏ, ମଣିଷ ନିର୍ମିତ କୌଣସି ଯନ୍ତ୍ରରେ ଯଦି ତା'ର ପରିପ୍ରକାଶ ଘଟେ, ତେବେ ତାହାକୁ 'ଏ ଆଇ' ବା 'କୃତ୍ରିମ ମେଧା' କୁହାଯାଇପାରେ। ଏହା ଏକ ଯନ୍ତ୍ର, ଗୋଟିଏ ରୋବଟ, କୌଣସି କାରଖାନାର ସ୍ୱୟଂକ୍ରିୟ ନିୟନ୍ତ୍ରଣ ବ୍ୟବସ୍ଥା ବା ମୋବାଇଲର ଏକ ଆପ୍ ହୋଇପାରେ।

କମ୍ପ୍ୟୁଟରକୁ ସବୁ ନିର୍ଦ୍ଦେଶ ଠିକ୍ ଭାବରେ ନ ଦେଲେ ସେ କାର୍ଯ୍ୟ କରିପାରେ ନାହିଁ। ଗତ ଶତାବ୍ଦୀର ଷାଠିଏ ଦଶକରେ ନିଉୟେଲ ଶ ଓ ସାୟମନ ଦେଖେଇଲେ କେଉଁ ଧରଣର କମ୍ପ୍ୟୁଟର ପ୍ରୋଗ୍ରାମ ଜ୍ୟାମିତିର ଗୋଟିଏ ଉପପାଦ୍ୟକୁ ପ୍ରମାଣ କରିବାରେ ସକ୍ଷମ। ଏହାର ପ୍ରଧାନ ଉପାଦାନ ଥିଲା ସମସ୍ୟା ନିର୍ଭର କେତେଗୁଡ଼ିଏ ସରଳ କୌଶଳ ଓ ସେଗୁଡ଼ିକର ପ୍ରୟୋଗ ପଦ୍ଧତି। ସେମାନେ ଏପରି ଏକ କମ୍ପ୍ୟୁଟର ପ୍ରୋଗ୍ରାମର ଢାଞ୍ଚା ତିଆରି କଲେ, ଯେଉଁଥିରେ ସମସ୍ୟାର ପ୍ରାରମ୍ଭ ଅବସ୍ଥା ଉପରେ ପର୍ଯ୍ୟାୟକ୍ରମିକ ଭାବେ ଏହି ସରଳ କୌଶଳଗୁଡ଼ିକ ପ୍ରୟୋଗ କରି ଜାଣି ହେବ ଗନ୍ତବ୍ୟ ପରିସ୍ଥିତିକୁ ପହଞ୍ଚି ହେଲା କି ନାହିଁ। କାର୍ଯ୍ୟକାରୀ ନ ହେଲେ ପୁଣି ପୂର୍ବ ପରିସ୍ଥିତିକୁ ଫେରି ଅନ୍ୟ କୌଶଳ ବିଷୟରେ ଭାବି ହେବ। ଏହିପରି କେତେଗୁଡ଼ିଏ ସରଳ କୌଶଳ ଦେଇ ଜଟିଳ ସମସ୍ୟାର ସମାଧାନ ସମ୍ଭବ। ଏହାରି ସାହାଯ୍ୟରେ ଦାବା ବା ଚେସ ଖେଳରେ କମ୍ପ୍ୟୁଟରର ନୈପୁଣ୍ୟ ପ୍ରଦର୍ଶିତ ହୋଇଥିଲା। ଚେସପଟାରେ ଗୋଟିର ଅବସ୍ଥାନ ଅନୁସାରେ ଖେଳର ପରିସ୍ଥିତିର ପ୍ରକୃତ ମୂଲ୍ୟାୟନ କରିବାର ଚେଷ୍ଟା ହିଁ ଏହି ଜ୍ଞାନର ମୁଖ୍ୟ କୌଶଳ କୁହାଯାଇପାରେ। ତାହା ସହିତ ଯୁକ୍ତ ହେଲା ଆଧୁନିକ କମ୍ପ୍ୟୁଟରର ତୀବ୍ର ଗତି ଓ ବିପୁଳ ସ୍ମୃତିର ଭଣ୍ଡାର। ଶେଷରେ ୧୯୯୭ରେ ଗ୍ୟାରି କାସ୍ପାରଭକୁ ପରାଜିତ କଲା ଆଇବିଏମ୍‌ର ଡୀପ ବ୍ଲୁ କମ୍ପ୍ୟୁଟରରେ ଅଧିଷ୍ଠିତ ଦାବାର ପ୍ରୋଗ୍ରାମ। କୃତ୍ରିମ ମେଧା ପାଇଁ ଏହା ଥିଲା ଏକ ବିଶେଷ ସାଫଲ୍ୟର ମୁହୂର୍ତ୍ତ। ଏହି ଖେଳ ଛଡ଼ା ଅନେକ ବାସ୍ତବ ସମସ୍ୟା, ଯେମିତି ରାସାୟନିକ ଶିଳ୍ପରେ ପାଇପର ବିନ୍ୟାସ, ରୋବଟର ଗତିପଥ ନିର୍ଦ୍ଧାରଣ, ଧାତବ ପାତ ବା ପ୍ଲାଇଉଡ ପଟାକୁ କାର୍ଯ୍ୟକାରୀ ଭାବେ କାଟିବା ଇତ୍ୟାଦିରେ ଏହି ଢାଞ୍ଚାର ପ୍ରୟୋଗ କରାଯାଏ। ଏବେ କମ୍ପ୍ୟୁଟର-ଯୁକ୍ତ-ପରିକଳ୍ପନା(Computer-aided Design or CAD) ପ୍ୟାକେଜଗୁଡ଼ିକର ଏହା ଅବିଚ୍ଛେଦ୍ୟ ଅଂଶ।

'ଏ ଆଇ'ର ଆଉ ଗୋଟିଏ ଦିଗ ହେଲା କୌଣସି ଲିଖିତ ବର୍ଣ୍ଣନା ପଢ଼ି, ତାହାର ଅର୍ଥ ବୁଝି, ପ୍ରଶ୍ନର ଉତ୍ତର ଦେବା। କମ୍ପ୍ୟୁଟର ଯଦିବା ସହଜରେ ପ୍ରୋଗ୍ରାମ(ଆଲଗରିଦମ)ର ଭାଷା ବୁଝି ପାରେ, କିନ୍ତୁ ଆମ ଲିଖିତ ଭାଷା ବୁଝିବା ସମ୍ପୂର୍ଣ୍ଣ ଏକ ଭିନ୍ନ ବିଷୟ। ପ୍ରୋଗ୍ରାମର ଭାଷାର ଗୋଟିଏ ଅଂଶର ଅର୍ଥ ସମାନ, ତାହା ପ୍ରୋଗ୍ରାମର ଯେଉଁଠି ଥାଉ ନା କାହିଁକି। ମାତ୍ର ଲିଖିତ ଭାଷାର ଗୋଟିଏ ଶବ୍ଦ ବା ବାକ୍ୟ-ଖଣ୍ଡର ଅର୍ଥ କେଉଁ ପ୍ରସଙ୍ଗରେ କୁହାଯାଉଛି, ତାହା ଉପରେ ନିର୍ଭର କରିଥାଏ। ଏଥିପାଇଁ ପ୍ରଥମେ ବାକ୍ୟର ଶବ୍ଦ ଓ ଯତିଚିହ୍ନଗୁଡ଼ିକ ଅଲଗା କରି ବ୍ୟାକରଣ ଅନୁସାରେ ତାହାର ଗଠନ ବୁଝିବାକୁ ପଡ଼େ। ବାକ୍ୟର ଉଦ୍ଦେଶ୍ୟ ବିଧେୟ, ବିଶେଷ୍ୟ ବିଶେଷଣ କ୍ରିୟାପଦ ଇତ୍ୟାଦି ବୁଝି ଗୋଟିଏ ଉପଯୁକ୍ତ ଆଭ୍ୟନ୍ତରୀଣ ବର୍ଣ୍ଣନା ତିଆରି କରାଯାଏ। ଏହି ବର୍ଣ୍ଣନାରେ ପ୍ରତ୍ୟେକ ଶବ୍ଦର ଅର୍ଥ ଓ ସେଗୁଡ଼ିକର ସମ୍ପର୍କକୁ ରଖା ଯାଏ। ଅନେକ ସମୟରେ ଏକାଧିକ ଅର୍ଥର ସମ୍ଭାବନାକୁ ନେଇ ଅଗ୍ରସର ହେବାକୁ ପଡ଼େ, ଯେ ଯାଏଁ ନୂଆ ତଥ୍ୟର ଆଧାରରେ ବୁଝି ହୁଏ ଏଗୁଡ଼ିକ ଭିତରୁ କେଉଁଟି ଠିକ୍। ପୁଣି ଆଉ ଏକ କଠିନ କାର୍ଯ୍ୟ ହେଲା ଗୋଟିଏ ବାକ୍ୟ ସହିତ ତାହାର ପରବର୍ତ୍ତୀ ବାକ୍ୟର ସମ୍ପର୍କ ବୁଝି ଜ୍ଞାନର ଆଭ୍ୟନ୍ତରୀଣ ବର୍ଣ୍ଣନାରେ ଉପଯୁକ୍ତ ପରିବର୍ତ୍ତନ ଓ ପରିବର୍ଦ୍ଧନ କରିବା। ପ୍ରଶ୍ନର ଉତ୍ତର ଦେବା ବେଳେ ଆହୁରି ପ୍ରୟୋଜନୀୟ ହେଲା ଏହି ଜ୍ଞାନର ବର୍ଣ୍ଣନାରୁ ଶୁଦ୍ଧ ବାକ୍ୟ ରଚନା କରିବାର କ୍ଷମତା। ଏହି ପର୍ଯ୍ୟାୟରେ ଅନ୍ୟ ଆଉ ଗୋଟିଏ ଭାଷାରେ ମଧ୍ୟ ବାକ୍ୟ ରଚନା କରାଯାଇପାରେ। ତାହା ହେବ ଯାନ୍ତ୍ରିକ ଅନୁବାଦ। ଲିଖିତ ଭାଷା ବୁଝି ପ୍ରଶ୍ନର ଉତ୍ତର ଦେବାର ଏହି ପଦ୍ଧତି ନେଇ ବହୁ ବର୍ଷ ଧରି ଅନେକ ଗବେଷଣା ହୋଇଛି। ବହୁ ପରିମାଣରେ ସଫଳତା ମଧ୍ୟ ଆସିଛି, ତଥାପି ଏହା ଦୈନନ୍ଦିନ ଜୀବନରେ ବ୍ୟବହାରର ଉପଯୁକ୍ତ ହୋଇନାହିଁ। ପୁଣି ଉଚ୍ଚାରିତ କଥା ଶୁଣି ଓ ତାହା ବୁଝି ଯନ୍ତ୍ରକୁ ତା'ର ଉତ୍ତର ଦେବାକୁ ହେଲେ ଭୁଲ୍‌ର ସମ୍ଭାବନା ଆହୁରି ଅଧିକ ହୋଇଥାଏ।

- ବି-୧୦୨, ଲାଇଫ ଷ୍ଟାଇଲ ଗ୍ରୀନ୍ ଆପାର୍ଟମେଣ୍ଟ, କୀଟ ଛକ, ଭୁବନେଶ୍ୱର
ମୋ: ୯୯୩୭୭୪୨୧୬୧

## ପୋଷକତତ୍ତ୍ୱରେ ଭରପୂର କ୍ୟାପ୍‌ସିକମ୍



**ଶ**ରୀରକୁ ସୁସ୍ଥ ରଖିବା ଲାଗି କେତେକ ପୋଷକତତ୍ତ୍ୱ ଏବଂ ଭିଟାମିନ୍‌ର ଆବଶ୍ୟକ ରହିଥାଏ। ଏଥିପାଇଁ ଆପଣଙ୍କୁ ଖାଦ୍ୟରେ ଫଳ ଏବଂ ପନିପରିବାକୁ ସାମିଲ୍ କରିବା ଆବଶ୍ୟକ। କ୍ୟାପ୍‌ସିକମ୍ ଏପରି ଏକ ପରିବା ଯେଉଁଥିରେ ପୋଷକତତ୍ତ୍ୱ ଭରି ହୋଇ ରହିଛି। ଯାହାକୁ ଆପଣ ସାଲାଡ, ବିଭିନ୍ନ ତରକାରି, ଏବଂ ଫାଷ୍ଟଫୁଡ୍ ଆଦି ଖାଦ୍ୟରେ ଉପଯୋଗ କରି ଏହାକୁ ଖାଇପାରିବେ। ଏହା ମଧ୍ୟ କେତେକ ରୋଗରୁ ଉପଶମ ଦେଇଥାଏ। ଏହା ପାଚନ କ୍ରିୟାକୁ ସହଜ କରିଥାଏ। ହେଲ୍‌ଥଲାଇନ୍ ଅନୁଯାୟୀ ସବୁଜ ଶିମ୍‌ଲା ମିର୍ଚ୍ଚରେ ଭିଟାମିନ୍ ଏ, ଭିଟାମିନ୍ ସି, ଭିଟାମିନ୍ କେ, ପଟାସିୟମ୍, କ୍ୟାଲୋରୀ, ପ୍ରୋଟିନ୍, ଫାଇବର ଭଳି ପୋଷକତତ୍ତ୍ୱ ମିଳିଥାଏ। ଏହା ପେଟ ଏବଂ ସ୍ୱାସ୍ଥ୍ୟ ପାଇଁ ବହୁତ ଉପଯୋଗୀ ହୋଇଥାଏ। ଓଜନକୁ ନିୟନ୍ତ୍ରଣରେ ରଖିବା ଲାଗି ଏହା ସାହାଯ୍ୟ କରିଥାଏ। ଏହା ମେଟାବୋଲିଜମ୍‌କୁ ବୁଷ୍ଟ କରିଥାଏ। ଏହାକୁ ପ୍ରତିଦିନ ଆପଣ ଖାଦ୍ୟରେ ସାମିଲ୍ କରିବା ଦ୍ୱାରା ନିଜ ଓଜନକୁ କଣ୍ଟ୍ରୋଲରେ ରଖିପାରିବେ।

## ହାଡ଼କୁ ମଜଭୁତ କରେ ଭିଟାମିନ୍



**ହା**ଡ଼କୁ ମଜଭୁତ କରିବା ଲାଗି କ୍ୟାଲ୍‌ସିୟମ୍‌ଯୁକ୍ତ ଖାଦ୍ୟ ସହିତ ଅନ୍ୟ କେତେକ ଖାଦ୍ୟକୁ ମଧ୍ୟ ଡେଲି ଡାଏଟ୍‌ରେ ସାମିଲ୍ କରନ୍ତୁ। ଏଥିପାଇଁ ଖାଲି ମର୍ଣ୍ଣିଂୱାକ୍ ଓ ଏକ୍ସରସାଇଜ୍ କରିଦେଲେ ହେବନି। ଏହା ବ୍ୟତୀତ ଭିଟାମିନ୍-ସିଯୁକ୍ତ ଖାଦ୍ୟ ଖାଇଲେ ଇମ୍ୟୁନିଟି ବୁଷ୍ଟ ହେବା ସହିତ ହାଡ଼କୁ ଶକ୍ତ ମଧ୍ୟ କରିଥାଏ। ଭିଟାମିନ-ସି ଲାଗି ଆପଣ କ୍ୱିୱି, ଅଁଳା, କମଳା, ଲେମ୍ବୁ ଆଦିକୁ ଖାଦ୍ୟରେ ସାମିଲ୍ କରନ୍ତୁ। ଶରୀରରେ ଯଦି ଭିଟାମିନ୍-ଡି'ର ଅଭାବ ରହିଲା ତେବେ ହାଡ଼ ଦୁର୍ବଳ ହେବାର ଆଶଙ୍କା ରହିଛି। ଏହାର ମୁଖ୍ୟ ସ୍ରୋତ ହେଉଛି ସୂର୍ଯ୍ୟକିରଣ। ତେଣୁ ପ୍ରତିଦିନ ସକାଳୁ କିଛି ସମୟ ସୂର୍ଯ୍ୟକିରଣ ଚାଳନ୍ତୁ। ଏହାବ୍ୟତୀତ ମାଛ, ବାଦାମ୍, କନ୍ଦମୂଳ, ଛତୁ ଖାଆନ୍ତୁ। ଭିଟାମିନ୍-କେ ହାଡ଼ର ମିନେରାଲ୍ ଲେଭଲ୍‌କୁ ନିୟନ୍ତ୍ରିତ ରଖେ। ଅଷ୍ଟିଓପୋରୋସିସ୍ ରୋଗୀ ନିଜ ଖାଦ୍ୟରେ ଏହି ଭିଟାମିନ୍‌କୁ ସାମିଲ କଲେ ଉପକୃତ ହୋଇପାରିବେ।

## କୋଲେଷ୍ଟରଲ୍ କମାଉଥିବା ଖାଦ୍ୟ

**କୋଲେଷ୍ଟରଲ୍ ବୃଦ୍ଧି ପାଇଲେ ହୃଦ୍‌ଜନିତ ସମସ୍ୟା ବା ହାର୍ଟ ଆଟାକ୍ ହେବାର ଆଶଙ୍କା ରହିଛି। ତେଣୁ କୋଲେଷ୍ଟରଲକୁ କମ୍ କରୁଥିବା କିଛି ଖାଦ୍ୟ ସମ୍ପର୍କରେ ଜାଣି ରଖନ୍ତୁ...**



- ଶରୀରରେ କୋଲେଷ୍ଟରଲ୍ କମ୍ କରିବା ପାଇଁ ହେଲେ ଖାଦ୍ୟ ଉପରେ ଅଧିକ ଧ୍ୟାନ ଦେବାକୁ ହେବ। ଖାଦ୍ୟରେ ବଟର ବଦଳରେ ଅଲିଭ୍ ଅଏଲ ବ୍ୟବହାର କରନ୍ତୁ। କାରଣ ବଟରରେ ଥିବା ସାଚୁରେଟେଡ୍ ଫ୍ୟାଟ୍ ହାର୍ଟ ଲାଗି କ୍ଷତି ସାଧନ କରିଥାଏ। ଅନ୍ୟପକ୍ଷରେ ଅଲିଭ୍ ଅଏଲରେ ଥିବା ହେଲ୍‌ଦି ଫ୍ୟାଟ୍ ଶରୀର ପାଇଁ ଉପଯୋଗୀ।
- ଖାଲିପେଟରେ ପ୍ରଥମେ ଫଳ ଖାଇବା ପେଟ ଭର୍ତ୍ତି ହୋଇ ରହିଥାଏ ଏବଂ କୋଲେଷ୍ଟରଲ୍ କମ୍ ହୋଇଥାଏ।
- ଆଳୁ ଚିପ୍ସ, ଫ୍ରେଞ୍ଚ ଫ୍ରାଇଜ୍, ବିଭିନ୍ନ ପ୍ରକାରର ଲୁଣି ସ୍ନାକ୍ସ ଓ ବିସ୍କୁଟ ଆଦି ଖାଇବା ବନ୍ଦ କରନ୍ତୁ। ଏହା ବଦଳରେ ବୁଟ, ଅଳସି ଆଦି ବିଭିନ୍ନ ପ୍ରକାରର ମଞ୍ଜି ଜାତୀୟ ଖାଦ୍ୟ ଖାଆନ୍ତୁ।
- ଅଧିକ ଥର ଭାତ ଖାଇଲେ ମଧ୍ୟ କୋଲେଷ୍ଟରଲ୍ ବୃଦ୍ଧି ପାଇଥାଏ। ତେଣୁ ଭାତ ବଦଳରେ ବ୍ରାଉନ୍ ରାଇସ୍ ଖାଆନ୍ତୁ।
- ଆଇସ୍‌କ୍ରିମ୍ ଖାଇବାକୁ ପସନ୍ଦ କରୁଥିଲେ ଦହିକୁ ଫ୍ରିଜରେ ରଖି ଖାଇପାରିବେ। ଏଥିରେ କମ୍ କ୍ୟାଲୋରୀ ଥିବାରୁ କୋଲେଷ୍ଟରଲ୍ ସ୍ତର କମିଥାଏ।
- ଯେଉଁମାନଙ୍କୁ ଚକ୍‌ଲେଟ୍ ଖାଇବା ପସନ୍ଦ ସେମାନେ କୋଲେଷ୍ଟରଲ୍ କମ୍ କରିବାକୁ ଚାହୁଁଥିଲେ ମିଲ୍କ ଚକୋଲେଟ୍ ବଦଳରେ ଡାର୍କ ଚକୋଲେଟ୍ ଖାଇପାରିବେ।

## ଚିନ୍ତାଗ୍ରସ୍ତ ରହିଲେ ହେବ ହାର୍ଟଆଟାକ୍



**ଆ**ଜିର ବଦଳୁଥିବା ଲାଇଫଷ୍ଟାଇଲ୍ ଏବଂ ଖାଦ୍ୟପେୟ ହାର୍ଟ ଆଟାକ୍ ସମସ୍ୟା ଦେଖାଦେବାର ପ୍ରମୁଖ କାରଣ।

କାର୍ଡିଓଲୋଜିଷ୍ଟଙ୍କ ମତରେ ଏବେ କେବଳ ବୟସ୍କମାନେ ନୁହନ୍ତି ଯୁବପିଢ଼ି ମଧ୍ୟ ହାର୍ଟଆଟାକ୍‌ର ଶିକାର ହେଉଥିବାର ଦେଖିବାକୁ ମିଳୁଛି। କେତେକଙ୍କୁ ହସ୍ପିଟାଲ ନିଆଯିବା ସମୟରେ ମୃତ୍ୟୁ ହେଉଥିବା ବେଳେ ଆଉ କେତେକଙ୍କ ମୃତ୍ୟୁ ହସ୍ପିଟାଲରେ ମଧ୍ୟ ହେଉଛି। ତେବେ ଦୀର୍ଘ ସମୟ ମୋବାଇଲ୍ ବ୍ୟବହାର ଯୋଗୁ ଠିକ୍ ଭାବେ ନ ଶୋଇବା, ଅସନ୍ତୁଳିତ ତେଲ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବା, ଆଦୌ ଶାରୀରିକ ପରିଶ୍ରମ ନ କରିବା କିମ୍ବା ଅତ୍ୟଧିକ ଏକ୍ସରସାଇଜ୍ କରିବା ଓ ସର୍ବୋପରି ବିଭିନ୍ନ କାରଣରୁ ଚିନ୍ତାଗ୍ରସ୍ତ ବା ଅବସାଦରେ ରହିବା ବର୍ତ୍ତମାନ ହାର୍ଟଆଟାକ୍‌ର ପ୍ରମୁଖ କାରଣ ହୋଇପାରେ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି।

## ସ୍ୱାସ୍ଥ୍ୟ ସୂଚନା

**ବ**ର୍ଷାଦିନରେ ଅନେକଙ୍କୁ କେତେକ ରୋଗର ସାମ୍ନା କରିବାକୁ ପଡ଼ିଥାଏ। ଏହି ଦିନରେ ଡେଙ୍ଗୁ ଚିକୁନ୍‌ଗୁନିଆ, ମ୍ୟାଲେରିଆ ଆଦି ରୋଗର ଆଶଙ୍କା ରହିଛି। ଏହା ବ୍ୟତୀତ ବର୍ଷାଦିନରେ ଥଣ୍ଡା କାଶ ଆଦି ସମସ୍ୟା ଲାଗି ରହିଥାଏ। ଏଦିନେ ଯଦି ନିଜକୁ ସୁସ୍ଥ ରଖିବାକୁ ଚାହାନ୍ତି ତେବେ ନିଜ ଖାଦ୍ୟରେ କିଛି ଆୟୁର୍ବେଦିକ୍ ଜିନିଷକୁ ସାମିଲ୍ କରି ପାରିବେ। ଯେମିତିକି ଅଶ୍ୱଗନ୍ଧା, ନିମ୍ବ, ଲେମନ୍‌ଗ୍ରାସ୍, ଗିଲୟ, ଅଦା।

**ଅଶ୍ୱଗନ୍ଧା:** ଅଶ୍ୱଗନ୍ଧାରେ ଇମ୍ୟୁନ୍ ସିଷ୍ଟମ୍‌କୁ ଠିକ୍ ରଖିବାର ଗୁଣ ରହିଛି। ମସ୍ତିଷ୍କକୁ ଶାନ୍ତ, ଯନ୍ତ୍ରଣା ମୁକ୍ତ ରଖିବାରେ ସାହାଯ୍ୟ କରେ।

**ନିମ୍ବ:** ଏହାର ସ୍ୱାଦ ହୁଏତ ଟିକେ ପିତା ଲାଗିପାରେ କିନ୍ତୁ ଏଥିରେ ଥିବା ଆଣ୍ଟିଫଙ୍ଗାଲ ତତ୍ତ୍ୱ ଯାହା ବର୍ଷା ଦିନରେ ସ୍କିନ୍‌କୁ ସଂକ୍ରମଣରୁ ପ୍ରୋଟେକ୍ଟ କରିଥାଏ। ଆପଣ ନିମ୍ବ ଚା ପିଇପାରିବେ କିମ୍ବା ନିମ୍ବ ପତ୍ର ଚୋବାଇ ଖାଇପାରିବେ। ଏହା ଆପଣଙ୍କୁ କିଛି ମାତ୍ରାରେ ସୁସ୍ଥ ରଖିପାରିବାରେ ସାହାଯ୍ୟ କରିବ।

**ଲେମନ୍‌ଗ୍ରାସ:** ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ମିଳିଥାଏ। ଏହାକୁ ଆପଣ ଚା'ରେ ମିଶାଇ ପିଇପାରିବେ। ଏହାଦ୍ୱାରା ଆପଣଙ୍କ ଇମ୍ୟୁନିଟି ପାୱାର ଷ୍ଟ୍ରଙ୍ଗ ହୋଇଥାଏ।

**ଗିଲୟ:** ବର୍ଷାଦିନରେ ଯଦି ସଂକ୍ରମଣଠାରୁ ଦୂରେଇ ରହିବାକୁ ଚାହୁଁଥାନ୍ତି ଏହାର କାଢ଼ା ପ୍ରସ୍ତୁତ କରି ପିଇପାରିବେ। ଏହାର ପାଉଡର ଉପଯୋଗ ମଧ୍ୟ କରିପାରିବେ। ଏହା ଜ୍ୱର କମାଇବାରେ ସାହାଯ୍ୟ କରେ। ଏହା ଫ୍ଲୁ ଭଳି କେତୋଟି ଲକ୍ଷଣକୁ କମ୍ କରିବା ଲାଗି ସାହାଯ୍ୟ କରିଥାଏ।

**ଅଦା:** ଅଦାରେ ଭିଟାମିନ୍-ସି, କ୍ୟାଲ୍‌ସିୟମ୍, ଫସ୍‌ଫରସ, ଆଇରନ୍, ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି। ଏଥିପାଇଁ ବର୍ଷାଦିନରେ ନିଜ ଖାଦ୍ୟରେ ଅଦାକୁ ସାମିଲ୍ କରିପାରିବେ। ଚାହିଁଲେ ଆପଣ ଅଦାକୁ ଚା, ସୁପ୍ କିମ୍ବା କୌଣସି ତରକାରିରେ ପକାଇ ଖାଇପାରିବେ।



## ଛାୟାପଥ ତିଆରି କାରଖାନା



ଡ. କମଳାକାନ୍ତ ଜେନା

**ରା**ତିରେ ମେଘମୁକ୍ତ ଆକାଶକୁ ଚାହିଁଲେ ତାରାଗୁଡ଼ିକୁ ତ ଦେଖୁ। କିନ୍ତୁ ଆଉ ଟିକିଏ ଭଲ କରି ଲକ୍ଷ୍ୟ କଲେ ଗୋଟିଏ ଉଜ୍ଜ୍ୱଳ ରାସ୍ତା ଉତ୍ତରରୁ ଦକ୍ଷିଣ ଆଡ଼କୁ ଲମ୍ବିଥିବାର ଦେଖାଯାଏ। ପ୍ରକୃତରେ ଆକାଶର ଅନ୍ୟ ଅଞ୍ଚଳ ତୁଳନାରେ ସେହି ଅଞ୍ଚଳରେ ତାରାଗୁଡ଼ିକ ଅଧିକ ସଂଖ୍ୟାରେ ଅଛନ୍ତି। ତେଣୁ ଆମକୁ ସେମିତି ଦେଖାଯାଏ। ସେହି ଉଜ୍ଜ୍ୱଳ ରାସ୍ତାଟି ଗୋଟେ ଛାୟାପଥର କିଛି ଅଂଶ, ଯେଉଁ ଛାୟାପଥର ନାମ 'ଆକାଶଗଙ୍ଗା'। ଆମେ ସେହି ଛାୟାପଥରେ ଅଛୁ। ଆମକୁ ଦିଶୁଥିବା ତାରାଗୁଡ଼ିକ ମଧ୍ୟ ସେହି ଛାୟାପଥରେ ଅଛନ୍ତି। ତାରାଗୁଡ଼ିକ ଆମ 'ଆକାଶଗଙ୍ଗା'ର କିଛି ଅଂଶ ମାତ୍ର। ତାରାଗୁଡ଼ିକୁ ନେଇ ଛାୟାପଥ ଗଠିତ। ଆମେ ୪ ପରେ ୧୧ଟି ଶୂନ ଲେଖିଲେ ଯାହା ହେବ, ପ୍ରାୟ ସେତିକି ତାରାକୁ ନେଇ ଗୋଟିଏ ଛାୟାପଥ ଗଠିତ। ବିଶ୍ୱବ୍ରହ୍ମାଣ୍ଡରେ ଅତି କମ୍‌ରେ ୧୨୫,୦୦୦,୦୦୦,୦୦୦ ସଂଖ୍ୟକ ଛାୟାପଥ ଅଛନ୍ତି। 'ଆକାଶଗଙ୍ଗା' ଛାୟାପଥରେ ରହିଥିବା ସହସ୍ର କୋଟି ତାରକା ଭିତରୁ ଆମର 'ସୂର୍ଯ୍ୟ' ଅନ୍ୟତମ। ଆମର 'ସୂର୍ଯ୍ୟ' ଗୋଟିଏ ତାରା ବା ନକ୍ଷତ୍ର। ରାତିରେ ଦେଖାଯାଉଥିବା ତାରାଗୁଡ଼ିକ ଗୋଟିଏ ଗୋଟିଏ ବିଶାଳ ସୂର୍ଯ୍ୟ ପରି। ଆମଠାରୁ ବହୁତ ଦୂରରେ ଥିବାରୁ ସେଗୁଡ଼ିକର ତାତି ଆମକୁ ଜଣାପଡ଼େ ନାହିଁ ଓ ସେଗୁଡ଼ିକ ଆମକୁ ଛୋଟ ଛୋଟ ବି ଦିଶନ୍ତି। 'ସୂର୍ଯ୍ୟ' ଆମ ନିକଟରେ ଥିବାରୁ ତାହା ଆମକୁ ବଡ଼ ଦିଶୁଛି ଓ ତା'ଠାରୁ ଆସୁଥିବା କିରଣ ଆମକୁ ଗରମ ଲାଗୁଛି।

ଅନନ୍ତ ମହାକାଶରେ ହିଁ ବିଶାଳ ବିଶାଳ ଛାୟାପଥ ତିଆରି ହୁଅନ୍ତି। ମହାକାଶରେ ରହିଥିବା ଧୂଆଁ ପରି ପଦାର୍ଥରୁ ଛାୟାପଥ ସୃଷ୍ଟି ହୋଇଥାଏ। ସେହି ଧୂଆଁକୁ 'ମହାଜାଗତିକ ବାଦଲ' ବୋଲି କୁହାଯାଏ। ସାଧାରଣତଃ ମହାଜାଗତିକ ବାଦଲଗୁଡ଼ିକ ପରସ୍ପର ପାଖକୁ ଲାଗିଆସି ଛାୟାପଥ ସୃଷ୍ଟି କରନ୍ତି। କୋଟି କୋଟି ତାରା ଗୋଟିଏ



ସ୍ଥାନକୁ ଆକର୍ଷିତ ହୋଇଆସିବା ଫଳରେ ଅନେକ ଛାୟାପଥ ମଧ୍ୟ ସୃଷ୍ଟି ହୋଇଛି। ଛାୟାପଥର ସୃଷ୍ଟି ପ୍ରକ୍ରିୟା ସମ୍ପର୍କରେ ଆଉ ଏକ ଚମତ୍କାର ବିଷୟ ଆମର ଦୃଷ୍ଟିଗୋଚର ହୋଇଛି। 'ନେଚର' ଆନ୍ତର୍ଜାତିକ ପତ୍ରିକାରେ ପ୍ରକାଶିତ ଏକ ଗବେଷଣା ନିବନ୍ଧ ଅନୁଯାୟୀ ଗୋଟିଏ ଛାୟାପଥ ଆଉ ଗୋଟିଏ ଛାୟାପଥକୁ ସମ୍ପୂର୍ଣ୍ଣ ଗିଳି ଦେବାର ଦେଖିବାକୁ ମିଳିଛି। ସେହି ଭକ୍ଷଣକାରୀ ଛାୟାପଥର ନାମ 'ଆନ୍ଦ୍ରୋମେଡ଼ା'। ଆମଠାରୁ ୨୩ ଲକ୍ଷ ଆଲୋକବର୍ଷ ଦୂରତାରେ ଥିବା ଏହା ଆମର ପଡ଼ୋଶୀ ଛାୟାପଥ। ଏହାର ଅର୍ଥ, ସେକେଣ୍ଡକୁ ୩ ଲକ୍ଷ କିଲୋମିଟର ହିସାବରେ ଆଲୋକ ବେଗରେ ଗଲେ ସେହି ଛାୟାପଥ ନିକଟରେ ପହଞ୍ଚିବା ପାଇଁ ଆମକୁ ୨୩ ଲକ୍ଷ ବର୍ଷ ଲାଗିବ। 'ଆନ୍ଦ୍ରୋମେଡ଼ା' 'ଛାୟାପଥ 'ଟ୍ରାଇଆଙ୍ଗୁଲମ୍' ନାମରେ ଏକ ଛୋଟ ଛାୟାପଥକୁ ଗିଳି ଦେବାର ପ୍ରମାଣ ଜ୍ୟୋତିର୍ବିଜ୍ଞାନୀମାନେ ପାଇଛନ୍ତି। ଛାୟାପଥର ଗଠନ ପ୍ରକ୍ରିୟାରେ ଏଭଳି ଘଟୁଥିବ ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା। ଆଜି ତା'ର ପ୍ରମାଣ ମିଳିପାରିଛି।

ଆନ୍ଦ୍ରୋମେଡ଼ା ଛାୟାପଥର ଏଭଳି ଅଦ୍ଭୁତ କାଣ୍ଡକୁ ଟେଲିସ୍କୋପ୍ ଦ୍ୱାରା ଦେଖାଯାଇଥିଲା। ଆନ୍ଦ୍ରୋମେଡ଼ା ଆର୍କିଓଲୋଜିକାଲ୍ ସର୍ଭେର ସଦସ୍ୟମାନେ ଏହି ଫଟୋ ଉଠାଇଥିଲେ। ଯାହା ଜଣାପଡ଼ିଛି, ଆନ୍ଦ୍ରୋମେଡ଼ା ଛାୟାପଥର ପ୍ରବଳ ମାଧ୍ୟାକର୍ଷଣ ବଳ ଦ୍ୱାରା 'ଟ୍ରାଇଆଙ୍ଗୁଲମ୍' ଛାୟାପଥ ଆକର୍ଷିତ ହେବା ପରେ ଏଭଳି ଘଟିଥିଲା। ବଡ଼ ଛାୟାପଥଟି ଛୋଟ ଛାୟାପଥର କୋଟି କୋଟି ତାରା ଓ ମହାଜାଗତିକ ବାଦଲକୁ ଧୀରେ ଧୀରେ ଗିଳି ଦେଇଥିଲା। ଏହି ପ୍ରକ୍ରିୟା ସକାଶେ ୩୦୦ କୋଟି ବର୍ଷ ଲାଗିଥିଲା। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଷ୍ଟ୍ରୋନୋମିରେ କାର୍ଯ୍ୟରତ ଜ୍ୟୋତିର୍ବିଜ୍ଞାନୀ ମାଇକ୍ ଇରୱଇନ୍‌ଙ୍କ କହିବା ଅନୁଯାୟୀ, କେବଳ ଆନ୍ଦ୍ରୋମେଡ଼ା ଛାୟାପଥ ଏହିପରି ତିଆରି ହୋଇନାହିଁ। ଆମ ଛାୟାପଥ ଆକାଶଗଙ୍ଗା ଏବଂ ଅନନ୍ତ ମହାକାଶରେ ଆହୁରି ଅନେକ ବିଶାଳ ଛାୟାପଥ ଏହିପରି ତିଆରି ହୋଇଛନ୍ତି।

ବିଶାଳ ଛାୟାପଥଗୁଡ଼ିକ ସେମାନଙ୍କର ନିକଟବର୍ତ୍ତୀ ଛାୟାପଥକୁ ଭକ୍ଷଣ କରିବା ପରେ ଭକ୍ଷିତ ଛାୟାପଥର କିଛି ତାରା ଓ ବାଦଲଗୁଡ଼ିକ ଭକ୍ଷକ ଛାୟାପଥ ଚାରିପଟେ ପଡ଼ି ରହିବା କଥା। କିନ୍ତୁ ବିଶାଳ ଛାୟାପଥଗୁଡ଼ିକ ଆମକୁ ସବୁଦିଗରୁ ଏକାପରି (ସମମୀତ, ସିମେଟ୍ରିକାଲ୍) ଦେଖାଯାଏ। ତେଣୁ ଆମେ ଭକ୍ଷିତ ଛାୟାପଥ ବିଷୟରେ ସୂଚନା ପାଇବା ସମ୍ଭବ ନ ଥିଲା କିମ୍ବା ବିଶାଳ ଛାୟାପଥର ଭକ୍ଷକ ଗୁଣ ବିଷୟରେ ଜାଣିବା ଆମ ପକ୍ଷରେ ସହଜ ନ ଥିଲା। କିନ୍ତୁ ଏବେ ଯେଉଁ ଦୂରବୀକ୍ଷଣ ଯନ୍ତ୍ରର ସହାୟତା ନିଆଯାଇଛି, ତା'ର ଡିଜିଟାଲ୍ କ୍ୟାମେରା ଦ୍ୱାରା ପ୍ରାୟ ୧୦ ଲକ୍ଷ ଆଲୋକବର୍ଷ ଓସାରର ଆକାଶକୁ ଏକ ସଙ୍ଗରେ ସ୍ପଷ୍ଟ ଦେଖାଯାଇପାରିବ। ସେଥିପାଇଁ ଗୋଟିଏ ଛାୟାପଥର କେନ୍ଦ୍ରଠାରୁ କୋଟି କୋଟି କି.ମି. ଦୂରରେ ରହିଥିବା ପାରିପାର୍ଶ୍ୱିକ ଅବସ୍ଥାକୁ ନିଖୁଣ ଭାବରେ ଦେଖିବା ସମ୍ଭବ ହୋଇପାରିଛି। ଛାୟାପଥ ଚାରିପଟେ ରହିଥିବା କ୍ଷୀଣ (ଅନୁଜ୍ଜ୍ୱଳ) ତାରାଗୁଡ଼ିକୁ ମଧ୍ୟ ଦେଖିବା ସମ୍ଭବ ହୋଇପାରିଛି। ଆନ୍ଦ୍ରୋମେଡ଼ା ଛାୟାପଥର ନିଖୁଣ ପାରିପାର୍ଶ୍ୱିକ ଚିତ୍ର ମହାକାଶ ବିଜ୍ଞାନୀମାନଙ୍କର ଆଖି ଖୋଲିଦେଇଛି। ଆନ୍ଦ୍ରୋମେଡ଼ାର ଚାରିପାଖରେ ପଡ଼ି ରହିଥିବା 'ଟ୍ରାଇଆଙ୍ଗୁଲମ୍' ଛାୟାପଥର ଅବଶିଷ୍ଟାଂଶକୁ ଭଲ ଭାବରେ ଚିହ୍ନଟ କରିବା ସମ୍ଭବ ହୋଇଛି। ତେଣୁ ଛାୟାପଥଗୁଡ଼ିକର ଭକ୍ଷକ ଗୁଣ ବିଷୟରେ ବୈଜ୍ଞାନିକମାନେ ନିଶ୍ଚିତ ହୋଇପାରିଛନ୍ତି। ପୂର୍ବରୁ ଆନ୍ଦ୍ରୋମେଡ଼ା ଛାୟାପଥକୁ ଏକ ସାଧାରଣ ଛାୟାପଥ ଭାବରେ ନିଆଯାଉଥିଲା। କିନ୍ତୁ ଆଜି ଭକ୍ଷକ ଆନ୍ଦ୍ରୋମେଡ଼ାର କଳ୍ପନାତୀତ ବିଶାଳକାୟ ରୂପ ସମସ୍ତଙ୍କୁ ବିସ୍ମିତ କରିଛି।

-ଓ.ଇ.ଏସ୍-୧, ବିଜ୍ଞାନ ଏକାଡେମୀ ସଦସ୍ୟ, ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ସରକାରୀ ମହାବିଦ୍ୟାଳୟ
ମୋ: ୯୪୩୯୫୦୧୬୫୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜୁଲାଇ ୧୦/୨୦୨୩ Bhubaneswar, Monday, July 10/ 2023

# ହେଡିଂଲେରେ ଜିତିଲା ଇଂଲଣ୍ଡ


ଇଂଲଣ୍ଡ ଜିତିବା ପରେ ଉଲ୍ଲସିତ କ୍ରିସ୍ ଓକ୍ସ ଓ ମାର୍କ ଉଡ୍।


ହ୍ୟାରୀ ବ୍ରୁକ୍

## ଆଶେସ୍ ଟେଷ୍ଟ ସିରିଜ୍

**ହେଡିଂଲେ, ୯।୭**

କ୍ରମାଗତ ଦୁଇଟି ମ୍ୟାଚରେ ବାଜବଲ୍ ଫେଲ୍ ମାରିବା ପରେ ହେଡିଂଲେରେ ଅନୁଷ୍ଠିତ ତୃତୀୟ ଟେଷ୍ଟ ମ୍ୟାଚକୁ ଜିତି ନେଇଛି ଇଂଲଣ୍ଡ। ହ୍ୟାରୀ ବ୍ରୁକ୍ଙ୍କ ଜବରଦସ୍ତ ଅର୍ଦ୍ଧଶତକ ସହିତ ନିମ୍ନକ୍ରମରେ କ୍ରିସ୍ ଓକ୍ସ ଓ ମାର୍କ ଉଡ୍ଙ୍କ ବ୍ୟାଟିଂ ବଳରେ ଅଷ୍ଟ୍ରେଲିଆକୁ ୩ ଉଇକେଟରେ ପରାସ୍ତ କରିଛି ଇଂଲଣ୍ଡ। ଏହା ସହିତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଦଳ ୧-୨ରେ ପଛୁଆ ରହିଛି। ବିଜୟ ପାଇଁ ୨୫୧ ରନ୍ ଆବଶ୍ୟକ ଥିବା ବେଳେ ଇଂଲଣ୍ଡ ଆଉଥରେ ସକରାତ୍ମକ କ୍ରିକେଟ ଖେଳିଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋର ୨୭/୦ ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ଆଉ ୧୫ ରନ ଯୋଡିବା ପରେ ବେନ୍ ଡକେଟ୍ଙ୍କ ଉଇକେଟ ହରାଇଥିଲା। ମୋଇନ୍ ଅଲୀ ୫ ଓ ଜୋ ରୁଟ୍ ୨୧ ବିଶେଷ କିଛି କରି ପାରି ନ ଥିବା ବେଳେ ହ୍ୟାରୀ ବ୍ରୁକ୍ ଖେଳିଥିଲେ ୭୫ ରନ୍‌ର ଚମତ୍କାର ଇନିଂସ। ବେନ୍ ଷ୍ଟୋକ୍ସ(୧୩) ଓ ଜନି ବେୟାରଷ୍ଟୋ(୫) ମାତ୍ର ୧୦ ରନ୍ ବ୍ୟବଧାନରେ ପ୍ୟାଭିଲିୟନ୍ ଫେରବାରୁ ଇଂଲଣ୍ଡ ୧୭୧ ରନ୍‌ରେ ୬ ଉଇକେଟ ହରାଇଥିଲା। ବ୍ରୁକ୍ସ କିନ୍ତୁ ଆକ୍ରମଣାତ୍ମକ ବ୍ୟାଟିଂ କରିବା ସହିତ କ୍ରିସ୍ ଓକ୍ସ(୩୨*)ଙ୍କୁ ସାଥୀ କରି ୫୯ ରନ୍ ଯୋଡିଥିଲେ। ୯୩ ବଲ୍ ଖେଳି ବ୍ରୁକ୍ ୯ ଚୌକା ମାରିଥିଲେ। ବିଜୟ ପାଇଁ ୨୧ ରନ୍ ଆବଶ୍ୟକ ଥିବା ବେଳେ ବଡ ଶଟ୍ ଖେଳିବାକୁ ଯାଇ ବ୍ରୁକ୍ ଆଉଟ ହୋଇଥିଲେ। ତେବେ କ୍ରିସ୍ ଓକ୍ସ ଓ ମାର୍କ ଉଡ୍ ୧୬* ରହି ଦଳକୁ ବିଜୟୀ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ୍ ଷ୍ଟାର୍କ ଘାତକ ବୋଲିଂ କରି ୫ ଉଇକେଟ ନେଇଥିଲେ। ୮୦ ତମ ଟେଷ୍ଟରେ ଏହା ଷ୍ଟାର୍କଙ୍କର ୧୪ତମ ୫ ଉଇକେଟ ସଫଳତା। ଅନ୍ୟମାନଙ୍କ ମଧ୍ୟରେ ପ୍ୟାଟ କୁମିନ୍ସ ଓ ମିଚେଲ ମାର୍ଶ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ସଫଳତା (୪୧ ରନ୍ ଓ ୭ ଉଇକେଟ) ପାଇଁ ମାର୍କ ଉଡ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୬୩ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଇଂଲଣ୍ଡ ପ୍ରଥମ ଇନିଂସରେ ୨୭ ରନ୍ ପଛରେ ରହିଥିଲା। ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ୨୨୪ ରନ୍‌ରେ ଅଲଆଉଟ ହେବା ସହିତ ୨୫୧ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ-୨୬୩/୧୦। ଇଂଲଣ୍ଡ ପ୍ରଥମ ଇନିଂସ-୨୩୭/୧୦। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ-୨୨୪/୧୦। ଇଂଲଣ୍ଡ ଦ୍ୱିତୀୟ ଇନିଂସ-୨୫୪/୭(ହ୍ୟାରୀ ବ୍ରୁକ୍-୭୫, ଜ୍ୟାକ୍ କ୍ରଲି-୪୪, କ୍ରିସ୍ ଓକ୍ସ-୩୨*, ମିଚେଲ୍ ଷ୍ଟାର୍କ-୫/୭୮, ମିଚେଲ୍ ମାର୍ଶ-୧/୨୩, ପ୍ୟାଟ୍ କୁମିନ୍ସ-୧/୭୭)।

## ୱିମ୍ବଲଡନ ଟେନିସ
# କ୍ୱାର୍ଟର ଫାଇନାଲରେ ରୁବଲେଭ, ସାଫିଉଲିନ

**ଲଣ୍ଡନ, ୯।୭**

ରୁଷିଆର ଆନ୍ଦ୍ରେ ରୁବ୍‌ଲେଭ୍ ଓ ରୋମାନ ସାଫିଉଲିନ ଚଳିତ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ରାଉଣ୍ଡ ଅଫ୍-୧୬ ମ୍ୟାଚରେ ୨୩ତମ ର୍‍ୟାଙ୍କ୍‌ପ୍ରାପ୍ତ ରୁବଲେଭ କାଜାଖସ୍ତାନର ଆଲେକଜାଣ୍ଡର ବୁବ୍ଲିକ୍‌ଙ୍କୁ ୭-୫, ୬-୩, ୬-୭ (୬/୮), ୬-୭ (୫/୭), ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟଏକ ମ୍ୟାଚରେ ୮୨ ର୍‍ୟାଙ୍କ୍‌ପ୍ରାପ୍ତ ସାଫିଉଲିନ ୩-୬, ୬-୩, ୬-୧, ୬-୩ ସେଟ୍‌ରେ ୨୬ ର୍‍ୟାଙ୍କ୍‌ରେ ଥିବା ଡେନିସ ଶାପୋଭାଲୋଭଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ମହିଳା ସିଙ୍ଗଲ୍ସରେ ଆମେରିକାର ଜେସିକା ପେଗୁଲା, ଚେକ୍ ରିପବ୍ଲିକର ମାର୍କେଟା ଭନ୍ଦ୍ରୋସୋଭା କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ୪ର୍ଥ ସିଡ୍ ପେଗୁଲା ରାଉଣ୍ଡ ଅଫ୍-୧୬ ମ୍ୟାଚରେ ୟୁକ୍ରେନର ଲେସିଆ ସୁରେଙ୍କୋଙ୍କୁ ୬-୧, ୬-୩ ସେଟ୍‌ରେ ହରାଇଛନ୍ତି। ସେହିପରି ଭନ୍ଦ୍ରୋସୋଭା ୨-୬, ୬-୪, ୬-୩ ସେଟ୍‌ରେ ନିଜ ଦେଶର ମାରି ବୌଜ୍‌କୋଭାଙ୍କୁ ପରାସ୍ତ କରିଛନ୍ତି।

## ୟୁକି-ମାଇନେନି, ବୋପାନ୍ନା-ଡାବୋସ୍କି ଯୋଡ଼ିଙ୍କ ବିଦାୟ

**ଲଣ୍ଡନ, ୯।୭ (ପି.ଟି.)**

ଭାରତୀୟ ଯୋଡ଼ି ୟୁକି ଭାମ୍ବ୍ରି ଓ ସାକେଥ ମାଇନେନି ୱିମ୍ବଲଡନ ଓପନ ଟେନିସ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ସେମାନେ ସ୍ପେନର ଆଲେଜାଣ୍ଡ୍ରୋ ଡାଭିଡୋଭିଚ୍ ଫୋକିନା ଓ ଫ୍ରାନ୍ସର ଆଡ୍ରିଆନ ମାନାରିନୋଙ୍କଠାରୁ ୪-୬, ୬-୪, ୪-୬ ସେଟ୍‌ରେ ହାରିଯାଇଛନ୍ତି। ମିକ୍ସଡ ଡବଲ୍ସରେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ରୋହନ ବୋପାନ୍ନା ଓ ଗାବ୍ରିଲା ଡାବୋସ୍କି ୨୦୧୯ ୱିମ୍ବଲଡନ ଚାମ୍ପିୟନ ଇଭାନ ଡଗିଗ୍ ଓ ଲାତିଶା ଚାନ୍ଙ୍କଠାରୁ ୭-୬ (୫), ୩-୬, ୪-୬ରେ ପରାସ୍ତ ହୋଇଛନ୍ତି।

# ଆନ୍ତଃ ଜିଲା ମହିଳା ଟି୨୦: ଯାଜପୁର ଚାମ୍ପିୟନ



ଚାମ୍ପିୟନ ଯାଜପୁର ମହିଳା କ୍ରିକେଟ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**କଟକ, ୯।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

ରେଭେନଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଭୁବନେଶ୍ୱରକୁ ହରାଇ ଯାଜପୁର ଚାମ୍ପିଅନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ୨୦ ଓଭରରେ ୪ ଉଇକେଟ ହରାଇ ୧୧୧ରନ କରିଥିଲା। ସୁଶ୍ରୀ ଦିବ୍ୟଦର୍ଶିନୀ ସର୍ବାଧିକ ୩୩ରନ କରିଥିଲେ। ଜି.ଏମ ଅଳକାନନ୍ଦା ୫୦ବଲରୁ ୨୨ରନର ଧିମା ଇନିଂସ ଖେଳିଥିଲେ। ଯାଜପୁର ପକ୍ଷରୁ ଡି. କାଳନ୍ଦି, କାଜଲ ଜେନା ଏବଂ ସୁଚିସ୍ମିତା ପଣ୍ଡାଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ଜବାବରେ ଯାଜପୁର ୧୮.୧ ଓଭରରେ କୌଣସି ଉଇକେଟ ନ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଓପନର କାଜଲ ୭୫ ଏବଂ ଅଲିପ୍ସା ବିଶ୍ୱାଳ ୩୯ ରନରେ ଅପରାଜିତ ରହି ଦଳକୁ ଟାଇଟଲ ଜିତାଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ କରିଥିବା କାଜଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରେଭେନଶା ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷା ପ୍ରଫେସର ଡ.ଅସୀମା ସାହୁ, ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, ସିଇଓ ସୁବ୍ରତ କୁମାର ବେହେରା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅଞ୍ଜନ କୁମାର ଖୁଣ୍ଟିଆ, ସୁଶାନ୍ତ କୁମାର ମହାନ୍ତି, ଶିବବ୍ରତ ମଲିକ, ନିର୍ବାଣ ରାୟ, ବିଜୟ କୁମାର ଦାସ, ଅମିତ ବେହେରା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ଏସିଆନ ପୁରୁଷ ଭଲିବଲ ଚ୍ୟାଲେଞ୍ଜ୍ କପ୍
# ବିଜୟ ସହ ଭାରତର ଅଭିଯାନ

**ଭୁବନେଶ୍ୱର, ୯।୭ (ତପନ ସ୍ୱାଇଁ)**

ତାଇପେରେ ଚାଲିଥିବା ଏସିଆନ ପୁରୁଷ ଭଲିବଲ ଚ୍ୟାଲେଞ୍ଜ୍ କପ୍‌ରେ ଭାରତୀୟ ସିନିୟର ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଭାରତ ଶକ୍ତିଶାଳୀ ହଂକଂ, ଚାଇନାକୁ ୩:୦ (୨୫-୨୨, ୨୫-୧୮, ୨୫-୧୭)ରେ ପରାସ୍ତ କରିଛି। ଆଟାକର ଚିରାଗ, ନିୟାଶ ଓ ରାହୁଲ, ବ୍ଲକର ପ୍ରିନ୍ସ, ଅଲ୍‌ରାଉଣ୍ଡର ମନୋଜ ଏବଂ ସେଟର ସାକଲେନ ବିଜୟତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏସିଆର ୧୫ଟି ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ଭାରତ ପୁଲ୍ 'ସି'ରେ ଉଜବେକିସ୍ତାନ ଓ ହଂକଂ ଚାଇନା ସହିତ ସ୍ଥାନୀତ ହୋଇଛି। ପ୍ରକାଶଯୋଗ୍ୟ ଯେ, ଭାରତୀୟ ଦଳ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ କ୍ୟାମ୍ପରେ ଟ୍ରେନିଂ ନେବାପରେ ତାଇପେ ଯାତ୍ରା କରିଛି। ଚଳିତମାସ ୧୫ରେ ପ୍ରତିଯୋଗିତା ଶେଷ ହେବ।


ମ୍ୟାଚ ଜିତିବା ପରେ ଭାରତୀୟ ଖେଳାଳିଙ୍କ ସେଲ୍‌ଫି।

# ଦିନିକିଆ ବିଶ୍ୱକପ୍ ଚୂଡ଼ାନ୍ତ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୫ ଅକ୍ଟୋବର | ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ | ଅହମଦାବାଦ |
| ୬ ଅକ୍ଟୋବର | ପାକିସ୍ତାନ ବନାମ ନେଦରଲାଣ୍ଡ୍ସ | ହାଇଦ୍ରାବାଦ |
| ୭ ଅକ୍ଟୋବର | ବାଂଲାଦେଶ ବନାମ ଆଫଗାନିସ୍ତାନ | ଧର୍ମଶାଳା |
| ୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ଶ୍ରୀଲଙ୍କା | ଦିଲ୍ଲୀ |
| **୮ ଅକ୍ଟୋବର** | **ଭାରତ ବନାମ ଅଷ୍ଟ୍ରେଲିଆ** | **ଚେନ୍ନାଇ** |
| ୯ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ନେଦରଲାଣ୍ଡ୍ସ | ହାଇଦ୍ରାବାଦ |
| ୧୦ ଅକ୍ଟୋବର | ଇଂଲଣ୍ଡ ବନାମ ବାଂଲାଦେଶ | ଧର୍ମଶାଳା |
| **୧୧ ଅକ୍ଟୋବର** | **ଭାରତ ବନାମ ଆଫଗାନିସ୍ତାନ** | **ଦିଲ୍ଲୀ** |
| ୧୨ ଅକ୍ଟୋବର | ପାକିସ୍ତାନ ବନାମ ଶ୍ରୀଲଙ୍କା | ହାଇଦ୍ରାବାଦ |
| ୧୩ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା | ଲକ୍ଷ୍ନୌ |
| ୧୪ ଅକ୍ଟୋବର | ଇଂଲଣ୍ଡ ବନାମ ଆଫଗାନିସ୍ତାନ | ଦିଲ୍ଲୀ |
| ୧୪ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ବାଂଲାଦେଶ | ଚେନ୍ନାଇ |
| **୧୫ ଅକ୍ଟୋବର** | **ଭାରତ ବନାମ ପାକିସ୍ତାନ** | **ଅହମଦାବାଦ** |
| ୧୬ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା | ଲକ୍ଷ୍ନୌ |
| ୧୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ନେଦରଲାଣ୍ଡ୍ସ | ଧର୍ମଶାଳା |
| ୧୮ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| **୧୯ ଅକ୍ଟୋବର** | **ଭାରତ ବନାମ ବାଂଲାଦେଶ** | **ପୁଣେ** |
| ୨୦ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| ୨୧ ଅକ୍ଟୋବର | ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ମୁମ୍ବାଇ |
| ୨୧ ଅକ୍ଟୋବର | ନେଦରଲାଣ୍ଡ୍ସ ବନାମ ଶ୍ରୀଲଙ୍କା | ଲକ୍ଷ୍ନୌ |
| **୨୨ ଅକ୍ଟୋବର** | **ଭାରତ ବନାମ ନ୍ୟୁଜିଲାଣ୍ଡ** | **ଧର୍ମଶାଳା** |
| ୨୩ ଅକ୍ଟୋବର | ପାକିସ୍ତାନ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| ୨୪ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ | ମୁମ୍ବାଇ |
| ୨୫ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ୍ସ | ଦିଲ୍ଲୀ |
| ୨୬ ଅକ୍ଟୋବର | ଇଂଲଣ୍ଡ ବନାମ ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୨୭ ଅକ୍ଟୋବର | ପାକିସ୍ତାନ ବନାମ ଦକ୍ଷିଣ ଆଫ୍ରିକା | ଚେନ୍ନାଇ |
| ୨୮ ଅକ୍ଟୋବର | ନେଦରଲାଣ୍ଡ୍ସ ବନାମ ବାଂଲାଦେଶ | କୋଲକାତା |
| ୨୮ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲାଣ୍ଡ | ଧର୍ମଶାଳା |
| **୨୯ ଅକ୍ଟୋବର** | **ଭାରତ ବନାମ ଇଂଲଣ୍ଡ** | **ଲକ୍ଷ୍ନୌ** |
| ୩୦ ଅକ୍ଟୋବର | ଆଫଗାନିସ୍ତାନ ବନାମ ଶ୍ରୀଲଙ୍କା | ପୁଣେ |
| ୩୧ ଅକ୍ଟୋବର | ପାକିସ୍ତାନ ବନାମ ବାଂଲାଦେଶ | କୋଲକାତା |
| ୧ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ପୁଣେ |
| **୨ ନଭେମ୍ବର** | **ଭାରତ ବନାମ ଶ୍ରୀଲଙ୍କା** | **ମୁମ୍ବାଇ** |
| ୩ ନଭେମ୍ବର | ନେଦରଲାଣ୍ଡ୍ସ ବନାମ ଆଫଗାନିସ୍ତାନ | ଲକ୍ଷ୍ନୌ |
| ୪ ନଭେମ୍ବର | ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ | ଅହମଦାବାଦ |
| ୪ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| **୫ ନଭେମ୍ବର** | **ଭାରତ ବନାମ ଦକ୍ଷିଣ ଆଫ୍ରିକା** | **କୋଲକାତା** |
| ୬ ନଭେମ୍ବର | ବାଂଲାଦେଶ ବନାମ ଶ୍ରୀଲଙ୍କା | ଦିଲ୍ଲୀ |
| ୭ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ | ମୁମ୍ବାଇ |
| ୮ ନଭେମ୍ବର | ଇଂଲଣ୍ଡ ବନାମ ନେଦରଲାଣ୍ଡ୍ସ | ପୁଣେ |
| ୯ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୧୦ ନଭେମ୍ବର | ଦକ୍ଷିଣ ଆଫ୍ରିକା ବନାମ ଆଫଗାନିସ୍ତାନ | ଅହମଦାବାଦ |
| **୧୧ ନଭେମ୍ବର** | **ଭାରତ ବନାମ ନେଦରଲାଣ୍ଡ୍ସ** | **ବେଙ୍ଗାଲୁରୁ** |
| ୧୨ ନଭେମ୍ବର | ଇଂଲଣ୍ଡ ବନାମ ପାକିସ୍ତାନ | କୋଲକାତା |
| ୧୨ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ବାଂଲାଦେଶ | ପୁଣେ |
| ୧୫ ନଭେମ୍ବର | ସେମି ଫାଇନାଲ-୧ | ମୁମ୍ବାଇ |
| ୧୬ ନଭେମ୍ବର | ସେମି ଫାଇନାଲ-୨ | କୋଲକାତା |
| ୧୯ ନଭେମ୍ବର | ଫାଇନାଲ | ଅହମଦାବାଦ |

# ଶ୍ରୀଲଙ୍କା ବିଶ୍ୱକପ୍ କ୍ୱାଲିଫାୟର ଚାମ୍ପିୟନ

**ହରାରେ, ୯।୭**

ନେଦରଲାଣ୍ଡ୍ସକୁ ପରାସ୍ତ କରି ବିଶ୍ୱକପ୍ କ୍ୱାଲିଫାୟରରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଶ୍ରୀଲଙ୍କା। ରବିବାର ହରାରେ ସ୍ପୋର୍ଟ୍ସ କ୍ଲବରେ ଖେଳାଯାଇଥିବା ମ୍ୟାଚ୍‌ରେ ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୨୩୩ ରନ୍ କରିଥିଲା। ଜବାବରେ ନେଦରଲାଣ୍ଡ୍ସ ୧୦୫ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ପକ୍ଷରୁ ଦୁଇ ଓପନର ପାଥୁମ୍ ନିଶଙ୍କା ୨୩ ଓ ସମରୱିକ୍ରମା ୧୯ ରନ୍ କରିଥିଲେ। ପାର୍ଟ ଟାଇମର ବିକ୍ରମଜିତ ସିଂ ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ। ପରବର୍ତ୍ତୀ ୩ ବ୍ୟାଟର କୁଶଲ ମେଣ୍ଡିସ୍ ୪୩, ସାହାନ୍ ଆରାଛିଗେ ୫୭ ଓ ଚରିଥ୍ ଅସଲଙ୍କା ୩୬ ରନ୍ କରିଥିଲେ। ଏକଦା ୧୮୦ ରନ୍‌ରେ ୩ ଉଇକେଟ ହରାଇଥିବା ଶ୍ରୀଲଙ୍କା ପରବର୍ତ୍ତୀ ୧୦ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ଦ୍ୱିତୀୟ ଦିନିକିଆ ଖେଳୁଥିବା ସାହାନ୍ ଆରାଛିଗେ ୭୧ ବଲ୍ ଖେଳି ୪ ଚୌକା ମାରିଥିଲେ। ଶେଷ ଆଡକୁ ୱାନିନ୍ଦୁ ହସରଙ୍ଗା ୨୯ ଓ ମହୀଷ ଥିକ୍‌ସାନା ୧୩ ରନ୍ କରିବାରୁ ଶ୍ରୀଲଙ୍କା ୪୭.୫ ଓଭରରେ ୨୩୩ ରନରେ ସମସ୍ତ ଉଇକେଟ ହରାଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ଲୋଗାନ୍ ଭାନ୍ ବିକ୍, ର୍‍ୟାନ କ୍ଲେନ୍, ବିକ୍ରମଜିତ ସିଂ ଓ ସାକିବ ଜୁଲଫିକର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୨୩୪ ରନ୍ ଲକ୍ଷ୍ୟରେ ନେଦରଲାଣ୍ଡ୍ସ ଆରମ୍ଭ ବେଶ୍ ବିପର୍ଯ୍ୟୟପୂର୍ଣ୍ଣ ରହିଥିଲା। ଦିଲଶାନ ମଦୁଶନକା ଘାତକ ବୋଲିଂ କରିବାରୁ ନେଦରଲାଣ୍ଡ୍ସ ୪୯ ରନ୍‌ରେ ୬ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ମାତ୍ର ୩ଜଣ ଖେଳାଳି ଦୁଇଅଙ୍କ ସ୍କୋର କରିବାରେ ସମର୍ଥ ହୋଇଥିଲେ। ଓପନର ମ୍ୟାକ୍ସ ଡି ଓଡ୍ ସର୍ବାଧିକ ୩୩ ରନ୍ ସ୍କୋର କରିଥିଲେ। ମଦୁଶନକାଙ୍କ ବ୍ୟତୀତ ମହୀଷ ଥିକ୍‌ସାନା ୪ ଓ ୱାନିନ୍ଦୁ ହସରଙ୍ଗା ଦୁଇଟି ଉଇକେଟ ନେଇଥିଲେ। ଦିଲସାନ ମଦୁଶନକାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ଜିମ୍ବାୱେର ସନ୍ ୱିଲିୟମ୍ସଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ବିବେଚନା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୪୭.୫ ଓଭରରେ ୨୩୩/୧୦ (ସାହାନ୍ ଆରାଛିଗେ-୫୭, କୁଶଲ ମେଣ୍ଡିସ୍-୪୩, ଚରିଥ୍ ଅସଲଙ୍କା-୩୬, ଲୋଗାନ୍ ଭାନ୍ ବିକ୍-୨/୪୦, ର୍‍ୟାନ କ୍ଲେନ୍,-୨/୪୨, ବିକ୍ରମଜିତ ସିଂ-୨/୧୨)।

ନେଦରଲାଣ୍ଡ୍ସ ୨୩.୩ ଓଭରରେ ୧୦୫/୧୦(ମ୍ୟାକ୍ସ ଡି ଓଡ୍-୩୩, ଲୋଗାନ୍ ଭାନ୍ ବିକ୍-୨୦*, ମହୀଷ ଥିକ୍‌ସାନା-୪/୩୧, ଦିଲଶାନ ମଦୁଶନକା-୩/୧୮, ୱାନିନ୍ଦୁ ହସରଙ୍ଗା-୨/୩୫)।


ଚାମ୍ପିୟନ ଶ୍ରୀଲଙ୍କା ଦଳ ଟ୍ରଫି ସହ।

# ହରମନ୍‌ପ୍ରୀତଙ୍କ ଅର୍ଦ୍ଧଶତକରେ ଜିତିଲା ଭାରତ


ଉଇକେଟ ନେବା ପରେ ମିନ୍ନୁ ମଣିଙ୍କୁ ସାଥି ଖେଳାଳିଙ୍କ ବଧେଇ।

## ପ୍ରଥମ ମହିଳା ଟି୨୦

**ମୀରପୁର, ୯।୭(ପି.ଟି.)**

ବାଂଲାଦେଶ ବିପକ୍ଷ ପ୍ରଥମ ମହିଳା ଟି୨୦ ମ୍ୟାଚରେ ଭାରତକୁ ଜିତାଇଛନ୍ତି ଅଧିନାୟିକା ହରମନ୍‌ପ୍ରୀତ କୌର ଓ ସ୍ପିନର। ପ୍ରଥମେ ଭାରତୀୟ ସ୍ପିନର ବାଂଲାଦେଶକୁ ମାତ୍ର ୧୧୪ ରନ୍‌ରେ ସୀମିତ ରଖିବା ପରେ ହରମନ୍‌ପ୍ରୀତଙ୍କ ଅପରାଜିତ ୫୪ ରନ୍ ବଳରେ ଭାରତ ୩ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା।

ରବିବାର ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ବାଂଲାଦେଶର ଦୁଇ ଓପନର ସାଥୀ ରାଣୀ(୨୨) ଓ ଶମିମା ସୁଲତାନା(୧୭) ପ୍ରଥମ ଉଇକେଟରେ ୨୭ ରନ୍ ଯୋଡିଥିଲେ। ଭାରତ ପାଇଁ ପଦାର୍ପଣ କରିଥିବା କେରଳର ମିନ୍ନୁ ମଣି ସୁଲତାନାଙ୍କୁ ଆଉଟ କରି ଭାରତକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ଶୋଭନା ମୋଷ୍ଟାରେଙ୍କ ସହିତ ୨୫ ରନ୍ ଯୋଡିବା ପରେ ରାଣୀଙ୍କୁ ଆଉଟ କରିଥିଲେ ପୂଜା ବସ୍ତ୍ରକାର। ଶେଷ ଆଡକୁ ଶୋରନା ଅଖତର ୨୮ ରନ୍ କରିବାରୁ ବାଂଲାଦେଶ ୧୦୦ ରନ୍ ପାର କରିଥିଲା। ଭାରତ ପକ୍ଷରୁ ମିନ୍ନୁ ମଣି, ପୂଜା ବସ୍ତ୍ରକାର ଓ ଶେଫାଳି ବର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବାଂଲାଦେଶ ୫ ଉଇକେଟ ହରାଇ ୧୧୪ ରନ୍ କରିଥିଲା।

୧୧୫ ରନ୍ ଲକ୍ଷ୍ୟରେ ଭାରତର ଆରମ୍ଭ ଆଦୌ ଭଲ ରହି ନ ଥିଲା। ମାତ୍ର ୧ ରନ୍‌ରେ ଶେଫାଳି ବର୍ମାଙ୍କ ଉଇକେଟ ହରାଇଥିଲା ଭାରତ। ଦଳୀୟ ସ୍କୋର ୨୧ ରନ୍‌ରେ ଜେମିମା ରୋଡ୍ରିଗୁଏଜ(୧୧) ଆଉଟ ହୋଇଥିଲେ। ତେବେ ସ୍ମୃତି ମନ୍ଧାନା(୩୮) ଓ ହରମନ୍‌ପ୍ରୀତ (୫୪*) ତୃତୀୟ ଉଇକେଟରେ ୭୦ ରନ୍ ଯୋଡ ଭାରତକୁ ବିଜୟ ପଥକୁ ଆଣିଥିଲେ। ହରମନ୍‌ପ୍ରୀତଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୧୪/୫( ଶୋରନା ଅଖତର-୨୮*, ସାଥୀ ରାଣୀ-୨୨, ଶୋଭନା ମୋଷ୍ଟାରେ-୨୩, ପୂଜା ବସ୍ତ୍ରକାର-୧/୧୬, ଶେଫାଳି ବର୍ମା-୧/୧୮, ମିନ୍ନୁ ମଣି-୧/୨୧)। ଭାରତ ୧୬.୨ ଓଭରରେ ୧୧୮/୩ (ହରମନ୍‌ପ୍ରୀତ୍ କୌର-୫୪, ସ୍ମୃତି ମନ୍ଧାନା-୩୮, ସୁଲତାନା ଖାତୁନ-୨/୨୫, ମାରୁଫା ଅଖତର-୧/୧୮)।

# ମୋହନ ବାଗାନରେ ଡିଫେଣ୍ଡର ଅନୱାର ଅଲି

**କୋଲକାତା, ୯।୭ (ପି.ଟି.):** ମୋହନ ବାଗାନ ସୁପର ଜାଏଣ୍ଟ ଏହାର ବ୍ୟାକ୍‌ଲାଇନ୍‌କୁ ମଜଭୁତ କରିବାକୁ ଯାଇ ଜାତୀୟ ୟଙ୍ଗ ଡିଫେଣ୍ଡର ଅନୱାର ଅଲିଙ୍କୁ ଅନୁବନ୍ଧିତ କରିଛି। ଗତ ସାଫ୍ ଚାମ୍ପିୟନଶିପ୍‌ରେ ତାଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା। ମୋହନବାଗାନ ତରଫରୁ ଖେଳିବା ଲାଗି କେତେ ଟଙ୍କାର ଚୁକ୍ତି ହୋଇଛି, ସେ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ପଞ୍ଜାବର ଏହି ୨୨ ବର୍ଷୀୟ ଖେଳାଳି ୨୦୧୭ରେ ଭାରତରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ବିଶ୍ୱକପ୍‌ରେ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଥିଲେ। ସୂଚନାଯୋଗ୍ୟ, ଅଲି ଦିଲ୍ଲୀ ଏଫ୍‌ସି ତରଫରୁ ଡୁରାଣ୍ଡ କପ୍ ଏବଂ ୨୦୨୧ରେ ଆଇ-ଲିଗ୍ କ୍ୱାଲିଫାୟର ଖେଳିଛନ୍ତି, ଯେଉଁଠାରେ କି ସେ ତାଙ୍କ ଦଳର ଟପ୍ ସ୍କୋରର ଥିଲେ। ଏହି ସଫଳତା ପାଇଁ ଏଫ୍‌ସି ଗୋଆ ତରଫରୁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ) ଖେଳିବା ଲାଗି ରାସ୍ତା ଖୋଲିଯାଇଥିଲା। ଅଲି କହିଛନ୍ତି କୋଲକାତାରେ ଖେଳିବା ଲାଗି ପ୍ରତ୍ୟେକ ଖେଳାଳିଙ୍କର ଏକ ସ୍ୱପ୍ନ ରହିଥାଏ। ଏଠାରେ ଖେଳିବା ଲାଗି ପିଲାଦିନରୁ ତାଙ୍କର ଇଚ୍ଛା ରହିଥିଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ